# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶନିବାର, ମେ ୧୮/୨୦୧୯ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Berhampur, Saturday, May 18/2019 (Career & Appointment) | ★★★

୧୫ ଶ ଭାଗ ୧୦୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ସାମାଜିକ ପ୍ରସଙ୍ଗଭିତ୍ତିକ ଫିଲ୍ମ ପସନ୍ଦ କରେ**

ସାମାଜିକ ପ୍ରାସଙ୍ଗିକତା ଥିବା ଫିଲ୍ମରେ ଅଭିନୟ ପାଇଁ ବଲିଉଡ ଅଭିନେତ୍ରୀ କରୀନା କପୁର ଖାନ୍ ପସନ୍ଦ କରନ୍ତି ।

୦୨

୧୪

**୨୫ ବର୍ଷ ବୟସରେ ଅବସର**

ସ୍ୱାସ୍ଥ୍ୟଗତ କାରଣରୁ ଜର୍ମାନୀର ଡବଲ ଅଲିମ୍ପିକ ବାଏଥଲନ ଚାମ୍ପିୟନ ଲାଉରା ଡାହଲମେର ମାତ୍ର ୨୫ ବର୍ଷ ବୟସରେ ଅବସର ଘୋଷଣା କରିଛନ୍ତି ।



## ଓଡ଼ିଆ ଆଇଏଏସ୍ ଅଫିସର ପ୍ରମୋଦ ମିଶ୍ରଙ୍କୁ ଜାତିସଂଘ ପୁରସ୍କାର



**ନୂଆଦିଲ୍ଲୀ,୧୭ା୫**

ଓଡ଼ିଶା ଜନ୍ମିତ ବରିଷ୍ଠ ଆଇଏଏସ୍ ଅଫିସର୍ ତଥା ପିଏମ୍ଓରେ ଅତିରିକ୍ତ ପ୍ରମୁଖ ସଚିବ ପ୍ରମୋଦ ମିଶ୍ରଙ୍କୁ ୨୦୧୯ର ବିପର୍ଯ୍ୟୟ ସଙ୍କଟ ହ୍ରାସ ଲାଗି ଜେନିଭାରେ ଜାତିସଂଘର ସମ୍ମାନଜନକ କାକାସାୱା ପୁରସ୍କାର ମିଳିଛି। ନିପୁମ ଫାଉଣ୍ଡେସନର ପ୍ରତିଷ୍ଠାତା ଅଧ୍ୟକ୍ଷ ରୋଇଚି ସାସାକାୱା ୧୯୮୬ ମସିହାରୁ ଏହାକୁ ଆରମ୍ଭ କରିଥିଲେ। ପୁରସ୍କାର ବିଜେତାଙ୍କୁ ଏଥିଲାଗି ୫୦ ହଜାର ଆମେରିକୀୟ ଡଲାର ପ୍ରଦାନ କରାଯାଇଥାଏ। ପ୍ରବଳ ଝଡ଼ବର୍ଷା ପ୍ରତ୍ୟେକଙ୍କ ଜୀବନ ଓ ଗରିବ କୃଷକଙ୍କ ଜୀବିକା ଉପରେ କି ପ୍ରଭାବ ପକାଇଥାଏ, ସେ ସମ୍ପର୍କରେ ମିଶ୍ର ଅନୁଧ୍ୟାନ କରିଛନ୍ତି। ଏହା ଉପରେ ସେ ଗବେଷଣା କରି ଶସ୍ୟବୀମା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏବେ ଭାରତର ଶସ୍ୟବୀମା ଯୋଜନା ବିଶ୍ୱର ଅନ୍ୟତମ ସର୍ବବୃହତ ବୋଲି କୁହାଯାଉଛି।

■ ୫ ବର୍ଷରେ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଖବରଦାତା ସମ୍ମିଳନୀ

# କ୍ଷମତାକୁ ଫେରିବାର ଦମ୍ଭୋକ୍ତି

**ନୂଆଦିଲ୍ଲୀ,୧୭ା୫(ପି.ଟି./ଆଇଏଏନ୍ଏସ୍)**

ଚଳିତ ସାଧାରଣ ନିର୍ବାଚନରେ ଭାଜପା ପୁଣିଥରେ ପୂର୍ଣ୍ଣସଂଖ୍ୟାଗରିଷ୍ଠତା ସହ କ୍ଷମତାକୁ ଫେରିବ। ପୂରା ୫ ବର୍ଷ ଶାସନ କରିବା ପରେ ପ୍ରଥମଥର ପାଇଁ ବହୁମତ ସହ ଏକ ଦଳ କେନ୍ଦ୍ରରେ ସରକାର ଗଢ଼ିବାକୁ ଯାଉଛି ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦମ୍ଭୋକ୍ତି ବାଢ଼ିଛନ୍ତି। ହେଲେ ଖବରଦାତାଙ୍କ କୌଣସି ପ୍ରଶ୍ନର ଉତ୍ତର ସେ ଦେଇନାହାନ୍ତି। ପ୍ରଶ୍ନର ଉତ୍ତର ଏଡାଇ ମୋଦି ଅଧା ଯୁଦ୍ଧ ଦେଖାଇଛନ୍ତି ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି।

ଜାତୀୟ ରାଜନୀତିର ଦୃଶ୍ୟପଟରେ ଶୁକ୍ରବାର ଦେଖିବାକୁ ମିଳିଛି ଏକ ବିରଳ ଘଟଣା। ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନର ଠିକ୍ ଦୁଇଦିନ



ଖବରଦାତା ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭାଜପା ଅଧ୍ୟକ୍ଷ ଅମିତ୍ ଶାହ।

ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ଏକ ଖବରଦାତା ସମ୍ମିଳନୀରେ ଏନ୍‌ଡିଏ ସରକାରର ସଫଳତା ବଖାଣିଛନ୍ତି। ୫ ବର୍ଷର ଶାସନ କାଳରେ କେବେ ଏଭଳି ଦୃଶ୍ୟ ଦେଖିବାକୁ ମିଳି ନ ଥିବାବେଳେ ଜାତୀୟ ଗଣମାଧ୍ୟମଗୁଡ଼ିକରେ ହଠାତ୍ ପ୍ରଧାନମନ୍ତ୍ରୀଙ୍କ ଏହି ଅବତାର ଦେଖି ବିସ୍ମିତ ହୋଇଯାଇଛନ୍ତି ଦେଶବାସୀ। ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରୁ ଏହାର ସିଧାପ୍ରସାରଣ ହୋଇଥିଲା। ମୋଦିଙ୍କ ସହ ଉପସ୍ଥିତ ଥିଲେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ। ମୋଦି

■ ପ୍ରଶ୍ନର ଉତ୍ତର ଏଡ଼ାଇଲେ ମୋଦି
■ ୩୦୦ରୁ ଊର୍ଦ୍ଧ୍ୱ ଆସନ ଦଖଲ କରିବୁ: ଶାହ
■ ଅଧା ଯୁଦ୍ଧ ଦେଖାଇଲେ ପ୍ରଧାନମନ୍ତ୍ରୀ: ରାହୁଲ

କହିଥିଲେ, ଭାଜପା ଲୋକ ସଭା ନିର୍ବାଚନ ଜିତିବା ପରେ ପୁଣିଥରେ କେନ୍ଦ୍ରରେ ସରକାର ଗଢ଼ିବ। ପ୍ରଥମଥର ଏଭଳି ଏକ ବଡ଼କଥା ହେବାକୁ ଯାଉଛି। କାରଣ ଏହା ହେଉଛି ପ୍ରଥମ ନିର୍ବାଚନ, ଯାହାକି ସୁଚିନ୍ତିତ ଭାବେ ଲଢ଼ାଯାଇଛି। ପୂର୍ବ ସରକାରଗୁଡ଼ିକ ପରିସ୍ଥିତିକୁ ନେଇ ଗଠନ ହୋଇଥିଲା। ସେହି ସରକାରଗୁଡ଼ିକ ପାରିବାରିକ ରାଜନୀତି ଓ ବଂଶବାଦ ପରମ୍ପରା କିମ୍ବା ଅନ୍ୟ ☞ପୃଷ୍ଠା–୪

■ ସୂର୍ଯ୍ୟ ପାତ୍ରଙ୍କ ପ୍ରସ୍ତାବକୁ ନେଇ ଚର୍ଚ୍ଚା

# ନବୀନ ପ୍ରଧାନମନ୍ତ୍ରୀ ହେବା ଯୋଗ୍ୟ

■ କଂଗ୍ରେସ କହିଲା 'ମନଗଢା କଥା'
■ ସ୍ୱପ୍ନ ଦେଖିବାକୁ ମନାନାହିଁ: ଭାଜପା

**ଭୁବନେଶ୍ୱର, ୧୭ା୫(ବ୍ୟୁରୋ)**



ଲୋକ ସଭାର ୫୪୨ରୁ ୪୮୩ ଆସନରେ ଭୋଟ ଗ୍ରହଣ ଶେଷ ହୋଇଛି। ଅବଶିଷ୍ଟ ୮ ରାଜ୍ୟର ୫୯ ଆସନରେ ରବିବାର ମତଦାନ ଅନୁଷ୍ଠିତ ହେବ। ୬ଷ୍ଠ ପର୍ଯ୍ୟାୟ ସୁଦ୍ଧା ଭୋଟ ଶେଷ ହୋଇଥିବା ଲୋକ ସଭା ଆସନଗୁଡିକରୁ ସର୍ବାଧିକ ସିଟ୍ ଦଖଲ କରିବା ନେଇ ଉଭୟ ଭାଜପା ଓ କଂଗ୍ରେସ ଦୃଢୋକ୍ତି ବାଢୁଛନ୍ତି। ଇତି ମଧ୍ୟରେ ଜାତୀୟ ଗଣମାଧ୍ୟମଗୁଡିକର ଆକଳନ ଯାହା ରହିଛି ସେଥିରୁ ବୁଝାପଡୁଛି, କେନ୍ଦ୍ରରେ ଏନ୍‌ଡିଏ କିମ୍ବା ଉପାକୁ ସଂଖ୍ୟାଗରିଷ୍ଠତା ମିଳୁନାହିଁ। ଏଭଳି ସ୍ଥିତିରେ ଦୁଇ ପ୍ରମୁଖ ଜାତୀୟ ଦଳ ସପକ୍ଷରେ ଜନମତ ନ ଗଲେ ବିଜେଡି, ଟିଆର୍ଏସ ଏବଂ ୱାଇଏସ୍ଆର କଂଗ୍ରେସ ଭଳି ଆଞ୍ଚଳିକ ଦଳଗୁଡିକର ଭୂମିକା ନିର୍ଣ୍ଣାୟକ ହେବ ବୋଲି କେତେକ ଜାତୀୟ ଗଣମାଧ୍ୟମ ଆକଳନ କରିଛନ୍ତି। ଏହିସବୁ ଆକଳନ ଭିତରେ ଓଡିଶାର ବିଭିନ୍ନ ସମସ୍ୟା ସମୟରେ ବିଶେଷକରି ଫନୀ ପରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଦକ୍ଷେପକୁ ମଧ୍ୟ ଜାତୀୟ ଗଣମାଧ୍ୟମ ପ୍ରଶଂସା କରୁଛନ୍ତି। ତେଣୁ ନିର୍ବାଚନ ଫଳାଫଳ ବାହାରିବାକୁ ସପ୍ତାହେରୁ କମ୍ ସମୟ ବାକି ଥିବାବେଳେ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ହେଲେ ଭଲ ହେବ ବୋଲି ବିଜେଡିରୁ ଇଙ୍ଗିତ ଆସିବା ନୂଆ ସମୀକରଣର ଆଭାସ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ☞ପୃଷ୍ଠା–୪


■ ପ୍ରଚଣ୍ଡ ଗ୍ରୀଷ୍ମ: ୩୧ ଯାଏ ନିସ୍ତାର ନାହିଁ

# ଅଂଶୁଘାତରେ ୬ ମୃତ ଅଭିଯୋଗ

**ଭୁବନେଶ୍ୱର,୧୭ା୫(ବ୍ୟୁରୋ)**

ବାତ୍ୟା ଫନୀ ପରେ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜନ ଜୀବନକୁ ଅସ୍ତବ୍ୟସ୍ତ କରିଛି। ସତେ ଯେମିତି ଆକାଶରୁ ଅଗ୍ନି ବର୍ଷୁଛି। ସକାଳ ୭ଟାରୁ ଆରମ୍ଭ ହୋଇଯାଉଛି ତାତିର ପ୍ରକୋପ। ଆଭ୍ୟନ୍ତରୀଣ ଏବଂ ଉପକୂଳ ଓଡ଼ିଶାରେ ତାତି ସାଙ୍ଗକୁ ଗୁଳୁଗୁଳି ଜୀବନକୁ ଦୁର୍ବିଷହ କରି ପକାଇଛି। ଟାଇଁ ଟାଇଁ ଖରା ଦେହ ମୁଣ୍ଡକୁ ଝାଇଁ ଝାଇଁ କରି ଦେଉଛି। ପଙ୍ଖା ତଳେ ବସିଲେ ମଧ୍ୟ ଗରମରୁ ନିସ୍ତାର ମିଳୁ ନାହିଁ। ପ୍ରଚଣ୍ଡ ଗ୍ରୀଷ୍ମ ଓ ଗୁଳୁଗୁଳି ଯୋଗୁ ରାଜ୍ୟର ବିଭିନ୍ନ ଜିଲାରେ ୬ ଜଣଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସରକାରୀ ଭାବେ ଏ ନେଇ କୌଣସି ସୂଚନା ଦିଆଯାଇ ନ ଥିଲେ ମଧ୍ୟ କେନ୍ଦୁଝର, ବଲାଙ୍ଗୀର, ନୂଆପଡା, ବୌଦ୍ଧ, ଯାଜପୁର ଓ ପୁରୀରେ ଜଣେ ଲେଖାଏ ବ୍ୟକ୍ତିଙ୍କର ଅଂଶୁଘାତ ଯୋଗୁ ମୃତ୍ୟୁ ହୋଇଥିବା ଜଣାପଡିଛି।

ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାରେ ଭୟଙ୍କର ପରିସ୍ଥିତି



■ ୨୩ରୁ ଉପକୂଳରେ ବଢ଼ିବ ତାତି
■ ଟିଟିଲାଗଡ଼ ୪୫.୫ ଡିଗ୍ରୀ
■ ୪୦ ଉପରେ ୧୦ ସହର

ସୃଷ୍ଟିହୋଇଛି । ଅଧିକାଂଶ ସ୍ଥାନରେ ପାରଦ ୪୦ ଡିଗ୍ରୀ ଉପରେ ରହୁଛି। ତତଲା ହାୱା ପରିବେଶକୁ ଉତ୍ତପ୍ତ କରିଦେଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ଟିଟିଲାଗଡ଼ରେ ରାଜ୍ୟର ସର୍ବାଧିକ ୪୫.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୪୪.୬, ସୋନପୁର ୪୪, ସମ୍ବଲପୁର ୪୩.୩, ଝାରସୁଗୁଡା ୪୩.୨, ହୀରାକୁଦ ୪୨.୪, ଅନୁଗୋଳ ୪୧.୭, ସୁନ୍ଦରଗଡ଼ ୪୧.୫, ତାଳଚେର ୪୦ ଏବଂ ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଉପକୂଳ ଓଡ଼ିଶା ମଧ୍ୟ ତାତିର କୋପରୁ ବର୍ତ୍ତି ନାହିଁ। ଉପକୂଳବର୍ତ୍ତୀ ଜିଲାଗୁଡିକରେ ଖରା ସାଙ୍ଗକୁ ଗୁଳୁଗୁଳି ଅସହ୍ୟ ପରିବେଶ ସୃଷ୍ଟି କରିଛି। ଆସନ୍ତା ୩୧ ତାରିଖ ଯାଏ ତାତିରୁ ନିସ୍ତାର ନାହିଁ। ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମପ୍ରବାହ ହେବା ସହ ଅଧିକାଂଶ ସ୍ଥାନରେ ପାରଦ ୪୫ ଡିଗ୍ରୀ ଉପରକୁ ଉଠିଯିବ। ତେବେ ଆସନ୍ତା ୨୩ ତାରିଖରୁ ଉପକୂଳ ଓଡ଼ିଶା ମଧ୍ୟ ସିଝିବ। ପାରଦ ୪୦ରୁ ୪୫ ଡିଗ୍ରୀକୁ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବାୟୁମଣ୍ଡଳରେ ଆର୍ଦ୍ରତା ବୃଦ୍ଧି ପାଇବାରୁ ଗୁଳୁଗୁଳି ମଧ୍ୟ ଅସ୍ତବ୍ୟସ୍ତ କରିବ। ☞ପୃଷ୍ଠା–୪

# ଠେଙ୍ଗାରେ ପିଟି ଯୁବକଙ୍କୁ ହତ୍ୟା

**ଆସିକା,୧୭ା୫(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଆସିକା ଥାନା ସିଦ୍ଧନଈ ପଞ୍ଚାୟତ ବଣବାଲି ଗ୍ରାମରେ ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟାରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ଜଣକ ସେହି ଗ୍ରାମର ଗଗନ ନାଇକ(୨୪)। ଗଗନ ନିଜ ଗ୍ରାମଠାରୁ ଅଧାକିଲୋମିଟର ଦୂରରେ ଥିବା ଝରଣା ନାଳକୁ ମାଛ ଧରିବାକୁ ଯାଇଥିବାବେଳେ ତାଙ୍କ ଉପରେ ଅତର୍କିତ ଆକ୍ରମଣ ହୋଇଥିଲା। ଆକ୍ରମଣକାରୀ ଜଣକ ତାଙ୍କୁ ଠେଙ୍ଗାରେ ପିଟି ନାଳ ପାଣିକୁ ପୋପାଡି ଦେଇଥିଲେ। ପରିବାର ଲୋକେ ଖବର ପାଇ ନାଳରୁ ତାଙ୍କୁ ଉଦ୍ଧାର କଲା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଆସିକା ପୋଲିସ ବଣବାଲି ଗ୍ରାମରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆସିକା ମେଡିକାଲକୁ ଆଣିଛି। ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୋଗରେ ଗଗନର ଜଣେ ସମ୍ପର୍କୀୟ ଭାଇଙ୍କୁ ପୋଲିସ ଅଟକ ରଖିଛି। ପାରିବାରିକ କାରଣକୁ ନେଇ ରହିଥିବା ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଖବର ଲେଖାହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ପୋଲିସ କହିଛି।

# ଦମ୍ପତିଙ୍କ ଗଳା କାଟିଲେ ଦୁର୍ବୃତ୍ତ

■ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**ଠାକୁରମୁଣ୍ଡା,୧୭ା୫(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ମହୁଲଡିହା ଥାନା ଅଧୀନ ଜରକ ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଏକ ଦମ୍ପତିଙ୍କ ଗଳା କାଟି ଦିଆଯିବାରୁ ବ୍ରଜ ସାୟ(୬୫)ଙ୍କର ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ତ୍ରୀ ସାନ ସାୟ(୫୫) ଗୁରୁତର ଆହତ ହୋଇଛନ୍ତି। ଏହି ଦମ୍ପତି ରାତିରେ ଘରେ ଶୋଇଥିବା ବେଳେ ୩ ଜଣ ଦୁର୍ବୃତ୍ତ ଲୁଟ ଉଦ୍ଦେଶ୍ୟରେ ପଶି ଏଭଳି ଅଭାବନୀୟ କାଣ୍ଡ ଘଟାଇଛନ୍ତି।

ମୃତକ ବ୍ରଜ ଓ ତାଙ୍କ ସ୍ତ୍ରୀ ଗାଁରେ ଏକୁଟିଆ ରହୁଥିବା ବେଳେ ତାଙ୍କର ଦୁଇ ପୁଅ ସିଲାୟ ଏବଂ ରାମ ଯାଜପୁର ଅଞ୍ଚଳରେ ଶ୍ରମିକ ଭାବରେ କାମ କରନ୍ତି। ଗୁରୁବାର ବିଳମ୍ବିତ ରାତିରେ ୩ ଜଣ ଦୁର୍ବୃତ୍ତ ତାଙ୍କ ଘରେ ପଶି ଧାରୁଆ ଅସ୍ତ୍ରରେ ସ୍ୱାମୀ ସ୍ତ୍ରୀଙ୍କ ଗଳା ଓ ପାପୁଲି କାଟି ଦେଇଥିଲେ। ଶୁକ୍ରବାର ସକାଳେ ମହୁଲଡିହା ଥାନା ପୋଲିସ ଖବର ପାଇ ବୃଦ୍ଧଙ୍କ ମୃତଦେହ ଜବତ କରିଥିବା ବେଳେ ଗୁରୁତର ଅବସ୍ଥାରେ ତାଙ୍କ ସ୍ତ୍ରୀଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ମହୁଲଡିହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ ଜାରି ରଖିଛି। ଏଥିନେଇ ମାମଲା (ନଂ.୧୯/୧୯) ରୁଜୁ ହୋଇଥିବା ଥାନାଅଧିକାରୀ ସଞ୍ଜୟ ପ୍ରଧାନ କହିଛନ୍ତି।

## ଲୁଣା ନଦୀରେ ବୁଡ଼ି ନାବାଳିକାଙ୍କ ମୃତ୍ୟୁ

**ପଟ୍ଟାମୁଣ୍ଡାଇ,୧୭ା୫ (ସ୍ୱ.ପ୍ର)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ବଡମୋହନପୁର ପଞ୍ଚାୟତ ଭୋଇପଡା ବାଇପାଟଣା ଗ୍ରାମର ରଞ୍ଜନ ରାଉତଙ୍କ ଝିଅ ଅର୍ଚ୍ଚିତା(୯) ଶୁକ୍ରବାର ଲୁଣାନଦୀରେ ବୁଡ଼ି ଯିବାରୁ ମୃତ୍ୟୁ ଘଟିଛି । ସକାଳ ପ୍ରାୟ ସାଢେ ୯ଟା ବେଳେ ଅର୍ଚ୍ଚିତା ଘର ପଛ ପଟରେ ଖେଳୁଥିଲେ । ଅସାବଧାନତାବଶତଃ ସେ ବାଡି ପଛପଟ ଦେଇ ପ୍ରବାହିତ ଲୁଣା ନଦୀ ଭିତରକୁ ଖସି ପଡିଥିଲେ । ସେତେବେଳେ ନଦୀରେ ଜୁଆର ଥିଲା । ଅର୍ଚ୍ଚିତା ପହଁରା ଜାଣି ନ ଥିବାରୁ ପାଣିରେ ବୁଡି ଯାଇଥିଲେ । ପରିବାର ଲୋକେ ଝିଅକୁ ନ ପାଇ ଏଣେ ତେଣେ ☞ପୃଷ୍ଠା–୪

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

## କ୍ଷମତା ଲଢ଼େଇ

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଇଁ ବିରୋଧୀ ୯୦% ଓ ସେ ନିଜେ ୧୦% ଦ୍ୱାର ବନ୍ଦ କରିଦେଇଛନ୍ତି।

– ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

**କିଛି ତଥ୍ୟ**

୨୦୧୮–୧୯ ଆର୍ଥିକ ବର୍ଷରେ ଭାରତ ମେକ୍ସିକୋ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୧୦.୧୫ ବିଲିୟନ ଡଲାର ରହିଛି।

– ବାଣିଜ୍ୟ ମନ୍ତ୍ରଣାଳୟ


NATIONAL EGG CO-ORDINATION COMMITTEE | 17.05.2019 | Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 102 | 161 | 171 |
| CTC | 102 | 161 | 171 |
| DKL | 99 | 157 | 167 |
| BDK | 101 | 159 | 169 |
| BLS | 103 | 162 | 172 |
| ANG | 99 | 157 | 167 |

*Conditions Apply

Eggs Retail Price- 40/-Dozen
Issued in the Interest of Consumers


■ ଆର୍ଥିକ ମେରୁଦଣ୍ଡ ଦୋହଲାଉଛି ପ୍ରାକୃତିକ ବିପର୍ଯ୍ୟୟ

# ୬ ବର୍ଷରେ ୧୮ ହଜାର କୋଟି କ୍ଷତି

**ଭୁବନେଶ୍ୱର,୧୭ା୫(ବ୍ୟୁରୋ)**

ପ୍ରାକୃତିକ ବିପତ୍ତିର ପ୍ରଚଣ୍ଡ ପ୍ରହାର ରାଜ୍ୟ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଛି। ଗୋଟିଏ ପରେ ଗୋଟିଏ ବିପର୍ଯ୍ୟୟ ବ୍ୟକ୍ତିଗତ ଓ ସାମଗ୍ରିକ ବିକାଶ କ୍ଷେତ୍ରରେ ଏକ ବିରାଟ ଅନ୍ତରାୟ ସୃଷ୍ଟି କରୁଛି। କେବଳ ବାତ୍ୟା ନୁହେଁ ମରୁଡି ମଧ୍ୟ କୃଷିକ୍ଷେତ୍ର ଏବଂ ଆର୍ଥିକ ପ୍ରଗତିକୁ ନଷ୍ଟଭ୍ରଷ୍ଟ କରିଦେଉଛି। ଗତ ୬ ବର୍ଷ ମଧ୍ୟରେ ରାଜ୍ୟକୁ ୪ଟି ଭୟଙ୍କର ବାତ୍ୟାର ସମ୍ମୁଖୀନ ହେବାକୁ ପଡିଛି। କୃଷିକ୍ଷେତ୍ର ସମେତ ବିଦ୍ୟୁତ୍, ଘରଦ୍ୱାର ଏବଂ ଅନ୍ୟାନ୍ୟ ଭିତ୍ତିଭୂମିକୁ ଛାରଖାର କରିଦେଇଛି। ଏଥିରେ ପ୍ରାୟ ୧୮ ହଜାର କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି। ଏହାକୁ ଭରଣା କରିବାକୁ ଦୀର୍ଘ ସମୟ ଲାଗିଯାଉଛି। ଅଣ୍ଟା ସଳଖି ଛିଡା ହେବା ବେଳକୁ ପୁଣି ଏକ ଦୁର୍ବିପାକ ରାଜ୍ୟରେ ଧ୍ୱଂସର ତାଣ୍ଡବଲୀଳା ରଚୁଛି।

୧୯୯୯ ମହାବାତ୍ୟା ପରେ ୨୦୧୩



ଅକ୍ଟୋବର୧୨ରେ ଫାଇଲିନ ବାତ୍ୟାକୁ ଦକ୍ଷିଣ ଓଡ଼ିଶା ସମ୍ମୁଖୀନ ହୋଇଥିଲା। ଏଥିରେ ୧୩ଟି ଜିଲାର ୮ ନିୟୁତ ଲୋକ ପ୍ରଭାବିତ ହୋଇଥିଲେ। ୨୩୦୦ କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା। ସେହିପରି ଠିକ୍ ବର୍ଷକ ପରେ ଅର୍ଥାତ୍ ୨୦୧୪ ଅକ୍ଟୋବର ୧୩ରେ ବାତ୍ୟା ହୁଦ୍‌ହୁଦ୍ ଦକ୍ଷିଣ ଓଡ଼ିଶାକୁ ଧକ୍କା ଦେଇଥିଲା। କୋରାପୁଟ, ଗଞ୍ଜାମ, ନବରଙ୍ଗପୁର, ମାଲକାନଗିରି, ଗଜପତି, ରାୟଗଡା ଆଦି ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ଏଥିରେ ୧ ଲକ୍ଷ ଘର ଭାଙ୍ଗିଥିଲା। ପ୍ରାୟ ୧ ହଜାର

**ଆଗକୁ ମରୁଡ଼ିର ପଦଧ୍ୱନି**

କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା। ଶସ୍ୟକ୍ଷେତ୍ରଠାରୁ ଆରମ୍ଭ କରି ବିଦ୍ୟୁତ୍, ପାନୀୟ ଜଳ, ରାସ୍ତାଘାଟ, ଘରଦ୍ୱାର, ଜଙ୍ଗଲ ପ୍ରଭାବିତ ହୋଇଥିଲା। ଏହାର ୪ ବର୍ଷ ପରେ ଅର୍ଥାତ୍ ୨୦୧୮ ଅକ୍ଟୋବରରେ ବାତ୍ୟା ତିତ୍‌ଲି ପୁଣି ଉପକୂଳ ଓଡ଼ିଶାକୁ ଛାରଖାର କରି ଦେଇଥିଲା। ଏଥିରେ ଗଞ୍ଜାମ, ଗଜପତି ସମେତ ୧୭ଟି ଜିଲା ୧୨୮ଟି ବ୍ଲକର ୮,୧୨୫ଟି ଗ୍ରାମର ୬୦.୧୧ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ଏହାର କ୍ଷୟକ୍ଷତି ୨,୭୬୫ କୋଟି ଟଙ୍କା ଆକଳନ କରାଯାଇଥିଲା। ତେବେ ଏହି ବାତ୍ୟା ☞ପୃଷ୍ଠା–୪


INSTITUTE OF ENTREPRENEURSHIP DEVELOPMENT, ODISHA
An Institute of
MSME Department, Govt. of Odisha

Admission Notice for 2019-20

IMBA

Integrated Master in Business Administration-5Yrs
(Affiliated to Utkal University)

QUALITY EDUCATION IN GOVT. INSTITUTE
AFFORDABLE COURSE FEES ₹ 25,000/- per Annum (First 3 yrs BBA module), ₹ 60,000/- per Annum (For last 2 yrs MBA module)

Eligibility : 10+2 (Arts/Science/Commerce/Diploma program) from a recognized Board/University with minimum 45% mark for admission into First Year of IMBA.

For Lateral Entry into 4th Year (MBA Module of IMBA), Students having passed 3year BBA from any recognized University with atleast 50% marks in aggregate can apply.

Application form is available at the Institute or can be downloaded from Institutes website www.iedodisha.nic.in. The filled in application can be submitted alongwith DD for ₹ 500/- (₹ 200/- for SC/ST candidates) in favour of IED Odisha IMBA payable at Bhubaneswar on or before 31.05.2019 (Friday).

123, Sect-A, Zone-A, Mancheswar Indl. Estate,
Near Postal Printing Press, PO:Rasulgarh, Bhubaneswar-751010,
Ph. 0674-2587286,Mob. 9437036346, 7978120939, 8895621891



ନିର୍ବାଚନ କମିଶନ (ଇସି) କେନ୍ଦ୍ର ସରକାର ସପକ୍ଷରେ କାମ କରୁଛନ୍ତି। ଇସିଙ୍କ ନିଷ୍ପତ୍ତିଗୁଡ଼ିକ ଅତ୍ୟନ୍ତ ବିବାଦୀୟ ଓ ଏକତରଫା।

-ଏନ୍.ଚନ୍ଦ୍ରାବାବୁ ନାଇଡୁ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ

## ୫୯ ଆସନରେ ସପ୍ତମ ପର୍ଯ୍ୟାୟ ନିର୍ବାଚନ

# ଗାନ୍ଧୀ, ଗଡ୍‌ସେରେ ପ୍ରଚାର ଶେଷ



- ପ୍ରଜ୍ଞାଙ୍କ ମନ୍ତବ୍ୟରୁ ବିବାଦର ସୂତ୍ରପାତ
- କଂଗ୍ରେସ ଘେରିଲା, ଭାଜପା କୋଣଠେସା
- ପ୍ରଜ୍ଞାଙ୍କୁ କ୍ଷମା ଦିଆଯିବ ନାହିଁ: ମୋଦି
- ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ: ଶାହ

**ନୂଆଦିଲ୍ଲୀ,୧୭।୫(ପି.ଟି.)**

ସପ୍ତମ ତଥା ଶେଷ ପର୍ଯ୍ୟାୟ ଲୋକ ସଭା ନିର୍ବାଚନକୁ ଆଉ ମାତ୍ର ଦୁଇଦିନ ବାକି । ପଶ୍ଚିମବଙ୍ଗରେ ହିଂସା ଯୋଗୁ ୯ ଆସନରେ ଗୁରୁବାର ରାତି ୧୦ଟାରେ ଓ ଅବଶିଷ୍ଟ ୭ ରାଜ୍ୟର ୫୦ ଆସନରେ ଶୁକ୍ରବାର ସନ୍ଧ୍ୟାରେ ସବୁ ଦଳ ପକ୍ଷରୁ ପ୍ରଚାରରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ପ୍ରଚାର ଶେଷରେ ମହାତ୍ମା ଗାନ୍ଧୀ ଓ ତାଙ୍କ ହତ୍ୟାକାରୀ ନାଥୁରାମ ଗଡ୍‌ସେଙ୍କୁ ନେଇ ଜାତୀୟ ରଜନୀତି ସରଗରମ ହୋଇଛି। ଭୋପାଳର ଭାଜପା ପ୍ରାର୍ଥୀ ସାଧ୍ୱୀ ପ୍ରଜ୍ଞା ସିଂ ଠାକୁର ନାଥୁରାମଙ୍କୁ ଦେଶଭକ୍ତ ଭାବେ ଅଭିହିତ କରିବା ପରେ ଗୈରିକ ଦଳକୁ ଘେରିଛି କଂଗ୍ରେସ। ଶେଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ପ୍ରଜ୍ଞାଙ୍କ ମନ୍ତବ୍ୟକୁ ନିନ୍ଦାକରିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନର ସଙ୍କେତ ଦେଇଛନ୍ତି। ଏହି ପ୍ରସଙ୍ଗକୁ ନେଇ ଶାସକ ଭାଜପା ଓ ବିରୋଧୀ କଂଗ୍ରେସ ମୁହାଁମୁହିଁ ହୋଇଥିବାବେଳେ ପ୍ରଚାର ସ୍ରୋତରେ ହଜିଯାଇଛି ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ।

୮ ରାଜ୍ୟର ୫୯ ଆସନରେ ରବିବାର ଭୋଟଗ୍ରହଣ କରାଯିବ। ଏହି ଆସନଗୁଡ଼ିକ ହେଲା ବିହାର (୮), ଝାଡ଼ଖଣ୍ଡ (୩), ମଧ୍ୟପ୍ରଦେଶ (୮), ପଞ୍ଜାବ (୧୩), ପଶ୍ଚିମବଙ୍ଗ (୯), ଚଣ୍ଡିଗଡ଼ (୧) ଓ ହିମାଚଳ ପ୍ରଦେଶର ୪ । ଏଥିପାଇଁ ନିର୍ବାଚନ କମିଶନ ଓ ପୋଲିସ ପ୍ରଶାସନ ପକ୍ଷରୁ ସବୁ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଏଥର ସାଧାରଣ ନିର୍ବାଚନରେ ପ୍ରଚାର ପୁଲୱାମା ଆକ୍ରମଣ ଓ ବାଲାକୋଟ ପ୍ରତିଆକ୍ରମଣରୁ ଆରମ୍ଭ ହୋଇ ଗାନ୍ଧିଜୀ ଏବଂ ଗଡ୍‌ସେରେ ଶେଷ ହୋଇଛି। ଏହା ମଧ୍ୟରେ ସାଧାରଣ ଜନତାଙ୍କ ସହ ଜଡ଼ିତ ବହୁ ସମ୍ବେଦନଶୀଳ ପ୍ରସଙ୍ଗ ସାମ୍ନାକୁ ଆସିପାରିନାହିଁ। ମଧ୍ୟପ୍ରଦେଶର ଭୋପାଳ ଲୋକ ସଭା ଆସନରେ କଂଗ୍ରେସର ଦିଗ୍‌ବିଜୟ ସିଂ ଏବଂ ଭାଜପାରୁ ପ୍ରାର୍ଥୀ ହୋଇଥିବା ପ୍ରଜ୍ଞା ସିଂ ଠାକୁରଙ୍କ ମଧ୍ୟରେ ହିନ୍ଦୁତ୍ୱକୁ ନେଇ ଏକପ୍ରକାର ପ୍ରତିଦ୍ୱନ୍ଦ୍ୱିତା ଚାଲିଥିଲା। ଏହି ଆସନରେ ଷଷ୍ଠ ପର୍ଯ୍ୟାୟରେ ନିର୍ବାଚନ ଶେଷ ହୋଇଥିଲେ ହେଁ ପ୍ରଜ୍ଞାଙ୍କ ଏକ ମନ୍ତବ୍ୟରୁ ବିବାଦର ଝଡ଼ ସୃଷ୍ଟି ହୋଇଛି। ନାଥୁରାମ ଦେଶଭକ୍ତ ଥିଲେ, ଅଛନ୍ତି ଓ ରହିବେ ବୋଲି ପ୍ରଜ୍ଞା ଗୁରୁବାର ଖବରଦାତାମାନଙ୍କୁ କହିଥିଲେ। ଅବଶ୍ୟ ବିବାଦ ଉଠିବା ପରେ ସେ ଏଥିପାଇଁ କ୍ଷମାମାଗିଥିଲେ। ହେଲେ ସେ ଛାଡ଼ିଥିବା ଏହି ଅଫେରନ୍ତା ତୀର କଂଗ୍ରେସ ପାଇଁ ବ୍ରହ୍ମାସ୍ତ୍ର ଭଳି ସୁଯୋଗ ଆଣିଦେଇଛି। ଏହାକୁ ନେଇ ପ୍ରଧାନମନ୍ତ୍ରୀଙ୍କ ନୀରବତା ଉପରେ ପ୍ରଶ୍ନ ଉଠାଇ ଭାଜପାକୁ କୋଣଠେସା କରିବାକୁ କଂଗ୍ରେସ ଉଦ୍ୟମ କରିଛି। କଂଗ୍ରେସ ନେତା କପିଲ ସିବଲ୍ ଓ କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ପ୍ରଜ୍ଞାଙ୍କ ମନ୍ତବ୍ୟକୁ ନିନ୍ଦା କରିବା ସହ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଦ୍ୱାରା ଗଡ୍‌ସେ ଅନୁପ୍ରାଣିତ ଥିଲେ ବୋଲି ସମାଲୋଚନା କରିଛନ୍ତି। ଇତିମଧ୍ୟରେ କର୍ନାଟକର ଭାଜପା ଏମ୍‌ପି ନିଳୀନ କୁମାର କଟୀଲ ଗଡ୍‌ସେଙ୍କୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ସହ ତୁଳନା କରିଛନ୍ତି। ଗଡ୍‌ସେ ଜଣକୁ ହତ୍ୟା କରିଥିବାବେଳେ ରାଜୀବ ୧୭,୦୦୦ ଜଣଙ୍କୁ ହତ୍ୟା କରିଛନ୍ତି। ଉଭୟଙ୍କ ମଧ୍ୟରୁ କିଏ ଅଧିକ କ୍ରୂର ଓ ନିଷ୍ଠୁର ବୋଲି ସେ ପ୍ରଶ୍ନ କରିଛନ୍ତି। ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହୁଥିବା କେନ୍ଦ୍ରମନ୍ତ୍ରୀ ଅନନ୍ତ ହେଗ୍‌ଡେ ମଧ ଗଡ୍‌ସେଙ୍କୁ ଦେଶଭକ୍ତ ଭାବେ ଅଭିହିତ କରି ନିଆଁରେ ଘିଅ ଢାଳିଛନ୍ତି। ଏସବୁର ଜବାବ ଦେବାକୁ ଯାଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶୁକ୍ରବାର ଭାଜପା ଏବଂ ଆର୍‌ଏସ୍‌ଏସ୍‌ର ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ରାହୁଲ କହିଛନ୍ତି, ଭାଜପା-ଆର୍‌ଏସ୍‌ଏସ୍ 'ଗଡ୍ (ଭଗବାନ) ପ୍ରେମୀ' ନୁହନ୍ତି, ବରଂ 'ଗଡ୍‌ସେ ପ୍ରେମୀ'। ପ୍ରଜ୍ଞାଙ୍କ ମନ୍ତବ୍ୟରୁ ଏହା ପ୍ରମାଣିତ ହୋଇଛି ବୋଲି ରାହୁଲ ଟୁଇଟ୍ କରିଛନ୍ତି।

ସେପଟେ ଚାରିଆଡୁ ସମାଲୋଚିତ ହେବା ପରେ ଭାଜପା ମୁଖ୍ୟ ଶାହ କହିଛନ୍ତି, ଗଡ୍‌ସେ ମନ୍ତବ୍ୟ ଦଳର ବିଚାରଧାରା ନୁହେଁ। ତାଙ୍କୁ ଦେଶଭକ୍ତ ବୋଲି ଅଭିହିତ କରିଥିବା ନେତାଙ୍କ ବିରୋଧରେ ୧୦ ଦିନ ମଧ୍ୟରେ ରିପୋର୍ଟ ଆସିବ। ଏହା ପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶାହ ଟୁଇଟ୍ କରିଛନ୍ତି। ସେହିପରି ମଧ୍ୟପ୍ରଦେଶର ଏକ ସଭାରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଗାନ୍ଧିଜୀଙ୍କୁ ଅପମାନିତ କରି ତାଙ୍କ ହତ୍ୟାକାରୀ ଗଡ୍‌ସେଙ୍କୁ ଦେଶଭକ୍ତ କହିଥିବା ପ୍ରଜ୍ଞାଙ୍କୁ କ୍ଷମା କରାଯିବନାହିଁ। ଏଭଳି ମନ୍ତବ୍ୟ ସମାଜ ପାଇଁ କ୍ଷତିକାରକ। ସେ ଏଥିଲାଗି କ୍ଷମା ମାଗିଛନ୍ତି, କିନ୍ତୁ ତାଙ୍କୁ ମୁଁ ସମ୍ପୂର୍ଣ୍ଣ କ୍ଷମା ଦେବା ପାଇଁ ଅସମର୍ଥ।



ସପ୍ତମ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ଶେଷ ଦିନରେ ପଞ୍ଜାବର ଗୁର୍‌ଦାସପୁର ଲୋକ ସଭା ଭାଜପା ପ୍ରାର୍ଥୀ ସନି ଦେଓଲ ରୋଡ୍ ଶୋ କରୁଛନ୍ତି।

## ସାରଦା ଚିଟ୍‌ଫଣ୍ଡ ମାମଲା

# ରାଜୀବଙ୍କ ମୁଣ୍ଡରେ ଖଣ୍ଡା

**ନୂଆଦିଲ୍ଲୀ,୧୭।୫**



- ଗିରଫ ନ କରିବା ଲାଗି ଦିଆଯାଇଥିବା ନିର୍ଦ୍ଦେଶ ହଟାଗଲା
- ଆଇନଗତ ସହାୟତା ଲାଗି ୭ ଦିନ ଦିଆଗଲା

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଘନିଷ୍ଠ କୁହାଯାଉଥିବା କୋଲକାତାର ପୂର୍ବତନ ପୋଲିସ କମିଶନର ରାଜୀବ କୁମାରଙ୍କ ଅଡୁଆ ବଢ଼ିବାରେ ଲାଗିଛି। ସାରଦା ଚିଟ୍‌ଫଣ୍ଡ ମାମଲାରେ ଫସିଥିବା ରାଜୀବଙ୍କୁ ଫେବୃୟାରୀ ୫ରେ ସୁରକ୍ଷା ଦେବା ସହ ଗିରଫ ନ କରିବା ଲାଗି ଦିଆଯାଇଥିବା ନିର୍ଦ୍ଦେଶକୁ ସୁପ୍ରିମକୋର୍ଟ ଶୁକ୍ରବାର ହଟାଇ ଦେଇଛନ୍ତି। ଏଥିସହ ରାଜୀବଙ୍କୁ ଆଇନଗତ ସହାୟତା ଲାଗି ୭ ଦିନ ଦେଇଛନ୍ତି। ଏହି ସମୟ ମଧ୍ୟରେ ସେ ଆଗୁଆ ଜାମିନ୍ ଲାଗି ଆବେଦନ କରିପାରିବେ ଓ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ବିଚାରବିମର୍ଶ କରିପାରିବେ ବୋଲି କୁହାଯାଉଛି।

ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସାରଦା ଚିଟ୍‌ଫଣ୍ଡ ମାମଲାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ମାର୍ଚ୍ଚ ୩୦ରେ ଖଣ୍ଡପୀଠ ସିବିଆଇକୁ ତଥ୍ୟ ପ୍ରମାଣ ଦାଖଲ ଲାଗି ନିର୍ଦ୍ଦେଶ ଦେଇଥିଲେ। ସିବିଆଇ ପକ୍ଷରୁ ରାଜୀବଙ୍କ ଗିରଫଦାରି ଉପରେ ଲଗାଯାଇଥିବା କଟକଣା ହଟାଇ ଦେବା ଲାଗି କୋର୍ଟରେ ଆବେଦନ କରାଯାଇଥିଲା। ଶୁକ୍ରବାର ସର୍ବୋଚ୍ଚ ଅଦାଲତ ଉକ୍ତ କଟକଣାକୁ ହଟାଇ ଦେଇଛନ୍ତି। ୭ ଦିନ ପରେ ସିବିଆଇ ସାରଦା ଚିଟ୍‌ଫଣ୍ଡ ମାମଲାରେ ତଥ୍ୟ ପ୍ରମାଣ ନଷ୍ଟକରିବା ଅଭିଯୋଗରେ ରାଜୀବ କୁମାରଙ୍କ ସମ୍ପୃକ୍ତି ନେଇ ତାଙ୍କୁ ଜେରା କରିପାରିବ। ଇତିମଧ୍ୟରେ ରାଜୀବ ଆଇନଗତ ସୁରକ୍ଷା ଓ ପଦକ୍ଷେପ ନେଇପାରିବେ ବୋଲି କୋର୍ଟ କହିଛନ୍ତି।

ଏହି ବିରାଟ ଷଡ଼ଯନ୍ତ୍ର ପଛର ରହସ୍ୟ ଉନ୍ମୋଚନ ଲାଗି ରାଜୀବ କୁମାର ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଜେରା କରାଯିବାର ଆବଶ୍ୟକତା ରହିଛି ବୋଲି ସଲିସିଟର ଜେନେରାଲ ତୁଷାର ମେହେଟା ଓ ସିବିଆଇ କହିଛନ୍ତି। ସାରଦା ଗ୍ରୁପ ନିର୍ଦ୍ଦେଶକଙ୍କ ସହ ବହୁ ରାଜନେତାଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରାଯାଇଛି। ତେବେ ରାଜୀବ କୁମାରଙ୍କ ଓକିଲ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ପୂର୍ବରୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ଶିଲଂରେ ତାଙ୍କୁ ଜେରା କରିଥିବାବେଳେ କିଛି ତଥ୍ୟ ପାଇ ନ ଥିଲେ।

# 'ଗାନ୍ଧିଜୀ ପାକିସ୍ତାନର ଜନକ'

**ଭୋପାଳ,୧୭।୫**



ଭାଜପା ମିଡିଆ ସେଲ୍ ମୁଖ୍ୟ ନିଲମ୍ବିତ

ମହାତ୍ମା ଗାନ୍ଧୀଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ ଦେଇ ବିବାଦ ଘେରକୁ ଆସିଥିବା ମଧ୍ୟପ୍ରଦେଶର ଭାଜପା ମିଡିଆ ସେଲ୍ ମୁଖ୍ୟ ଅନିଲ ସୌମିତ୍ରଙ୍କୁ ଶୁକ୍ରବାର ଦଳ ନିଲମ୍ବନ କରିଛି। ଅନିଲ ଫେସ୍‌ବୁକ୍‌ରେ ଏକ ପୋଷ୍ଟ କରିଥିଲେ। ସେଥିରେ ସେ ଉଲ୍ଲେଖ କରିଥିଲେ ଯେ, ବାପୁଙ୍କ ଆଶୀର୍ବାଦରୁ ପାକିସ୍ତାନର ଜନ୍ମ ହୋଇଥିଲା। ତେଣୁ ମହାତ୍ମା ଗାନ୍ଧୀ ଭାରତର ନୁହେଁ, ବରଂ ପାକିସ୍ତାନର ଜନକ। କେବଳ ଏତିକି ନୁହେଁ, ଅନିଲ ଆଉ ଗୋଟିଏ ପୋଷ୍ଟ କରି ନିଜ ମନ୍ତବ୍ୟକୁ ଠିକ୍ ବୋଲି ପ୍ରମାଣିତ କରିବାକୁ ଉଦ୍ୟମ କରିଥିଲେ। ସେଥିରେ ସେ ଲେଖିଥିଲେ, କୌଣସି ବିଦ୍ୱାନ ତାଙ୍କୁ ଭୁଲ ପ୍ରମାଣିତ କରିପାରିବେ ନାହିଁ। ଏହାକୁ ନେଇ ଭାଜପା ପକ୍ଷରୁ ତାଙ୍କ ପ୍ରାଥମିକ ସଦସ୍ୟତା ରଦ୍ଦ କରାଯାଇଛି। ଏହାସହ ବିବାଦୀୟ ପୋଷ୍ଟକୁ ନେଇ ତାଙ୍କୁ ୭ ଦିନ ମଧ୍ୟରେ ଜବାବ ମାଗିଛି ଦଳ।

## ପ୍ରଜ୍ଞାଙ୍କ 'ଦେଶଭକ୍ତ' ମନ୍ତବ୍ୟ

# ଇସିଙ୍କୁ ରିପୋର୍ଟ ଦେଲେ ଏମ୍‌ପି ମୁଖ୍ୟ ନିର୍ବାଚନ ଅଧିକାରୀ

**ଭୋପାଳ,୧୭।୫:** ଭୋପାଳର ଭାଜପା ପ୍ରାର୍ଥୀ ସାଧ୍ୱୀ ପ୍ରଜ୍ଞା ସିଂ ଠାକୁର ନାଥୁରାମ ଗଡ୍‌ସେଙ୍କୁ ଦେଶଭକ୍ତ ବୋଲି ଅଭିହିତ କରିବା ନେଇ ମଧ୍ୟପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଶୁକ୍ରବାର ନିର୍ବାଚନ କମିଶନ (ଇସି)ଙ୍କୁ ରିପୋର୍ଟ ଦେଇଛନ୍ତି। ରିପୋର୍ଟରେ କ'ଣ ଅଛି ଇସିଙ୍କ ନିଷ୍ପତ୍ତି ପରେ ସାର୍ବଜନୀନ କରାଯିବ ବୋଲି ସିଇଓ ଭି.ଏଲ୍. କାନ୍ତରାଓ ସୂଚନା ଦେଇଛନ୍ତି। ଏହା ପୂର୍ବରୁ ଜିଲା ନିର୍ବାଚନ ଅଧିକାରୀ ପ୍ରଜ୍ଞାଙ୍କ ମନ୍ତବ୍ୟକୁ ନେଇ ସିଇଓଙ୍କ ନିକଟରେ ରିପୋର୍ଟ ଦାଖଲ କରିଥିଲେ।





ଜମ୍ମୁ ନିକଟସ୍ଥ ନଗ୍ରୋଟାର ଏକ କ୍ୟାମ୍ପ୍‌ରେ ଏନ୍‌ସିସି କ୍ୟାଡେଟ୍‌ଙ୍କୁ ବନ୍ଧୁକ ଚଳାଇବା ତାଲିମ ଦିଆଯାଉଛି।

## ୨ ଭାରତୀୟ ପର୍ବତାରୋହୀ ମୃତ, ଜଣେ ନିଖୋଜ

**କାଠମାଣ୍ଡୁ,୧୭।୫**

ନେପାଳରେ ଭାରତର ୨ ପର୍ବତାରୋହୀଙ୍କ ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରେ ଜଣେ ଯବାନ ଅଛନ୍ତି। ସେହିଭଳି ଅନ୍ୟ ଜଣେ ପର୍ବତାରୋହୀ ନେପାଳରେ ନିଖୋଜ ହୋଇଯାଇଥିବା ଅଭିଯାନ ସଂଯୋଜକ ଶୁକ୍ରବାର କହିଛନ୍ତି। ପ୍ରକାଶଥାଉ କି, ହିମାଳୟରେ ୨ ଜଣ ପର୍ବତାରୋହୀ ପ୍ରାଣ ହରାଇବା ପରେ ଏଭଳି ଘଟଣା ଘଟିଛି। ମୃତ୍ୟୁବରଣ କରିଥିବା ପର୍ବତାରୋହୀମାନେ ହେଲେ ସେନା କର୍ମୀ ରବି ଥାକ୍କର(୨୮), ନାରାୟଣ ସିଂ। କୋଲକାତାର ଦୀପଙ୍କର ଘୋଷ(୫୨) କେଉଁଆଡ଼େ ନିଖୋଜ ହୋଇଛନ୍ତି। ସର୍ଚ୍ଚ ଟିମ୍ ଖୋଜାଖୋଜି କରି ଶେଷରେ ବିଫଳ ହୋଇଛି।

## ପାକ୍‌ରେ ୫୦୦ ଏଚ୍‌ଆଇଭି ସଂକ୍ରମିତ

**ରାତୋଦରୋ,୧୭।୫**

ଦକ୍ଷିଣ ପାକିସ୍ତାନର ଅବହେଳିତ ଜିଲା ଲାର୍‌କାନାର ବିଭିନ୍ନ ଗାଁରେ ପାଖାପାଖି ୫ଶହ ଲୋକ ଏଚ୍‌ଆଇଭିର ଶିକାର ହୋଇଥିବା ଜଣାପଡିଛି। ଜନୈକ ଡାକ୍ତରଙ୍କ ଅବହେଳା ଯୋଗୁ ଏଭଳି ପରିସ୍ଥିତି ଉପୁଜିଥିବା କୁହାଯାଉଛି। ତେବେ ଡାକ୍ତର ଜଣକ ଏକ ସଂକ୍ରମିତ ସିରିଞ୍ଜ ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏବେ ପିଲାଠାରୁ ବୟସ୍କ ପ୍ରାୟ ସମସ୍ତେ ଭୟଙ୍କର ଏଚ୍‌ଆଇଭି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା କୁହାଯାଉଛି। ଲୋକମାନେ ରକ୍ତ ପରୀକ୍ଷା ଜାରି ରଖିଥିବା ବେଳେ ଅଭିଭାବକମାନେ ରିପୋର୍ଟକୁ ଅପେକ୍ଷା କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁଯାୟୀ ଏପର୍ଯ୍ୟନ୍ତ ଏଚ୍‌ଆଇଭିରେ ପ୍ରାୟ ୫ଶହ ଲୋକ ଆକ୍ରାନ୍ତ ହୋଇ ସାରିଲେଣି।

ବିଭାଗୀୟ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ଏହି ଘଟଣା ପାଇଁ ସ୍ଥାନୀୟ ଚିକିତ୍ସକ ମୁଜାଫର ଘନଘାରୋଙ୍କୁ ଗିରଫ କରାଯାଇଛି। ତେବେ ଉକ୍ତ ଡାକ୍ତର ଜାଣିଶୁଣି ଅନ୍ୟ ଲୋକଙ୍କୁ ସଂକ୍ରମିତ କରିଥିଲେ କି ନା ପୋଲିସ ଏହାର ତଦନ୍ତ କରୁଛି। ଲାର୍‌କାନା ହେଉଛି ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋଙ୍କ ନିଜ ଜିଲା।



## ଗାଈକୁ ବଞ୍ଚାଇବାକୁ ଯାଇ ଭାଗବତଙ୍କ କାର ଦୁର୍ଘଟଣାଗ୍ରସ୍ତ

**ନାଗପୁର,୧୭।୫**

ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତଙ୍କ ସୁରକ୍ଷାରେ ଯାଉଥିବା ଗାଡ଼ି ମଧ୍ୟରୁ ଗୋଟିଏ ଏସ୍‌ୟୁଭି ଏକ ଗାଈକୁ ବଞ୍ଚାଇବାକୁ ଯାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ସିଆଇଏସ୍‌ଏଫ୍ ଯବାନ ଆହତ ହୋଇଥିବାବେଳେ ଭାଗଓ୍ୱତ ଅଳ୍ପକେ ବର୍ତ୍ତିଯାଇଛନ୍ତି। ମହାରାଷ୍ଟ୍ରର ଚନ୍ଦ୍ରପୁର ଜିଲା ଅନ୍ତର୍ଗତ ୱାରୋରା ରୋଡ୍ ମଝିରେ ଗାଈଟି ଛିଡ଼ା ହୋଇଥିବାବେଳେ ତାକୁ ବଞ୍ଚାଇବା ଲାଗି ଡ୍ରାଇଭର୍ ସଡନ୍ ବ୍ରେକ୍ ମାରିଥିଲେ। ଫଳରେ ଏସ୍‌ୟୁଭିର ଟାୟାର୍ ଫାଟିଯାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ତେବେ ଗାଈଟି ଅକ୍ଷତ ରହିଥିଲା। ସେତେବେଳେ ଜେଡ୍ ପ୍ଲସ୍ ସୁରକ୍ଷାରେ ଥିବା ଭାଗଓ୍ୱତ୍ ଚନ୍ଦ୍ରପୁରରୁ ନାଗପୁର ଯାଉଥିଲେ।

[ଇତିହାସର ଆଇନାରେ]

## ମେ ୧୮ର ପ୍ରମୁଖ ଘଟଣା

୨୦୦୬ ମେ ୧୮ରେ ଲୋକତନ୍ତ୍ର ଆନ୍ଦୋଳନ ପରେ ନେପାଳରେ ଏକ ବିଲ୍ ପାସ୍ କରାଯାଇ ରାଜତନ୍ତ୍ର କ୍ଷମତା ହ୍ରାସ କରାଗଲା ଏବଂ ଦେଶକୁ ଧର୍ମନିରପେକ୍ଷ ରାଷ୍ଟ୍ର ଘୋଷଣା କରାଗଲା। ୭ଟି ଦଳକୁ ନେଇ ଏକ ମେଣ୍ଟ ସରକାର ଗଠନ କରାଗଲା ଏବଂ ନୂତନ ସରକାରଙ୍କ ନେତୃତ୍ୱ ନେଲେ ଗିରିଜା ପ୍ରସାଦ କୋଇରାଲା।

୨୦୦୯ ମେ ୧୮ରେ ଶ୍ରୀଲଙ୍କା ସେନା ଆକ୍ରମଣରେ ଏଲ୍‌ଟିଟିଇ ପରାଜିତ ହେବା ଫଳରେ ଦୁଇ ପକ୍ଷ ମଧ୍ୟରେ ଦୀର୍ଘ ୨୬ବର୍ଷ ଲଢ଼େଇର ପରିସମାପ୍ତି ଘଟିଲା। ଲିବରେଶନ୍ ଟାଇଗର୍ସ ଅଫ୍ ତାମିଲ ଇଲମ୍ ବା ସଂକ୍ଷେପରେ ଏଲ୍‌ଟିଟିଇ ହେଉଛି ଏକ ତାମିଲ ଉଗ୍ରପନ୍ଥୀ ଗୋଷ୍ଠୀ। ତାମିଲ ଇଲମ୍ ନାମରେ ଏକ ପୃଥକ୍ ରାଷ୍ଟ୍ର ଗଠନ କରିବା ଏହାର ଉଦ୍ଦେଶ୍ୟ ଥିଲେ ହେଁ ଶ୍ରୀଲଙ୍କା ସରକାର ଏହି ଉଦ୍ୟମକୁ ବିଫଳ କରିଆସିଛନ୍ତି।


## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କଲା ରହିବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୮.୪ | ୨୫.୪ |
| ଚାନ୍ଦବାଲି | ୩୯.୪ | ୨୭.୮ |
| କଟକ | ୩୭.୦ | ୨୫.୦ |
| ପାରାଦ୍ୱୀପ | ୩୨.୫ | ୨୮.୫ |
| ଭୁବନେଶ୍ୱର | ୩୭.୪ | ୨୭.୨ |
| ଗୋପାଳପୁର | ୩୨.୩ | ୨୬.୯ |
| ପୁରୀ | ୩୪.୪ | ୨୭.୭ |
| ଅନୁଗୋଳ | ୪୧.୭ | ୨୦.୬ |
| ବାରିପଦା | --- | ୨୭.୨ |
| ଝାରସୁଗୁଡ଼ା | ୪୩.୨ | ୨୪.୨ |
| କେନ୍ଦୁଝର | ୩୮.୧ | ୨୩.୪ |
| ସମ୍ବଲପୁର | ୪୩.୩ | ୨୬.୬ |
| ସୁନ୍ଦରଗଡ଼ | ୪୧.୫ | ୨୩.୦ |
| ହୀରାକୁଦ | ୪୨.୪ | ୨୬.୩ |
| ତାଲଚେର | ୪୦.୦ | ୨୬.୭ |
| ଭବାନୀପାଟଣା | ୪୨.୦ | ୨୮.୦ |
| ବଲାଙ୍ଗୀର | ୪୪.୬ | ୨୫.୬ |
| କୋରାପୁଟ | ୨୯.୬ | ୨୧.୬ |
| ଫୁଲବାଣୀ | --- | ୨୩.୫ |
| ଟିଟିଲାଗଡ଼ | ୪୫.୫ | ୨୬.୫ |
| ମାଲକାନଗିରି | ୪୦.୦ | ୨୩.୨ |
| ସୋନପୁର | ୪୪.୦ | ୨୪.୨ |
| ଦାରିଙ୍ଗିବାଡ଼ି | ୩୬.୨ | ୨୨.୦ |

ଡିଗ୍ରୀ ସେଲ୍‌ସିୟସ୍



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

# ସାମାଜିକ ପ୍ରାସଙ୍ଗିକତା ଥିବା ଫିଲ୍ମ ପସନ୍ଦ କରେ



କରୀନା କପୁର ଖାନ୍

**ମୁମ୍ବାଇ:** ସାମାଜିକ ପ୍ରାସଙ୍ଗିକତା ଥିବା ଫିଲ୍ମରେ ଅଭିନୟ କରିବାକୁ ସବୁବେଳେ ପସନ୍ଦ କରନ୍ତି ବୋଲି ବଲିଉଡ ଅଭିନେତ୍ରୀ କରୀନା କପୁର ଖାନ୍ ପ୍ରକାଶ କରିଛନ୍ତି। ରିଲିଜ ହୋଇଥିବା ତାଙ୍କର କେତେକ ଫିଲ୍ମ ହେଉଛି 'ଉଡ୍‌ତା ପଞ୍ଜାବ', 'କି ଆଣ୍ଡ୍ କା', 'ବୀରେ ଦି ୱେଡିଂ'। ତାଙ୍କର ପରବର୍ତ୍ତୀ ଦୁଇଟି ଫିଲ୍ମ ହେଉଛି 'ଗୁଡ୍ ନ୍ୟୁଜ୍' ଏବଂ 'ଅଂଗ୍ରେଜି ମିଡିୟମ୍'। ଏହିସବୁ ଫିଲ୍ମ ବିଭିନ୍ନ ସାମାଜିକ ସମସ୍ୟା ସହ ଜଡିତ। ଯେଉଁସବୁ ଫିଲ୍ମରେ ସାମାଜିକ କାହାଣୀ ଥାଏ ଏବଂ ତାହା ଜନସାଧାରଣଙ୍କ ହୃଦୟକୁ ସ୍ପର୍ଶ କରେ ସେଭଳି ଫିଲ୍ମରେ ଅଭିନୟ କରିବାକୁ ପସନ୍ଦ କରିଥାନ୍ତି କରୀନା। ଅଭିନୟ ସ୍ୱଳ୍ପ ସମୟର ହୋଇଥାଉ ନା କାହିଁକି ପ୍ରସଙ୍ଗଭିତ୍ତିକ କାହାଣୀରେ ଜଡିତ ରହିବାକୁ ତାଙ୍କୁ ଭଲ ଲାଗେ ବୋଲି ସେ କହିଛନ୍ତି।

ତାଙ୍କର ପରବର୍ତ୍ତୀ ଫିଲ୍ମ 'ଗୁଡ୍ ନ୍ୟୁଜ୍'ରେ ଅକ୍ଷୟ କୁମାର, ଦିଲ୍‌ଜିତ୍ ଦୋସାଞ୍ଜ ଏବଂ କିୟାରା ଆଡଭାନୀ ଅଛନ୍ତି। ଏହା ଡିସେମ୍ବର ୨୭ରେ ରିଲିଜ ହେବାର ଅଛି। ତେବେ ଏହା ବ୍ୟବସାୟିକ ଦୃଷ୍ଟିରୁ ଭଲ ଆୟ କରିବ ବୋଲି କରୀନା ଆଶାବାଦୀ। ଏଥିରେ ଅକ୍ଷୟ କୁମାର ଅଛନ୍ତି। ଭଲ କାହାଣୀକୁ ନେଇ ଫିଲ୍ମ ହେଉଛି। ନିର୍ମାଣ ଦୃଷ୍ଟିରୁ ମଧ୍ୟ ଏହା ଉନ୍ନତମାନର। 'ଅଂଗ୍ରେଜି ମିଡିୟମ୍' ପାଇଁ କାର୍ଯ୍ୟ ଆରମ୍ଭ ହେଉଥିବାବେଳେ କରନ୍ ଜୋହରଙ୍କ 'ତଖତ୍' ଫେବୃୟାରୀରେ ରିଲିଜ ହେବ।







# ଅଣଭାଜପା ମେଣ୍ଟରେ ଟିଆର୍‌ଏସ୍‌କୁ ସ୍ୱାଗତ: ଚନ୍ଦ୍ରାବାବୁ



- ୟେଚୁରୀ ଓ କେଜ୍‌ରିୱାଲ୍‌ଙ୍କୁ ଭେଟିଲେ
- ଆଜି ରାହୁଲ୍ ଓ ମାୟାବତୀଙ୍କ ସହ ଆଲୋଚନା

**ନୂଆଦିଲ୍ଲୀ,୧୭।୫**

ଶେଷ ପର୍ଯ୍ୟାୟ ଭୋଟ ଲାଗି ପ୍ରଚାର ସରିଲା। କେନ୍ଦ୍ରରେ କିଏ ସରକାର ଗଠନ କରିବ ତାନେଇ ଏବେଠାରୁ କସରତ୍ ଆରମ୍ଭ ହୋଇଗଲାଣି। ଅଣ ଭାଜପା ଦଳଗୁଡ଼ିକୁ ଏକାଠି କରିବା ଲାଗି ଜୋର୍‌ଦାର୍ ପ୍ରୟାସ ଆରମ୍ଭ କରିଛନ୍ତି ଟିଡିପି ନେତା ତଥା ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁ। ମେ ୨୩ରେ ବିରୋଧୀ ମହାମେଣ୍ଟର ବୈଠକ ଥିବାବେଳେ କେବଳ ତେଲେଙ୍ଗାନା ରାଷ୍ଟ୍ରୀୟ ସମିତି(ଟିଆର୍‌ଏସ୍) ନୁହେଁଭାଜପାକୁବିରୋଧ କରୁଥିବା ସବୁ ରାଜନୈତିକ ଦଳକୁ ଏଥିଲାଗି ସ୍ୱାଗତ କରାଯିବ ବୋଲି ସେ କହିଛନ୍ତି।

ଚନ୍ଦ୍ରାବାବୁ ସିପିଆଇଏମ ସାଧାରଣ ସମ୍ପାଦକ ସୀତାରାମ୍ ୟେଚୁରୀ ଓ ଏଏପି ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ୍‌ଙ୍କୁ ଶୁକ୍ରବାର ସାକ୍ଷାତ କରି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଶନିବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଦିଲ୍ଲୀରେ ଓ ବିଏସ୍‌ପି ମୁଖ୍ୟ ମାୟାବତୀଙ୍କୁ ଲକ୍ଷ୍ନୌରେ ସେ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି।

# ନନ୍ଦନକାନନର ଘଡ଼ିଆଳ କୁମ୍ଭୀର ଯିବ ଭିତରକନିକା

- ଜୁଲାଇରୁ ଛାଡ଼ିବା ପ୍ରକ୍ରିୟା ଆରମ୍ଭ
- ପରୀକ୍ଷାମୂଳକ ଭାବେ ପ୍ରଥମେ ୫ଟି ଛଡ଼ାଯିବ
- କୁମ୍ଭୀର ଦେହରେ ଲାଗିବ ଟ୍ରାନ୍ସମିଟର

**ବାରଙ୍ଗ,୧୭।୫(ଡି.ଏନ୍.ଏ.)**



ପ୍ରାଣୀ ଉଦ୍ୟାନ ନନ୍ଦନକାନନରୁ ଘଡିଆଳ କୁମ୍ଭୀର ଭିତରକନିକାକୁ ଯିବ। ନନ୍ଦନକାନନରେ ଘଡିଆଳ କୁମ୍ଭୀରମାନଙ୍କ ସଂଖ୍ୟା ବୃଦ୍ଧିପାଇବାରେ ଲାଗିଛି। ଫଳରେ ଏମାନଙ୍କ ବାସସ୍ଥାନ, ଖାଦ୍ୟ ଓ ସୁରକ୍ଷା ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଡିଆଳ କୁମ୍ଭୀରଙ୍କ ସୁରକ୍ଷା ଓ ସଂଖ୍ୟା ବୃଦ୍ଧିକୁ ଆଖିଆଗରେ ରଖି ନନ୍ଦନକାନନ କର୍ତ୍ତୃପକ୍ଷ ଭିତରକନିକାର ଗଣ୍ଡଦେଶରେ ଛାଡିବାର ଯୋଜନା କରିଛନ୍ତି। ଏଥିପାଇଁ ନନ୍ଦନକାନନ ପକ୍ଷରୁ ପ୍ରସ୍ତୁତିପର୍ବ ଆରମ୍ଭ ହୋଇଯାଇଛି। ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସଙ୍କ ନିର୍ଦ୍ଦେଶରେ ନନ୍ଦନକାନନର ବାୟୋଲୋଜିଷ୍ଟ ରାଜେଶ ମହାପାତ୍ର ଶୁକ୍ରବାର ଭିତରକନିକା ଯାଇଛନ୍ତି। ସେଠାକାର କର୍ମଚାରୀମାନଙ୍କ ସହାୟତାରେ ଗଣ୍ଡ ସହ ମହାନଦୀର ଅବବାହିକାର ବିଭିନ୍ନ ସ୍ଥାନ ଦେଖିବା ପରେ ଘଡିଆଳ କୁମ୍ଭୀର ଛଡା ଅଭିଯାନ ଆରମ୍ଭ ହେବ ବୋଲି ଜଣାପଡିଛି।

ପ୍ରକାଶ ଯେ, ଦିନଥିଲା ନନ୍ଦନକାନନରେ ଘଡିଆଳ କୁମ୍ଭୀରମାନଙ୍କ ସଂଖ୍ୟା କମିବାରେ ଲାଗିଥିଲା। ଏହାକୁ ଦୃଷ୍ଟିରେ ରଖି ନନ୍ଦନକାନନ କର୍ତ୍ତୃପକ୍ଷ ରାଜନଗରରୁ କୁମ୍ଭୀରବସାରୁ ଅଣ୍ଡା ସଂଗ୍ରହକରି ଗତବର୍ଷ ଜୁଲାଇରେ ନନ୍ଦନକାନନକୁ ଆଣିବା ସହ କୃତ୍ରିମପ୍ରଜନନ କାର୍ଯ୍ୟ ଆରମ୍ଭ କରିଥିଲେ। ଯାହା ଏବେ ସଫଳ ହୋଇ ଘଡିଆଳ କୁମ୍ଭୀର ସଂଖ୍ୟା ବୃଦ୍ଧିପାଇ ୭୪ରେ ପହଞ୍ଚିଥିବାର ଜନ୍ତୁ ବିଭାଗ ରେଞ୍ଜ ଅଫିସର ଅଶୋକ ଦାସ କହିଛନ୍ତି। ଏହି କୁମ୍ଭୀରମାନଙ୍କ ରକ୍ଷଣାବେକ୍ଷଣ ସାଙ୍ଗକୁ ପର୍ଯ୍ୟାପ୍ତ ପରିମାଣର ଜାଗାର ଆବଶ୍ୟକତା ରହିଛି। ତେବେ ସେମାନଙ୍କ ସୁରକ୍ଷା ସହ ଭବିଷ୍ୟତର ବଂଶବୃଦ୍ଧିକୁ ନଜରରେ ରଖି ୧୯୮୬ମସିହା ଭଳି ଚଳିତବର୍ଷ ସାତକୋଶିଆ ଗଣ୍ଡ ଓ ମହାନଦୀର ଅବବାହିକାରେ ଘଡିଆଳ କୁମ୍ଭୀର ଛାଡିବାର ଯୋଜନା ନିଷ୍ପତ୍ତି ନିଆଯାଇଛି ବୋଲି ନନ୍ଦନକାନନ ଉପ-ନିର୍ଦ୍ଦେଶକ ଦାସ କହିଛନ୍ତି। ୨୪ ଅକ୍ଟୋବର ୧୯୮୬ରେ ୩୫ଟି ଓ ୭ ଜାନୁୟାରୀ, ୨୭ ଅକ୍ଟୋବର ଏବଂ ୧୪ ଡିସେମ୍ବର ୧୯୮୭ରେ ୩୬ଟି, ୬୫ଟି ଓ ୩ଟି ସାତକୋଶିଆ ଗଣ୍ଡରେ, ୬ ନଭେମ୍ବର ୧୯୮୯ରେ ୬୨ଟି ମହାନଦୀର ଆଠମଲ୍ଲିକଠାରେ, ୩୧ଜୁଲାଇ ୧୯୯୩ରେ ୭୨ଟି ସାତକୋଶିଆ ଗଣ୍ଡରେ, ୨୬ମାର୍ଚ୍ଚ ୧୯୯୫ରେ ୫୦ଟି ଟିକରପଡା, ୧୭ଏପ୍ରିଲ ୧୯୯୫ରେ ୫୦ଟି ସାତକୋଶିଆ ଗଣ୍ଡରେ, ୪ଡିସେମ୍ବର ୧୯୯୮ରେ ୬୫ଟି ଟିକରପଡା, ୫ନଭେମ୍ବର ୨୦୦୧ରେ ୧୦ଟି ସାତକୋଶିଆ ଗଣ୍ଡରେ ସମୁଦାୟ ୪୪୮ଟି ଘଡିଆଳ କୁମ୍ଭୀର ସାତକୋଶିଆ, ଟିକରପଡା ଓ ମହାନଦୀର ଅବବାହିକାରେ ୧୦ଟି ପର୍ଯ୍ୟାୟରେ ଛଡାଯାଇଛି। ଆସନ୍ତା ଜୁଲାଇରୁ ନନ୍ଦନକାନନ ଦ୍ୱିତୀୟଥର ପାଇଁ ଘଡିଆଳକୁମ୍ଭୀର ଛାଡିବା ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଛି। ଏଥିପାଇଁ ୪ବର୍ଷର ସମୟସୀମା ରଖାଯାଇଛି। ୨ବର୍ଷିୟା ଏହି ଯୋଜନାର ପ୍ରଥମବର୍ଷରେ ୪ଟି ପର୍ଯ୍ୟାୟରେ ୩୫ଟି ଘଡିଆଳକୁମ୍ଭୀରକୁ ଛଡାଯିବ। ପ୍ରଥମେ ଜୁଲାଇ ମାସରେ ୫ଟି କୁମ୍ଭୀରକୁ ପରୀକ୍ଷାମୂଳକ ଭାବେ ଭିତରକନିକାର ଗଣ୍ଡଦେଶରେ ଛଡାଯିବ। ଏଥିପାଇଁ ନନ୍ଦନକାନନ ଉପନିର୍ଦ୍ଦେଶକ ୨ଟି ଟିମ୍ କରିଛନ୍ତି। ଏହି ଦୁଇଟି ଟିମ ଛଡାଯାଇଥିବା କୁମ୍ଭୀରମାନଙ୍କ ଉପରେ ନଜର ରଖିବେ। ଏଥିପାଇଁ ୨୬ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି। ରାଜସ୍ଥାନର ଚମ୍ବଲପୁରରୁ ଏକ ଟିମ ନନ୍ଦନକାନନ ଆସିବାର କଥାବାର୍ତ୍ତା ସରିଛି। ସେମାନେ ଏଠାକୁ ଆସି ପ୍ରାଥମିକ ପର୍ଯ୍ୟାୟର ଛଡାଯିବାକୁ ଥିବା ୫ଟି କୁମ୍ଭୀର ଦେହରେ ଟ୍ରାନ୍ସମିଟର ଲଗାଇବେ। ପ୍ରତି ଟ୍ରାନ୍ସମିଟରର ଦାମ ୨ଲକ୍ଷ ଟଙ୍କା ରହିଥିବାବେଳେ ଏହାଦ୍ୱାରା କମ୍ପ୍ୟୁଟର ପାଖରେ ବସି କୁମ୍ଭୀରର ଗତିବିଧି ପରଖିବେ। ଏହି ଟ୍ରାନ୍ସମିଟର ଶକ୍ତି ୨ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିବ ଓ ଏହାପରେ ଏହା କାର୍ଯ୍ୟକ୍ଷମ ହୋଇପାରିବ ନାହିଁ। ଏହି ସମୟ ଭିତରେ ଛଡାଯାଇଥିବା କୁମ୍ଭୀରଟିର ବୟସ ବୃଦ୍ଧି ସାଙ୍ଗକୁ ନିଜର ବାସସ୍ଥଳୀକୁ ପରଖି ନେଇଥିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ ଆଶା ରଖିଛନ୍ତି। ଏହି ପରୀକ୍ଷଣ ପରେ ଆବଶ୍ୟକତାକୁ ଦେଖି ଦରକାର ମୁତାବକ ଅନ୍ୟ କିଛି ପରିବର୍ତ୍ତନ କରାଯାଇପାରିବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି।

## ■ କାର୍ଯ୍ୟସ୍ଥଳରେ ବିଦ୍ୟୁତ୍ ଠିକା ମିସ୍ତ୍ରି ଜଳିଯିବା ଘଟଣା

# ୧୦ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା

**ଭୁବନେଶ୍ୱର,୧୭।୫(ବ୍ୟୁରୋ)**

### ଲାଇନମ୍ୟାନଙ୍କ ଅବହେଳାରୁ ଘଟିଥିଲା ଦୁର୍ଘଟଣା

କାର୍ଯ୍ୟସ୍ଥଳରେ ୧୧ କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବୁଧବାର ଅପରାହ୍ନରେ ଜଳିଯାଇଥିଲେ ଠିକା ମିସ୍ତ୍ରି ମୟୂରଭଞ୍ଜ ଜିଲା ଭିଜିଡିହି ଗ୍ରାମର ବାଗଇ ମୁର୍ମୁ ଓରଫ ମଟକା (୨୨)। ସେସ୍ତୁ ଭୁବନେଶ୍ୱର ସିଟି ଡିଭିଜନ-୧ ଅଧୀନ ସତ୍ୟନଗର ବିଦ୍ୟୁତ୍ କାର୍ଯ୍ୟାଳୟ ଅନ୍ତର୍ଗତ କେନ୍ଦ୍ରୀୟ ବିଦ୍ୟାଳୟ ସ୍କୁଲ୍ କଲୋନୀ ନିକଟରେ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ଚାଲିଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଲାଇନମ୍ୟାନଙ୍କ ଭୁଲ୍ ପାଇଁ ରାଜଧାନୀବାସୀଙ୍କ ପାଇଁ ରିୟଲ ହିରୋ ପାଲଟିଥିବା ମଟକାଙ୍କର ମୃତ୍ୟୁ ଘଟିଥିଲା। ଏପରି କି ଘଟଣା ପରେ ମୃତ ମଟକା ଓ ତାଙ୍କ ପରିବାରକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଥିଲା। ଗୁରୁବାର ପରିସ୍ଥିତି ଏପରି ହୋଇଥିଲା ନ୍ୟାୟ ଓ କ୍ଷତିପୂରଣ ଆଶା ନେଇ ଯାଇଥିବାବେଳେ ପୋଲିସ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରୁ ମୃତଦେହ ସହ ତାଙ୍କ ବାପା ବାଗାତଙ୍କୁ ଉଠାଇ ନେଇଥିଲା। ଏହାର ପ୍ରତିବାଦରେ ରାତିରେ ମୃତକଙ୍କ ପରିବାର, ସମ୍ପର୍କୀୟ, ମଟକାଙ୍କ ସହ କାର୍ଯ୍ୟ କରୁଥିବା ମିସ୍ତ୍ରି ଓ ଶ୍ରମିକଙ୍କ ସମେତ ବିଦ୍ୟୁତ୍ ଠିକାଦାର ସଂଘ କର୍ମକର୍ତ୍ତା ରାଜଭବନ ଛକ ନିକଟରେ ରାସ୍ତାରୋକୋ କରିଥିଲେ। କ୍ଷତିପୂରଣ ପ୍ରତିଶ୍ରୁତି ମିଳିବା ପରେ ଶେଷରେ ଆନ୍ଦୋଳନରୁ ସେମାନେ ଉଠିଥିଲେ। ଶୁକ୍ରବାର ମୃତ ମଟକାଙ୍କ ପରିବାରକୁ ୧୦ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରାଯାଇଛି। ସେସ୍ତୁ ତରଫରୁ ୫ ଲକ୍ଷ ଟଙ୍କା ଓ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୫ ଲକ୍ଷ ଟଙ୍କା ମିଳିବ।

ସୂଚନା ମୁତାବକ, ମଟକା ଜଣେ ବିଦ୍ୟୁତ୍ ମିସ୍ତ୍ରି। ଠିକା ସଂସ୍ଥା ଆଖଣ୍ଡଳମଣୀ ଇଲେକ୍ଟ୍ରିକାଲ କନଷ୍ଟ୍ରକ୍ସନ ଅଧୀନରେ ସେ କାର୍ଯ୍ୟ କରୁଥିଲେ। ଠିକାଦାର ତାଙ୍କ ସହ ୩୦ଜଣ ଶ୍ରମିକଙ୍କୁ ଭୁବନେଶ୍ୱରରେ ବିଦ୍ୟୁତ୍ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟରେ ଲଗାଇଥିଲେ। ବୁଧବାର ମଟକା ଓ ଅନ୍ୟ ୧୪ଜଣ କେନ୍ଦ୍ରୀୟ ବିଦ୍ୟାଳୟ ସ୍କୁଲ କଲୋନୀ ନିକଟରେ କାର୍ଯ୍ୟ କରୁଥିଲେ। ଅପରାହ୍ନ ସାଢେ ୫ଟାରେ ସେମାନେ ସତ୍ୟନଗର ବିଦ୍ୟୁତ୍ କାର୍ଯ୍ୟାଳୟର ଲାଇନମ୍ୟାନ୍ ଅକ୍ରୁର ବେହେରାଙ୍କ ତତ୍ତ୍ୱାବଧାନରେ ଟ୍ରାନ୍ସଫର୍ମରକୁ ବିଦ୍ୟୁତ୍ ସଂଯୋଗ କାର୍ଯ୍ୟରେ ଲାଗିଥିଲେ। ୧୧ କେଭିରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଥିବା ଲାଇନମ୍ୟାନ ଅକ୍ରୁର କହିବା ସହ ମଟକାଙ୍କୁ ତାର ଯୋଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। ମଟକା ଖୁଣ୍ଟକୁ ଚଢ଼ି ତାରକୁ ଧରିବାକ୍ଷଣି ଜଳିଯାଇ ତଳକୁ ଖସି ପଡିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା।




# ଆଜି ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା

**ଭୁବନେଶ୍ୱର,୧୭।୫(ବ୍ୟୁରୋ):** ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ରାଜ୍ୟର ୨୦ ସହରରେ ଶନିବାର ଅନୁଷ୍ଠିତ ହେବ। ୫୩ କେନ୍ଦ୍ରରେ ଦୁଇଟି ସିଟିଂରେ ଅଫ୍‌ଲାଇନ୍ ପରୀକ୍ଷା ହେବ। ଏଥିଲାଗି ୨୯ହଜାର ୯ଶହ ଛାତ୍ରୀଛାତ୍ର ପଞ୍ଜୀକରଣ କରିଛନ୍ତି। ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ଯାଏ ବି.ଫାର୍ମ ଏବଂ ସକାଳ ୯ଟାରୁ ପୂର୍ବାହ୍ନ ୧୦ଟା ଯାଏ ଆଇଏମ୍‌ବିଏ, ଲାଟେରାଲ୍ ଏଣ୍ଟ୍ରି ଟୁ ବି.ଫାର୍ମ ଓ ଲାଟେରାଲ୍ ଏଣ୍ଟ୍ରି ଟୁ ବି.ଟେକ୍ ପରୀକ୍ଷା ହେବ। ସେହିପରି ଦ୍ୱିତୀୟ ସିଟିଂ ଅପରାହ୍ନ ୨ଟାରୁ ୪ଟା ଯାଏ ଡିପ୍ଲୋମା ଛାତ୍ରୀଛାତ୍ରଙ୍କ ଲାଗି ଲାଟେରାଲ୍ ଏଣ୍ଟ୍ରି ଟୁ ବି.ଟେକ୍ ପରୀକ୍ଷା ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, ମେ ୧୨ରେ ଅଫ୍‌ଲାଇନ୍ ଓ ୧୩ରେ ଅନ୍‌ଲାଇନ୍ ଓଜେଇଇ ହେବାର ଥିଲା। କିନ୍ତୁ ବାତ୍ୟା 'ଫନୀ' ଯୋଗୁ ପରୀକ୍ଷା ଘୁଞ୍ଚାଯାଇଥିଲା। ତେବେ ଇଣ୍ଟରନେଟ୍ ସଂଯୋଗ ଠିକ୍ ହେବା ପରେ କେବେ ଅନ୍‌ଲାଇନ୍ ପରୀକ୍ଷା ହେବ, ତାହା ପରେ ସୂଚନା ଦିଆଯିବ ବୋଲି ଓଜେଇଇ ପକ୍ଷରୁ କୁହାଯାଇଛି। ଶନିବାର ହେବାକୁ ଥିବା ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କ ପୁରୁଣା ଆଡ୍‌ମିଟ୍ କାର୍ଡ ବୈଧ ରହିବ ବୋଲି ଓଜେଇଇ ଅଧ୍ୟକ୍ଷ ସୁଦୀପ କୁମାର ଚାନ୍ଦ ସୂଚନା ଦେଇଛନ୍ତି।

# ଶ୍ରୀମନ୍ଦିରରେ ନୃସିଂହ ଜନ୍ମ ନୀତି

**ପୁରୀ ଅଫିସ,୧୭।୫:** ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଅବତାରୀ। ତାଙ୍କଠାରୁ ସବୁ ଅବତାର ଆବିର୍ଭୂତ ହୋଇ ଯୁଗେ ଯୁଗେ ବିବିଧ ଲୀଳାମାନ ବିସ୍ତାର କରି ପୁନଶ୍ଚ ତାଙ୍କରିଠାରେ ଲୀନ ହୋଇଥାନ୍ତି ବୋଲି ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି। ସେହି ସ୍ମୃତିରେ ପ୍ରତିବର୍ଷ ଶୁକ୍ଳ ଚତୁର୍ଦ୍ଦଶୀରେ ବଡ଼ଦେଉଳରେ ଶ୍ରୀନୃସିଂହଙ୍କ ଜନ୍ମ ପାଳିତ ହେଉଛି। ଶୁକ୍ରବାର ବୈଶାଖ ମାସ ଶୁକ୍ଳ ଚତୁର୍ଦ୍ଦଶୀ ତଥା ନୃସିଂହ ଚତୁର୍ଦ୍ଦଶୀରେ ଶ୍ରୀମନ୍ଦିରରେ ନୃସିଂହ ଜନ୍ମ ନୀତି ସମ୍ପନ୍ନ ହୋଇଛି। ଯାତ ଭୋଗ ସରିବା ପରେ ଠାକୁର ଚନ୍ଦନକୁ ଯାଇଥିଲେ। ଏହାପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ବଢିଥିଲା। ଚନ୍ଦନରୁ ଠାକୁର ଫେରିବା ପରେ ହୋମ ପାଳିଆପଣ୍ଡା ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଘଣ୍ଟ, ଛତା, କାହାଳୀ ସହ ସିଂହଦ୍ୱାର ଓ ଦୋଳମଣ୍ଡପ ସାହି ଦେଇ ଚକ୍ରନାରାୟଣ ମନ୍ଦିରକୁ ଯାଇଥିଲେ। ସେଠାରେ ମହାପ୍ରଭୁଙ୍କ ଆଜ୍ଞାମାଳ ଚକ୍ରନାରାୟଣଙ୍କୁ ଲାଗିକରି ଫେରିଥିଲେ। ମହାପ୍ରଭୁଙ୍କ ମଇଲମ ହୋଇ ଆଳତି ବଢିଥିଲା। ପରେ ତିନିବାଡ଼ରେ ଠାକୁରଙ୍କ ପଞ୍ଚାମୃତ ମହାସ୍ନାନ ହୋଇଥିଲା। ସର୍ବାଙ୍ଗ ବଢିବା ପରେ ଠାକୁର ନୂଆ ଲୁଗା ଲାଗିହୋଇ ୬ମୂର୍ତ୍ତି ଅଳଙ୍କାର ଲାଗିହୋଇଥିଲେ। ପାଣି ପଡ଼ି ସନ୍ଧ୍ୟା ଧୂପ ନୀତି ବଢିବା ପରେ ମହାଜନ ସେବକ ମୁକ୍ତିମଣ୍ଡପ ଉପରକୁ ନୃସିଂହଙ୍କୁ ଖଟୁଲିରେ ବିଜେ କରାଇଥିଲେ। ନୃସିଂହ ମନ୍ଦିର ଭିତରେ ପତି ମହାପାତ୍ର ଏବଂ ମଣ୍ଡପ ଉପରେ ବିଜେ ନୃସିଂହଙ୍କ ପାଖରେ ପଣ୍ଡା ମହାସ୍ନାନ ପୂଜା କରିଥିଲେ। ଏହାପରେ ଉଭୟଙ୍କ ପାଖରେ ଶୀତଳ ଭୋଗ ପଞ୍ଚ ଉପଚାରରେ ପୂଜା ବଢି ବନ୍ଦାପନା ହୋଇଥିଲା। ମହାଜନେ ନୃସିଂହଙ୍କୁ ହାତରେ ବିଜେ କରାଇ ଆଣି ଝୁଲଣ ମଣ୍ଡପ ତଳେ ଥିବା ବିମାନରେ ବିଜେ କରାଇଥିଲେ। ବିମାନବଡ଼ୁମାନେ ନୃସିଂହଙ୍କୁ ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରାଇଥିଲେ। ସେଠାରେ ଭୋଗ ବନ୍ଦାପନା ସରିବା ପରେ ଠାକୁର ବାହୁଡ଼ା ବିଜେ କରିଥିଲେ। ନୃସିଂହ ବିଜେ କରିବା ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଆଳଟ ଲାଗିହୋଇ ଅନ୍ୟାନ୍ୟ ନୀତି ବଢିଥିଲା।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସୋମାଲିନି ପରିବାରବର୍ଗ


କାଭ୍ୟାଂଷ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## ଅଂଶୁଘାତରେ ୬ ମୃତ ...

ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ଗଞ୍ଜାମ, ଗଜପତି, ନବରଙ୍ଗପୁର, ମୟୂରଭଞ୍ଜ, ବାଲେଶ୍ୱର, କଟକ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଢେଙ୍କାନାଳ ଏବଂ କେନ୍ଦୁଝର ଜିଲାର କେତେକ ସ୍ଥାନରେ କାଳବୈଶାଖୀଜନିତ ଝଡ଼ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କସୂଚନା ଜାରିକରାଯାଇଛି।

## ଲୁଣା ନଦୀରେ ବୁଡ଼ି...

ଖୋଜାଖୋଜି କରିଥିଲେ । ଶେଷରେ ଗ୍ରାମର କେତେଜଣ ଯୁବକ ବାଡି ପାଖ ନଦୀ କଡେ କଡେ ଖୋଜି ଝିଅଟିକୁ ଠାବ କରିଥିଲେ । ମାତ୍ର ସେତେବେଳକୁ ଅର୍ଚ୍ଚିତା ପାଣି ପିଇ ଚେତାଶୂନ୍ୟ ଅବସ୍ଥାରେ ପଡି ରହିଥିଲେ । ପରିବାର ଲୋକେ ତାଙ୍କୁ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ । କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଦୁଃଖଦ ଘଟଣା ଗ୍ରାମରେ ଶୋକର ଛାୟା ଖେଳାଇ ଦେଇଛି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ନିଜ ବ୍ୟବହାରରେ ସଂଯମତା ଅଭାବରୁ ଅପ୍ରିୟ ସତ୍ୟ ଭାଷଣଜନିତ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ତଥାପି ଦ୍ୱିଜା ନକ୍ଷତ୍ର ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବାରେ ସମର୍ଥ ହେବେ। ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇପାରେ। ଅଧ୍ୟାପନା, କ୍ରୀଡ଼ା, ସଙ୍ଗୀତ ତଥା ପ୍ରତିଯୋଗିତା କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ** ଏକାଧିକ ଚିନ୍ତା ଓ ଚେତନା ମଧ୍ୟରେ ମାନସିକ ସ୍ଥିରତା ଆଦୌ ରହିବ ନାହିଁ। ଅଫିସ୍ କାମରେ ବ୍ୟସ୍ତ ଥିବା ସମୟରେ ହଠାତ୍ ଜଣେ ଅପରିଚିତାଙ୍କ ସହ ଦେଖା ହେବ ଏବଂ ସେହି ଭଦ୍ର ମହିଳାଙ୍କ ନିକଟରୁ ସାହାଯ୍ୟର ପ୍ରତିଶ୍ରୁତି ପାଇ ଟେନସନ୍ ଦୂର ହୋଇପାରେ। ଶୁକ୍ରଙ୍କ ପ୍ରଭାବରୁ ବ୍ୟବହାରରେ ଅନ୍ୟମାନଙ୍କ ନିକଟତର ହୋଇପାରିବେ।

**ମିଥୁନ** ଅଭାବ ଅସୁବିଧା ନ ଥିଲେ ମଧ୍ୟ ଟଙ୍କା ଖର୍ଚ୍ଚ କରିବାରେ କୁଣ୍ଠା ପ୍ରକାଶ କରି ସମାଲୋଚିତ ହୋଇପାରନ୍ତି। ବନ୍ଧୁଙ୍କ ନିକଟରେ ମନକଥାକୁ ଲୁଚାଇ ରଖିପାରିବେ ନାହିଁ । ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ନୂତନ ସ୍ଥାନ ପରିଦର୍ଶନ, ସତ୍‌ସଙ୍ଗ ଓ ଆଧ୍ୟାତ୍ମିକତାରୁ ଶାନ୍ତି ଲାଭ କରିବେ।

**କର୍କଟ** ସାମୟିକ ପ୍ରତିବନ୍ଧକ ଆପଣଙ୍କ ଅର୍ଥ, ଦ୍ରବ୍ୟ ଲାଭରେ ଅନ୍ତରାୟ ସୃଷ୍ଟି କରିପାରିବ ନାହିଁ । ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଦିନ ଦୁଇଟା ପରେ ପାଇଯିବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ସଫଳତା ହାସଲ କରିବେ। ଗଣତନ୍ତ୍ରର ପ୍ରତୀକ ଶନି ଚତୁର୍ଥ ଗୃହ ମଣ୍ଡନ କରି ଆଇନ, ଅଦାଲତ କ୍ଷେତ୍ରରେ ଉନ୍ନତମାନର ଫଳ ପ୍ରଦାନ କରିବେ।

**ସିଂହ** କର୍ମକ୍ଷେତ୍ରରେ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡିବ। ଆର୍ଥିକ ଦୁରବସ୍ଥା କାରଣରୁ ଇଚ୍ଛା କଲେ ମଧ୍ୟ କୌଣସି ଜିନିଷ କିଣି ନ ପାରି ମନ ଦୁଃଖ କରିପାରନ୍ତି। ହଠାତ୍ ଶତ୍ରୁମାନଙ୍କ ମିତ୍ର ଭଳି ଆଚରଣ ଆପଣଙ୍କୁ ବିସ୍ମୟାଭିଭୂତ କରିପାରେ। ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ନିତାନ୍ତ ଆବଶ୍ୟକ।

**କନ୍ୟା** ବନ୍ଧୁମାନଙ୍କ ଅନୁରୋଧରେ କୌଣସି ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବିଚାରବିମର୍ଶ ଚଳାଇ ପାରନ୍ତି। ସ୍ୱାର୍ଥ ହାନି ଆଶଙ୍କାରେ ଭଲ ସମ୍ପର୍କ ଥିବା ଆତ୍ମୀୟମାନେ ଭୁଲ୍ ବୁଝି ଅର୍ଥକୁ ଅନର୍ଥ କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରି ଉପକୃତ ହୋଇପାରନ୍ତି। ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କଲେ ଦ୍ୱନ୍ଦ୍ୱରେ ପଡ଼ିବାକୁ ହେବ।

**ତୁଳା** ଆଜିର କାମଗୁଡ଼ିକ ସହଜରେ ସମ୍ପନ୍ନ ନ ହୋଇ ବିଶୃଙ୍ଖଳିତ ରହିବ। ନିଷ୍ପତ୍ତି ପରିବର୍ତ୍ତନ କଲେ ବିରୋଧାତ୍ମକ ପରିସ୍ଥିତି ସୃଷ୍ଟି ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କଲେ ପରେ ଅନୁତାପ କରିବାକୁ ସମୟ ପାଇବେ ନାହିଁ। ହଠାତ୍ ବନ୍ଧୁଙ୍କ କୌଣସି ଘଟଣା ମନକୁ ବିବ୍ରତ କରିପାରେ । ସଭାସମିତିରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ବିଛା** ସ୍ୱାସ୍ଥ୍ୟ ସମସ୍ୟା ଉଦ୍‌ବେଗଜନକ ନ ହେଲେ ମଧ୍ୟ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ପ୍ରଶାସନିକ ସ୍ତରରେ, ପ୍ରକାଶନ କ୍ଷେତ୍ରରେ, ଶିଳ୍ପ, ବାଣିଜ୍ୟରେ ସମସ୍ୟା ଦୂର ହୋଇପାରେ। ଅନୁରାଧା ନକ୍ଷତ୍ର ବିଗତ ଦିନଗୁଡ଼ିକର କଥାକୁ ନେଇ ଦୁଃଖରେ ରହିବାକୁ ବାଧ ହେବେ। ସମ୍ପର୍କୀୟ ବନ୍ଧୁମାନଙ୍କ ସହ ଭୁଲ୍ ବୁଝାମଣା କେତେକାଂଶରେ କମିପାରେ।

**ଧନୁ** ପରିବାରରେ ଅଶାନ୍ତି, ନିଜ ଲୋକଙ୍କ ଅନାସ୍ଥାଭାବ ମାନସିକ ଅସୁସ୍ଥତାର କାରଣ ହୋଇପାରେ। ଆଧ୍ୟାତ୍ମିକତା, ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ସାମାଜିକ ସ୍ତରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ବାଧ ହେବେ। ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତ ହୋଇପାରନ୍ତି।

**ମକର** କାର୍ଯ୍ୟବ୍ୟସ୍ତତା ବୃଦ୍ଧି ହେତୁ ଜମା ଫୁରୁସତ୍ ପାଇବେ ନାହିଁ। ଉଚ୍ଚ ପଦାଧିକାରୀଙ୍କ ସହ ମତପାର୍ଥକ୍ୟ କାରଣରୁ ବିକଳ୍ପ ଚିନ୍ତା କରିବେ। ଆଗାମୀ ମାଙ୍ଗଳିକ ଉତ୍ସବ ପରିପ୍ରେକ୍ଷୀରେ ଅନ୍ୟମାନଙ୍କ ପରି ଖୁସି ହୋଇପାରିବେ ନାହିଁ । ଅସୁସ୍ଥତା ଅନୁଭବ କରିପାରନ୍ତି। ପରିବାରରୁ ସ୍ନେହ ଓ ସହାନୁଭୂତି ନ ପାଇ ଭାବପ୍ରବଣ ହୋଇପାରନ୍ତି।

**କୁମ୍ଭ** ପାରିବାରିକ ଜୀବନକୁ କେତେକାଂଶରେ ପ୍ରଭାବିତ କରି ରଖିବ। ଯାନବାହନ, ଲୋକ ସମ୍ପର୍କ, ଘରୋଇ କଥା, ଆନୁଷ୍ଠାନିକ ତଥା ସାମାଜିକ କାମରେ କଳହ ସୃଷ୍ଟି ହୋଇପାରେ। ଅବଶ୍ୟ ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ମୂଲ୍ୟବାନ ଅଳଙ୍କାର ଓ ବସନ ଭୂଷଣ କ୍ରୟ କରିପାରନ୍ତି।

**ମୀନ** କର୍ମକ୍ଷେତ୍ରରେ କେତେକ ନୂତନ ସୁଯୋଗ ପାଇବାର ମାର୍ଗ ଉନ୍ମୋଚିତ ହୋଇପାରେ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ ଓ ସହମତି ମାଧ୍ୟମରେ କାମ କରିପାରିବେ କିନ୍ତୁ ଆନୁଷ୍ଠାନିକ ଭାବେ କାମରେ ଖର୍ଚ୍ଚଣି ବଢ଼ିଯିବ। ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିପାରନ୍ତି। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ।

ଆଜି ବୈଶାଖ ମାସର ଚନ୍ଦନ ପୂର୍ଣ୍ଣମୀ ଶନିବାର, ବୈଶାଖ ବ୍ରତ ସମାପନ, ମେ ୧୮ ତାରିଖ, ସଂଗ୍ରହାଳୟ ଦିବସ, ରାଶି ନକ୍ଷତ୍ର-ବିଶାଖା/ତୁଳା, ପୂର୍ଣ୍ଣମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧।୧୩ମି. ଗତେ ଘ୧।୨୦ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୪୯ମି. ଗତେ ଘ୮।୨୬ମି. ମଧ୍ୟରେ ମାହେନ୍ଦ୍ରବେଳା । ଦିବା ଘ୮।୨୮ମି. ଗତେ ଘ୧୦।୦୫ମି. ମଧ୍ୟେ ରାହୁକାଳ।

## କ୍ଷମତାକୁ ଫେରିବାର ...

କାରଣଗୁଡ଼ିକୁ ନେଇ ସଂଖ୍ୟାଗରିଷ୍ଠତା ହାସଲ କରିଥିଲେ। କିନ୍ତୁ ୨୦୧୪ରେ ପ୍ରଥମଥର ଲାଗି ଲୋକେ ଅନ୍ୟ ଏକ ଦଳ ସପକ୍ଷରେ ସମ୍ପୂର୍ଣ୍ଣ ଜନାଦେଶ ଦେଇଥିଲେ। ୨୦୧୯ରେ ସେମାନେ ଆଉଥରେ ଦ୍ୱିତୀୟ ସୁଯୋଗ ଦେବାକୁ ଯାଉଛନ୍ତି ବୋଲି ମୋଦି ପ୍ରକାଶ କରିଥିଲେ। ଏହାସହ ସେ ନିର୍ବାଚନରେ ନିଜ ଅନୁଭୂତିକୁ ଅତ୍ୟନ୍ତ ସନ୍ତୋଷଜନକ ବୋଲି ଅଭିହିତ କରି ଭୋଟରଙ୍କୁ ଧନ୍ୟବାଦ ଦେଇଛନ୍ତି। ସଚ୍ଚୋଟତାର ଯାତ୍ରାକୁ ବଜାୟ ରଖିବା ପାଇଁ ଜନସାଧାରଣଙ୍କ ସମର୍ଥନ ଭିକ୍ଷା କରି ମୋଦି କହିଛନ୍ତି, ୨୦୧୪ ମେ ୧୭ କ୍ଷମତା ଭୋକିଲାଙ୍କ ଲାଗି ବିପର୍ଯ୍ୟୟ ଆଣିଦେଇଥିଲା। ୨୦୧୪ ସାଧାରଣ ନିର୍ବାଚନ ପରି ଏଥର ମଧ୍ୟ ଦେଶବାସୀ ତାଙ୍କ ଉପରେ ଆଶୀର୍ବାଦ ଅଜାଡ଼ି ଦେବେ। ନୂଆ ସରକାର ଯଥାଶୀଘ୍ର ଯଥାସମ୍ଭବ କାର୍ଯ୍ୟ ଆରମ୍ଭ କରିବ। ପୂର୍ବରୁ ନିର୍ବାଚନ ବେଳେ ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍(ଆଇପିଏଲ୍)କୁ ଦେଶବାହାରେ ଆୟୋଜନ କରାଯାଉଥିଲା। ହେଲେ ଏବେ ରମଜାନ, ଆଇପିଏଲ୍, ଇଷ୍ଟର, ହନୁମାନ ଜୟନ୍ତୀ, ରାମନବମୀ, ନବରାତ୍ରି ଓ ପିଲାଙ୍କ ପରୀକ୍ଷା ସହ ନିର୍ବାଚନ କରାଯାଉଛି ବୋଲି ମୋଦି କହିଛନ୍ତି।

ମୋଦି ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ଦିନଠୁ ଦିନେ ହେଲେ କୌଣସି ଖବରଦାତା ସମ୍ମିଳନୀକୁ ସାମ୍ନା କରିନାହାନ୍ତି ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସମେତ ବିରୋଧୀ ଦଳଗୁଡ଼ିକର ନେତାମାନେ ସମାଲୋଚନା କରିଆସୁଥିବାବେଳେ ଭୋଟଗଣତିର ସପ୍ତାହେ ପୂର୍ବରୁ ତାଙ୍କୁ ଏହି ଭୂମିକାରେ ଦେଖିବାକୁ ମିଳିଛି। ହେଲେ ଖବରଦାତାଙ୍କ ଗୋଟିଏ ହେଲେ ପ୍ରଶ୍ନର ଉତ୍ତର ଦେଇନାହାନ୍ତି ମୋଦି। ସେ ନିଜକୁ ଭାଜପାର ଜଣେ 'ଶୃଙ୍ଖଳିତ ସୈନ୍ୟ' ଭାବେ ଅଭିହିତ କରି ପ୍ରଶ୍ନଗୁଡ଼ିକୁ ଏଡାଇ ଦେଇ ଦଳ ମୁଖ୍ୟ ଶାହଙ୍କ ଉପରେ ଉତ୍ତର ଛାଡ଼ିଦେଇଥିଲେ। ଶାହ କହିଥିଲେ, ଭାଜପା ୩୦୦ରୁ ଉର୍ଦ୍ଧ୍ୱ ଆସନ ଦଖଲ କରିବ, ଯାହାକି ସରକାର ଗଠନ ପାଇଁ ପର୍ଯ୍ୟାପ୍ତ। ଏହା ଦେଶର ପ୍ରଧାନମନ୍ତ୍ରୀ ବାଛିବାର ନିର୍ବାଚନ। ନରେନ୍ଦ୍ର ମୋଦି ପୁଣିଥରେ ପ୍ରଧାନମନ୍ତ୍ରୀ ହେବେ। ଏହା ପୂର୍ବରୁ ମୋଦି ମଧ୍ୟପ୍ରଦେଶର ଏକ ନିର୍ବାଚନୀ ସଭାରେ ମଧ୍ୟ ୩୦୦ରୁ ଅଧିକ ଆସନ ଜିତି ସରକାର ଗଢ଼ିବା ନେଇ ଦୃଢ଼ୋକ୍ତି ବାଢ଼ିଥିଲେ। କଶ୍ମୀରରୁ କନ୍ୟାକୁମାରୀ ଓ କଚ୍ଛରୁ କାମରୂପ ଯାଏ ସାରା ଦେଶ କହୁଛି ଏଥର ୩୦୦ ପାର, ପୁଣିଥରେ ମୋଦି ସରକାର। ଅନ୍ୟପକ୍ଷରେ ମୋଦିଙ୍କୁ କଂଗ୍ରେସ ମୁଖ୍ୟ ରାହୁଲ ତାଚ୍ଛଲ୍ୟ କରିଛନ୍ତି। ଅଭିନନ୍ଦନ ମୋଦିଜୀ, ଉତ୍କୃଷ୍ଟ ଖବରଦାତା ସମ୍ମିଳନୀ। ଯୁଦ୍ଧର ଅଧା ଦେଖାଇଲେ। ପରବର୍ତ୍ତୀ ସମୟରେ ଆପଣଙ୍କୁ ଦୁଇଟି ପ୍ରଶ୍ନର ଉତ୍ତର ଦେବାକୁ ଶାହ ଅନୁମତି ଦେଇପାରନ୍ତି ବୋଲି ରାହୁଲ ଟୁଇଟ୍ କରିଛନ୍ତି।

## ୬ ବର୍ଷରେ ୧୮ ହଜାର ...

ବିଭୀଷିକାକୁ ବର୍ଷେ ପୂରଣ ହୋଇ ନ ଥିବା ବେଳେ ଅଦିନିଆ ସାମୁଦ୍ରିକ ଝଡ଼ ଫନୀ ମେ ୩ ତାରିଖରେ ରାଜ୍ୟର ୧୪ଟି ଜିଲାରେ ବ୍ୟାପକ କ୍ଷୟକ୍ଷତି କରିଛି। ପୁରୀ ଓ ରାଜଧାନୀ ଭୁବନେଶ୍ୱରକୁ ଛାରଖାର କରିଦେଇଛି। ଏହି ବାତ୍ୟାରେ ରାଜ୍ୟର ୧୨ ହଜାର କୋଟି ଟଙ୍କା କ୍ଷୟକ୍ଷତି ହୋଇଛି। ୬୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ବିଦ୍ୟୁତ୍, ପାନୀୟ ଜଳ, ଘରଦ୍ୱାର ଓ ସବୁଜ ବଳୟ ଧ୍ୱଂସ ହୋଇଯାଇଛି। କେନ୍ଦ୍ର ସରକାର ମଧ୍ୟ ଏକଥା ମାନିଛନ୍ତି ଯେ, ପ୍ରାକୃତିକ ବିପତ୍ତି ଯୋଗୁ ୨୦୧୮-୧୯ରେ ଦେଶର ସବୁଠାରୁ ଅଧିକ ଶସ୍ୟହାନି ଓଡ଼ିଶାରେ ହୋଇଛି। ୨୦୧୯ ମେ ସୁଦ୍ଧା ଓଡିଶାର ୫.୪ ଲକ୍ଷ ହେକ୍ଟର ଶସ୍ୟ ଉଜୁଡି ଯାଇଛି। ୨୦୧୩-୧୪ ପରେ ଗତ ୫ ବର୍ଷ ମଧ୍ୟରେ ଏହି କ୍ଷତି ହେଉଛି ଦେଶର ସର୍ବ ବୃହତ୍। ୨୦୧୮-୧୯ ମେ ମାସ ସୁଦ୍ଧା ୧,୯୫୦ କୋଟି ଟଙ୍କାର କ୍ଷତି ହୋଇଛି। ଏହି ସମୟରେ ପ୍ରାକୃତିକ ବିପତ୍ତି ଯୋଗୁ ରାଜ୍ୟର ଚାଷୀମାନେ ହେକ୍ଟର ପିଛା ୩୬ ହଜାର ୬୦୦ ଟଙ୍କାର କ୍ଷତି ସହିଛନ୍ତି। ବାତ୍ୟା ଦୁର୍ଦ୍ଦଶାରୁ ମୁକ୍ତି ମିଳି ନ ଥିବା ବେଳେ ରାଜ୍ୟ ପୁଣି ଏକ ପ୍ରାକୃତିକ ବିପତ୍ତି ମରୁଡିକୁ ସମ୍ମୁଖୀନ ହେବାକୁ ଯାଉଛି। ଚଳିତ ବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ବିଳମ୍ବରେ ଆସିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆଶାନୁରୂପ ବର୍ଷିବ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଲାଣି। ଯଦି ରାଜ୍ୟରେ ଅନାବୃଷ୍ଟି ପରିସ୍ଥିତି ସୃଷ୍ଟି ହୁଏ ତେବେ ଧାନ ଚାଷ ଉପରେ ଏହାର ଗଭୀର ପ୍ରଭାବ ପଡ଼ିବା ଏକ ପ୍ରକାର ନିଶ୍ଚିତ । ଭୂତଳ ଜଳସ୍ତର ଦ୍ରୁତିଗତିରେ ହ୍ରାସ ପାଉଥିବାରୁ ଚଳିତ ବର୍ଷ ଦେଶର ଅଧିକାଂଶ ଭାଗରେ ମରୁଡି ଦେଖାଦେବା ଆଶଙ୍କା ରହିଛି ବୋଲି ପାଣିପାଗ ବିଶେଷଜ୍ଞ ଅନୁମାନ କଲେଣି। ରାଜ୍ୟରେ ଏପରି ଧାରା ଜାରି ରହିଲେ ଆଗାମୀ ଦିନରେ ରାଜ୍ୟ ରାଜକୋଷ ଉପରେ ପ୍ରବଳ ଚାପ ପଡିବା ସହ ଆର୍ଥିକ ଅଭିବୃଦ୍ଧି ହାର ତଳକୁ ଖସିଯିବ ବୋଲି ଅର୍ଥନୀତି ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି।

## ନବୀନ ପ୍ରଧାନମନ୍ତ୍ରୀ...

ରାଜ୍ୟ ତଥା ରାଜନୀତିରେ ହଟଚମଟ ସୃଷ୍ଟିକରିବା ଭଳି ଏକ ଖବର ଶୁକ୍ରବାର ପ୍ରକାଶ ପାଇଛି। ତାହାପୁଣି ବିଜେଡିରୁ ଆସିଛି। ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ପ୍ରଧାନମନ୍ତ୍ରୀ ହେବାକୁ ଯୋଗ୍ୟ। ରାଜ୍ୟ ତଥା ଦେଶର ବହୁ ଜନସାଧାରଣ ନବୀନଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଦେଖିବାକୁ ଚାହାନ୍ତି। ନବୀନବାବୁ ପ୍ରଧାନମନ୍ତ୍ରୀ ହେଲେ ଓଡିଶା ପାଇଁ ଏହା ସୌଭାଗ୍ୟର କଥା। ଅତୀତରେ ବିଜୁବାବୁ ପ୍ରଧାନମନ୍ତ୍ରୀ ହେବେ ବୋଲି ଚର୍ଚ୍ଚା ଉଠିଥିଲା। ମାତ୍ର କଂଗ୍ରେସ ସମର୍ଥନରେ ପ୍ରଧାନମନ୍ତ୍ରୀ ହେବା ଅନୁଚିତ। କାରଣ ଅଧିକାଂଶ ସମୟରେ କଂଗ୍ରେସ ଅନ୍ୟକୁ ପ୍ରଧାନମନ୍ତ୍ରୀ କରି ପଛରୁ ଗୋଡ ଟାଣିବାର ନଜିର ରହିଛି। ବିଜେଡି ଆଉ ପୂର୍ବଭଳି ସମଦୂରତ୍ୱ ନୀତି ଆପଣାଇବ ନାହିଁ। ଯେଉଁ ଜାତୀୟ ଦଳ ଓଡିଶାର ସ୍ୱାର୍ଥ କଥା କହିବ, ରାଜ୍ୟକୁ ସାହାଯ୍ୟ କରିବ ତାକୁ ବିଜେଡି ସମର୍ଥନ ଦେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫନୀ ପ୍ରଭାବିତ ଅଞ୍ଚଳର ପୁନରୁଦ୍ଧାର ପାଇଁ ୧ହଜାର କୋଟି ଟଙ୍କା ଦେଇଥିବାରୁ ତାଙ୍କୁ ଧନ୍ୟବାଦ। ପରେ ଆହୁରି ୧୩ହଜାର କୋଟି ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ସୂର୍ଯ୍ୟ ପାତ୍ର କହିଛନ୍ତି।

ଅନ୍ୟପଟେ ଦେଶର ପ୍ରଧାନମନ୍ତ୍ରୀ କିଏ ହେବ ସେକଥା ନିର୍ବାଚନ ଫଳାଫଳ ଏବଂ ବିଭିନ୍ନ ଦଳର ଗ୍ରହଣୀୟତା ଉପରେ ନିର୍ଭର କରିଥାଏ। ଏସବୁକୁ ଲକ୍ଷ୍ୟ କଲେ ଗୋଟିଏ କଥା ଗତ ୫ ବର୍ଷରେ ଦେଖିବାକୁ ମିଳିଛି, ଜାତୀୟ ଅପେକ୍ଷା ରାଜ୍ୟ ରାଜନୀତିକୁ ମୁଖ୍ୟମନ୍ତ୍ରୀ ସଦାସର୍ବଦା ଗୁରୁତ୍ୱ ଦେଇ ଆସିଛନ୍ତି। ଜାତୀୟ ରାଜନୀତିକୁ ନେଇ ସେମିତି କୌଣସି ମହତ୍ତ୍ୱାକାଂକ୍ଷା ନ ଥିବା ପୂର୍ବରୁ ମୁଖ୍ୟମନ୍ତ୍ରୀ କହିସାରିଛନ୍ତି। ଏଭଳି ସ୍ଥିତିରେ ସୂର୍ଯ୍ୟ ପାତ୍ରଙ୍କ ଭଳି ଜଣେ ଅଭିଜ୍ଞ ଓ ବରିଷ୍ଠ ନେତା ମୁଖ୍ୟମନ୍ତ୍ରୀଙ୍କ କଥା ବାହାରକୁ ଚାଲିଯିବା ଏବଂ ବିଜେଡି ସମଦୂରତ୍ୱ ନୀତି ରକ୍ଷା ନ କରି କୌଣସି ଏକ ଜାତୀୟ ଦଳ ସପକ୍ଷରେ ଯିବାର ଇଙ୍ଗିତ ଦେବା ପ୍ରସଙ୍ଗ ସମସଙ୍କୁ ଚକିତ କରିଛି। ୨୦୧୪ ସାଧାରଣ ନିର୍ବାଚନ ପରେ ଲୋକ ସଭାରେ ଉଠିଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିଜେଡି ଏମ୍‌ପିମାନେ ପ୍ରତ୍ୟକ୍ଷ ହେଉ କିମ୍ବା ପରୋକ୍ଷରେ ଏନ୍‌ଡିଏକୁ ସୁହାଇଲା ଭଳି ଆଭିମୁଖ୍ୟ ଗ୍ରହଣ କରିବାରୁ ସାମ୍ପ୍ରତିକ ରାଜନୈତିକ ଚିତ୍ରପଟରେ ଭିନ୍ନ ସମୀକରଣର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। । ଅନ୍ୟପଟେ ମୋଦି ପ୍ରଧାନମନ୍ତ୍ରୀ ହେବା ପରଠାରୁ ତାଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ବିଜେଡି ସରକାରର ତୁରନ୍ତ ସମର୍ଥନ ମିଳିଥିବାର ନଜିର ରହିଛି। ସେହିପରି ମୋଦିଙ୍କ ବିରୋଧରେ ଦେଶରେ ମେଳି ବାନ୍ଧିଥିବା ବିରୋଧୀ ମେଣ୍ଟ ପକ୍ଷରୁ ନବୀନଙ୍କୁ ଏକାଧିକବାର ନିମନ୍ତ୍ରଣ କରାଯିବା ସତ୍ତ୍ୱେ ସେ ସେଥିରୁ ଦୂରେଇ ରହି ଆସିଛନ୍ତି। ଏଭଳି ସମୟରେ ସୂର୍ଯ୍ୟ ପାତ୍ର ମୋଦିଙ୍କୁ ପ୍ରଶଂସା ଏବଂ କଂଗ୍ରେସ ସମର୍ଥନକୁ ନିନ୍ଦା କରିବା କଥା କହିବା ଏନ୍‌ଡିଏ ପ୍ରତି ବିଜେଡିର ଦୁର୍ବଳତା ଥିବା ଚର୍ଚ୍ଚାକୁ ବଢାଇଦେଇଛନ୍ତି। ନିର୍ବାଚନ ପରେ କେତେକ ରାଜ୍ୟର ଆଞ୍ଚଳିକ ଦଳ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଚାଲିଥିବା ଚର୍ଚ୍ଚା ସମୟରେ ନବୀନ ପ୍ରଧାନମନ୍ତ୍ରୀ ହେଲେ ଭଲ ହେବ ବୋଲି ଉଠିଥିବା ଆଲୋଚନା କିଛି ଭିନ୍ନ ସଙ୍କେତ ଦେଉଛି।

କଂଗ୍ରେସର ବରିଷ୍ଠ ନେତା ଶରତ ରାଉତଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି, ନରେନ୍ଦ୍ର ମୋଦି ମଧ୍ୟ ମୁଖ୍ୟମନ୍ତ୍ରୀରୁ ଯାଇ ଦେଶର ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଯଦି ନବୀନବାବୁ ପ୍ରଧାନମନ୍ତ୍ରୀ ହୁଅନ୍ତି ତେବେ ମୋଦିଙ୍କଠାରୁ ଭଲ କାମ କରିବେ। ସୂର୍ଯ୍ୟ ପାତ୍ର ଯାହା କହିଛନ୍ତି ସେଥିରେ କିଛି ବିସ୍ମିତ ହେବାର ନାହିଁ। କେବଳ ମୋଦିଙ୍କ ସମୟରେ ଦେଶର ଦୁର୍ଭାଗ୍ୟ ଯାହା ଅଛି ତାହା ଆହୁରି ବଢିଯିବ। କଂଗ୍ରେସ କେବେ ହେଲେ ବିଜେଡିକୁ ସମର୍ଥନ ମାଗିନି ଏବେ ମଧ୍ୟ ମାଗୁନାହିଁ। ଆଗକୁ ମଧ୍ୟ ବିଜେଡିର ସମର୍ଥନ କେବେହେଲେ କଂଗ୍ରେସ ମାଗାଯିବ ନାହିଁ। ବିଜେଡି ନେତା ନିଜ ମନଗଢା କଥା କହୁଛନ୍ତି, ଯାହାର କିଛି ମାନେ ନାହିଁ ବୋଲି ଶରତ କହିଛନ୍ତି।

ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି, ସ୍ୱପ୍ନ ଦେଖିବା ଓ ଚିନ୍ତା କରିବାକୁ କାହାରିକୁ ମନାନାହିଁ। କେହି ବି ପ୍ରଧାନମନ୍ତ୍ରୀ ହୋଇପାରିବ। ହେଲେ ଏଥର ସଂଖ୍ୟାଗରିଷ୍ଠତା ନେଇ ଏନ୍‌ଡିଏ ସରକାର କରିବାକୁ ଯାଉଛି। ଏହାର ସୁଫଳ ଭାଜପାର ସହଯୋଗୀ ଦଳଗୁଡିକୁ ମଧ୍ୟ ମିଳିବ। ହେଲେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଭଳି ଦେଶର ଉନ୍ନତି କଥା ଚିନ୍ତାକରି ଅକ୍ଳାନ୍ତ ପରିଶ୍ରମ କରିବା ଲୋକ କେହିନାହାନ୍ତି। ଏଥର ମୋଦି ପୁନର୍ବାର ପ୍ରଧାନମନ୍ତ୍ରୀ ହେବେ। ତେବେ କେଉଁ ଆଞ୍ଚଳିକ ଦଳ କୁଆଡେ ଢଳିବ, ବିଜେଡି କାହାକୁ ସମର୍ଥନ କରିବ ସେ କଥା ନିର୍ବାଚନ ଫଳାଫଳ ଆସିବା ପରେ ଜଣାପଡିବ ବୋଲି ବସନ୍ତ କହିଛନ୍ତି।

## classifieds Everyday
0674-2580101, 2549302




**SALE**

**Tata ACE-2 Nos. (Full body covered) For sale. Make: 2016-17, Please contact: Dilip Kumar, Mob: 9437032752.** D-12501

**HIRE**

JCB, Hitachi, Hyundai, Roller ଭଡ଼ା ନେବା ପାଇଁ ଯୋଗାଯୋଗ କରନ୍ତୁ। 8249328176. D-12515




**SALE**

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ 9337285332. D-66366

Stitiban Gharabari Plot 2675sqft with 3100sqft two storyed building for sale at Tankapani road, Bhubaneswar. Genuine buyers can Contact: 9437016461. D-66456

Book 2BHK/ 3BHK flat at GGP colony Rasulgarh, near Palasuni canal road. 9439716901. (Broker not allowed). D-66525

2BHK Simplex finishing 15,00,000/- Hanspal (Bank finance available)- 7790027610, 8093465134. D-66455

Prime land at Cuttack under CMC ward no.56 for sale, suitable for hospitals, go-down, apartment etc. Total area is 0.8 acres/20 guntha or 0.323 hectares on main road. Mouza - Subhadrapur. Please send your offer at email: primeland-cuttack@yahoo.com For queries contact- Mobile: 7381046301. D-12516

ପିତାପଲ୍ଲୀ- କଟକ Bypass 100ft. ରାସ୍ତାକୁ ଲାଗି କଣ୍ଟାବାଡ ଠାରେ ବାସଉପଯୋଗୀ ଆଦିବାସୀ plot ମିଳୁଅଛି। ଯୋଗାଯୋଗ: 8093636334. D-66460

ଭୁବନେଶ୍ୱର-ପିତାପଲ୍ଲୀ NH-16 ନିକଟରେ (Tata Motors ସାମ୍ନାରେ) ଆବାସିକ plot ମିଳୁଅଛି। ଯୋଗାଯୋଗ: 8093636334. D-66461

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 8908292617.** D-12548

ଭୁବନେଶ୍ୱର ଗଙ୍ଗପଡ଼ା NH side plot 1200 ବର୍ଗଫୁଟକୁ 4,18,000/-, କିଛି ଦୂରତାରେ 1,44,000/- 7682934667, 6371207316. D-66372

Bhubaneswar Patia New Railway Station ଠାରେ ସ୍ଥିତିବାନ demarcated plot sqft. 500/-, 700/- 9337505891, 7978286401. D-66375

Purchase 1200 sqft. land BJEM-(2) monthly installment 10,000/- simplex Tankapani road Sai Temple 20,50,000/-, Badagada canal road. Plots available, 7735738102. D-12533

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-12549

Bank and ORERA approved under-construction apartment project at Patia 3BHK 67lacs, 2BHK 56lacs, at Tamando 3BHK 37lacs, 2BHK 28lacs. 9438749776, 9337951595. D-12546




300 sqft. Shop for Medicine, Etc., A/43, near Reliance fresh, Ruchika Market, Baramunda, Bhubaneswar: 8763246739. D-58085

1 Lac sqft. area for godown stockyard per sqft Rs.5 NH-16 near Khurdha Collector Office, 7735899789, 8847897226. D-12481




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech: 9040008777.** D-12550




Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Summer special mesmerizing offer expert therapeutic refreshing massage appointment. 9668374480. D-66521

Full body massage with refreshment, expert therapist. 7381239385, 0674-2540855. D-66517

Experience full body massage with us (expert). Call: 7377048581, 0674-2597822. D-66518

Herbal full body massage by smart/expert therapist. Contact: 8338067247. D-66519

Newly opening ayurvedic body massage smart therapist, Shree herbal. 7750020754. D-66520

Physiotherapy, full body massage by trained ladies/ gents therapy: 7008773793 D-66454

**AFFIDAVIT**

ଆମ୍ଭେ ରମେଶ ସାହୁ, ବୟସ-୪୩, ପିତା- ମନ୍ଦର ସାହୁ, ସା- ଗୋପୀନାଥପୁର, ପୋ- ଅଣଖିଆ, ଥାନା- ବିରିଡ଼ି, ଜି- ଜଗତ୍‌ସିଂହପୁର, ଘୋଷଣା କରୁଅଛି କି ମୋର ଖତିୟାନା ନଂ.୩୨୯ରେ ମୋର ନାମ ସହ ସାଂଙ୍କା ସାମଲ ରହିଛି। କିନ୍ତୁ ଆଧାର କାର୍ଡ, ଡ୍ରାଉଭିଂ ଲାଇସେନ୍ସ ଏବଂ ପାନ କାର୍ଡରେ ସାଂଙ୍କା ସାହୁ ରହିଛି। ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ଜଗତ୍‌ସିଂହପୁରଙ୍କ ସମ୍ମୁଖରେ ତା ୧୬।୦୫।୨୦୧୯ ରେ ସତ୍ୟପାଠ ଦ୍ୱାରା ଘୋଷଣା କରୁଅଛି କି ରମେଶ ସାମଲ ଓ ରମେଶ ସାହୁ ଜଣେ ବ୍ୟକ୍ତି ଅଟନ୍ତି। ଧ-୧୨୫୩୭

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

**ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା**



**ସୋମାଲିନି ପ୍ରିୟଦର୍ଶନୀ**
ରଗଡି ସାହି, ଢେଙ୍କାନାଳ
ତୋର ଦ୍ୱିତୀୟ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଭଲରେ ରଖନ୍ତୁ।
ଶୁଭେଚ୍ଛା ସହ
ଜେଜେମା, ଆଈ, ଅଜା, ମାଈଁ, ମାମୁଁ, ମାଉସୀ, ମଉସା, ପିଇସୀ, ପିଇସା, ବଡ଼ ମା, ବଡ଼ ବାପା, ଖୁଡ଼ୀ, ଦାଦା, ଦିଦି, ଭାଇ, ମା, ବାପା ଓ ବନ୍ଧୁ ପରିବାର। ଧ-୬୨୦୯୮

**10th Birthday Wish**



**Shwetika Simran**
**Bhuban, Dhenkanal**
May God always bless you and keep you happy, healthy and prosperous.
**With best wishes from: Papa, Mama, Bada Papa, Bada Mama, Bhai, Didi, Piusa, Nana, Aja, Aee, Mamu, Mousee and others.** D-12551

**ଜନ୍ମଦିନ ଶୁଭେଚ୍ଛା**



**କାଭ୍ୟାଂଷ ମିଶ୍ର**
ଗଡ଼ମଧୁପୁର, ଧର୍ମଶାଳା, ଯାଜପୁର
ପ୍ରଥମ ଜନ୍ମବାର୍ଷିକୀ ଉପଲକ୍ଷେ ତୋତେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭ ଆଶୀର୍ବାଦ। ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ମଙ୍ଗଳାଙ୍କ କୃପାରୁ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ, ଏହାହିଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା।
ସୁରେନ୍ଦ୍ର ମିଶ୍ର (ଜେଜେ), ଭାରତୀ ମିଶ୍ର (ଜେଜେ ମାଆ), ପ୍ରଦୀପ୍ତ, ପ୍ରଜ୍ଞା, ପ୍ରବୋଧ, ବିଜୟନୀ, ଆଶିଷ, ପ୍ରିୟାଂଷି, ଅଜା, ଆଈ, ମାମୁଁ, ମାଉସୀ, ସାନ ଜେଜେ, ସାନ ଜେଜେ ମାଆ, ବଡ଼ ଜେଜେ ମାଆ, ବନ୍ଧୁ ଓ ପରିବାରବର୍ଗ। ଧ-୧୨୫୪୪

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଆଜି କ୍ୟାବିନେଟ୍

**ଭୁବନେଶ୍ୱର,୧୭।୫(ବ୍ୟୁରୋ):** ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ଅପରାହ୍ନ ୫ଟା ୪୫ମିନିଟ୍‌ରେ ସଚିବାଳୟଠାରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ହେବାକୁ ଥିବା ଏହି ବୈଠକରେ ପଞ୍ଚଦଶ ବିଧାନସଭାକୁ ଭଙ୍ଗ କରିବା ଲାଗି ରାଜ୍ୟପାଳଙ୍କୁ ସୁପାରିସ କରାଯିବାର କାର୍ଯ୍ୟକ୍ରମ ରହିଛି। ନୂଆ ସରକାର ଗଠନ ପୂର୍ବରୁ ବିଧାନସଭା ଭଙ୍ଗ କରିବାର ବ୍ୟବସ୍ଥା ରହିଛି। ଏହା ବ୍ୟତୀତ ଫନୀ ସମ୍ପର୍କିତ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇପାରେ ବୋଲି ମଧ ଶୁଣିବାକୁ ମିଳିଛି।

### ଚଢ଼ାଉ ବେଳେ ୧୮୦୦ ଲିଟର ପୋଚ ନଷ୍ଟ

**ଭୁବନ,୧୭।୫(ଡି.ଏନ.ଏ.):** ଢେଙ୍କାନାଳ ଜିଲା ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଶୁକ୍ରବାର ଭୁବନ ଅଞ୍ଚଳରେ ଚଢ଼ାଉ କରାଯାଇ ୧୮୦୦ ଲିଟର ମହୁଲ ପୋଚ ସହ ସମସ୍ତ ମଦ ରନ୍ଧା ସରଞ୍ଜାମ ନଷ୍ଟ କରାଯାଇଛି। ଢେଙ୍କାନାଳ ଏସ୍‌ପି ଅନୁପମା ଜେମ୍ସ ଓ ଅବକାରୀ ବିଭାଗ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଢେଙ୍କାନାଳ, କାମାକ୍ଷାନଗର ଓ ଭୁବନ ପୋଲିସ, ଅବକାରୀ ବିଭାଗ ପକ୍ଷରୁ ଭୁବନ ଥାନା ମହୁଲପାଳ, ମନ୍ଦାର ଓ ଅରିଲୋ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। କାମାକ୍ଷାନଗର ଉପଖଣ୍ଡ ଏସ୍‌ଡିପିଓ ଦାୟିତ୍ୱରେ ଥିବା ନାଗାର୍ଜୁନ ପ୍ରଧାନ, ସମ୍ବଲପୁର ଅବକାରୀ ସ୍କ୍ୱାଡ୍ ଗୁପ୍ତେଶ୍ୱର ପ୍ରଧାନ, ଅବକାରୀ ଇନ୍ସପେକ୍ଟର ସମୀର ମହାନ୍ତି, ମୋବାଇଲ ଇନ୍ସପେକ୍ଟର ରାଜଶେଖର ସାଇଁ, ଭୁବନ ଥାନା ଅଧିକାରୀ ନିର୍ମଳା ଗୋଚ୍ଛାୟତ, କାମାକ୍ଷାନଗର ଅବକାରୀ ସବ ଇନ୍ସପେକ୍ଟର ସସ୍ମାରାଣୀ ସାହୁଙ୍କ ସମେତ ସମସ୍ତ ଅବକାରୀ ଓ ପୋଲିସ କର୍ମଚାରୀମାନେ ଚଢ଼ାଉରେ ସାମିଲ ହୋଇଥିଲେ।

### ପଥଚାରୀଙ୍କୁ ଧକ୍କା ଦେଲା ବାଇକ୍, ୨ ମୃତ

**ପାପଡାହାଣ୍ଡି /ମଇଦଲପୁର, ୧୭।୫(ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକର ଜାତୀୟ ରାଜପଥ ୨୬ରେ ଶୁକ୍ରବାର ଏକ ଦୁର୍ଘଟଣାରେ ଦୁଇଜଣ ପ୍ରାଣ ହରାଇଛନ୍ତି। ମୃତକମାନେ ହେଲେ ଡାବୁଗାଁ ଥାନା ଅଧୀନ ଚାର ଗାଁର ଘନ ମିରିଗାନ(୫୫) ଓ ମଇଦଲପୁର କେନ୍ଦୁଗୁଡ଼ା ଗାଁର ତ୍ରିଲୋଚନ ନାୟକ (୨୧)। ପ୍ରକାଶ ଯେ, ଘନ ମଇଦଲପୁର ଗୋପିଗୁଡ଼ାରେ ରହୁଥିବା ନିଜ ପୁଅ ଘରକୁ ଚାଲି ଚାଲି ଯାଉଥିଲେ। ଏହି ସମୟରେ ତ୍ରିଲୋଚନ ନିଜ ବାଇକ୍(ଓଡ଼ି-୦୮ସି-୬୬୩୦)ରେ ଦ୍ରୁତ ଗତିରେ ଯାଉଥିବା ବେଳେ ଘନଙ୍କୁ ପଛପଟୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକେ ପୋଲିସକୁ ଏ ନେଇ ସୂଚନନା ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

■ ପର୍ଯ୍ୟଟନ ମନ୍ତ୍ରୀ, ସଂସ୍କୃତି ବିଭାଗ କମିଶନରଙ୍କ ରଘୁରାଜପୁର ଗାଁ ପରିଦର୍ଶନ

# କ୍ଷୟକ୍ଷତି ଅନୁଧାନ କଲେ, ସମସ୍ୟା ବୁଝିଲେ



ପର୍ଯ୍ୟଟନ ମନ୍ତ୍ରୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ପ୍ରମୁଖ ଶାସନ ସଚିବ ଶୁକ୍ରବାର ରଘୁରାଜପୁର ଗ୍ରାମ ବୁଲି କ୍ଷୟକ୍ଷତି ଅନୁଧ୍ୟାନ କରୁଛନ୍ତି।

■ ମୁକ୍ତାକାଶ ରଙ୍ଗମଞ୍ଚ, କ୍ରାଫ୍ଟ ସେଣ୍ଟରର ସ୍ଥିତି ଦେଖିଲେ
■ ଗାଁର ପୁନରୁଦ୍ଧାର ପାଇଁ ସହଯୋଗ ପ୍ରତିଶ୍ରୁତି ଦେଲେ

**ପୁରୀ ଅଫିସ,୧୭।୫**

ବାତ୍ୟାରେ ଛାରଖାର ହୋଇଯାଇଛି ଐତିହ୍ୟ ଗାଁ ରଘୁରାଜପୁର। ବହୁ ଶିଳ୍ପୀଙ୍କ ପଟ୍ଟଚିତ୍ର ବର୍ଷା ପବନରେ ନଷ୍ଟ ହୋଇଯାଇଥିବାବେଳେ ଅନ୍ୟାନ୍ୟ ହସ୍ତକଳା ବି କ୍ଷତିଗ୍ରସ୍ତ ହୋଇଛି। ଅନେକ ଘର ଭାଙ୍ଗିଯିବା ସହ ବିଭିନ୍ନ ଗୋଟିପୁଅ ଅନୁଷ୍ଠାନ ପ୍ରଭାବିତ ହୋଇଛି। ଖାଁ ଖାଁ ଲାଗୁଛି ଏହି ଗାଁ। ଶୁକ୍ରବାର ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ରଘୁରାଜପୁର ଗ୍ରାମ ପରିଦର୍ଶନ କରିଛନ୍ତି। ବାତ୍ୟାରେ ହୋଇଥିବା କ୍ଷୟକ୍ଷତି ଅନୁଧ୍ୟାନ କରିବା ସହିତ ଗାଁ ଲୋକଙ୍କ ସହ କଥା ହୋଇଛନ୍ତି। କିପରି ରଘୁରାଜପୁର ପୂର୍ବାବସ୍ଥାକୁ ଫେରିବ ସେ ଦିଗରେ ସରକାର ପଦକ୍ଷେପ ନେବା ଲାଗି ମନ୍ତ୍ରୀ ଏବଂ ପ୍ରମୁଖ ଶାସନ ସଚିବଙ୍କୁ ଗ୍ରାମବାସୀ ଗୁହାରି କରିଛନ୍ତି। କ୍ଷୟକ୍ଷତି ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେବା ସହ ଆବଶ୍ୟକ ସହଯୋଗ କରାଯିବ ବୋଲି କହିଛନ୍ତି।

ମଧ୍ୟାହ୍ନରେ ମନ୍ତ୍ରୀ ପଣ୍ଡା ଏବଂ ପ୍ରମୁଖ ଶାସନ ସଚିବ ପାଣିଗ୍ରାହୀ ଗାଁରେ ପହଞ୍ଚିବା ପରେ ରଘୁରାଜପୁର ଗ୍ରାମବାସୀ ସେମାନଙ୍କୁ ସ୍ୱାଗତ କରିଥିଲେ। ଏହାପରେ ଉଭୟେ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ଗାଁ ଲୋକଙ୍କ ସହ କଥା ହୋଇଥିଲେ। ଗାଁ ସଭାପତି ବିଶ୍ୱନାଥ ସ୍ୱାଇଁ କହିଥିଲେ, ବାତ୍ୟାରେ ବହୁ ଘର ଭାଙ୍ଗିଯାଇଛି। ଅନେକ ଶିଳ୍ପୀଙ୍କ ପଟ୍ଟଚିତ୍ର ସମେତ ଅନ୍ୟାନ୍ୟ ହସ୍ତକଳା ସାମଗ୍ରୀ ନଷ୍ଟ ହୋଇଯାଇଛି। ଠିକ୍ ଭାବେ କ୍ଷୟକ୍ଷତିର ଆକଳନ କରି ଗାଁକୁ ପୁନର୍ଗଠନ ଦିଗରେ ସହଯୋଗ କରିବାକୁ ସେ ନିବେଦନ କରିଥିଲେ। ଗାଁର ଅନେକ ଶିଳ୍ପୀ କଳାକାର ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ମୋଟ ୪୯ ଜଣ ଶିଳ୍ପୀଙ୍କୁ କଳାକାର ଭତ୍ତା ଦିଆଯାଉଥିବାବେଳେ ଆହୁରି ଅନେକ ଶିଳ୍ପୀ ଏଥିରୁ ବାଦ୍ ପଡ଼ିଛନ୍ତି। ତେଣୁ ଏ ଦିଗରେ ସହୃଦୟତାର ସହ ବିଚାର କରିବା ଲାଗି ଗ୍ରାମବାସୀ ଅନୁରୋଧ କରିଥିଲେ। ମନ୍ତ୍ରୀ ଏବଂ ପ୍ରମୁଖ ଶାସନ ସଚିବ ପ୍ରାୟ ଅଧଘଣ୍ଟା ଧରି ଗାଁ ଲୋକଙ୍କୁ ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ। ଏହାପରେ ମୁକ୍ତାକାଶ ରଙ୍ଗମଞ୍ଚ ଏବଂ କ୍ରାଫ୍ଟ ସେଣ୍ଟରର ବୁଲି କ୍ଷୟକ୍ଷତି ଦେଖିଥିଲେ। ରଘୁରାଜପୁର ଗ୍ରାମରେ ଯାହାସବୁ କ୍ଷୟକ୍ଷତି ହୋଇଛି ସେ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିବା ଲାଗି ମନ୍ତ୍ରୀ ପଣ୍ଡା ଗ୍ରାମବାସୀଙ୍କୁ କହିଥିଲେ। ଗାଁର ପୁନରୁଦ୍ଧାର ନିମନ୍ତେ ତାଙ୍କ ଦ୍ୱାରା ଯାହା ସମ୍ଭବ ହୋଇପାରିବ ସେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ମନ୍ତ୍ରୀ ପଣ୍ଡା କହିଥିଲେ, ଐତିହ୍ୟ ଗାଁ ଭାବେ ରଘୁରାଜପୁରର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଏହି ଗାମର ଶିଳ୍ପକଳା ବେଶ୍ ପ୍ରସିଦ୍ଧ। ଏଠାକୁ ପ୍ରତ୍ୟହ ପର୍ଯ୍ୟଟକମାନେ ଆସିଥାନ୍ତି। ପୁରୀ ପର୍ଯ୍ୟଟନରେ ରଘୁରାଜପୁରର ସ୍ୱତନ୍ତ୍ରତା ରହିଛି। ଯେତେ ପର୍ଯ୍ୟଟକ ଆସିବେ ପର୍ଯ୍ୟଟନ ଶିଳ୍ପ ସେତେ ସୁଦୃଢ଼ ହୋଇପାରିବ ଏବଂ ଶିଳ୍ପୀମାନଙ୍କ ସମ୍ମାନ ମଧ ବୃଦ୍ଧି ପାଇବ। କଳାକାର ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବାରୁ ରଘୁରାଜପୁର ଗାଁର ଶିଳ୍ପୀଙ୍କ କଥା ବିଚାରକୁ ନିଆଯିବ। ବାତ୍ୟାରେ ଶିଳ୍ପୀମାନଙ୍କ ଯାହା କ୍ଷୟକ୍ଷତି ହୋଇଛି ସେ ନେଇ ପର୍ଯ୍ୟଟନ ବିଭାଗ ସହଯୋଗ କରିବ। ସେହିପରି ପ୍ରମୁଖ ଶାସନ ସଚିବ ପାଣିଗ୍ରାହୀ କହିଥିଲେ, ରଘୁରାଜପୁର ହେଉଛି ପର୍ଯ୍ୟଟନ, ଐତିହ୍ୟ ଏବଂ ସଂସ୍କୃତିର ଗ୍ରାମ। ଏଠାକୁ ଦେଶ ବିଦେଶର ପର୍ଯ୍ୟଟକ ଆସିଥାନ୍ତି, ଯାହା ଆମ ପାଇଁ ଗୌରବର କଥା। ବାତ୍ୟାରେ ଏଠାରେ ଅନେକ କ୍ଷୟକ୍ଷତି ହୋଇଛି। ଏହାର ପୁନରୁଦ୍ଧାର ଦିଗରେ ସରକାର ନିଶ୍ଚିତ ବିଚାର କରିବେ ବୋଲି ସେ ପ୍ରକାଶ କରିଥିଲେ। ମନ୍ତ୍ରୀ ଏବଂ ପ୍ରମୁଖ ଶାସନ ସଚିବଙ୍କ ଏହି ପରିଦର୍ଶନ ସମୟରେ ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନା, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

■ ଫନୀ ପୁନରୁଦ୍ଧାର ପାଇଁ ସହାୟତା

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଇଡ୍‌କୋ ଦେଲା ୧୦ କୋଟି

■ ଶୁକ୍ରବାର ପ୍ରାୟ ୧୨ କୋଟି ୨୧ ଲକ୍ଷ ଟଙ୍କା ସଂଗୃହୀତ
■ ପିପିଏଲ୍ ୧ କୋଟି ୨୫ ଲକ୍ଷ

**ଭୁବନେଶ୍ୱର,୧୭।୫(ବ୍ୟୁରୋ)**

ଫନୀ ଦ୍ୱାରା ଓଡ଼ିଶା ଉପକୂଳ ବହୁତ କ୍ଷତିଗ୍ରସ୍ତ ହୋଇଛି। କ୍ଷତିଗ୍ରସ୍ତଙ୍କୁ ରିଲିଫ ବଣ୍ଟନ ଏବଂ ଧ୍ୱଂସପ୍ରାୟ ଭିତ୍ତିଭୂମିର ପୁନରୁତ୍ଥାନ କାର୍ଯ୍ୟ ଜାରି ରହିଛି। ବାତ୍ୟା ପ୍ରଭାବିତ ଦୁର୍ଗତଙ୍କ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତାର ସୁଅ ଛୁଟୁଛି। ସେହି କ୍ରମରେ ଶୁକ୍ରବାର ଇଡ୍‌କୋ ପକ୍ଷରୁ ୧୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଶିଳ୍ପ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରା ଓ ଇଡ୍‌କୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ସିଂ ସଚିବାଳୟରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏହି ପରିମାଣର ଚେକ୍ ପ୍ରଦାନ କରିଛନ୍ତି।

ସେହିପରି ପାରାଦୀପ ଫସ୍‌ଫେଟ୍ ଲିମିଟେଡ୍(ପିପିଏଲ୍) ୧ କୋଟି ୨୫ ଲକ୍ଷ, ଯୁଏଇସ୍ଥିତ ଓଡ଼ିଶା ସମାଜ ୩ ଲକ୍ଷ, ଅବସରପ୍ରାପ୍ତ ଡିପ୍ଲୋମା ଇଂଜିନିୟର୍ସ ଆସୋସିଏଶନ ୬୧ ହଜାର, ଏମ୍ ଡି ଟିଆର୍‌ଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜ୍ ଲିଃ ୩୦ ଲକ୍ଷ, କଲିକତା ଜଗନ୍ନାଥ ସେବାସମିତି ୬୦,୦୦୦ ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିଛନ୍ତି। କଟକ ପୋଷ୍ଟାଲ ଆକାଉଣ୍ଟସ ଅଫିସ ରିକ୍ରିଏଶନ କ୍ଲବ ୨୫ ହଜାର, କେସି ପ୍ରଧାନ ୧ ଲକ୍ଷ, ଓଡ଼ିଶା ଅର୍ଥସେବା ସଂଘ ୩ ଲକ୍ଷ, ମଦୁରାଇସ୍ଥିତ ମୀନାକ୍ଷୀ ମିଶନ ହସ୍‌ପିଟାଲ ନିର୍ଦ୍ଦେଶକ ଡ. ନରେନ୍ଦ୍ର ନାଥ ଜେନା ୫୦ ହଜାର, ଭୁବନେଶ୍ୱରର ପର୍ଶୁରାମ ମିତ୍ର ମଣ୍ଡଳ ୧ ଲକ୍ଷ, ରଶ୍ମି ମେଟାଲିକ୍ସ ଲିଃ ୫୦ ଲକ୍ଷ, ବିଜେଡି ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ୧ ଲକ୍ଷ ଟଙ୍କା ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। ରୋଡିୟନ୍ ସଲ୍ୟୁଶନ ପ୍ରାଇଭେଟ ଲିଃ ୧ ଲକ୍ଷ ଟଙ୍କା, ଏକେଏମ୍ ଆଗ୍ରୋ ପ୍ରୋସେସିଂ ୨ ଲକ୍ଷ, ଅଲ୍ ଇଣ୍ଡିଆ ୱେଭର୍ସ ୱେଲ୍‌ଫେୟାର ଆଣ୍ଡ ଚାରିଟେବଲ ଟ୍ରଷ୍ଟ, ହିଞ୍ଜିଳି ପକ୍ଷରୁ ୨୩,୨୧୭ ଟଙ୍କା, ଭୁବନେଶ୍ୱର ଟ୍ରକ୍ ମାଲିକ ସଂଘ ୧,୧୧,୧୧୧ ଟଙ୍କା, ମାତୃଦତ୍ତ ବାରିକ ୧୦,୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ଏହିପରି କେବଳ ଶୁକ୍ରବାର ୧୯ ସଂସ୍ଥା ଏବଂ କେତେକ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ୧୨ କୋଟି ୨୦ ଲକ୍ଷ ୫୦ ହଜାର ୩୨୮ ଟଙ୍କା ରିଲିଫ ପାଣ୍ଠିକୁ ମିଳିଛି।

■ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଭାବନୀୟ ଘଟଣା

## ୬ ମହଲାରୁ ଡେଇଁ ରୋଗୀଙ୍କ ଆତ୍ମହତ୍ୟା

**ଢେଙ୍କାନାଳ ଅଫିସ, ୧୭।୫**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ଡାକ୍ତରଖାନାର ୬ ମହଲାରୁ ଡେଇଁ ଜଣେ ରୋଗୀ ଆତ୍ମହତ୍ୟା କରିଛନ୍ତି। ଏହାକୁ ନେଇ ଚିକିତ୍ସାଳୟ ପରିସରରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ମୃତକ ହେଲେ ଗଁଦିଆ ଥାନା ଦେଓଗାଁ ପଞ୍ଚାୟତ ମହୁଲଖୋଲି ଗ୍ରାମର ଚୁନା ବେହେରା(୨୨)। ମେଡିକାଲରେ ଗତ ୫ ମାସ ମଧ୍ୟରେ ଏହା ଦ୍ୱିତୀୟ ଘଟଣା ବୋଲି ଜଣାପଡ଼ିଛି।

ଘଟଣାରୁ ପ୍ରକାଶ, ମହୁଲଖୋଲି ଗ୍ରାମର ଗାଡି ଚାଳକ ଚୁନା ଗୁରୁବାର ଅଂଶୁଘାତରେ ଆକ୍ରାନ୍ତ ହେବାରୁ ତାଙ୍କୁ ପରିବାର ଲୋକେ ଦେଓଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ସୁସ୍ଥ ହୋଇ ଘରକୁ ଫେରିବା ପରେ ସନ୍ଧ୍ୟାରେ ପୁଣି ଅସୁସ୍ଥତା ଅନୁଭବ କରିଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇ ୪ର୍ଥ ମହଲାରେ ଥିବା ପୁରୁଷ ମେଡିସିନ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିଲେ। ଶୁକ୍ରବାର ସକାଳେ ହଠାତ୍ ସେ ୱାର୍ଡରୁ ବାହାରି ଆସୁଥିବା ବେଳେ ପରିବାର ଲୋକେ ତାଙ୍କୁ ଅଟକାଇଥିଲେ। ହେଲେ ସେ କାହା କଥା ନ ଶୁଣି ମୋ ପଛରେ କେହି ଆସନାହିଁ ବୋଲି କହି ଚିକିତ୍ସାଳୟର ୬ଷ୍ଠ ମହଲାକୁ ଚାଲିଯାଇଥିଲେ। ସେଠାରେ ବାମ ହାତକୁ ବ୍ଲେଡରେ କାଟି ଦେଇଥିଲେ। ପରେ ରୋଗୀଙ୍କୁ ଷ୍ଟ୍ରେଚରରେ ନେବା ପାଇଁ ଉଦ୍ଦିଷ୍ଟ ର୍ୟାମ୍ପ ନିକଟ କାଚ ଝରକା ଦେଇ ଚୁନା ତଳକୁ ଡେଇଁ ପଡିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବରପାଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରଞ୍ଜନ ମିଶ୍ର, ସହକାରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ମେଡିକାଲ) ଏସ୍. କେ. ଭୋଳ, ଟାଉନଥାନା ଅଧିକାରୀ ଅଭିନବ ଡାଲୁଆ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଚୁନା ହାତ କାଟିଥିବା ସ୍ଥାନରୁ ବ୍ଲେଡ ଜବତ ହୋଇଛି। ଏଥିସହ ତାଙ୍କ ପରିବାର ସଦସ୍ୟଙ୍କୁ ପୋଲିସ ପଚରାଉଚରା କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୧୭/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

ଘଟଣା ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ନିରଞ୍ଜନ ମିଶ୍ର କୁହନ୍ତି, ଚୁନା ବେହେରା ଅଂଶୁଘାତରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ସେ ଭଲ ମଧ ହୋଇଯାଇଥିଲେ। କିନ୍ତୁ କିଛିଦିନ ହେବ ସେ ମାନସିକ ବିଷାଦରେ ରହୁଥିଲେ ବୋଲି ପରିବାର ଲୋକଙ୍କ ସୂତ୍ରରୁ ଜଣାପଡିଛି। ପୋଲିସ ଘଟଣାର ତଦନ୍ତ କରୁଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରକାଶ କରିଛନ୍ତି।

**ସ୍ୱାସ୍ଥ୍ୟ ବିଭାଗର ସୂଚନା**

## ପୁରୀ ଜିଲାରେ ହଇଜା ହୋଇନି

**ଭୁବନେଶ୍ୱର,୧୭।୫(ବ୍ୟୁରୋ)**

ବାତ୍ୟା କ୍ଷତିଗ୍ରସ୍ତ ପୁରୀ ଜିଲାର କୌଣସି ଅଞ୍ଚଳରେ ହଇଜା ଦେଖାଦେଇ ନାହିଁ। ଯେଉଁ କେତେଜଣ ଝାଡ଼ାବାନ୍ତି ରୋଗୀ ଚିକିତ୍ସାଳୟ ଆସୁଛନ୍ତି, ସେମାନଙ୍କ ମଧ୍ୟରୁ ସଂଖ୍ୟାଧିକ ବାସିଖାଦ୍ୟ ଓ ଭୋଜି ଖାଇ ଏଭଳି ଅସୁସ୍ଥ ହୋଇପଡୁଛନ୍ତି। କିନ୍ତୁ ଗୋଟିଏ ହେଲେ ନମୁନା ପରୀକ୍ଷାରେ ହଇଜା ମିଳି ନ ଥିବା ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ବିଭାଗ ପକ୍ଷରୁ ଦର୍ଶାଯାଇଛି ଯେ, ପୁରୀ ଜିଲାର ବିଭିନ୍ନ ଚିକିତ୍ସାଳୟକୁ ଗତ କିଛିଦିନ ଧରି ସାମାନ୍ୟ ଝାଡ଼ାବାନ୍ତିରେ ଆକ୍ରାନ୍ତ ରୋଗୀ ଆସିବାରେ ଲାଗିଛନ୍ତି। ଏମାନଙ୍କୁ ତୁରନ୍ତ ଚିକିତ୍ସା ସହିତ ବିପଦ ଆଶଙ୍କାରେ ସମସ୍ତ ରୋଗୀଙ୍କ ମଳ ନମୁନା ପରୀକ୍ଷା କରାଯାଉଛି। ବର୍ତ୍ତମାନ ସୁଦ୍ଧା କୌଣସି ନମୁନାରେ ହଇଜା ମିଳିନାହିଁ। ଇତିମଧ୍ୟରେ ଜିଲାର ସତ୍ୟବାଦୀ, ବ୍ରହ୍ମଗିରି, କୃଷ୍ଣପ୍ରସାଦ ଆଦି ବ୍ଲକରୁ କେତେକ ଝାଡ଼ାବାନ୍ତି ସଂକ୍ରାନ୍ତ ଅଭିଯୋଗ ଆସିଥିବା ବେଳେ ସେହି ସବୁ ସ୍ଥାନକୁ ତୁରନ୍ତ ଡାକ୍ତରୀ ଦଳ ପଠାଯାଇ ନମୁନା ସଂଗ୍ରହ କରାଯାଇଥିଲା। କୌଣସି ନମୁନାରୁ ହଇଜା ନ ଥିବା ଜଣାପଡ଼ିଥିବା ବେଳେ ସମସ୍ତେ ସାମାନ୍ୟ ଝାଡ଼ାବାନ୍ତିରେ ଆକ୍ରାନ୍ତ ପରେ ଚିକିତ୍ସିତ ହୋଇ ଫେରିଛନ୍ତି। ତେବେ ବାତ୍ୟା ହୋଇ ନ ଥିବା ସୋନପୁର ଜିଲା ନାୟକେନପାଲିର ଜାନୁମୁରା ଗ୍ରାମରେ ହଠାତ୍ ଝାଡ଼ାବାନ୍ତିରେ ୧୬ଜଣ ଆକ୍ରାନ୍ତ ହୋଇ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ଅନୁଧ୍ୟାନରୁ ଜଣାଯାଇଛି, ସମସ୍ତ ଆକ୍ରାନ୍ତ ବ୍ୟକ୍ତି ବାସିମିଠା ଖାଇ ଖାଦ୍ୟ ବିଷକ୍ରିୟାର ଶିକାର ହୋଇଛନ୍ତି। ଇତିମଧ୍ୟରେ ସ୍ୱାସ୍ଥ୍ୟ ବିଭାଗର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦଳ ସମ୍ପୃକ୍ତ ଅଞ୍ଚଳକୁ ଯାଇ ଖାଦ୍ୟ ନମୁନା ସହିତ ରୋଗୀଙ୍କ ମଳ ଓ ପାନୀୟ ଜଳ ନମୁନା ସଂଗ୍ରହ କରିଛନ୍ତି। ବାତ୍ୟାଞ୍ଚଳରେ ଯେଭଳି କୌଣସି ସ୍ଥାନରେ ମହାମାରୀ ନ ବ୍ୟାପେ, ସେଥିପାଇଁ ବିଭାଗ ସତର୍କତା ଅବଲମ୍ବନ କରି ସେହି ଅଞ୍ଚଳକୁ ଡାକ୍ତର, ପାରାମେଡିକ୍ ଏବଂ ଭ୍ରାମ୍ୟମାଣ ଚିକିତ୍ସକ ଦଳ ମୁତୟନ କରିଛି। ସେଠାକୁ ପର୍ଯ୍ୟାପ୍ତ ଔଷଧ ସହିତ ଜଳ ବିଶୋଧନ ପାଇଁ ଆବଶ୍ୟକ ହାଲୋଜିନ୍ ଓ କ୍ଲୋରିନ୍ ବଟିକା ଯୋଗାଇ ଦିଆଯାଇଛି। ବର୍ତ୍ତମାନ ବାତ୍ୟାଞ୍ଚଳରେ ରୋଗ ସର୍ବେକ୍ଷଣ କରୁଥିବା କେନ୍ଦ୍ର ସରକାର ଓ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ବିଶେଷଜ୍ଞ ଦଳ ସଂକ୍ରମଣ ସଂକ୍ରାନ୍ତରେ କୌଣସି ଆଗୁଆ ସତର୍କ ସୂଚନା ଦେଇନାହାନ୍ତି। ତେବେ ସ୍ଥିତିକୁ ଦେଖି କ୍ଷତିଗ୍ରସ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଓ ପରିମଳ ଉପରେ ସଜାଗ ଦୃଷ୍ଟି ରଖାଯାଇଛି। ପୁରୀ ଜିଲାର କୌଣସି କିଶୋରୀ ଓ ମହିଳା ଯେଭଳି ସଂକ୍ରମଣର ଶିକାର ନ ହୁଅନ୍ତି, ସେଥିଲାଗି ଆସନ୍ତା ଦୁଇମାସ ପାଇଁ ମାଗଣାରେ ୨୪ଲକ୍ଷ ସାନିଟାରୀ ନାପ୍‌କିନ୍ ବଣ୍ଟନ ବ୍ୟବସ୍ଥା ହୋଇଥିବା ବେଳେ ନିମାପଡ଼ା, ଗୋପ, ଅସ୍ତରଙ୍ଗ, କଣାସ, କାକଟପୁର ଓ ସତ୍ୟବାଦୀ ବ୍ଲକରେ ଏହାର ବଣ୍ଟନ ଆରମ୍ଭ ହୋଇଯାଇଛି।

**ପୂର୍ବ ତଟ ରେଳପଥ**
**ରେଲୱେ ରିକ୍ରୁଟମେଣ୍ଟ ସେଲ୍**
ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ମହଲା, ଦକ୍ଷିଣ ବ୍ଲକ୍, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017

**ନଥିପତ୍ର ତନଖି ନିମନ୍ତେ ସାଙ୍କେତିକ ସୂଚନା**
**କେନ୍ଦ୍ରୀକୃତ ନିଯୁକ୍ତି ସୂଚନା ସଂ.CEN-02/2018**

କେନ୍ଦ୍ରୀକୃତ ନିଯୁକ୍ତି ସୂଚନା ସଂ.CEN-02/2018, ତା.10.02.2018ରିଖ ସମ୍ପର୍କରେ, ନଥିପତ୍ର ତନଖି (DV) ନିମନ୍ତେ ଚୟନ ହୋଇଥିବା (Short-Listed) ପ୍ରାର୍ଥୀମାନଙ୍କ ତାଲିକା ରେଲୱେ ରିକ୍ରୁଟମେଣ୍ଟ ସେଲ୍ ୱେବ୍‌ସାଇଟ୍ **rrcbbs.org.in** ରେ ପ୍ରକାଶିତ କରାଯାଇଅଛି। ରେଲୱେ ରିକ୍ରୁଟମେଣ୍ଟ ସେଲ୍(RCC), ପୂର୍ବ ତଟ ରେଳପଥ, ଭୁବନେଶ୍ୱରଙ୍କ ଠାରୁ ତା.**22.04.2019**ରିଖ ଠାରୁ ତା.**20.05.2019**ରିଖ ପର୍ଯ୍ୟନ୍ତ ନଥିପତ୍ର ତନଖି ପ୍ରକ୍ରିୟା(DV) ପରିଚ୍ଛଳନା କରାଯାଉଛି।

ଏ କ୍ଷେତ୍ରରେ ଜଣାପଡ଼ିଛି ଯେ, କେତେକ ପ୍ରାର୍ଥୀ ନଥିପତ୍ର ତନଖି ପ୍ରକ୍ରିୟାରେ ଅନୁପସ୍ଥିତ ରହିଛନ୍ତି।

ତେଣୁ ନଥିପତ୍ର ତନଖି ନିମନ୍ତେ ପୂର୍ବରୁ ଅନୁପସ୍ଥିତ ଥିବା ସମସ୍ତ ପ୍ରାର୍ଥୀମାନଙ୍କୁ ଅନ୍ୟ ଏକ ସୁଯୋଗ ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ଯାହାକି ତା.**23.05.2019**ରିଖରେ ଆୟୋଜିତ ହେବାକୁ ବିନିର୍ଦ୍ଧାରିତ ଅଟେ। "ମଲ୍ଟି ଡିସିପ୍ଲିନାରୀ ଜୋନାଲ ଟ୍ରେନିଙ୍ଗ୍ ଇନ୍‌ଷ୍ଟିଚ୍ୟୁଟ୍ (MDZTI), ରେଳ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ପିନ୍-751023" ଠାରେ ତା.**23.05.2019**ରିଖରେ ଆୟୋଜିତ ହେବାକୁ ଥିବା ନଥିପତ୍ର ତନଖି ପ୍ରକ୍ରିୟାରେ ଯୋଗଦେବା ପାଇଁ ପୂର୍ବରୁ ଅନୁପସ୍ଥିତ ଥିବା ସମସ୍ତ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି, ଏ କ୍ଷେତ୍ରରେ ବିଫଳ ହେଲେ ସେମାନଙ୍କ ପ୍ରାର୍ଥିତ୍ୱକୁ ବାତିଲ୍ କରିଦିଆଯିବ।

PR-90/K/19-20
**ଅଧ୍ୟକ୍ଷ, ରେଲୱେ ରିକ୍ରୁଟମେଣ୍ଟ ସେଲ୍, ଭୁବନେଶ୍ୱର**

ବଦଳି ଆବେଦନପତ୍ର ନିର୍ବାହୀ ଯନ୍ତ୍ରୀଙ୍କୁ ଦେବା ପାଇଁ ଲାଞ୍ଚ

## ସାଉଥ୍‌କୋ ସହକାରୀ ଯନ୍ତ୍ରୀ ଗିରଫ

**ବ୍ରହ୍ମପୁର ଅଫିସ,୧୭।୫**



ବସନ୍ତ କୁମାର ପଟ୍ଟନାୟକ

ଜଣେ ଲାଇନ ମ୍ୟାନଙ୍କ ବଦଳି ଆବେଦନପତ୍ରକୁ ଛତ୍ରପୁର ସବ୍‌ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କ ନିକଟକୁ ପଠାଇବା ପାଇଁ ଖଲ୍ଲିକୋଟ ସାଉଥକୋର ଜଣେ ସହକାରୀ ଯନ୍ତ୍ରୀ ୧୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଶୁକ୍ରବାର ସକାଳେ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି। ସେ ହେଲେ ବସନ୍ତ କୁମାର ପଟ୍ଟନାୟକ। ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏ ନେଇ ନଂ. ୧୦/୧୯ରେ ମାମଲା ରୁଜୁ କରାଯାଇ ବସନ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ ସୂଚନା ଦେଇଛନ୍ତି। ବସନ୍ତଙ୍କ କାର୍ଯ୍ୟାଳୟରୁ କାଗଜପତ୍ର ଜବତ ହୋଇଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ତାଙ୍କ କେଶପୁରସ୍ଥିତ ତାଙ୍କ ଭଡ଼ାଘର, ଶ୍ୱଶୁର ଘର ଓ ଅନୁଗୋଳରେ ଥିବା ପୈତୃକ ବାସଭବନରେ ଏକକାଳୀନ ଚଢ଼ାଉ କରାଯାଇଛି ବୋଲି ଏସପି ସ୍ୱାଇଁ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, କହ୍ନେଇପୁରର ବିବେକାନନ୍ଦ ନାୟକ ଖଲ୍ଲିକୋଟରେ ଲାଇନମ୍ୟାନ ଭାବେ କାମ କରୁଛନ୍ତି। ପାରିବାରିକ ସମସ୍ୟା ଥିବାରୁ ସେ ଗାଁ ପାଖ କେଶପୁରକୁ ଆପୋଷ ବୁଝାମଣାରେ ବଦଳି ପାଇଁ ନିର୍ବାହୀ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଆବେଦନପତ୍ର ସହକାରୀ ଯନ୍ତ୍ରୀ ପଟ୍ଟନାୟକଙ୍କୁ ଦେଇଥିଲେ। ଏହି ଆବେଦନପତ୍ରକୁ ନିର୍ବାହୀ ଯନ୍ତ୍ରୀଙ୍କ ନିକଟକୁ ପଠାଇବା ପାଇଁ ସେ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ଲାଇନମ୍ୟାନ ଭିଜିଲାନ୍ସରେ ଜଣାଇଥିଲେ। ଯୋଜନା ଅନୁଯାୟୀ ବିବେକାନନ୍ଦ ଶୁକ୍ରବାର ପୂର୍ବାହ୍ନ ୯ଟାରେ ସହକାରୀ ଯନ୍ତ୍ରୀ ପଟ୍ଟନାୟକଙ୍କୁ ଭେଟି ଟଙ୍କା ଦେବା ପାଇଁ ଫୋନ କରିଥିଲେ। ବିବେକାନନ୍ଦଙ୍କୁ ସେ ଜାତୀୟ ରାଜପଥ ନଂ.୧୬ ହରିଡ଼ାମୁଳ ବ୍ରିଜ ନିକଟକୁ ଆସିବା ପାଇଁ କହିଥିଲେ। ବିବେକାନନ୍ଦ ସେଠାରେ ପହଞ୍ଚି ୧୫ ହଜାର ଟଙ୍କା ଦେବା ବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଏସପି ଶାନ୍ତନୁ କୁମାର ପାଢ଼ୀ, ଡିଏସପି ସୁରେନ୍ଦ୍ର ନାଥ ପାଣିଗ୍ରାହୀ ଓ ତାଙ୍କ ଟିମ ଅତର୍କିତ ଚଢ଼ାଉ କରି ଉକ୍ତ ଲାଞ୍ଚ ଟଙ୍କା ଜବତ କରିଥିଲେ। ଗିରଫ ସହକାରୀ ଯନ୍ତ୍ରୀଙ୍କଠାରୁ ଏକ ଦାମୀ କାର ଓ ଏଲଆଇସି ବଣ୍ଡ ଜବତ କରାଯାଇଛି। ତାଙ୍କ ନାଁରେ ଚନ୍ଦକାରେ ଏକ ଫ୍ଲାଟ ରହିଛି। ଭୁବନେଶ୍ୱର ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆରେ ଥିବା ଲକର ଶନିବାର ଯାଞ୍ଚ କରାଯିବ ବୋଲି ସୂଚନା ମିଳିଛି।



ନୀରବ ରହିବା ଓ ନିଜର ଉଦ୍ଦେଶ୍ୟକୁ ପ୍ରକଟ ନ କରିବା ଗୋଟିଏ କଥା କିନ୍ତୁ ଉଦ୍ଦେଶ୍ୟ ନେଇ କିଛି କରିଥିବା ସ୍ଥଳେ- ମୁଁ ତାହା କରି ନାହିଁ ବୋଲି କହିବାଟା ନୀରବତା ନୁହେଁ- ଏହା ହିଁ ମିଥ୍ୟାଚାର।
-ଶ୍ରୀମା



# କ୍ଷମତା ଲଢ଼େଇ

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମତଦାନର କେଇ ସପ୍ତାହ ପରେ ଏବଂ ରାଜ୍ୟରେ ସରକାର ପରିବର୍ତ୍ତନର ବ୍ୟାପକ ସମ୍ଭାବନା ଦେଖାଯାଉଥିବା ବେଳେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ସହ ରାଜ୍ୟ ମୁଖ୍ୟ ଶାସନ ସଚିବ ଏଲ୍.ଭି. ସୁବ୍ରମଣ୍ୟମ୍ଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରାପ୍ତ ସୂଚନା ଅନୁସାରେ ଭୋଟ ଗଣତି ହୋଇ ମେ ୨୩ରେ ଫଳାଫଳ ଘୋଷଣା ହେବା ପର୍ଯ୍ୟନ୍ତ ପ୍ରଶାସନ କାହା ନିୟନ୍ତ୍ରଣରେ ରହିବ, ତାହାକୁ ନେଇ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ମଧ୍ୟରେ ଟଣାଓଟରା ଲାଗିଛି। ନାଇଡୁ ଓ ତାଙ୍କ ମନ୍ତ୍ରୀମାନେ ଯୁକ୍ତି କରୁଛନ୍ତି ଯେ, ପ୍ରତ୍ୟେକ ପ୍ରସଙ୍ଗରେ ନିଷ୍ପତ୍ତି ନେବା ଲାଗି ସରକାରଙ୍କର ପୂର୍ଣ୍ଣ କ୍ଷମତା ରହିଛି। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆହୂତ ଅନେକ ସମୀକ୍ଷା ବୈଠକରେ ତାଙ୍କର କେତେକ ନିଷ୍ପତ୍ତି ଉପରେ ମୁଖ୍ୟ ଶାସନ ସଚିବ ଆପତ୍ତି ଉଠାଉଛନ୍ତି। ଏହି ବିବାଦ ଯୋଗୁ ଆଇଏଏସ୍ ଓ ଆଇପିଏସ୍ ଲବି ଦୁଇଭାଗରେ ବିଭକ୍ତ ହୋଇ ଯାଇଛନ୍ତି। ଫଳରେ ପ୍ରଶାସନିକ କାର୍ଯ୍ୟକଳାପରେ ଅନିଶ୍ଚୟତା ଦେଖାଦେଇଛି। ପ୍ରାପ୍ତ ସୂଚନା ଅନୁସାରେ ୧୯୮୩ ବ୍ୟାଚ୍ ଆଇଏଏସ୍ ଅଫିସର ସୁବ୍ରମଣ୍ୟମ୍ଙ୍କୁ ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ଦେଇଛନ୍ତି। ସେ ବର୍ତ୍ତମାନ ରାଜ୍ୟ ପ୍ରଶାସନର ପ୍ରତି କ୍ଷେତ୍ରରେ ପ୍ରମୁଖ ଭୂମିକା ନିଭାଉଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁଙ୍କ ସହ ତାଙ୍କର ବିବାଦ ସୃଷ୍ଟି ହୋଇଛି। କାରଣ ଚନ୍ଦ୍ରାବାବୁ ପ୍ରଶାସନକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଚାହୁଁଛନ୍ତି। ଏହି ପରିସ୍ଥିତି ବିଷୟରେ ଆଲୋଚନା କରିବା ପାଇଁ ସୁବ୍ରମଣ୍ୟମ୍ଙ୍କ ଦ୍ୱାରା ଆହୂତ ଆଇଏଏସ୍ ଅଫିସରମାନଙ୍କ ବୈଠକକୁ ମୁଖ୍ୟମନ୍ତ୍ରୀ ଓ ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ଚାପ ପକାଇ ବନ୍ଦ କରିଦିଆଯାଉଛି। ଯାହା ଜଣାପଡୁଛି ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ହିଁ ଏହି ସମସ୍ୟାର ସମାଧାନ ହୋଇପାରିବ।

### ଅପାରଗ ବାବୁ ହଟିବେ

ସରକାରରେ ଥିବା ଅପାରଗ ବାବୁମାନଙ୍କୁ ହଟାଇବା ପାଇଁ ମୋଦି ସରକାର କାର୍ଯ୍ୟ କରିଆସୁଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ୨୦୧୫ରୁ ୨୦୧୮ ଚାରିବର୍ଷ ମଧ୍ୟରେ କେନ୍ଦ୍ର ସରକାର ୧,୧୦୦ ଆଇଏଏସ୍ ଅଫିସରଙ୍କ ସର୍ଭିସ୍ ରେକର୍ଡର ସମୀକ୍ଷା କରିଛନ୍ତି। ଏହି ଅଫିସରମାନେ ୨୫ ବର୍ଷର ଚାକିରି କାଳ ପୂର୍ଣ୍ଣ କରିଛନ୍ତି କିମ୍ବା ୫୦ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ଏହି ସମୀକ୍ଷାର ଉଦ୍ଦେଶ୍ୟ ହେଉଛି ପ୍ରଶାସନରୁ ଅଣପ୍ରଦର୍ଶନକାରୀ ବା ଅପାରଗ ବାବୁମାନଙ୍କୁ ହଟାଇବା। ନିୟମାନୁଯାୟୀ କେନ୍ଦ୍ର ସରକାର ରାଜ୍ୟ ସରକାର ସହ ପରାମର୍ଶ କରି ଏପରି ଅପାରଗ ବାବୁଙ୍କୁ ଜନସ୍ୱାର୍ଥରେ ତିନିମାସର ଲିଖିତ ନୋଟିସ୍ ଦେଇ ବା ତିନିମାସର ଦରମା ଓ ଭତ୍ତା ଦେଇ ଅବସର ନେବା ପାଇଁ କହିପାରିବେ। ପ୍ରାପ୍ତ ସୂଚନା ଅନୁସାରେ ସମୀକ୍ଷା କରାଯାଇଥିବା ୧,୧୪୩ ଜଣ ଅଫିସରଙ୍କ ମଧ୍ୟରୁ ଛତିଶଗଡ଼ କ୍ୟାଡରର ଦୁଇଜଣ, ଅରୁଣାଚଳ ପ୍ରଦେଶ, ଗୋଆ, ମିଜୋରାମ ଓ କେନ୍ଦ୍ରଶାସିତ ଅଞ୍ଚଳ ବା ଆଗ୍‌ମଟ କ୍ୟାଡରର ଜଣେ ଏବଂ ବିହାରର ଜଣେ- ଏହିପରି ଚାରିଜଣ ଅଫିସରଙ୍କୁ ଜନସ୍ୱାର୍ଥରେ ଅବଧି ପୂର୍ବରୁ ଅବସର ନେବା ପାଇଁ କୁହାଯାଇଛି। ତେବେ କେନ୍ଦ୍ର ପକ୍ଷରୁ ସ୍ମାରକପତ୍ର ଦିଆଯିବା ସତ୍ତ୍ୱେ ଆନ୍ଧ୍ରପ୍ରଦେଶ, ଜମ୍ମୁ-କଶ୍ମୀର, କର୍ଣ୍ଣାଟକ, କେରଳ, ତେଲେଙ୍ଗାନା, ତ୍ରିପୁରା ଓ ଉତ୍ତରାଖଣ୍ଡରେ ବାବୁମାନଙ୍କ ସର୍ଭିସ୍ ରେକର୍ଡର ଏପରି ସମୀକ୍ଷା କରାଯାଇ ନାହିଁ। କେନ୍ଦ୍ର ଉକ୍ତ ରାଜ୍ୟଗୁଡ଼ିକୁ ତୁରନ୍ତ ସମୀକ୍ଷା କରିବା ପାଇଁ ଚାପ ପକାଇପାରନ୍ତି।

### ବରିଷ୍ଠଙ୍କୁ ବାବୁଙ୍କ ବିରୋଧ

ଜଣେ ରାଜ୍ୟ ପ୍ରଶାସନିକ ଅଫିସର ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ସମେତ ବରିଷ୍ଠ ଆଇଏଏସ୍ ଅଫିସରମାନଙ୍କ ବିରୋଧରେ ଯିବା କ୍ୱଚିତ୍ ଦେଖିବାକୁ ମିଳେ। କିନ୍ତୁ ଜଣେ କର୍ଣ୍ଣାଟକ ପ୍ରଶାସନିକ ଅଫିସର (କେଏଏସ୍) ରାଜ୍ୟର ମୁଖ୍ୟ ଶାସନ ସଚିବ ତଥା ଆଉ ନଅଜଣ ଆଇଏଏସ୍ ଅଫିସରଙ୍କ ବିରୋଧରେ ରାଜ୍ୟ ମାନବାଧିକାର କମିଶନ ଆଗରେ ଅଭିଯୋଗ ଦାଏର କରିଛନ୍ତି। ରାଜ୍ୟରେ ଏପରି ଘଟଣା ପ୍ରଥମ ଥର ପାଇଁ ଘଟିଛି। ପ୍ରାପ୍ତ ସୂଚନା ଅନୁସାରେ କାର୍ମିକ ଓ ପ୍ରଶାସନିକ ସଂସ୍କାର ବିଭାଗର ଅଫିସର କେ. ମାଥାଇ ଏକ ଜମି ଦୁର୍ନୀତି ଧରାପକାଇବା ଯୋଗୁ ଉକ୍ତ ବରିଷ୍ଠ ଅଫିସରମାନେ ତାଙ୍କ ବିରୋଧରେ ନିରବଚ୍ଛିନ୍ନ ମାନବାଧିକାର ଉଲ୍ଲଂଘନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଅଭିଯୋଗ କରିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ୧୦ ବର୍ଷରେ ତାଙ୍କୁ ୨୭ ଥର ବଦଳି କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ମାନବାଧିକାର କମିଶନକୁ ଦେଇଥିବା ଅଭିଯୋଗପତ୍ରରେ ମାଥାଇ ମୁଖ୍ୟ ଶାସନ ସଚିବ ଟି.ଏମ୍. ବିଜୟ ଭାସ୍କର ଓ ଅନ୍ୟ ନଅଜଣ ଆଇଏଏସ୍ ଅଫିସର ତାଙ୍କର ମାନବାଧିକାର ଉଲ୍ଲଂଘନ କରିଛନ୍ତି ବୋଲି ଉଲ୍ଲେଖ କରିଛନ୍ତି। ତା'ଛଡ଼ା ତାଙ୍କ ପରି ଅନେକ କେଏଏସ୍ ଅଫିସରଙ୍କୁ ବରିଷ୍ଠ ଅଫିସର ଓ ରାଜନେତାମାନେ ହଇରାଣ ହରକତ କରୁଥିବା ସେ ଦର୍ଶାଇଛନ୍ତି।

Email: dilipcherian@gmail.com

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 7 | | 5 | | | | | | 3 | | B | | | |
| | | 5 | 2 | 3 | 4 | | | | | | | D | | |
| D | | 3 | 0 | | 8 | 6 | 4 | 1 | | | E | | | |
| | | | | 6 | D | E | | | 8 | | 0 | | 9 | |
| | | | | C | 1 | D | 8 | | 7 | | | | B | |
| | | | | | | 4 | 2 | | D | | 1 | B | | |
| 9 | | | | | | | | | C | | | 2 | E | |
| 7 | 3 | 8 | | | | | | | | 4 | 9 | | | |
| 2 | 5 | E | C | | A | | | 3 | | | | | | |
| | | A | | | 6 | 7 | D | | | | 3 | | | |
| | E | | 6 | | | A | | 4 | | | | | | |
| | | | A | | 0 | | 5 | | | 7 | | | | D |
| | 9 | | 4 | 5 | | | | | | | 2 | 8 | C | 6 |
| | | 6 | | | 3 | | 7 | 0 | | | | | 1 | 2 |
| 1 | B | | | 2 | C | | | D | | | | | 0 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 2 | E | A | 9 | 1 | D | B | 8 | 3 | 4 | 6 | 0 | 7 | C |
| B | 9 | C | D | 8 | 2 | 3 | 5 | 7 | 0 | 1 | E | 4 | 6 | A |
| 1 | D | 4 | 7 | 6 | 0 | E | C | A | 2 | B | 9 | 3 | 5 | 8 |
| 0 | 3 | A | C | E | 4 | 1 | 6 | 2 | 5 | 7 | 8 | D | B | 9 |
| 7 | 8 | 6 | B | 5 | 3 | 9 | 0 | 4 | D | C | A | 2 | 1 | E |
| C | 1 | 8 | 5 | D | A | 0 | 4 | 6 | B | 3 | 7 | E | 9 | 2 |
| 3 | 5 | 2 | 0 | B | 9 | 8 | A | E | 1 | 6 | 4 | C | D | 7 |
| A | 0 | D | 4 | 7 | 6 | 5 | 3 | 9 | C | E | 2 | 1 | 8 | B |
| 6 | 7 | B | E | 2 | 8 | C | 1 | D | A | 9 | 0 | 5 | 4 | 3 |
| E | 4 | 9 | 3 | 1 | C | 7 | 2 | B | 8 | 5 | D | 6 | A | 0 |
| 4 | E | 7 | 1 | A | D | B | 8 | C | 6 | 2 | 3 | 9 | 0 | 5 |
| D | B | 1 | 2 | 0 | 5 | 4 | 7 | 3 | 9 | A | C | 8 | E | 6 |
| 2 | 6 | 5 | 8 | 3 | E | A | 9 | 0 | 7 | D | 1 | B | C | 4 |
| 9 | A | 0 | 6 | C | B | 2 | E | 1 | 4 | 8 | 5 | 7 | 3 | D |
| 8 | C | 3 | 9 | 4 | 7 | 6 | D | 5 | E | 0 | B | A | 2 | 1 |

ଗତକାଲିର ଉତ୍ତର

# ସାହିତ୍ୟର ସତ୍ୟପାଠ

ମାୟାଧର ନାୟକ

ଋଷିଆର ମହାନ୍ କଥାକାର ଗର୍କୀଙ୍କ ବିଶ୍ୱବିଖ୍ୟାତ ଉପନ୍ୟାସ 'ମଦର୍'। ଏ ଉପନ୍ୟାସର ମହାନାୟିକା ବାଟ ଚାଲିବାରେ ବିଶ୍ୱାସ କରୁଥିବା ସେଇ ମା', ଯିଏ ମୁଣ୍ଡେଇଥିବା ପସରା ଭିତରେ ସେଦିନ ଥିଲା ବିପ୍ଲବକୁ ଦୀର୍ଘଜୀବୀ କରିବା ପାଇଁ ପ୍ରେରଣାଦାୟକ ପ୍ରଚାରପତ୍ରସବୁ। ପୁଅ ସାମିଲ୍ ହୋଇଥିବା ଦୂରାନ୍ତରର ବିପ୍ଲବୀ ସଙ୍ଗଠନକୁ ହସ୍ତାନ୍ତର କରିଦେବା ଉଦ୍ଦେଶ୍ୟରେ ନିଜ ପସରାର ଗୁଡ଼ିଏ ଜିନିଷପତ୍ର ତଳେ ମାଆଟି ଛପାଇ ରଖୁଥିଲା, ସେସବୁ ଗୁପ୍ତପ୍ରଚାରପତ୍ର। ଗୋଇନ୍ଦା ପୋଲିସର ଆଖି ଆଉ ପ୍ରତିକ୍ରିୟାଶୀଳ ଶାସକଦଳର ଚର-ଅନୁଚରମାନଙ୍କ ନଜରକୁ ଫାଙ୍କିଦେଇ ନିୟମିତ ସେସବୁ ବୈପ୍ଳବିକ କାର୍ଯ୍ୟକ୍ରମର ନିର୍ଦ୍ଦେଶନାମା ମାଆ ମାର୍ଫତ୍‌ରେ ପହଞ୍ଚାଉଥିଲା ଠିକଣା ଜାଗାରେ।

ନିଜ ନୁଖୁରା ମୁଣ୍ଡ ଉପରର ପସରା ଭିତରେ ଲୁଚାଇ ରଖିଥିବା ସେ ଅଗ୍ନିଗର୍ଭ ପ୍ରଚାରପତ୍ରକୁ କ'ଣ ମାଆ ପଢ଼ୁଥିଲା କେବେ? ଏ ପ୍ରଶ୍ନ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନ। 'ଲେଖାଲେଖି କାହା ପାଇଁ' ପ୍ରଶ୍ନର ଉତ୍ତର ଖୋଜିଲାବେଳେ ଆମ ସମସ୍ତଙ୍କୁ, ବିଶେଷକରି ମୋର ସମକାଳର ଲେଖିକାଲେଖକମାନଙ୍କୁ ମୁଁ ଗର୍କୀଙ୍କର ସେଇ 'ମଦର୍'ର ମୁହଁକୁ ଏତେ ବର୍ଷର ବ୍ୟବଧାନ ପରେ ଆଉ ଥରେ ଫେରି ଚାହିଁବାକୁ ଅନୁରୋଧ କରୁଛି।

ମାଆମାନେ ଆଜି ବି ପସରା ମୁଣ୍ଡେଇ ଚାଲିଛନ୍ତି। ହେଲେ ମାଆର ସନ୍ତାନମାନେ ଏବେ କେଉଁଠି? ଦୀର୍ଘଜୀବୀ ବିପ୍ଳବ କ'ଣ ଅମର ହୋଇସାରିଛି ଇତିମଧ୍ୟରେ? ଆଗାମୀ ଇତିହାସ ପାଇଁ ଆମର ଅଙ୍ଗୀକାରର ଦିନସବୁ କ'ଣ ସରିଯାଇଛି? ବିପ୍ଲବର କାର୍ଯ୍ୟନିର୍ଘଣ୍ଟ କ'ଣ ତା'ର ଶେଷ ଲକ୍ଷ୍ୟରେ ପହଞ୍ଚିଯାଇଛି?

ଆମ ସାହିତ୍ୟ କ୍ଲାସ୍‌ର ଛୁଟିଘଣ୍ଟା ବାଜିବାର ଶବ୍ଦ ସବୁଠି ଶୁଭୁଛି। ମାତ୍ର ଟିକିଏ କାନ ଡେରିଲେ ଶୁଣିପାରିବେ ଯେ ଗୋଟିଏ ଚାପା କାନ୍ଦଣାର ସ୍ୱର ଏ ଛୁଟିଘଣ୍ଟାର ଶବ୍ଦକୁ କାଟି ଦୂରରୁ ଆହୁରି ଦୂରକୁ ଚାଲିଯାଉଛି। ହଜିଯାଉଛି ହରଦମ୍ ହସଖୁସିର ହୋହଲ୍ଲା ଆରପଟର ଅସରନ୍ତି ହାହାକାର ଭିତରେ। କାନ୍ଦୁଛି କିଏ? ହସୁଛି କିଏ? ମାଆ କାନ୍ଦୁଛି ତ ହସୁଛି ସନ୍ତାନ। ଇଏ ଦୁଇଟି ପକ୍ଷ। କେଉଁ ପକ୍ଷ ପାଇଁ ଲେଖିବେ? କାହା ପାଇଁ ଲେଖାଲେଖି?

ମୋ ବିଚାରରେ, କାନ୍ଦୁଥିବା ମାଆମାନଙ୍କ ଓଠରେ ଧାରେ ହସ ଆଉ ହସୁଥିବା ସନ୍ତାନମାନଙ୍କ ହୃଦୟରେ ଟୋପାଏ ଦି'ଟୋପା ଲୁହକୁ ଆଦରିପାରୁଥିବା କାନ୍ଦ ଯଦି ହୋଇପାରନ୍ତା ଲେଖାଲେଖିର ଲକ୍ଷ୍ୟ, ତା'ହେଲେ 'କାହାପାଇଁ'ର ଉତ୍ତରଖାତା ପୂରା କରିବା କାହାରି ପାଇଁ ମୁଣ୍ଡବ୍ୟଥାର କାରଣ ହୁଅନ୍ତା ନାହିଁ।

ଏବେ ତ ହସ କ୍ଲବ୍‌ର ଯୁଗ। ହସ ପାଇଁ ଆସର। ହସ ପାଇଁ ହରେକ୍ ଯୋଜନା ଚାରିଆଡ଼େ। ବୈଜ୍ଞାନିକ କହୁଛି- ହସ। ଡାକ୍ତର କହୁଛି- ହସ। ବନ୍ଧୁ କହୁଛି- ହସ। ହସିଲେ ହୃତ୍‌ପିଣ୍ଡ ତାଜା ରହିବ। ରକ୍ତଚାପ ରହିବ ଠିକ୍‌ଠାକ୍। ମୁହଁର ମାଂସପେଶୀ ହାସଲ କରିବ ଠିକ୍ ଚାଳନା। ସହରକୁ ନୂଆ ଯୋଗୀ ଆସି ପ୍ରଚାର କରୁଛନ୍ତି, ହସ ବି ଗୋଟିଏ ପ୍ରକାର ଯୋଗ। ଏତେ ନିଃଶ୍ୱାସପ୍ରଶ୍ୱାସ ରୁନ୍ଧି ବା ନାସିକାରନ୍ଧ୍ରରେ ପବନକୁ ଫାଶ ପକାଇ ଯୋଗପ୍ରାଣାୟମ କରିବା ଅପେକ୍ଷା ବରଂ ଦଶମିନିଟ୍ ହସ। ରାଜଧାନୀର ଜନସମାବେଶରେ ସଭାପତିତ୍ୱ କରି ପୁରୁଖା ନେତା ବି ନୂଆ ଲେଖିକାଲେଖକଙ୍କୁ ପରାମର୍ଶ ଦେଉଛନ୍ତି- ହାସ୍ୟରସ ସୃଷ୍ଟି କର। ହାସ୍ୟ ହିଁ ଲାସ୍ୟ। ହାସ୍ୟ ହିଁ ଭାଷ୍ୟ। ହାସ୍ୟ ହିଁ ରହସ୍ୟ। ଯଦି ହାକିମ ଆଉ ପିଅନ ପରସ୍ପରକୁ ଦୁଇମିନିଟ୍ ଚାହିଁ ପ୍ରତିଦିନ ହସିବେ, ତା'ହେଲେ ଅଫିସ୍‌ରେ ତାଲାବନ୍ଦର ଦିନ ଆସିବ ନାହିଁ କି ହରତାଳର ଦିପ୍ରହର ଦିଶିବ ନାହିଁ। ପିଅନର ଛୁଟି ଦରଖାସ୍ତ ଆଉ ହାକିମର ଛଟା ଦସ୍ତଖତ ମଝିରେ ଛୁଞ୍ଚିମୁନର ଦୂରତା ବି ରହିବନାହିଁ। ଆମର ଆଉ ଫକୀରମୋହନ, ପ୍ରେମଚାନ୍ଦ, ଶରତଚନ୍ଦ୍ର, ନଜରୁଲ, ସଚ୍ଚି ରାଉତରା ଦରକାର ନାହିଁ- ଦରକାର ନିର୍ଧୂମ୍ ହାସ୍ୟରସର ଧୁମ୍‌ଧାମ୍ ସାହିତ୍ୟକାର। ହସିବାକୁ ଇଚ୍ଛା ହୁଏ ଖୁବ୍। ହେଲେ ହସିପାରେନା ମୋଟେ। ବସିବସି ଭାବେ ଗୋଟିଏ କାନ୍ଦୁରା ମଣିଷର କଥା, ଯିଏ ନିଜେ ବି ନିଜର ପଚାଶ ପୂରୁପୂରୁ ଦିନେ ସାରା ଓଡ଼ିଆ ଜାତିକୁ କନ୍ଦାଇ କନ୍ଦାଇ ଚାଲିଗଲା ଚୁପ୍‌ଚାପ୍। କୌଣସି ବ୍ୟକ୍ତିଗତ ମାଲିକାନାର ମୋହ ନ ଥିଲା ତା'ର। ମଣିଷଗଢ଼ା କାରଖାନା ଗଢ଼ିଥିଲା ସତ୍ୟବାଦୀରେ, ନ ଥିଲା କିନ୍ତୁ ଶିଳ୍ପପତି। ସର୍ବସ୍ୱାନ୍ତ ମଣିଷର ସାଥୀ ସେ, ଦୀନଦୁର୍ଗତର ବନ୍ଧୁ। କାରାରେ ଥାଇ ଲେଖିଥିଲା କବିତା, ବନ୍ୟାଧାରାରେ ନାଆ ବାହି ବାଣ୍ଟିଥିଲା ସାହାଭରସାହୀନ ସର୍ବସ୍ୱାନ୍ତମାନଙ୍କୁ ଚୁଡ଼ାଚାଉଳ, ସାରା ଓଡ଼ିଆଜାତିର ଆତ୍ମା, ହୃଦୟ, ବିବେକକୁ ମଣିଷ ହେବାର ମନ୍ତ୍ରପାଠରେ କରାଇଥିଲା ଆନ୍ଦୋଳିତ। 'ଲେଖାଲେଖି କାହା ପାଇଁ' ପ୍ରଶ୍ନ ଯଦି ଉତ୍କଳମଣିଙ୍କୁ ପଚରାଯାଇଥାନ୍ତା, ଉତ୍ତରଟା ତାଙ୍କୁ ଦେବାକୁ ପଡ଼ି ନ ଥାନ୍ତା କଦାପି। ତାଙ୍କ ତରଫରୁ ଉତ୍ତର ଦେଇଥାନ୍ତେ ଓଡ଼ିଶାର ବନ୍ୟାବାତ୍ୟାପୀଡ଼ିତଠୁ ଆରମ୍ଭକରି ମୂଲ ଲାଗୁଥିବା ମାଟିର ମଣିଷ, ଚିଟାକାଦୁଅମାଟିର ଚାଷୀ, ଜେନାପୁରବାସୀ ପର୍ଯ୍ୟନ୍ତ କେତେ କିଏ।

ଲେଖାଲେଖି କାହାପାଇଁ? ସମକାଳର ଓଡ଼ିଆ ଲେଖିକାଲେଖକଙ୍କ କଣ୍ଠସ୍ୱରରେ କେତେକ'ଣ ଉତ୍ତର ଶୁଣାଯାଇପାରେ ମଞ୍ଚରେ, ମିଳନୀରେ, ନାନା ଶେଷ ରବିବାସରୀୟ ସାକ୍ଷାତ୍‌କାରରେ। ମାତ୍ର ସେସବୁ ଉତ୍ତର କେତେ ଅଂଶରେ ଅସଲ ସ୍ୱର? ସାହିତ୍ୟ ଏବେ ଯେଉଁଠି ମନର କଥା ଆଉ ମୁହଁର କଥା ମଧ୍ୟରେ ତାଳମେଳ ନ ରଖି କେବଳ ମାଳମାଳ ମଖମଲୀ ମୁଖାର କଥା ପାଲଟିଯାଇଛି, ସେଠି ପ୍ରଶ୍ନର ଓକାଲତ୍‌ନାମା ରଦ୍ଦ ଏବଂ ଉତ୍ତରଗୁଡ଼ାକ କାଠଗଡ଼ା ଡେଇଁ ଫେରାର୍ ଆସାମୀ! ଛାତିରେ ହାତ ଦେଇ ଆଜି କେତେଜଣ କହିବେ- ଆମେ ଲେଖୁଛୁ ଟୁକୁରାଟୁକୁରା ଭଙ୍ଗାସ୍ୱପ୍ନର ମାଆମାନଙ୍କ ପାଇଁ? ମାଆବାପଙ୍କ ରାଣ ପକାଇ କେତେଜଣ ଲେଖିକା ବି କହିବେ- ଆମେ ଲେଖୁଛୁ ଅମର୍ଯ୍ୟାଦାରେ ଭୂଲୁଣ୍ଠିତା ସେଇ ଭାଷାହୀନା ନ୍ୟାୟପ୍ରତୀକ୍ଷିତା ମହିଳାମାନଙ୍କ ପାଇଁ?

ଦେଶର ନାରୀ ପାଇଁ ସାହିତ୍ୟରେ ଯଦି ସମ୍ମାନଜନକ ନାରା ନ ଶୁଭେ, ସେସବୁ ସାହିତ୍ୟ ନାଁରେ ଲେଖାଲେଖି ତେବେ କାହାପାଇଁ ଆଉ କେତେଦିନ? ଆମର ସାହିତ୍ୟ ଏବେ ନୂଆ ନିଆରା ତରିକାର ପରିଭାଷାରେ ନାମିତ। ଆମେ ଆଉ ସାହିତ୍ୟ ନ କହି ସବୁଠି କହିଲୁଣି- ଲେଖାଲେଖି। ଦୁଇଟାଯାକ ଏକା କଥା ନୁହେଁ ବୋଲି ମୋର ବିନମ୍ର ମତ।

ଲେଖାଲେଖି କଥାଟା ସାହିତ୍ୟର ସଚ୍ଚା ନାମାନ୍ତର ନୁହେଁ। ଏଥିରେ ସାହିତ୍ୟଗତ ଦାୟିତ୍ୱ ଯେତେ ନାହିଁ, ସେତେ ଅଛି ବ୍ୟକ୍ତିଗତ ସ୍ପୃହାର ଶାବ୍ଦିକ ସମରାଭ୍ୟାସ ମାତ୍ର। ଯୁଦ୍ଧ ନାହିଁ, ଶିବିର ନାହିଁ, ସାମ୍ମୁଖ୍ୟ ନାହିଁ, ଆହ୍ୱାନ ନାହିଁ- ଅଥଚ ଅଙ୍ଗୀକାରହୀନ ଏକ ଅଭ୍ୟାସର ଅଙ୍ଗଚାଳନା- ଆକାଶକୁ ଅସ୍ତ୍ର ଉତ୍ତୋଳନ ଅଥବା ଶୂନ୍ୟତାକୁ ବଦ୍ଧମୁଷ୍ଟି ପ୍ରଦର୍ଶନ ମାତ୍ର। ସାହିତ୍ୟବୋଧ ଅପେକ୍ଷା ଏ ଧାରାରେ ଏବେ ଅନୁପ୍ରବେଶ କରିଛି ଅରୁଚିକର ଅନେକପ୍ରକାର ଆଭିମୁଖ୍ୟ- ଆଜିକାଲି ଯେମିତି ଅତି ନିର୍ଲଜ୍ଜ ଓ ନିନ୍ଦନୀୟ ଭାବରେ ଚାଲିଛି ମଞ୍ଚଦଖଲ, ପୁରସ୍କାର ହାସଲ, ପ୍ରଶଂସାପତ୍ର/ମାନପତ୍ର ଆଦାୟର ନୟାନ୍ତ ନକଲ। ଏଇଭଳି ସ୍ଥୂଳ, ନ୍ୟସ୍ତସ୍ୱାର୍ଥ, ଇତର ପର୍ଯ୍ୟାୟକୁ ଆସି ସାହିତ୍ୟ ଯଦି ନିଜ ପାଇଁ ଏ ନୂତନ ନାମକରଣ ଏହି 'ଲେଖାଲେଖି' ରୂପକ ବଜାରବୁଲା ବେଶପଟା ମଡ଼ାଇ କ୍ରମେ ଦେଖାଦେଖି, ଟେକାଟେକି ଆଦତ୍ ଆଦରିବସେ ଏବଂ ଭିତର ଫମ୍ପା ଥାଇ କେବଳ ବାହାରଟା ଚମ୍ପାରଙ୍ଗ ବୋଲି ବିକୃତିପୂର୍ଣ୍ଣ କୃତିପ୍ରକାଶର ପ୍ରକ୍ରିୟା ବଜାୟ ରଖେ, ତା'ହେଲେ ସେଠି ମୁଁ ବିଦାୟନେବା ପୂର୍ବରୁ କେବଳ ଏତିକି ନମ୍ର ମତ ରଖିଯିବି ଯେ- ଏ ଲେଖାଲେଖି ଯେପରି କେବେ ବି ନ ହେଉ କାହାପାଇଁ! ଏପରି ଲେଖିକାଲେଖକ ଆମ ସାହିତ୍ୟରୁଚିର ପରିପନ୍ଥୀ- ତେଣୁ ଯଥାଶୀଘ୍ର ପରିତ୍ୟଜ୍ୟ- ଅନ୍ତତଃ ଆମ ସାଂସ୍କୃତିକ ମୂଲ୍ୟବୋଧର ସର୍ବନିମ୍ନ ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟିକୋଣରୁ।

ଯାଜପୁରରୋଡ଼, ଯାଜପୁର,
ମୋ-୯୮୬୧୦୩୪୧୬୩


# ନିଜର ଦୀପ ନିଜେ ହୁଅ

ପ୍ରବାସିନୀ ମହାକୁଡ଼

କୌଣସି ଲୋକ ଯଦି କୌଣସି ନଦୀକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅତିକ୍ରମ କରିସାରିଥାଏ ଏବଂ ପୁଣିଥରେ ସେଇ ନଦୀକୁ ପାରିହେବାକୁ ଚାହେଁ, ତେବେ ସେ ନଦୀର ପାଣି ସେମିତି ହୋଇ ନ ଥାଏ କି ସେଇ ସ୍ଥାନର ପାଣି ସେମିତି ହୋଇ ରହି ନ ଥାଏ-ସମୟର ଧାରାକୁ ଲକ୍ଷ୍ୟ କରି କନ୍‌ଫୁସିୟସ ଏକଥା କହିଥିଲେ। ବିଭିନ୍ନ ସମୟରେ ଅନେକ ମହାପୁରୁଷ ସମୟର ଧାରାକୁ ଅତିକ୍ରମ କରିଯାଇଛନ୍ତି କିନ୍ତୁ ସେମାନେ ପୁରୁଣା ଧାରାକୁ ଫେରି ଆସିବାକୁ ଚାହିଁନାହାନ୍ତି, କାରଣ ସେମାନେ ଜୀବନର ଏଇ ସତ୍ୟକୁ ଜାଣିଥିଲେ।

ବେଦର ଜ୍ଞାନ ବୃତ୍ତକୁ ଯେଉଁ ବ୍ୟକ୍ତି ବ୍ୟାସ ପରି କାଟି ଚାଲିଥାଏ ସେଇ ହିଁ ବେଦବ୍ୟାସ। ବେଦବ୍ୟାସ ଏକ ପଦବୀ। ବେଦବ୍ୟାସ ପ୍ରତିଯୁଗରେ ଜନ୍ମ ହୋଇଛନ୍ତି, ଠିକ୍ ସେହିପରି ବୁଦ୍ଧ ବି ପ୍ରତି ଯୁଗରେ ଜନ୍ମ ହୋଇଛନ୍ତି ଏବଂ ହେବେ। ବୁଦ୍ଧଦେବ ଦେହାବସାନ ପୂର୍ବରୁ ଆଜିକୁ ଅଢେଇ ହଜାର ବର୍ଷ ତଳେ ନିଜର ଶିଷ୍ୟମାନଙ୍କୁ କହିଥିଲେ ଯେ, ସିଏ କଲ୍ୟାଣ ମିତ୍ର ରୂପରେ ପୃଥିବୀକୁ ଆସିବେ। ସେତେବେଳେ ଲୋକେ ତାଙ୍କୁ ମୈତ୍ରେୟ ବୋଲି ଜାଣିବେ। ବେଳେବେଳେ ମନେହୁଏ ଯେ ଏ ପୃଥିବୀ ବୁଦ୍ଧ ଚେତନାରୁ ରିକ୍ତ ହୋଇଯାଉଛି ଅଥଚ ବିରୋଧାଭାସ ଏୟା ଯେ ଅହଂକାର, ଲୋଭ, ମୋହ, ମାୟାର ଅନ୍ଧକାରରେ ଆମେ ଅସହାୟ ଥିଲାବେଳେ ବୁଦ୍ଧ ଚେତନା ଆମକୁ ଉଦ୍‌ବୁଦ୍ଧ କରେ। ମୈତ୍ରେୟ କହିବାର ଅର୍ଥ ମିତ୍ର ରୂପରେ ଅବତରଣ କରିବେ। ସେଇ ଦୃଷ୍ଟିରୁ ଦେଖିଲେ ଯିଶୁ, ମହମ୍ମଦ, ଶ୍ରୀଚୈତନ୍ୟ, ଶ୍ରୀରାମକୃଷ୍ଣ- ଏମାନେ ସମସ୍ତେ ବୁଦ୍ଧ। ବୁଦ୍ଧତ୍ୱ ଚେତନା କୌଣସି ଏକ କାଳର, ଯୁଗର ବା ସମୟର ନୁହେଁ। ଏହା ଏକ ଚିରନ୍ତନ ପ୍ରବାହ। ଦେଖିବାକୁ ଗଲେ ବୁଦ୍ଧର ବ୍ୟାପକ ଅର୍ଥ ହେଉଛି ଜାଗ୍ରତ ବ୍ୟକ୍ତି ଯା' ଭିତରେ ପରମ ଚୈତନ୍ୟର ଜାଗ୍ରତ ହୋଇଥାଏ।

ଗୌତମ ବୁଦ୍ଧ କହିଥିଲେ, ତାଙ୍କ ପୂର୍ବରୁ ୨୮ ଜଣ ବୁଦ୍ଧ ହୋଇସାରିଛନ୍ତି ଓ ତାଙ୍କ ପରେ ବି ବହୁତ ବୁଦ୍ଧ ଏ ପୃଥିବୀକୁ ଆସିବେ। ପ୍ରତିଟି ମଣିଷର ବୁଦ୍ଧ ହେବାର ଅଧିକାର ଅଛି କିନ୍ତୁ ସିଏ ହୋଇପାରେନା କାରଣ ତା' ପାଖରେ ସମ୍ୟକ୍ ସ୍ମୃତି ବା ରାଇଟ୍ ରିମେମ୍ବରିଂର ଅଭାବ। ମଣିଷ ଲୋଭ, ମୋହ, ମାୟାରେ ବୁଡି ରହିଛି, ଏହା ହେଉଛି ମଣିଷର ଅଜ୍ଞାନତା। ନିଜ ଭିତରର ଆଲୋକକୁ ସିଏ ଦେଖିପାରେନା। ତେଣୁ ଭ୍ରମରେ ପଡି ଅନ୍ଧକାରରେ ଚଳପ୍ରଚଳ ହେଉଥାଏ। ଆତ୍ମାର ଆଲୋକ ପରମାତ୍ମାଙ୍କୁ ଦେଖିବାରେ ସମର୍ଥ ହୁଏନା। ଥରେ ଯଦି ମଣିଷର ଜ୍ଞାନଚକ୍ଷୁ ଖୋଲିଯାଏ



ବୁଦ୍ଧ ଜୟନ୍ତୀ ଉପଲକ୍ଷେ

ଏବଂ ସିଏ ନିଜ ଭିତରର ଚୈତ୍ୟସତ୍ତାକୁ ଅନୁଭବ କରିପାରେ ସିଏ ହିଁ ଧନ୍ୟ। ଭଗବାନ ବୁଦ୍ଧଙ୍କ ଭାଷାରେ 'ଅପ୍ପୋ ଦୀପୋ ଭବ'- ନିଜର ଦୀପ ନିଜେ ହୁଅ। ଜୀବନ ଦର୍ଶନର କଥା ନୁହେଁ। ଜୀବନକୁ ଜାଣିବା ପାଇଁ ମଣିଷକୁ କେତେବର୍ଷ ଲାଗିଯାଏ? ବର୍ଷ, ମାସ, ଦିନ, ଦଣ୍ଡ, ଲିତା-ବିଲିତାର କଥା ଏଠି କୁହାଯାଉନି। ସାଧାରଣ ମଣିଷଟିଏ ଜନ୍ମ ନିଏ, ଖାଏ ପିଏ। ନିଜର ସାଂସାରିକ ଦାୟିତ୍ୱ ତୁଲାଏ। ତା' ପରେ ଦିନେ ବୁଢା ହୋଇ ମରିଯାଏ।

ଏଇ ପ୍ରସଙ୍ଗରେ ମନେପଡେ ଭଗବାନ ବୁଦ୍ଧଦେବଙ୍କ ସହ ଘଟିଥିବା ଗୋଟିଏ ଘଟଣା। ଥରେ ଜଣେ ବୃଦ୍ଧ ଭିକ୍ଷୁ ବୁଦ୍ଧଙ୍କ ପାଖକୁ ଆସିଲେ। ବୁଦ୍ଧ ପଚାରିଲେ, ତୁମ ବୟସ କେତେ? ବୃଦ୍ଧ ଭିକ୍ଷୁର ଉତ୍ତର ଥିଲା ଚାରି ବର୍ଷ। ବୁଦ୍ଧ ଭାବିଲେ ସିଏ ବୋଧେ ଠିକ୍ ଶୁଣିପାରିଲେନି। ତେଣୁ ପୁଣିଥରେ ପଚାରିଲେ, 'କେତେ କହିଲ?' ଉତ୍ତର- 'ଚାରି ବର୍ଷ'। ବୁଦ୍ଧ କହିଲେ- "ଆଶ୍ଚର୍ଯ୍ୟ କଥା। ତୁମକୁ ଦେଖିଲେ ମନେହେଉଛି ଅତି କମ୍‌ରେ ସତୁରି କି ଅଶୀ ବର୍ଷର ହୋଇଥିବ।" ବୃଦ୍ଧ ଭିକ୍ଷୁ କହିଲେ, 'ଚାରିବର୍ଷ ପୂର୍ବର ଜୀବନ ଜୀବନ ନ ଥିଲା। ତେଣୁ ମୁଁ ତାକୁ ଗଣିନି। ଏଇ ଚାରିବର୍ଷ ଧରି ମୁଁ ଜୀବନର ଅର୍ଥକୁ ଖୋଜିପାଇଛି। ତେଣୁ ମୁଁ ଚାରିବର୍ଷର। ତା' ଆଗରୁ ବାହାରେ ତ ମୃତ୍ୟୁ ଥିଲା, ଭିତରେ ହିଁ ଜୀବନ ଥିଲା। ମୁଁ ଚାରିବର୍ଷ ଆଗରୁ ହିଁ ଶାନ୍ତି କ'ଣ ଅନୁଭବ କଲି। କିନ୍ତୁ ଭିତରେ କ'ଣ ଅଛି, ଯାହାକୁ ଆମେ ଆତ୍ମା ବୋଲି କହୁ। ଜୀବନ ଭିତରେ କେତେ ଧାରା, କେତେ ଚେତନା ଅଛି। ଏ ଚର୍ମ ଦେହରେ ବାହ୍ୟରୂପରେ ମଣିଷର କେତେ ପଥ ରହିଥାଏ। ଯଦିଓ ଜାଣିଛ ଯେ ଦେହ ମରଣଶୀଳ। ଏ ଶରୀର କଷ୍ଟ ପାଏ ଆତ୍ମଜ୍ଞାନ ଅଭାବରୁ। ଭୌତିକ ସୁଖ ପଛରେ ପଡିଥିବାରୁ। ତେବେ ଜୀବନର ଅର୍ଥ କ'ଣ? ଜୀବନର ଅର୍ଥ ଖୋଜିବାକୁ ଯାଇ ରାଜମହଲର ଭୋଗବିଳାସ ତ୍ୟାଗ କରି ରାଜପୁତ୍ର ଗୌତମ କାହିଁକି ଜୀବନର ସନ୍ଧାନରେ ବୁଦ୍ଧତ୍ୱ ପ୍ରାପ୍ତି ପାଇଁ ଗୃହତ୍ୟାଗୀ ହୋଇଥିଲେ। ଜରା, ବ୍ୟାଧି ଓ ମୃତ୍ୟୁକୁ ଦେଖି ନଶ୍ୱର ଦେହର ଅସାରତା ପ୍ରତି ତାଙ୍କର ମୋହଭଙ୍ଗ ଘଟିଥିଲା। ଘୋର ସାଧନା ପରେ ହିଁ ସିଏ ବୁଦ୍ଧତ୍ୱ ପ୍ରାପ୍ତ ହୋଇଥିଲେ। ବୁଦ୍ଧ ସବୁକାଳେ ପ୍ରାସଙ୍ଗିକ, କାରଣ ମଣିଷ ପ୍ରବୁଦ୍ଧ ଚେତନାରେ ସବୁବେଳେ ବୌଦ୍ଧିକତା ଚଳପ୍ରଚଳ ହେଉଥାଏ। ଆମର କାର୍ଯ୍ୟକଳାପରେ ଏମିତି କିଛି ଫୁଟିଉଠୁ ଯାହା ଆମକୁ ଅନ୍ୟଠୁ ଭିନ୍ନ କରି ଗଢିତୋଳିବ।

ଏକବିଂଶ ଶତାବ୍ଦୀରେ ମଣିଷର ଜ୍ଞାନ, ବୁଦ୍ଧିର ସୀମା କହିବାକୁ ଗଲେ ଚରମ ଅବସ୍ଥାରେ ପହଞ୍ଚିସାରିଛି। ସାଂସାରିକ ସୁଖ ପାଇଁ ମଣିଷର ସବୁକିଛି ଅଛି କିନ୍ତୁ ମଣିଷ ଶାନ୍ତି, ଆନନ୍ଦ, ଅନ୍ୟକୁ ସହ୍ୟ କରିବାର ମନୋବୃତ୍ତି, ଦୟା, କ୍ଷମା, କରୁଣାଠୁ କ୍ରମଶଃ ଦୂରେଇଯାଉଛି, ଯେଉଁସବୁ ଗୁଣ ବୁଦ୍ଧଙ୍କର ପ୍ରିୟ ଥିଲା। ଜଗତର କଲ୍ୟାଣ ପାଇଁ ଆମ ଭିତରର ବୁଦ୍ଧତ୍ୱର ଜାଗରଣ ହେଉ। ଆମ ଭିତରେ ମାନବୀୟ ଗୁଣସବୁ ବିକଶିତ ହେଉ- "ବୁଦ୍ଧଂ ଶରଣଂ ଗଚ୍ଛାମି, ସଙ୍ଘଂ ଶରଣଂ ଗଚ୍ଛାମି, ଧମ୍ମଂ ଶରଣଂ ଗଚ୍ଛାମି।"

-କ୍ଷେତ୍ରଶନ ବଜାର, ଢେଙ୍କାନାଳ

## ଏଇ ଭାରତରେ

ଏପରି ସମୟ ଆସେ ଯେତେବେଳେ କୌଣସି ଘଟଣା ପାଇଁ ଜଣେ ବ୍ୟକ୍ତି ଚର୍ଚ୍ଚାର ପରିସରକୁ ଆସନ୍ତି। ଯାହା ସେ ନିଜେ ମଧ୍ୟ ପୂର୍ବରୁ କଳ୍ପନା କରି ନ ଥାନ୍ତି। ବର୍ତ୍ତମାନ ଦେଶବ୍ୟାପୀ ଚର୍ଚ୍ଚାର ପରିସରକୁ ଆସିଥିବା ଏପରି ଜଣେ ମହିଳା ହେଉଛନ୍ତି ରିନା ଦ୍ୱିବେଦୀ। ଚଳିତବର୍ଷ ଲୋକ ସଭା ନିର୍ବାଚନ ଅବସରରେ ଷଷ୍ଠ ପର୍ଯ୍ୟାୟ ମତଦାନ ପାଇଁ ଉତ୍ତରପ୍ରଦେଶ ଲକ୍ଷ୍ନୌର ଏହି ମହିଳା ପୋଲିଂ ଅଧିକାରୀଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସେ ଖୁବ୍ ଚର୍ଚ୍ଚିତ ହୋଇପଡିଛନ୍ତି। ସେ ହଳଦିଆ ଶାଢ଼ି ପରିଧାନ କରି ନିର୍ବାଚନ ଅଧିକାରୀ ଭାବେ ଯେତେବେଳେ ଇଭିଏମ୍ ଧରି ପୋଲିଂ ବୁଥ୍‌କୁ ଯାଉଥିଲେ ସେତେବେଳେ ତାଙ୍କର କିଛି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ତାଙ୍କ ଷ୍ଟାଇଲକୁ ନେଇ ସେ ଏବେ ବେଶ୍ ଚର୍ଚ୍ଚାରେ। ନିକଟରେ ସେ ଏକ ସାକ୍ଷାତ୍‌କାରରେ କହିଛନ୍ତି, ସେ ବିବାଦୀୟ ରିୟଲିଟି ଶୋ' 'ବିଗ୍‌ବସ୍'ରେ ଅଂଶ ଗ୍ରହଣ କରିବାକୁ ଚାହାନ୍ତି। ଏଥିପାଇଁ ତାଙ୍କ ପରିବାର ପକ୍ଷରୁ ତାଙ୍କୁ ଅନୁମତି ମିଳିଯିବ ବୋଲି ସମ୍ପୂର୍ଣ୍ଣ ଆଶାବାଦୀ ଅଛନ୍ତି। ତାଙ୍କୁ ଏହି ସୁଯୋଗ ମିଳିଲେ, ସେ ଖୁସି ହେବେ ବୋଲି ପ୍ରକାଶ କରିଛନ୍ତି।

## ଚିରନ୍ତନୀ

ବନ କୋଳେ ଶୁଭେ ହିଂସ୍ର ପଶୁର ନାଦ
ଛୁଟଇ ସାହସ, ଥକିଯାଏ ତା'ର ପାଦ
ପାହାଡ଼ ସେ ପାଖୁଁ କେତେ ସୁକୋମଳ ଗୀର
କାନେ ଆସେ ଅବା ନ ପାରେ ହୋଇ ସେ ଥିର।
(ଏହି ଯେ ପାହାଡ଼)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୮ ମେ ୧୯୯୪

- ଇଣ୍ଡିଆନ ଏୟାର ଲାଇନ୍ସର ଇଞ୍ଜିନିୟରମାନେ ଅଚାନକ ଧର୍ମଘଟ କରିବା ଫଳରେ ସାରା ଦେଶରେ ବିମାନ ଚଳାଚଳ ବିପର୍ଯ୍ୟସ୍ତ।
- ଚଳିତବର୍ଷ ଦିଲ୍ଲୀ ବଜେଟରେ ପ୍ରାୟ ୧୭୦ କୋଟି ଟଙ୍କାର ବ୍ୟାପକ ବିକ୍ରିକର ରିହାତି ଦିଆଯିବା ପ୍ରସ୍ତାବକୁ କେନ୍ଦ୍ର ସରକାରର ଅନୁମୋଦନ।

## ପାଠକ ଶ୍ରେଷ୍ଠ ବିଚାରକ

### ଭାରତର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା

ମହାଶୟ,

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମାନକ ଅନୁସାରେ ପ୍ରତି ୧୦,୦୦୦ ଲୋକରେ ୫୦ ଶଯ୍ୟା ଓ ୨୫ ଡାକ୍ତର ରହିବା କଥା। ମାତ୍ର ଆମ ଦେଶରେ ୯ ଶଯ୍ୟା ଓ ୭ ଡାକ୍ତର ଅଛନ୍ତି। ସୋଭିଏଟ ରୁଷ୍‌ରେ ୯୭ ଶଯ୍ୟା ଓ ୪୩ ଡାକ୍ତର, ଚାଇନାରେ ୪୨ ଶଯ୍ୟା ଓ ୧୫ ଡାକ୍ତର, ବ୍ରାଜିଲରେ ୨୪ ଶଯ୍ୟା ଓ ୧୯ ଡାକ୍ତର, ଦକ୍ଷିଣ ଆଫ୍ରିକାରେ ୨୮ ଶଯ୍ୟା ଓ ୮ ଡାକ୍ତର। ସେହିପରି ଜାତୀୟ ଆୟର ୫ ପ୍ରତିଶତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଖର୍ଚ୍ଚ ହେବା କଥା। ମାତ୍ର ଆମେରିକାରେ ୮.୧ ପ୍ରତିଶତ, କ୍ୟୁବାରେ ୮.୨, ନେପାଳରେ ୨.୬ ଓ ଶ୍ରୀଲଙ୍କାରେ ୧.୪ ପ୍ରତିଶତ ଖର୍ଚ୍ଚ ହେଉଥିବା ବେଳେ ଭାରତରେ ୧.୩ ପ୍ରତିଶତ ଖର୍ଚ୍ଚ ହେଉଛି। ଜଣେ ଭାରତୀୟ ନିଜ ସ୍ୱାସ୍ଥ୍ୟ ବାବଦ ମୋଟ ଖର୍ଚ୍ଚର ୮୩% ଖର୍ଚ୍ଚ କରୁଥିବା ବେଳେ ସରକାର ମାତ୍ର ୧୨ ପ୍ରତିଶତ ବହନ କରିଥାନ୍ତି। ଏଣୁ ଭାରତର ସ୍ୱାସ୍ଥ୍ୟସେବା କେତେ ବିପର୍ଯ୍ୟସ୍ତ ଏହି ପରିସଂଖ୍ୟାନରୁ ଜଣାପଡ଼େ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ପୌରନିଗମର ଖାମଖିଆଲି ମନୋଭାବ

ଯଦିଓ ଆମେ ଭୁବନେଶ୍ୱର ସ୍ମାର୍ଟ ସିଟିରେ ରହିବାକୁ ନେଇ ଗର୍ବ କରୁ, ଏଠାରେ ସାଧାରଣ ଜୀବନ ଯେ କେତେ ଦୁଃଖପୂର୍ଣ୍ଣ, ତାହା କେହି କଳ୍ପନା କରିପାରିବେ ନାହିଁ। ଏଇ ସହରରେ ଗାଈ ଓ ଷଣ୍ଢଙ୍କ ପ୍ରାଦୁର୍ଭାବ ଯୋଗୁ ସାଧାରଣ ଜୀବନ ଦୁର୍ବିଷହ ହୋଇପଡିଛି। ସେମାନେ ସହରର ଜନଗହଳି ରାସ୍ତାରେ ନିର୍ଭୟରେ ଚଳପ୍ରଚଳ ହୁଅନ୍ତି ଏବଂ ଦୁଇଚକିଆ, ଚାରିଚକିଆ ଯାନ ଚାଳକ ତଥା ପଥଚାରୀମାନଙ୍କ ଦୁଃଖର କାରଣ ହୁଅନ୍ତି। ଏଇ କିଛିଦିନ ତଳେ ମୁଁ ରସୁଲଗଡ଼ କେନାଲ ରାସ୍ତାରେ ଏକ ବିବାହ ଉତ୍ସବରେ ଯୋଗଦାନ ପାଇଁ ଯାଉଥିଲା ବେଳେ ଗୋଟିଏ ଷଣ୍ଢ ଆକ୍ରମଣର ଶିକାର ହୋଇ ମୋର ହାତଗୋଡ଼ ଭାଙ୍ଗିଯାଇ ଡାକ୍ତରଖାନାରେ ଚିକିତ୍ସିତ ହେବାକୁ ପଡିଥିଲା। ଯେଉଁ 'କାଞ୍ଜିଆହୁଦା' ନିର୍ମାଣ ହୋଇଛି, ସେଠାରେ ଗୋରୁମାନଙ୍କୁ ପୌରନିଗମ କାହିଁକି ରଖୁନାହିଁ?

ସୁଲୋଚନା ପଣ୍ଡା, ଜିଜିପି କଲୋନୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଏଟିଏମ୍ ଡାଡ଼ିଲେ ଦୁର୍ବୃତ୍ତ

**ହିଞ୍ଜିଳିକାଟୁ,୧୭।୫(ଡି.ଏନ୍.ଏ.):** ହିଞ୍ଜିଳିକାଟୁ ବିଜୁ ପଟ୍ଟନାୟକ ଛକରେ ଥିବା ଆକ୍ସିସ ବ୍ୟାଙ୍କ ଏଟିଏମ୍‌କୁ ଗୁରୁବାର ରାତିରେ କେହି ଦୁର୍ବୃତ୍ତ ନଷ୍ଟ କରିଥିବା ଜଣାପଡିଛି। ଏଟିଏମ୍‌ର କାର୍ଡ ସ୍ୱାଇପ ହେଉଥିବା ସ୍ଥାନକୁ ଦୁର୍ବୃତ୍ତ ଡାଡିବାକୁ ଚେଷ୍ଟା କରିଛନ୍ତି। ତେବେ ଏପରି ଘଟଣା ପଛରେ ଦୁର୍ବୃତ୍ତଙ୍କ କ'ଣ ଉଦ୍ଦେଶ୍ୟ ରହିଛି ତାହା ସ୍ପଷ୍ଟ ହୋଇନାହିଁ। ସୁରକ୍ଷାକର୍ମୀବିହୀନ ଏହି ଏଟିଏମ୍‌ଟି ସହରର କେନ୍ଦ୍ରସ୍ଥଳ ତଥା ଜନଗହଳି ସ୍ଥାନରେ ଅବସ୍ଥିତ। ଏପରି ଘଟଣା ପରେ ସହରର ଅନ୍ୟ ଏଟିଏମ୍ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣା ନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

### ପାୱାର ଟିଲରରେ କଟି ଚାଷୀ ଗୁରୁତର



**ଦିଗପହଣ୍ଡି,୧୭।୫(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ବଡ଼ଡୁମ୍ବୁଲା ପଞ୍ଚାୟତ ଡାମଣାପଦର ଗ୍ରାମରେ ଶୁକ୍ରବାର ପାୱାର ଟ୍ରିଲରରେ ଚାଷ କରୁଥିବା ବେଳେ ଅସାବଧାନତା କାରଣରୁ ଜଣେ ଯୁବ ଚାଷୀ ଗୁରୁତର ହୋଇଛନ୍ତି। ସେ ହେଲେ ମାଗୁଣି ମଳିକ। ପୂର୍ବାହ୍ନ ପ୍ରାୟ୍ ସାଢ଼େ ୧୧ଟାରେ ମାଗୁଣି ତାଙ୍କ ଚାଷ ଜମିରେ ପାୱାର ଟିଲର ରୋଟର ମେଶିନରେ ଚାଷ କରୁଥିଲେ। ସେଥିରେ କାଦୁଅ ଭର୍ତ୍ତି ହୋଇଯିବାରୁ ମେଶିନ ବୁଲି ନ ଥିଲା। ପାୱାର ଟ୍ରିଲର ଷ୍ଟାର୍ଟ ବନ୍ଦ ନ କରି ମାଗୁଣି ଗୋଡ଼ରେ କାଦୁଅ ସଫା କରିବା ବେଳେ ଦୁଇଟି ଯାକ ଗୋଡ଼ର ପାଦ ମେଶିନ ଭିତରେ ପଶିଯିବାରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।

## ■ ଓଏସ୍ଆର୍‌ଟିସି ବସ୍ ସ୍ଥାନାନ୍ତରକୁ କେନ୍ଦ୍ରକରି ମୁହାଁମୁହିଁ ପରିସ୍ଥିତି

# କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମଙ୍ଗଳବାର ଭଞ୍ଜନଗର ବନ୍ଦ ଡାକରା

**ଭଞ୍ଜନଗର,୧୭।୫(ଡି.ଏନ.ଏ)**

ଭଞ୍ଜନଗର ଓଏସ୍ଆରଟିସି ଜୋନରୁ ସମସ୍ତ ବସ୍ ଅନ୍ୟ ଜୋନକୁ ସ୍ଥାନାନ୍ତର ପାଇଁ ପ୍ରଶାସନ କଡା ଆଭିମୁଖ୍ୟ ଆପଣାଇଛି। ବସ୍ ସ୍ଥାନାନ୍ତର ସମୟରେ ବିବାଦ ଉପୁଜିବା ଆଶଙ୍କାରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଶୁକ୍ରବାର ଭଞ୍ଜନଗର ପୋଲିସର ସହାୟତା ନେଇଛନ୍ତି। ଅପରପକ୍ଷେ ବସ୍ ନଛାଡିବା ପାଇଁ ଆନ୍ଦୋଳନରତ ଅସ୍ଥାୟୀ କର୍ମଚାରୀମାନେ ଓଏସଆରଟିସି ବସ୍ ଡିପୋ ସମ୍ମୁଖରେ ଧାରଣାରେ ବସିଛନ୍ତି। ଏଥିସହ ସନ୍ଧ୍ୟାରେ ସହରର ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିଙ୍କୁ ନେଇ ବୈଠକ ହୋଇଥିଲା। ବୈଠକରେ ଆଗାମୀ ରଣନୀତି ପ୍ରସ୍ତୁତି ପାଇଁ ଏକ କ୍ରିୟାନୁଷ୍ଠାନ କମିଟି ଗଠନ ହୋଇଥିଲା। ଏଥିରେ ଆସନ୍ତା ମଙ୍ଗଳବାର ଦିନ ଭଞ୍ଜନଗର ବନ୍ଦ ଡାକରା ଦିଆଯାଇଛି। ଶନିବାର ସହରରେ ଏକ ଶୋଭାଯାତ୍ରା କରାଯିବ। ଅପରପେକ୍ଷ ଆନ୍ଦୋଳନରେ ସାମିଲ ୨ଜଣ କର୍ମଚାରୀ ଶୁକ୍ରବାର ଦିନ ୧ଟାରେ ଅଂଶୁଘାତର ଶିକାର ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। କ୍ରିୟାନୁଷ୍ଠାନ କମିଟିରେ ସଂଘର ସଭାପତି ବଟକୃଷ୍ଣ ପଣ୍ଡା, ଆଇନଜୀବୀ ଏମ୍. ତାଜ୍. ଆଦେନୀ, ସୋମନାଥ ନାୟକ, ଅଭିମନ୍ୟୁ ଗୌଡ, ଅଶୋକ ଜେନା, ମୁରଲି ପଣ୍ଡା, ସନ୍ତୋଷ ନାୟକ, ସୁଶାନ୍ତ ମହାପାତ୍ର, ଡି. ଚେଲପତି ରାଓ, ହରିକୃଷ୍ଣ ସାହୁ, ମନୋଜ ପଟ୍ଟନାୟକ, ସନ୍ତୋଷ ତିଆଡି ପ୍ରମୁଖ ଥିଲେ।



କ୍ରିୟାନୁଷ୍ଠାନ କମିଟିର ସଦସ୍ୟ।

> ■ ଆନ୍ଦୋଳନରତ ୨ କର୍ମଚାରୀ ଅଂଶୁଘାତର ଶିକାର
>
> ■ ବସ୍ ନେବାକୁ ଆସି କର୍ମଚାରୀ ନିରାଶ

ପ୍ରକାଶ ଯେ, ଭଞ୍ଜନଗର ଓଏସ୍ଆରଟିସି ଜୋନ୍ ବିଗତ ୭ମାସ ହେବ କ୍ଷତିରେ ଚାଲିଥିଲା। ତେଣୁ କର୍ମଚାରୀଙ୍କୁ ଦରମା ବାବଦକୁ ପ୍ରାୟ ୫୪ଲକ୍ଷ ଟଙ୍କା ପ୍ରଦାନ କରାଯାଇ ପାରିନଥିଲା। ଏହାର ପ୍ରତିବାଦରେ କର୍ମଚାରୀମାନେ ବିଗତ ଏକ ସପ୍ତାହ ହେବ ଆନ୍ଦୋଳନକୁ ଓହ୍ଲାଇଥିଲେ। ଫଳରେ ଏଠାରୁ ଯାଉଥିବା ସମସ୍ତ ରୁଟ୍‌ରେ ବସ୍ ଚଳାଚଳ ବନ୍ଦ ହୋଇଯାଇଥିଲା। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଠାରେ ଥିବା ୨୨ଟି ବସ୍ ମଧ୍ୟରୁ ସଚଳ ଥିବା ୧୮ ବସ୍‌କୁ ରାଜ୍ୟର ବିଭିନ୍ନ ଜୋନ୍‌କୁ ସ୍ଥାନାନ୍ତର କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଏଭଳି ନିଷ୍ପତ୍ତି ଦ୍ୱାରା ଅନେକ କର୍ମଚାରୀ ନିଯୁକ୍ତି ହରାଇବା ସହ କେତକ ରୁଟ୍‌ରେ ବସ୍ ସେବା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ପରିସ୍ଥିତି ଦେଖାଦେଇଛି। ଏନେଇ ଅସ୍ଥାୟୀ ବସ୍ କର୍ମଚାରୀ ସଂଘ ପକ୍ଷରୁ ଆନ୍ଦୋଳନକୁ ସମର୍ଥନ କରିବା ପାଇଁ ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନର ସହଯୋଗ ଲୋଡାଯାଇଥିଲା। ଅନେକ ଅନୁଷ୍ଠାନ ଆନ୍ଦୋଳନକୁ ସମର୍ଥନ ଜଣାଇ ସାମିଲ ହୋଇଛନ୍ତି। ଶୁକ୍ରବାର ଜିଲା ଶ୍ରମ ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିଥିଲେ ମଧ୍ୟ ତାହା ସଫଳ ହୋଇପାରିନାହିଁ। ଏହାପରେ ଅପରାହ୍ନରେ ବ୍ରହ୍ମପୁରରୁ ଓଏସ୍ଆରଟିସିର ଜଣେ ଅଧିକାରୀ ୨ଜଣ ଡ୍ରାଇଭରଙ୍କୁ ଧରି ଆସିଛନ୍ତି ଏହି ଜୋନରୁ ୨ଟି ବସ୍ ନେବାପାଇଁ। ଯାହାକୁ ନେଇ ବିବାଦ ଦେଖାଦେଇଛି।

# ପୋଲିସକୁ ଆକ୍ରମଣ ମାମଲା, ୪ ଭାଜପା ସମର୍ଥକ ଗିରଫ

**ଭଞ୍ଜନଗର,୧୭।୫(ଡି.ଏନ.ଏ.)**

ଆଇନଶୃଙ୍ଖଳା ତଦାରଖ ଏବଂ ଘଟଣାର ତଦନ୍ତ କରିବାକୁ ଭଞ୍ଜନଗର ପୋଲିସ ମେଡିକାଲକୁ ଯାଇଥିବାବେଳେ ଭାଜପାର କେତେଜଣ ସମର୍ଥକ ପୋଲିସକୁ ଆକ୍ରମଣ କରିଥିଲେ। ଏ ନେଇ ପୋଲିସ ଆଜି ୪ଜଣ ଭାଜପା ସମର୍ଥକଙ୍କୁ ଗିରଫ କରିଛି। ଏହି ଘଟଣା ପ୍ରତିବାଦରେ ଭାଜପାର ଏକ ପ୍ରତିନିଧିମଣ୍ଡଳୀ ଏସ୍‌ଡିପିଓଙ୍କୁ ଭେଟି ପୋଲିସର ଏକପାଖିଆ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିଛନ୍ତି। ଏଥିସହ ପୋଲିସ ଏ ନେଇ ଶୀଘ୍ର ପଦକ୍ଷେପ ନ ନେଲେ ଭାଜପା ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଭାଜପା ନେତାମାନେ ଏସ୍‌ଡିପିଓଙ୍କୁ ଭେଟି ସୂଚାଇ ଦେଇଛନ୍ତି। ପ୍ରକାଶ ଯେ, ଗତମାସ ୮ ତାରିଖ ଦିନ ତାରସିଂ ଥାନା ଡୁରୁମୁରେ ବିଜେଡି ଓ ଭାଜପା ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଏହାପରେ ଆହତ ଜଣେ ବିଜେଡି ସମର୍ଥକଙ୍କୁ ପ୍ରଥମେ ଭଞ୍ଜନଗର ମେଡିକାଲକୁ ଚିକିତ୍ସା ପାଇଁ ତାଙ୍କର ଅନ୍ୟ ଜଣେ ସହଯୋଗୀ ଆଣିଥିଲେ। ଏହି ସମୟରେ ପୂର୍ବରୁ ସେଠାରେ ଉପସ୍ଥିତ ଥିବା ଭାଜପାର କେତେଜଣ ନେତା ଓ ସମର୍ଥକ ସେମାନଙ୍କୁ ଆକ୍ରମଣ କରିଥିଲେ। ସେଠାରେ ଉପସ୍ଥିତ ପୋଲିସ ଅଧିକାରୀମାନେ ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଯାଇ ଆକ୍ରମଣର ମଧ୍ୟ ଶିକାର ହୋଇଥିଲେ। ଏ ନେଇ ପୋଲିସ ସେ ସମୟରେ ୪ଟିମାମଲା ରୁଜୁକରି ସିସିଟିଭି ଫୁଟେଜ୍ ଜବତ କରିବା ସହ ନିର୍ବାଚନ ଯୋଗୁ ନୀରବ ବସିଯାଇଥିଲା। ଏହି ମାମଲାରେ ଘଟଣା ପରଠୁ କାହାରିକୁ ଗିରଫ କରାଯାଇ ନଥିବାବେଳେ ଶୁକ୍ରବାର ହଠାତ୍ ୪ଜଣଙ୍କୁ ଗିରଫ କରିଛି। ଯାହାକୁ ନେଇ ଭଞ୍ଜନଗର ରାଜନୀତି ଚଳଚଞ୍ଚଳ ହୋଇପଡିଛି। ୨୩ରେ ଭୋଟ ଗଣତି ହେବାକୁ ଥିବାବେଳେ ଭାଜପା ନେତାଙ୍କୁ ଗିରଫ ନେଇ ଭାଜପା ନେତାମାନେ ଆଗାମୀ ରଣନିତୀ ନେଇ ଯୋଜନା ଚଳାଇଛନ୍ତି। ଅପରପକ୍ଷେ ଭାଜପା ଘୁମୁସର ସାଙ୍ଗଠନିକ ଜିଲା ଉପ ସଭାପତି ତଥା ମିଡିଆ ସଂଯୋଜକ ସନ୍ତୋଷ ପାଳଙ୍କ ମତାମତ ନେବାପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

# ମଦ ଦୋକାନ ବନ୍ଦ ଲାଗି ଅଣ୍ଟା ଭିଡ଼ିଲେ ମହିଳା

**ଆସିକା,୧୭।୫(ଡି.ଏନ୍.ଏ.)**

ଆସିକା ବ୍ଲକ ହରିଡାପଦର ଗ୍ରାମର ଅସବର୍ଣ୍ଣ ବସ୍ତିରେ ଏକ ଚୋରା ମଦ ଦୋକାନକୁ କେନ୍ଦ୍ର କରି ଶୁକ୍ରବାର ସମ୍ପୃକ୍ତ ବସ୍ତିରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ମଧ୍ୟାହ୍ନରେ ଶତାଧିକ ମହିଳା ବସ୍ତି ସଂଲଗ୍ନ ନୂଆବନ୍ଧ ତୋଟାରେ ଏକ ବୈଠକ ଡାକି ଚୋରାମଦ ଦୋକାନ ହଟାଇବା ଲାଗି ନିଷ୍ପତ୍ତି ନେଇଥିଲେ। ଏହି ମଦ ଦୋକାନ ଦ୍ୱାରା ପାରିବାରିକ ଅଶାନ୍ତି ସୃଷ୍ଟି ହେଉଥିବା ଅଭିଯୋଗ କରିଥିଲେ। ଏପରିକି ମହିଳାମାନେ ଏହି ଦାବିକୁ ନେଇ ସଂଘବଦ୍ଧ ଭାବେ ଗଞ୍ଜାମ ଜିଲାପାଳଙ୍କ ଦ୍ୱାରସ୍ଥ ହେବା ଲାଗି ମଧ୍ୟ ନିଷ୍ପତ୍ତି ନେଇଥିଲେ। ତେବେ ମଦ ଦୋକାନ କରିଥିବା ସେହି ବସ୍ତିର ଜଣେ ଯୁବକ ବୈଠକ ସ୍ଥଳରେ ପହଞ୍ଚି ଏହି ମଦ ଦୋକାନ କରିଥିବାରୁ ଦୁଃଖ ପ୍ରକାଶ କରିବା ସହ ଭବିଷ୍ୟତରେ ଏହି କାର୍ଯ୍ୟରୁ ନିବୃତ୍ତ ରହି ମଦ ଦୋକାନ ବନ୍ଦ କରିବା ଲାଗି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ସୂଚନା ଯୋଗ୍ୟ, ଗତ ସାଧାରଣ ନିର୍ବାଚନ ପୂର୍ବରୁ ମଧ ବସ୍ତିର ମହିଳାମାନେ ଏହି ମଦ ଦୋକାନକୁ ଜୋର ଜବରଦସ୍ତ ବନ୍ଦ କରିଥିଲେ। ତେବେ ବୁଧବାରଠାରୁ ପୁଣି ସେଠାରେ ମଦ ଦୋକାନ ଖୋଲିବାରୁ ଗୁରୁବାର ବସ୍ତିର ମହିଳାମାନେ ଜୋର ଜବରଦସ୍ତ ମଦ ଦୋକାନରେ ପଶି ବିକ୍ରି ଲାଗି ରହିଥିବା ମଦ ପାଉଚ ପ୍ୟାକେଟ ସବୁ ଜବତ କରି କୋଠଘରେ ରଖିଥିଲେ। ଶୁକ୍ରବାର ବୈଠକ ପରେ ଜବତ କରାଯାଇଥିବା ମଦ ପ୍ୟାକେଟ ସବୁ ପୋଡି ଦିଆଯାଇଥିବା ଜଣାଯାଇଛି।



ମଦ ଦୋକାନ ବନ୍ଦ ଲାଗି ମହିଳାଙ୍କ ବୈଠକ।

# ବଜ୍ରପାତରେ ଜଣେ ମୃତ

**ଭଞ୍ଜନଗର,୧୭।୫(ଡି.ଏନ.ଏ)**

ଭଞ୍ଜନଗର ବିଲୁଆପଡାରେ ଶୁକ୍ରବାର ଅପରାହ୍ନ ପ୍ରାୟ ୫ଟାରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହିମାଶୁଂ ଶେଖର ଗୌଡ। ଗାଲେରି ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୭/୧୯ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ମୃତଦେହ ଭଞ୍ଜନଗର ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ହିମାଶୁଂ ବଳଦ କିଣିବାକୁ ଯାଇ ଫେରୁଥିବାବେଳେ ବଜ୍ରପାତରେ ଶିକାର ହୋଇଥିଲେ। ଭଞ୍ଜନଗର ଦମକଳ ବାହିନୀ ପହଞ୍ଚି ହିମାଶୁଂଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଭଞ୍ଜନଗର ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ହିମାଂଶୁଙ୍କୁ ମୃତ ଘୋଷଣା କରିଥିଲେ।

**NOTICE**

This is to inform all that M/s Officers Housing Cooperative Society Ltd. having registered office at Plot No:- 42 A, Gajapati Nagar, Bhubaneswar has executed Development Agreement & Power of Attorney with **M/s Devavrat Homes Pvt. Ltd.** Bhubaneswar for Development of their Plots 232 & others in Mouza,Pipili Sasan & Plot No 437 & Others in Mouza,Darada Tehsil:- Pipili, Dist: -Puri, Any new Agreement executed with them on such Plots are illegal & are at the risk of the concerned Parties.

DSPL-14

**ସତର୍କ ରୁହନ୍ତୁ ଅଂଶୁଘାତକୁ ପ୍ରତିରୋଧ କରନ୍ତୁ**

| କଣ କରିବେ | କଣ କରିବେ ନାହିଁ |
| --- | --- |
| ବାହାରକୁ ଯାଉଥିଲେ ମୁଣ୍ଡକୁ ଓଦା ଗାମୁଛାରେ ଘୋଡାନ୍ତୁ କିମ୍ବା ଛତା, ଚପଲ, କଳାଚଷମା ବ୍ୟବହାର କରନ୍ତୁ । | ଦିନ ୧୧ ଟାରୁ ୩ଟା ମଧ୍ୟରେ ଟାଣ ଖରାକୁ ଯାଆନ୍ତୁ ନାହିଁ କିମ୍ବା କୌଣସି ଶାରୀରିକ ପରିଶ୍ରମ କରନ୍ତୁ ନାହିଁ । |
| ଘରେ ଟିଣ ବା ଆଜେବେଷ୍ଟସ୍ ଛାତ ଥିଲେ ତା ଉପରେ ନଡା ବିଛାନ୍ତୁ । | ବୃଦ୍ଧ, ଅସୁସ୍ଥ ଲୋକ, ଶିଶୁ, ଗର୍ଭବତୀ ମହିଳା ଏବଂ ରକ୍ତଚାପ କିମ୍ବା ମଧୁମେହରେ ପୀଡିତ ବ୍ୟକ୍ତି ଟାଣ ଖରାରେ ବାହାରକୁ ଯାଆନ୍ତୁ ନାହିଁ । |
| ପ୍ରଚୁର ପରିମାଣରେ ପାଣି, ତୋରାଣି, ପଣା, ଘୋଳଦହି, କିମ୍ବା ସରବତ୍ ଆଦି ପିଅନ୍ତୁ । | ଅଧିକ ଖରା ସମୟରେ ନିଆଁ ପାଖରେ କୌଣସି କାର୍ଯ୍ୟ (ରୋଷେଇ ଆଦି) କରନ୍ତୁ ନାହିଁ । |
| ହାଲିଆ ଲାଗିଲେ ଛାଇ ଓ ପବନ ଚଳାଚଳ ସ୍ଥାନ କିମ୍ବା ଗଛ ତଳେ ବିଶ୍ରାମ ନିଅନ୍ତୁ । | ମାଦକ ଦ୍ରବ୍ୟ (ମଦ, ବିଡି, ସିଗାରେଟ୍, ତମାଖୁ ଇତ୍ୟାଦି) ସେବନ କରନ୍ତୁ ନାହିଁ । |
| କୌଣସି ବ୍ୟକ୍ତିଙ୍କଠାରେ ଅଂଶୁଘାତର ସନ୍ଦେହ ହେଲେ ତୁରନ୍ତ ଡାକ୍ତରଖାନା ନେବାର ବ୍ୟବସ୍ଥା କରନ୍ତୁ । | ଅଂଶୁଘାତ ଆକ୍ରାନ୍ତ ବ୍ୟକ୍ତିଙ୍କ ଦେହରେ କେବେହେଲେ ବରଫ ଘଷନ୍ତୁ ନାହିଁ । |
| ଅଂଶୁଘାତ ରୋଗୀଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଡକାଇ ଡାକ୍ତରଖାନାକୁ ନେଇ ଚିକିତ୍ସା କରାନ୍ତୁ । | ଗ୍ରୀଷ୍ମ ପ୍ରବାହ ସମୟରେ କେହି ହଠାତ୍ ଅସୁସ୍ଥ ଅନୁଭବ କଲେ ତାଙ୍କର ଚିକିତ୍ସାରେ ଆଦୌ ଅବହେଳା କରନ୍ତୁ ନାହିଁ । |

10003/13/0010/1920

**ସରକାରୀ ଡ଼ାକ୍ତରଖାନାମାନଙ୍କରେ ଅଂଶୁଘାତ ରୋଗୀଙ୍କ ପାଇଁ ଚିକିତ୍ସା ଉପଲବ୍ଧ ।**

**ଅଧିକ ସୂଚନାପାଇଁ ନିକଟସ୍ଥ ଆଶାଦିଦି, ଅଙ୍ଗନୱାଡିକର୍ମୀ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ ।**

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

SIDAC

**ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ**

ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ଖଣ୍ଡଗିରି, ଭୁବନେଶ୍ୱର–୩୦
ଫୋନ୍ : ୦୬୭୪–୨୩୫୦୩୧୮, ଫ୍ୟାକ୍ସ : ୦୬୭୪–୨୩୫୧୩୮୯

**ରାଜ୍ୟ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ଭୁବନେଶ୍ୱରଙ୍କ ଦ୍ୱାରା ପରିଚାଳିତ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ଗଣ୍ଡମୁଣ୍ଡା ୨୦୧୯–୨୦ ଆର୍ଥିକ ବର୍ଷ ନିମନ୍ତେ ନିମ୍ନଲିଖିତ ୧ ବର୍ଷିଆ ପାଠ୍ୟକ୍ରମରେ ନାମଲେଖା ପାଇଁ ଦରଖାସ୍ତ ଆହ୍ୱାନ କରୁଅଛି ।**

| ପାଠ୍ୟକ୍ରମ | ମୌଳିକ ତାଲିମ ପାଠ୍ୟକ୍ରମ (Basic Course) | ଉଚ୍ଚତର ତାଲିମ ପାଠ୍ୟକ୍ରମ (Higher Course) | ମାଷ୍ଟର ତାଲିମ ପାଠ୍ୟକ୍ରମ (Master Course) | ଜିଲ୍ଲା ସ୍ତରୀୟ ମୌଳିକ ତାଲିମ ପାଠ୍ୟକ୍ରମ (District Level Basic Course) |
| --- | --- | --- | --- | --- |
| ତାଲିମ ଦିଆଯାଉଥିବା ହସ୍ତ ଶିଳ୍ପର ନାମ ଏବଂ ସ୍ଥାନ ସଂଖ୍ୟା | ପଥର ଖୋଦେଇ, ପଟ୍ଟଚିତ୍ର, ଟେରାକୋଟା, ଚାନ୍ଦୁଆ କାମ, କାଠ ଖୋଦେଇ, ତାଳପତ୍ର ଖୋଦେଇ (ପ୍ରତ୍ୟେକ ବିଭାଗରେ ୧୦ ଗୋଟି ସ୍ଥାନ) | ପଥର ଖୋଦେଇ, ପଟ୍ଟଚିତ୍ର, ଟେରାକୋଟା, ଚାନ୍ଦୁଆ କାମ, କାଠ ଖୋଦେଇ, ତାଳପତ୍ର ଖୋଦେଇ (ପ୍ରତ୍ୟେକ ବିଭାଗରେ ୧୦ ଗୋଟି ସ୍ଥାନ) | ପଥର ଖୋଦେଇ, ପଟ୍ଟଚିତ୍ର, କାଠ ଖୋଦେଇ, ତାଳପତ୍ର ଖୋଦେଇ (ପ୍ରତ୍ୟେକ ବିଭାଗରେ ୧୦ ଗୋଟି ସ୍ଥାନ) | ପଟ୍ଟଚିତ୍ର : ସ୍ଥାନ – ଆଙ୍କୁଲା (ଆଠଗଡ ବ୍ଲକ) ଏବଂ କେନ୍ଦୁବିଲ୍ୱ (ବାଲିଅନ୍ତା ବ୍ଲକ), ପଥର ଖୋଦେଇ : ସ୍ଥାନ – କୋଣାର୍କ, ପୁରୀ (ପ୍ରତ୍ୟେକ ବିଭାଗରେ ୧୦ ଗୋଟି ସ୍ଥାନ) |
| ନାମଲେଖାଇବା ପାଇଁ ନ୍ୟୁନତମ ଯୋଗ୍ୟତା ଓ ଅଭିଜ୍ଞତା | ଆବେଦନକାରୀ ୮ମ ଶ୍ରେଣୀ ପାଶ୍ କରିଥିବେ ତଥା ହସ୍ତଶିଳ୍ପରେ ରୁଚି ଓ ଆଗ୍ରହ ଥିବା ଆବଶ୍ୟକ । କାରିଗର ପରିବାରଙ୍କର ସଦସ୍ୟଙ୍କୁ ଅଗ୍ରାଧୀକାର ଦିଆଯିବ । | ଆବେଦନକାରୀ ୮ମ ଶ୍ରେଣୀ ପାଶ୍ କରିଥିବେ ତଥା ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ କିମ୍ବା କୌଣସି ସରକାରୀ ଜିଲ୍ଲା ହସ୍ତଶିଳ୍ପ ତାଲିମ କେନ୍ଦ୍ରରୁ ମୌଳିକ ତାଲିମ ପାଠ୍ୟକ୍ରମ ପାଶ୍ କରିଥିବେ କିମ୍ବା କୌଣସି ନିପୁଣ ଶିଳ୍ପୀଙ୍କ ଅଧିନରେ ଅନ୍ୟୁନ ୫ ବର୍ଷ କାର୍ଯ୍ୟ କରିଥିବା ଅଭିଜ୍ଞତା ଥିବ । | ଆବେଦନକାରୀ ୮ମ ଶ୍ରେଣୀ ପାଶ୍ କରିଥିବେ ତଥା ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ ଅଧିନସ୍ଥ ତାଲିମ କେନ୍ଦ୍ରରୁ ଉଚ୍ଚତର ତାଲିମ ପାଠ୍ୟକ୍ରମ ପାଶ୍ କରିଥିବେ କିମ୍ବା କୌଣସି ନିପୁଣ ଶିଳ୍ପୀଙ୍କ ଅଧିନରେ ଅନ୍ୟୁନ ୭ ବର୍ଷ କାର୍ଯ୍ୟ କରିଥିବା ଅଭିଜ୍ଞତା ଥିବ । | ଆବେଦନକାରୀ ୮ମ ଶ୍ରେଣୀ ପାଶ୍ କରିଥିବେ ତଥା ହସ୍ତଶିଳ୍ପରେ ରୁଚି ଓ ଆଗ୍ରହ ଥିବା ଆବଶ୍ୟକ । କାରିଗର ପରିବାରଙ୍କର ସଦସ୍ୟଙ୍କୁ ଅଗ୍ରାଧୀକାର ଦିଆଯିବ । |
| ବୟସ | ତା. ୦୧.୦୭.୨୦୧୯ ରିଖ ସୁଦ୍ଧା ୧୪ ରୁ ୪୦ ବର୍ଷ | ତା. ୦୧.୦୭.୨୦୧୯ ରିଖ ସୁଦ୍ଧା ୧୫ ରୁ ୪୦ ବର୍ଷ | ତା. ୦୧.୦୭.୨୦୧୯ ରିଖ ସୁଦ୍ଧା ୧୬ ରୁ ୪୦ ବର୍ଷ | ତା. ୦୧.୦୭.୨୦୧୯ ରିଖ ସୁଦ୍ଧା ୧୪ ରୁ ୪୦ ବର୍ଷ |
| ଚୟନ ପାଇଁ ପରିକ୍ଷା ତାରିଖ | ତା. ୨୭.୦୬.୨୦୧୯ ରିଖ ଦିବା ୧୧ ଘଟିକା | ତା. ୨୮.୦୬.୨୦୧୯ ରିଖ ଦିବା ୧୧ ଘଟିକା | ତା. ୨୯.୦୬.୨୦୧୯ ରିଖ ଦିବା ୧୧ ଘଟିକା | ତା. ୨୪.୦୬.୨୦୧୯ ରିଖ ଦିବା ୧୧ ଘଟିକା (କେନ୍ଦୁଲି) ତା.୨୫.୦୬.୨୦୧୯ ରିଖ ଦିବା ୧୧ ଘଟିକା (କୋଣାର୍କ) ତା.୨୬.୦୬.୨୦୧୯ ରିଖ ଦିବା ୧୧ ଘଟିକା (ଆଙ୍କୁଲା) |
| ନାମ ଲେଖାଇବା ପାଇଁ ଚୟନ ପ୍ରଣାଳୀ | ରାଜ୍ୟ ସ୍ତରୀୟ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ଖଣ୍ଡଗିରି, ଭୁବନେଶ୍ୱର ଠାରେ ଏବଂ ଜିଲ୍ଲା ସ୍ତରୀୟ ପାଠ୍ୟକ୍ରମରେ ନାମଲେଖାଇବା ପାଇଁ ସମ୍ପୃକ୍ତ ତାଲିମ କେନ୍ଦ୍ରଠାରେ ଚିତ୍ରାଙ୍କନ/ପ୍ରୟୋଗ ଓ ମନୋବୃତ୍ତି ପରୀକ୍ଷା ଭିତ୍ତିରେ ଶିକ୍ଷାର୍ଥୀ ଚୟନ କରାଯିବ । ଏହି ପରୀକ୍ଷାରେ ଯୋଗଦେବା ନିମିତ୍ତ କୌଣସି ଗସ୍ତଖର୍ଚ୍ଚ/ଭତ୍ତା ଦିଆଯିବ ନାହିଁ । | | | |
| ସ୍ଥାନ ସଂରକ୍ଷଣ ସହ ଅନ୍ୟାନ୍ୟ ସୁବିଧା ଓ ଆବେଦନ ପ୍ରଣାଳୀ | ତଫସିଲଭୁକ୍ତ ଜାତି/ଜନଜାତି/ଶାରୀରିକ ଭିନ୍ନକ୍ଷମ/ମହିଳା ଓ ସଂଖ୍ୟାଲଘୁ ସଂପ୍ରଦାୟ ପ୍ରାର୍ଥୀମାନଙ୍କ ପାଇଁ ସରକାରୀ ନିୟମାନୁସାରେ ବୟସ କୋହଳ ଓ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ଅଛି । ସମସ୍ତ ବିଦ୍ୟାର୍ଥୀ ମାନଙ୍କୁ ମାସିକ ବୃତ୍ତି ଟ.୨୦୦୦.୦୦ ଟଙ୍କା, ରାଜ୍ୟ ସ୍ତରୀୟ ତାଲିମ ନିମନ୍ତେ ଏବଂ ଟ.୧୦୦୦.୦୦ ଟଙ୍କା ଜିଲ୍ଲା ସ୍ତରୀୟ ତାଲିମ ନିମନ୍ତେ) ଦିଆଯିବାର ବ୍ୟବସ୍ଥା ଅଛି । ଆଗ୍ରହୀ ଛାତ୍ର/ଛାତ୍ରୀମାନେ ନିର୍ଦ୍ଧାରିତ ଆବେଦନ ପତ୍ର କିମ୍ବା ସାଧା କାଗଜରେ ନିଜର ଠିକଣା (ଫୋନ ନମ୍ବର ସହିତ), ବୟସ, ଏକ ପାସ୍‌ପୋଟ୍ ଫଟୋ, ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା ଓ ତାଲିମ ନିମନ୍ତେ ଆଗ୍ରହୀ ହସ୍ତଶିଳ୍ପର ନାମ ଉଲ୍ଲେଖ କରି ସମସ୍ତ ପ୍ରମାଣ ପତ୍ରର ନକଲ ସହିତ ସାଧାକାଗଜରେ **୧୭.୦୬.୨୦୧୯** ତାରିଖ ସୁଦ୍ଧା **ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ପୋ–ଖଣ୍ଡଗିରି, ଭୁବନେଶ୍ୱର–୩୦**ରେ ଦାଖଲ କରିବାକୁ ଅନୁରୋଧ । | | | |

ବି.ଦ୍ର.: (କ) ବର୍ତ୍ତମାନ ଅଧ୍ୟୟନରତ ଥିବା ମୌଳିକ ତାଲିମ ଶିକ୍ଷା ଓ ଉଚ୍ଚତର ତାଲିମ ଶିକ୍ଷା ଛାତ୍ର / ଛାତ୍ରୀମାନେ ପରବର୍ତ୍ତୀ ତାଲିମ ପାଠ୍ୟକ୍ରମ ନିମନ୍ତେ ମଧ ଆବେଦନ କରିପାରିବେ । ସେମାନଙ୍କର ପରୀକ୍ଷା ଫଳ ବାହାରି ସାରିବାପରେ ସେମାନଙ୍କୁ ନୂତନ ଶିକ୍ଷା ବର୍ଷରେ ନାମ ଲେଖାଇବାର ସୁଯୋଗ ଦିଆଯାଇପାରେ ।

(ଖ) ଏହି ପାଠ୍ୟକ୍ରମ ଗୁଡିକ ନିମନ୍ତେ ନିର୍ଦ୍ଧାରିତ ଆବେଦନ ପତ୍ର ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାଶିଳ୍ପ କେନ୍ଦ୍ର / ଆଞ୍ଚଳିକ ଶିଳ୍ପକେନ୍ଦ୍ର କିମ୍ବା ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ଖଣ୍ଡଗିରି, ଭୁବନେଶ୍ୱର–୩୦ରେ ଉପଲବ୍ଧ ତଥା **www.sidacodisha.org.in** ୱେବ୍‌ସାଇଟ୍‌ରୁ **download** କରାଯାଇ ପାରିବ ।

ସ୍ୱା/– ସଭ୍ୟ ସଚିବ

## ସଂକ୍ଷେପରେ

### ନୃସିଂହ ଚତୁର୍ଦ୍ଦଶୀ ଉତ୍ସବ



ଆସିକା,୧୭।୫(ଡି.ଏନ୍.ଏ.): ଆସିକାର ସୁନାମ୍ଧ ରଥଦାଣ୍ଡ ସାହିସ୍ଥିତ ନୃସିଂହ ଠାକୁରଙ୍କ ମନ୍ଦିର ତଥା ଗ୍ରାମାଞ୍ଚଳରେ ଥିବା ନୃସିଂହ ଠାକୁରଙ୍କ ମନ୍ଦିରରେ ଶୁକ୍ରବାର ନୃସିଂହ ଚତୁର୍ଦ୍ଦଶୀ ଉତ୍ସବ ପାଳିତ ହୋଇଥିଲା । ଏହି ଅବସରରେ ଭୋରରୁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ମଧ୍ୟାହ୍ନରେ ପୂଜା, ହୋମ, ଆରତି ଆଦି କରାଯାଇଥିଲା । ଶତାଧିକ ମାନସିକଧାରୀ ଶ୍ରଦ୍ଧାଳୁଙ୍କ ସମାଗମରେ ମନ୍ଦିର ପରିସର ଉତ୍ସବ ମୁଖରିତ ହୋଇଉଠିଥିଲା । ସନ୍ଧ୍ୟାରେ ଠାକୁରଙ୍କ ବିଜେ ପ୍ରତିମାକୁ ଏକ ବିମାନରେ ରଖି ଘଣ୍ଟ, ବାଦ୍ୟ, ବାଜଣା ଆଦି ପଟୁଆର ସହ ନଗର ପରିକ୍ରମା କରାଯାଇଥିଲା । ଶନିବାର ମନ୍ଦିର ସମ୍ମୁଖରେ ନିର୍ମିତ ଅସ୍ଥାୟୀ ମଣ୍ଡପରେ ଠାକୁରଙ୍କୁ ବିଜେ କରାଯାଇ ଦିନତମାମ ପୂଜାର୍ଚ୍ଚନା ସହ ରଥଦାଣ୍ଡ ସାହିରେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଲାଗି ବ୍ୟବସ୍ଥା କରାଯାଇଛି। ଆସିକା ଭଲିନିକଟସ୍ଥ କାଳଷଣ୍ଡପୁର, ନଳବଣ୍ଟା, ଖଡଭାଗ, ନିରାଳ ଆଦି ଗ୍ରାମରେ ଥିବା ନୃସିଂହଙ୍କ ଉତ୍ସବ ପାଳିତ ହୋଇଥିଲା।

# ଘରକୁ ମାଡ଼ିଗଲା ହାଇୱା, ବର୍ତ୍ତିଲେ ପରିବାର

ଖଜୁରିପଡା,୧୭।୫(ଡି.ଏନ୍.ଏ.)

ଖଜୁରିପଡା ଥାନା ଗୁଦାରି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଫୁଲବାଣୀରୁ ଖଜୁରିପଡାକୁ ସଂଯୋଜ କରୁଥିବା ୧୫୭ନଂ ଜାତୀୟ ରାଜପଥ କଡରେ ଥିବା ଜଣେ ବ୍ୟକ୍ତିଙ୍କ ଘରକୁ ଗୁରୁବାର ରାତିରେ ଏକ ହାଇୱା ମାଡିଯାଇଛି । ଏଥିରେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଥିବାବେଳେ ଘର କ୍ଷତିଗ୍ରସ୍ତ ହୋଇଛି ।

ପ୍ରକାଶ ଯେ, ଗୁରୁବାର ରାତିରେ ମନୁ ମଲିକଙ୍କ ପରିବାର ଲୋକେ ଘରେ ଶୋଇଥିଲେ । ପ୍ରାୟ ୧୧ଟାରେ ନିକଟରେ ଏକ ହାଇୱା ପାଚେରି ଭାଙ୍ଗି ଘର ମଧ୍ୟକୁ ପଶି ଆସିଥିଲା । ପାଚେରୀ ଭାଙ୍ଗିବା ପରେ ଏକ କୃଷ୍ଣଚୂଡା ଗଛରେ ପିଟିହୋଇଯିବାରୁ ପରିବାର ଲୋକେ ରକ୍ଷା ପାଇଯାଇଥିଲେ । ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଗାଡିରେ ଚାପି ହୋଇ ରହିଥିବା ଚାଳକଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ । ଚାଳକ ଜଣକ ସମ୍ବଲପୁରର ଅଜୟ କୁମାର ପ୍ରଧାନ ବୋଲି ଜଣାପଡିଛି । ମନୁ କ୍ଷତିପୂରଣ ପାଇଁ ଥାନାରେ ଅଭିଯୋଗ କରିଥିଲେ । ଗାଡି ମାଲିକ କ୍ଷତିପୂରଣ ଦେଇଥିବା ଜଣାପଡିଛି ।



ହାଇୱା ଗାଡ଼ି ଏକ ଘରକୁ ମାଡ଼ିଯାଇଛି ।

# ସୁଶାନ୍ତ ସାହୁ ହତ୍ୟା ଘଟଣା: ୨ ମୁଖ୍ୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ଗୋପାଳପୁର,୧୭।୫

ଗୋପାଳପୁର ଥାନା ବଡଗୁମୁଳା ଗ୍ରାମରେ ଗତ ୨୦ରେ ସୁଶାନ୍ତ ସାହୁ ହତ୍ୟା ଘଟଣାରେ ଦୁଇ ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ପ୍ରଦୀପ ସେଠୀ ଓ ଟୁନା ସେଠୀ । ନଂ. ୪୬/୧୯ରେ ମାମଲା ରୁଜୁ ହୋଇଥିଲା ।

ପୋଲିସ ପ୍ରକାରେ, ମୃତ ସୁଶାନ୍ତ ଓ ଟୁନାଙ୍କ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା । ଏପ୍ରିଲ ୧୧ରେ ପ୍ରଦୀପଙ୍କ ଭାଇ ଓ ଟୁନାଙ୍କ ଉପରେ ଆକ୍ରମଣ ହୋଇଥିଲେ । ଏହାର ପ୍ରତିଶୋଧ ନେବା ପାଇଁ ଟୁନା ଓ ସହଯୋଗୀମାନେ ସୁଶାନ୍ତଙ୍କୁ ମାରିବା ଯୋଜନା କରିଥିଲେ । ଏପ୍ରିଲ ୨୦ ତାରିଖରେ ସୁଶାନ୍ତ ଘର ସମ୍ମୁଖରେ ବସି ମୋବାଇଲରେ କ୍ରିକେଟ ମ୍ୟାଚ ଦେଖୁଥିବା ବେଳେ ଟୁନା ଓ ସହଯୋଗୀମାନେ ବାଇକ୍‌ରେ ଆସି ବୋମାମାଡ କରି ଚମ୍ପଟ ମାରିଥିଲେ । ଘଟଣାସ୍ଥଳରେ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିଲା । ଗୋପାଳପୁର ପୋଲିସ ପହଞ୍ଚି ତଦନ୍ତ ଚଳାଇଥିଲା । ଅଭିଯୁକ୍ତଙ୍କୁ ଧରିବା ପାଇଁ ବ୍ରହ୍ମପୁର ଏସ୍‌ପିଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ଟିମ ଗଠନ ହୋଇଥିଲେ । ଏହି ଘଟଣାରେ ପୂର୍ବରୁ ୫ ଜଣଙ୍କୁ ପୋଲିସ କୋର୍ଟଚାଲାଣ କରିଥିଲା । ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିଲା । ଟୁନାଙ୍କୁ ଗୋବିନ୍ଦନଗରରେ ପୋଲିସ କାବୁ କରିଥିବା ବେଳେ ପ୍ରଦୀପଙ୍କୁ ବ୍ରହ୍ମପୁର ରେଳ ଷ୍ଟେଶନରେ ଧରିଥିଲା । ଅନ୍ୟ ଫେରାର୍ ଅଭିଯୁକ୍ତ ଶୀଘ୍ର ଗିରଫ କରାଯିବ ବୋଲି ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ର କହିଛନ୍ତି ।

## କୈଳାସ ହତ୍ୟା ଘଟଣା
## ମୁଖ୍ୟ ଅଭିଯୁକ୍ତ ଗିରଫ

ଖଲ୍ଲିକୋଟ,୧୭।୫(ଡି.ଏନ.ଏ.)

ବେଆଇନ ମଦ କାରବାରକୁ ବିରୋଧ କରିବାରୁ ଗତ ଏପ୍ରିଲ ୨୮ ରାତିରେ କୁଶଡିପା ଛକରେ ପଥରରେ ଛେଚି କୈଳାସ ବାରିକ (୪୫)ଙ୍କୁ ହତ୍ୟା କରାଯାଇଥିଲା । ମୃତ କୈଳାସଙ୍କ ସ୍ତ୍ରୀ କୁନି ଜଣେ ମହିଳା ଓ ୨ ଜଣ ପୁରୁଷ ସଂଘବଦ୍ଧ ହୋଇ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଥିବା ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଥିଲେ । ଏହି କୁଶଡ଼ିପା ଛକରେ ମାମା ପଟ୍ଟନାୟକ ନାମକ ଜଣେ ମହିଳା କେତେକ ଅସାମାଜିକ ଯୁବକଙ୍କ ସହଯୋଗରେ ବେଆଇନ ମଦ କାରବାର କରୁଥିଲେ । କୈଳାସ ଏହାକୁ ବିରୋଧ କରିବାରୁ ହତ୍ୟା କରାଯାଇଥିଲା । ଖଲ୍ଲିକୋଟ ପୋଲିସ ନଂ.୧୦୬/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ହତ୍ୟାକାଣ୍ଡ ଦିନରୁ ଅଭିଯୁକ୍ତମାନେ ଫେରାର ଥିଲେ । ଶୁକ୍ରବାର ଖଲ୍ଲିକୋଟ ନିକଟସ୍ଥ ଏକ ଜଙ୍ଗଲ ମଧ୍ୟରୁ ମୁଖ୍ୟ ଅଭିଯୁକ୍ତ ମାମା ପଟ୍ଟନାୟକଙ୍କୁ ପୋଲିସ କାବୁ କରିଥିଲା । ତାଙ୍କ ସହଯୋଗୀ ସେଠାରୁ ଖସି ପଳାଇଥିଲେ ବୋଲି ଆଇଆଇସି ସୂଚନା ଦେଇଛନ୍ତି । ଶୁକ୍ରବାର ମୁଖ୍ୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରାନ୍ଧିବାଢ଼ି କରି ଶୋଇଲା କିଏ;**
**ପତର ପକେଇ ଖାଇଲା କିଏ ?**

ରନ୍ଧାବଢ଼ା କରି ମଧ୍ୟ ସମୟ ଓ ପରିସ୍ଥିତି ଚାପରେ ପଡ଼ି ମଣିଷ ବେଳେବେଳେ ଭୋକ ଉପାସରେ ପଡ଼ିରହେ ଅଥଚ ଅନ୍ୟ କେହି ବିନା ଶ୍ରମରେ ସେସବୁକୁ ଗ୍ରହଣ କରିନିଏ । କଷ୍ଟ କରିବା ଲୋକର ଫଳପ୍ରାପ୍ତିରେ ଦାବି ନ ଥାଏ । ଅଥଚ ସୁବିଧାବାଦୀ ଲୋକ ହିଁ ଏ ଫଳ ଅନାୟାସରେ ଭୋଗ କରି ଚାଲିଥାଏ । ଜଣକର କଷ୍ଟାର୍ଜିତ ଫଳ ଆଉ ଜଣେ ଭୋଗ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ରଖେଇ ଲୋ;**
**ହଉଥାଉ କେତେ ଦେଖେଇ ଲୋ !**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜର ଫମ୍ପା ଆଭିଜାତ୍ୟ ଦେଖାଇବାରେ କାଣିଚାଏ ହେଳା କରି ନ ଥାନ୍ତି । ନିଜେ ଯେତେ ନୁହେଁ କି ଯାହା ନୁହେଁ ତା'ଠୁ ଅତିରଞ୍ଜିତ କରି ବଡ଼ିମା ଦେଖେଇ ବୃଥା ପ୍ରଶଂସା ସାଉଁଟିବାକୁ ଉଦ୍ୟମ ଚଳାଇଥାନ୍ତି । ତୁଚ୍ଛାଟାରେ ଅନ୍ୟ ଆଗରେ ଆତ୍ମବଡ଼ିମା ଦେଖାଇ ହେଉଥିବା ମହିଳାଙ୍କ ଏତାଦୃଶ ଫୁଲାଣିଆ ଭାବଭଙ୍ଗୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସ୍ୱାସ୍ଥ୍ୟ ପରାମର୍ଶ ଶିବିର



ଶିବିର ଉଦ୍‌ଘାଟନରେ ଉପସ୍ଥିତ ଅତିଥି ।

ହିଞ୍ଜିଳିକାଟୁ,୧୭।୫(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ବ୍ଲକ ପୋଲିଙ୍ଗୀ ପଲ୍ଲୀ ବିକାଶ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବ୍ରହ୍ମପୁରର ସାଥୀ ଫାଉଣ୍ଡେଶନର ମିଳିତ ସହଯୋଗରେ ଶୁକ୍ରବାର ପୋଲିଙ୍ଗୀଠାରେ ଏକ ସ୍ୱାସ୍ଥ୍ୟ ସଚେତନତା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ହିଞ୍ଜିଳିକାଟୁ ମେଡିକାଲର ଡାକ୍ତର ପାର୍ଥ ସାରଥି ନାୟକ ଓ ବରିଷ୍ଠ ଡାକ୍ତର ପ୍ରଭାକର ସାହୁ ଶିବିରକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ଏନ ସନ୍ତୋଷ କୁମାର, କରୁଣାକର ବାଡତ୍ୟା, ଅଶୋକ ମିଶ୍ର, ସୀତାକାନ୍ତ ପାତ୍ର, କେଦାର ପାଢୀ ଯୋଗ ଦେଇଥିଲେ । ପ୍ରାୟ ୧୮୦ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ବିଭିନ୍ନ ରୋଗୀଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା । ଜଟିଳ ରୋଗରେ ଆକ୍ରାନ୍ତ ବ୍ୟକ୍ତିମାନଙ୍କୁ ଉଚ୍ଚ ଚିକିତ୍ସା ପାଇଁ ପରାମର୍ଶ ଦିଆଯାଇଥିଲା । କାର୍ଯ୍ୟକ୍ରମକୁ ପଲ୍ଲୀ ବିକାଶର ସମ୍ପାଦକ ସଞ୍ଜୟ କୁମାର ପଣ୍ଡା, କିରଣ କୁମାର ପାଢୀ, ସୀତାରାମ ପାଢୀ, ଚିନ୍ତାମଣୀ ବେହେରା, ଆଲୋକ ନାୟକ, ମହମ୍ମଦ ଇର୍‌ଫାନ, ବିଶ୍ୱରଞ୍ଜନ ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଆରମ୍ଭ ହେଲା ଲକ୍ଷ୍ମୀ ନୃସିଂହ ଯାତ୍ରା

ହିଞ୍ଜିଳିକାଟୁ,୧୭।୫(ଡି.ଏନ୍.ଏ.)

ବୈଶାଖ ଚତୁର୍ଦ୍ଦଶୀ ଅବସରରେ ଶୁକ୍ରବାର ଠାରୁ ହିଞ୍ଜିଳିକାଟୁ ଶ୍ରୀ ଲକ୍ଷ୍ମୀ ନୃସିଂହ ଯାତ୍ରା ଆରମ୍ଭ ହୋଇଛି । ଭୋରରୁ ଚତୁର୍ଦ୍ଦଶୀ ପାଳନ ଓ ଠାକୁରଙ୍କ ଦର୍ଶନ ନିମନ୍ତେ କାଟୁ ରାଜବାଟୀସ୍ଥିତ ମନ୍ଦିରରେ ଭକ୍ତଙ୍କ ଗହଳି ଲାଗି ରହିଥିଲା । ମାନସିକଧାରୀ ମାନେ ବିଭିନ୍ନ ପୌରାଣିକ ଓ ଆଧୁନିକ ବେଶ ଧାରଣ କରି ସହର ପରିକ୍ରମା କରିଥିଲେ । ପ୍ରଥମ ଦିନ ଯାତ୍ରାକୁ କେଉଟ ବାଡ଼ ପକ୍ଷରୁ ପରିଚାଳନା କରାଯାଇଛି । ରାତିରେ ସ୍ୱତନ୍ତ୍ର ବିମାନରେ ପଟୁଆର ମଧ୍ୟରେ ଶ୍ରୀ ଲକ୍ଷ୍ମୀ ନୃସିଂହ ବିଗ୍ରହକୁ ସହର ପରିକ୍ରମା କରାଯାଇଥିଲା । ଅନୁରୂପ ଭାବେ ଜଗବନ୍ଧୁ ପାଟଣା ସାହି ନୃସିଂହ ମନ୍ଦିର କମିଟି ପକ୍ଷରୁ ନୃସିଂହ ଚତୁର୍ଦ୍ଦଶୀ ପାଳନ ଅବସରରେ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା । ସନ୍ଧ୍ୟାରେ ଠାକୁରଙ୍କୁ ସହର ପରିକ୍ରମା କରାଯାଇ ମନ୍ଦିର ସାମ୍ନାରେ ବାଣ ପଟୁଆର କରାଯାଇଥିଲା । ବାଣ ପଟୁଆର ଦେଖିବାକୁ ବହୁ ଲୋକଙ୍କ ଗହଳି ଲାଗି ରହିଥିଲା । ସହରର ବିଭିନ୍ନ ସ୍ଥାନରେ ଯାତ୍ରାର ପ୍ରଥମ ଦିନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ସାହି ଗୁଡିକରେ ଯୁବ ଗୋଷ୍ଠୀଙ୍କ ପକ୍ଷରୁ ରଙ୍ଗବେରଙ୍ଗ ଆଲୋକ ସହ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଆସନ୍ତା ରବିବାର ଯାତ୍ରା ସମାପନ ହେବ ।



କାଟୁ ରାଜବାଟୀ ମନ୍ଦିରରେ ଭକ୍ତଙ୍କ ଭିଡ଼ ।


## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**




**ସ୍ୱର୍ଗତ ଶରତ ଚନ୍ଦ୍ର ଜେନା**
ପ୍ଲଟ ନଂ. ଏନ୍ ୫/୨୨୫, ଆଇ.ଆର.ସି. ଭିଲେଜ, ଭୁବନେଶ୍ୱର
ଆବିର୍ଭାବ: ୨୧।୦୫।୧୯୪୪
ତିରୋଧାନ: ୩୦।୦୪।୨୦୧୮
ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା । ପବିତ୍ର ବୁଦ୍ଧ ପୂର୍ଣ୍ଣିମାରେ ତୁମେ ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇଦେଇ ସେପାରିକି ଚାଲିଗଲ । ବିଶ୍ୱାସ ହେଉନି ତୁମେ ଆମ ଗହଣରେ ନାହଁ ବୋଲି । ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ । ଶୋକସନ୍ତପ୍ତ: ପତ୍ନୀ (ରେଖା), ପୁତ୍ର- ଜିନୁ, ବୁନା, ପୁତ୍ରବଧୂ- ଲିଲି, ମାମା, ନାତୁଣୀ- ସୋନୁ, ଖୁସି ଏବଂ ବନ୍ଧୁ ଓ ପରିବାରବର୍ଗ ।
ଧ-୬୧୦୫୨

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ରମାରାଣୀ ସାହୁ**
ଆବିର୍ଭାବ: ୧୯୬୧
ତିରୋଧାନ: ୦୮।୦୫।୨୦୧୯
(ବୈଶାଖ ଶୁକ୍ଳପକ୍ଷ ଚତୁର୍ଥୀ)
ବର୍ତ୍ତମାନ ପର୍ଯ୍ୟନ୍ତ ବିଶ୍ୱାସ କରିହେଉ ନାହିଁ, ଆପଣ ଆମ୍ଭମାନଙ୍କୁ ଶୋକ ସାଗରରେ ବୁଡ଼ାଇ ଇହଲୀଳା ସମ୍ବରଣ କଲେ । ଆପଣ ଜଣେ ମିଷ୍ଟଭାଷୀ, ଧର୍ମପରାୟଣା, ସମସ୍ତଙ୍କ ସୁଖ ଦୁଃଖରେ ଭାଗୀ ହେବା ବ୍ୟକ୍ତିତ୍ୱର ଅଧିକାରିଣୀ ଥିଲେ । ଆପଣଙ୍କ ଚଞ୍ଚଳ କଥାବାର୍ତ୍ତା, ଅନ୍ୟଙ୍କ ଦୁଃଖରେ ନିଜେ କାନ୍ଦି ପକାଇବା ଆପଣଙ୍କ ଅନନ୍ୟ ଗୁଣ । ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କୁ ନିଜ ପଦାରବିନ୍ଦରେ ସ୍ଥାନ ଦିଅନ୍ତୁ ଏତିକି କାମନା । ଆପଣଙ୍କ ଗୁଣମୁଗ୍ଧ ଏବଂ ଶୋକାକୁଳ ରାଧାରମଣପଡ଼ା ବାସୀ ।
ଧ-୧୨୫୪୫

**ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ଇଂ. ରଜନୀକାନ୍ତ ମହାପାତ୍ର**
ପ୍ଲଟ ନଂ.୫, ଶକ୍ତିନଗର, କଟକ
ତିରୋଧାନ: ୦୯।୦୫।୨୦୦୯
(ବୈଶାଖ ପୂର୍ଣ୍ଣମୀ)
ଦୀର୍ଘ ୧୦ବର୍ଷ ବିତିଗଲାଣି ତଥାପି ଆମମାନଙ୍କର ଆଖିର ଲୁହ ଓ ହୃଦୟର କୋହ ସରିନାହିଁ କି ସରିବ ନାହିଁ । ତୁମର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଆମ ପାଇଁ ଚିରସ୍ମରଣୀୟ ହେଉ ଏତିକି ପ୍ରାର୍ଥନା ଶ୍ରୀଜଗନ୍ନାଥଙ୍କ ପାଖରେ । ତୁମର ଅମର ଆତ୍ମା ଶାନ୍ତିପାଉ ।
ଶୋକସନ୍ତପ୍ତ
ପତ୍ନୀ, କନ୍ୟା, ଜାମାତା, ବନ୍ଧୁ, ପରିବାର ଓ ଆତ୍ମୀୟସ୍ୱଜନ ।
ଧ-୧୨୫୪୭



# CLASSIFIED DISPLAY

ALL EDITION - B/W
(Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି । ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି ।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ ।
09499218733
PETUMALI, JHARMUNDA, PETUPALI, BARGARH, ODISHA- 768034

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

Dhanlaxmi Financial Services
ଏବେ କରିବ ସବୁ ଗାଁ/ସହରରେ ବଡ଼ ଋଣ 50,000-95 ଲକ୍ଷ ପର୍ଯ୍ୟନ୍ତ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାରର ଋଣ ଘରେ ବସି 2% ସୁଧ 40% ରିହାତି । ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ ।
Helpline Number
8221048110
T-51, Gautam Nagar, Galli-8, Delhi

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ ।
A to Z ସମସ୍ୟାର ସମାଧାନ ଘରେ ବସି ।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର ।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର


BUSINESS

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ
Regd. ଗୋଲ୍ଡ ମେଡାଲିଷ୍ଟ
ଆମେରିକାନ୍ କଂପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
ଅନ୍ୟ କଂପାନୀ ଠୁ ଧୋକା ଖାଇଥିବା ବ୍ୟକ୍ତି ନିଶ୍ଚିତ ଫୋନ୍ କରନ୍ତୁ
Plot No - 10/251, Devaraja Mohalla, Bangalore, 570001
8818962375
7869219354




EDUCATION

ADMISSION GUIDANCE
Last Chance for MD, MS & MDS aspirants, confirm your seat in top Colleges/ Universities all over India at lowest packages with your preferred branch. Book/ Confirm your seats in top Colleges/ Universities at lowest packages. Courses offered are MBBS, BDS, B.Sc. Nursing, B.Sc. Agriculture, B.Pharm, B.Tech. B.Arch, MBA, BBA, LLB etc.
SAIRAM EDUCATION HUB
Plot No: 175, Lane-10, Soubhagya Nagar, Baramunda, Bhubaneswar- 751003
Contact: 9937452320, 9938309070

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra


## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

# ନାବାଳିକା ହତ୍ୟା ମାମଲା: ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ବ୍ରହ୍ମପୁର ଅଫିସ,୧୭।୫

ଘରେ ପଶି ଜଣେ ନାବାଳିକାଙ୍କୁ ଅପହରଣ କରିନେଇ ଅନ୍ୟ ଜଣଙ୍କ ବାରିପଟେ ହତ୍ୟା କରାଯାଇଥିବା ମାମଲାର ଅଭିଯୁକ୍ତଙ୍କୁ ଆଜୀବନ କରାଦଣ୍ଡାଦେଶ ହୋଇଛି। ଜିଲା ଦୌରାଜଜ୍ ବିଭୁ ପ୍ରସାଦ ରାଉତରାୟ ଶୁକ୍ରବାର ଉପଯୁକ୍ତ ପ୍ରମାଣ ଆଧାରରେ ଅଭିଯୁକ୍ତ ଗଣେଶ ମହାରଣାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୁଇଟି ଦଫାରେ ଗଣେଶଙ୍କୁ ଜିଲା ଜଜ୍ ଦଣ୍ଡିତ କରିଛନ୍ତି। ଦଫା ୩୦୨ ଭାରତୀୟ ପିଙ୍ଗଳ କୋଡ ଅନୁସାରେ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଜରିମାନା, ଦଫା ୪୫୮ ପିଙ୍ଗଳ କୋଡ ଅନୁସାରେ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଦେବାକୁ ଜିଲା ଜଜ୍ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି।


୨୦୧୪ ମେ ୧୪ରେ ଗଣେଶ ରହୁଥିବା ସାହିର ଜଣେ ନାବାଳିକାଙ୍କ ଘରେ ପଶି ତାଙ୍କୁ ଅପହରଣ କରି ଆଣିଥିଲେ। ସାହି ମୁଣ୍ଡରେ ରହୁଥିବା ଅନ୍ୟ ଜଣେ ଲୋକଙ୍କ ବାରିପଟେ ଶୁଖୁଥିବା ଏକ ଲୁଗାରେ ନାବାଳିକାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ରାତିରେ ଝିଅକୁ ନ ପାଇ ଘର ଲୋକ ଖୋଜାଖୋଜି କରି ନ ପାଇ ନିରାଶ ହୋଇଥିଲେ। ପରଦିନ ଅର୍ଥାତ ୧୫ ତାରିଖ ସକାଳେ ଗାଁ ମୁଣ୍ଡରେ ଝିଅ ମୃତଦେହ ପଡିଥିବା ପରିବାର ଲୋକ ଖବର ପାଇଥିଲେ। ଘଟଣା ଦିନ ନାବାଳିକାଙ୍କ ପାଖରେ ଶୋଇଥିବା ତାଙ୍କ ସାନ ଭଉଣୀକୁ ଜୀବନରେ ମାରିଦେବେ ବୋଲି ଗଣେଶ ଧମକ ଦେଇଥିଲେ। ମୃତଦେହ ମିଳିବା ପରେ ନାବାଳିକାଙ୍କ ସାନ ଭଉଣୀ ଏ କଥା ତାଙ୍କ ବାପାଙ୍କୁ କହିଥିଲେ। ଗୋଳନ୍ଥରା ଥାନା ପୋଲିସ ନାବାଳିକାଙ୍କ ମୃତଦେହ ଜବତ କରି ନଂ.୬୬/୧୪ରେ ଏକ ହତ୍ୟା ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ ପରେ ସେହିବର୍ଷ ଜୁନ ୨୫ରେ ଅଭିଯୁକ୍ତ ଗଣେଶଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଗିରଫ ପରଠାରୁ ଏ ଯାଏ ଗଣେଶ ଜେଲରେ ରହିଛନ୍ତି। ଏହି ମାମଲାର ୪ ଜଣ ତଦନ୍ତକାରୀ ଅଧିକାରୀ ରହିଥିବା ବେଳେ ତତ୍କାଳୀନ ସଦର ଏସଡିପିଓ ହରିହର ପାଣି କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲେ। ଶୁକ୍ରବାର ଏହି ମାମଲାର ବିଚାରଣା ବେଳେ ୩୮ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିବାରୁ ଜିଲା ଜଜ୍ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ କ୍ୟାଡର ପିପି ଅଜିତ କୁମାର ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଗଣେଶ ତାଙ୍କ ବାପା ବିଜୟ ମହାରଣାଙ୍କୁ ହତ୍ୟା କରିଥିବା ମାମଲାରେ ମଧ୍ୟ ଗିରଫ ହୋଇ ପୂର୍ବରୁ ଜେଲ ଯାଇଥିଲେ। ପ୍ରମାଣ ଅଭାବରୁ ସେ ଉକ୍ତ ମାମଲାରେ ସେ ନିର୍ଦ୍ଦୋଷ ହୋଇଥିଲେ।

# ସରକାରୀ ଅର୍ଥ ଆତ୍ମସାତ୍, ତହସିଲ କିରାଣି ଗିରଫ

ଧରାକୋଟ,୧୭।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଧରାକୋଟ ତହସିଲରେ ୬ମାସ ତଳେ କାର୍ଯ୍ୟରତ ଥିବା ଜଣେ ବରିଷ୍ଠ କିରାଣି ସରକାରୀ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗରେ ଶୁକ୍ରବାର ଗିରଫ ହୋଇଛନ୍ତି। ସେ ହେଲେ ଜଗଦୀଶ୍ ପାଣିଗ୍ରାହୀ। ଜଗଦୀଶ ତହସିଲର ୨୪ ଲକ୍ଷ ୩୪ ହଜାର ୩୪୮ଟଙ୍କା ଆତ୍ମସାତ୍ କରିଥିବା ଜଣାପଡିଛି। ଏ ନେଇ ନଂ. ୩୨/୧୯ରେ ମାମଲା ରୁଜୁ ହୋଇଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଛି। ପ୍ରକାଶ ଯେ, ଜଗଦୀଶ ପ୍ରଥମେ ଧରାକୋଟ ବ୍ଲକରେ କିରାଣି ଥିଲେ। ୨୦୧୩ରେ ହୋଇଥିବା ଫାଇଲିନ ସମୟରେ କାର୍ଯ୍ୟରେ ଅବହେଳା ହେତୁ ଜିଲାପାଳଙ୍କ ଦ୍ୱାରା ନିଲମ୍ବିତ ହୋଇଥିଲେ। ପରେ ତାଙ୍କୁ ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ସେଠାରୁ ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଥିଲା। ସେଠାରୁ ୨୦୧୭ ଜୁନ୨ ତାରିଖରେ ଧରାକେଟ ତହସିଲକୁ ଆସିଥିଲେ। ୨୦୧୯ ଜାନୁୟାରୀ ୧ ଯାଏ ଧରାକୋଟ ତହସିଲରେ ସେ ନାଜିର ଭାବେ କାର୍ଯ୍ୟ କରୁଥିଲେ। ପରେ ସେ ପୋଲସରାକୁ ବଦଳି ହୋଇଥିଲେ। ଧରାକୋଟରେ ଥିବା ବେଳେ ବାଲି ଲିଜ୍ ଏବଂ ଅନ୍ୟ ବାବଦରୁ ଆଦାୟ ଅର୍ଥକୁ ବେଆଇନ ଭାବେ ଆତ୍ମସାତ୍ କରିଥିଲେ। ପରିବାରର ଆର୍ଥିକ ସମସ୍ୟା ସମାଧାନ ପାଇଁ ସେ ବିପୁଳ ପରିମାଣର ରାଜସ୍ୱ ବାବଦରେ ଆଦାୟ ଅର୍ଥକୁ ହଡ଼ପ କରିଥିଲେ। ଏହି ସୂଚନା ପାଇ ତହସିଲଦାର ଗଦାଧର ପାତ୍ର ତାଙ୍କୁ ତାଗିଦ୍ କରିବା ପରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଜଣାଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଫେବୃୟାରୀ ୨୫ରେ ଜଗଦୀଶଙ୍କ ନାମରେ ଧରାକୋଟ ଥାନାରେ ଏତଲା ଦିଆଯାଇଥିଲା। ଏତଲାକୁ ଭିତ୍ତିକରି ତଦନ୍ତ ଜାରି ରହିଥିଲା। ଥାନାଧିକାରୀ ସନ୍ତୋଷ କୁମାର ବେହେରା ଶୁକ୍ରବାର ସମ୍ପୃକ୍ତ କିରାଣୀଙ୍କୁ ଛତ୍ରପୁରସ୍ଥିତ ବାସଭବନରୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଏଥିସହ କିରାଣିଙ୍କ ନିକଟରୁ ୩ଲକ୍ଷ ଟଙ୍କା ଜବତ ହୋଇଛି। ଗିରଫ ଜଗଦିଶ ନିଜ ଦୋଷ ସ୍ୱୀକାର କରିଥିବା ଥାନା ଅଧିକାରୀ କହିଛନ୍ତି।

# ଗୁରୁଛାତ୍ର କଲ୍ୟାଣ ପାଣ୍ଠିରୁ ସହାୟତା



ଶିକ୍ଷା ବିଭାଗର ଅଧିକାରୀମାନେ ଟଙ୍କା ପ୍ରଦାନ କରୁଛନ୍ତି।

ବ୍ରହ୍ମପୁର ଅଫିସ୍,୧୭।୫

ନିମଖଣ୍ଡି ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ସ୍ୱପ୍ନା ସାହୁଙ୍କୁ ଗୁରୁ ଛାତ୍ର କଲ୍ୟାଣ ପାଣ୍ଠିରୁ ୩ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଛାତ୍ରୀ ସ୍ୱପ୍ନାଙ୍କ ହାତ ଭାଙ୍ଗିଯାଇଥିଲା। ଆର୍ଥିକ ଅନଟନ ଯୋଗୁ ସେ ଚିକିତ୍ସିତ ହେଇପାରୁ ନ ଥିଲେ। ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡା ଏନେଇ ସୂଚନା ପାଇବା ପରେ ଆର୍ଥିକ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୁକୁଡ଼ାଖଣ୍ଡି ଗୋଷ୍ଠୀ ଶିକ୍ଷା ଅଧିକାରୀ ଏସ୍. ଗିରିଧର, ଉପଶିକ୍ଷା ଅଧିକାରୀ ତ୍ରିନାଥ ମଲ୍ଲିକ, ଯୋଗିନ୍ଦ୍ର ସେଠୀ, ଶିକ୍ଷକ ହରିକୃଷ୍ଣ ପାଢ଼ୀ, ନିରଞ୍ଜନ ପଣ୍ଡା, ସିଆର୍‌ସିସି ପିଣ୍ଟୁ ପାଣିଗ୍ରାହୀ, ଦିଲୀପ କୁମାର ଜେନା ଏବଂ ଆଇଇଭି ସନ୍ତୋଷ କୁମାର ସାହୁ ଉପସ୍ଥିତ ରହି ସ୍ୱପ୍ନାଙ୍କୁ ଟଙ୍କା ପ୍ରଦାନ କରିଥିଲେ। ସେହିଭଳି ସ୍ୱର୍ଗତ କେ.ସୂର୍ଯ୍ୟନାରାୟଣ ଆଚାରୀଙ୍କ ପତ୍ନୀ କେ. ପିଙ୍କି ଆଚାରୀଙ୍କୁ ମଧ୍ୟ ୫ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଆଚାରୀ ଆଇଇଭି ଭାବେ କାର୍ଯ୍ୟ କରୁଥିଲେ। ଶିକ୍ଷକ ନିରଞ୍ଜନ ପଣ୍ଡା ଏବଂ ଗ୍ରାମବାସୀମାନେ ଏହି ପଦକ୍ଷେପକୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୮ରେ ଜିଲା ଶିକ୍ଷା ଅଧିକାରୀ ଡ. ପଣ୍ଡାଙ୍କ ଉଦ୍ୟମରେ ଗୁରୁ ଛାତ୍ର କଲ୍ୟାଣ ପାଣ୍ଠି ଗଠନ କରାଯାଇଛି। ବିଭିନ୍ନ ସୂତ୍ରରୁ ଟଙ୍କା ଯୋଗାଡ କରି ଏହି ପାଣ୍ଠିରେ ରଖାଯାଇଥାଏ। ଆବଶ୍ୟକ ସ୍ଥଳେ ଅର୍ଥ ପ୍ରଦାନ କରାଯାଇଥାଏ।

## ■ପାଖେଇ ଆସୁଛି ଭୋଟ ଗଣତି

# ଦଳବଦଳ କରିଥିବା ପ୍ରାର୍ଥୀଙ୍କ ବଢ଼ୁଛି ଟେନ୍‌ସନ

ବ୍ରହ୍ମପୁର ଅଫିସ,୧୭।୫

ଆସନ୍ତା ୨୩ରେ ଭୋଟଗଣତି ସହ ଫଳାଫଳ ଘୋଷଣା କରାଯିବ। ତେବେ କିଏ ଜିତିବ ଓ କିଏ ହାରିବ ସେ ନେଇ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଅନ୍ୟପକ୍ଷରେ ବହୁ ବର୍ଷ ହେବ ଏକ ନିର୍ଦ୍ଦିଷ୍ଟ ଦଳର ଚିହ୍ନରେ ନିର୍ବାଚନ ଲଢ଼ିଥିବା ଓ ୨୦୧୯ ନିର୍ବାଚନ ବେଳକୁ ଦଳବଦଳ କରି ଆଉ ଏକ ଚିହ୍ନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ପ୍ରାର୍ଥୀଙ୍କ ହାରଜିତ ନେଇ ଅଙ୍କକଷା ସାଙ୍ଗକୁ ଟେନସନ୍ ବଢ଼ିବାରେ ଲାଗିଛି। ସେମାନଙ୍କ ସମର୍ଥକମାନେ ମଧ୍ୟ ଦ୍ୱନ୍ଦ୍ୱର ଅଛନ୍ତି।

ଗଞ୍ଜାମ ଜିଲାର ବ୍ରହ୍ମପୁର ବିଧାନସଭା ଓ ଲୋକସଭା ନିର୍ବାଚନ ମଣ୍ଡଳୀରେ ଅଧିକ ଚାଲିଛି ରାଜନୈତିକ ଚର୍ଚ୍ଚା। ରେଶମ ସହର ବ୍ରହ୍ମପୁରରେ ଚନ୍ଦ୍ରଶେଖର (ଶେଖର) ସାହୁ ଦୀର୍ଘ ୩ ଦଶନ୍ଧି ହେବ ହାତ ଚିହ୍ନରେ ନିର୍ବାଚନ ଲଢୁଥିଲେ। ୧୯୯୨ ପୌର ନିର୍ବାଚନରେ ସିଧାସଳଖ ନଗରପାଳ ନିର୍ବାଚିତ ହେବାର ବ୍ୟବସ୍ଥା ହୋଇଥିଲା। କଂଗ୍ରେସର ହାତ ଚିହ୍ନରେ ପ୍ରତିଦ୍ୱନ୍ଦ୍ୱିତା କରି ସେ ସଫଳ ହୋଇଥିଲେ। ୨୦୦୪ ଲୋକସଭା ନିର୍ବାଚନରେ ମଧ୍ୟ କଂଗ୍ରେସର ହାତ ଚିହ୍ନରେ ଲଢ଼ି ଏମ୍‌ପି ହେବା ପରେ କେନ୍ଦ୍ର ପ୍ରଥମ ଉପା ସରକାରରେ ମନ୍ତ୍ରୀ ପଦ ପାଇଥିଲେ। ମାତ୍ର ୨୦୦୯ ଓ ୨୦୧୪ ଲୋକ ସଭା ନିର୍ବାଚନରେ ହାତ ଚିହ୍ନରେ ଲଢ଼ି ଦୁଇଥର ବିଜେଡି ପ୍ରାର୍ଥୀଙ୍କ ଦ୍ୱାରା ପରାସ୍ତ ହୋଇଥିଲେ। ଚଳିତ ବର୍ଷ ନିର୍ବାଚନର ବର୍ଷକ ପୂର୍ବରୁ ଶେଖର କଂଗ୍ରେସରୁ ଇସ୍ତଫା ଦେଇ ବିଜେଡିରେ ସାମିଲ ହେଲେ ଏବଂ ଲୋକ ସଭା ନିର୍ବାଚନ ପାଇଁ ଟିକେଟ ପାଇଲେ। ଦଳ ବଦଳ ପରେ ଶଙ୍ଖ ଚିହ୍ନ ନେଇ ପ୍ରଚାର କଲେ। ତେବେ ବହୁ ଦଶନ୍ଧି ଧରି ଶେଖରଙ୍କ ହାତ ଚିହ୍ନ ସମ୍ପର୍କରେ କେବଳ ବ୍ରହ୍ମପୁର ନୁହେଁ ଲୋକସଭା କ୍ଷେତ୍ରର ସବୁ ବିଧାନସଭା ନିର୍ବାଚନ ମଣ୍ଡଳୀ ଭୋଟର ଅବଗତ ଥିଲେ। ନିର୍ବାଚନର କିଛି ମାସ ତଳୁ ତାଙ୍କ ଚିହ୍ନ ବଦଳ ସବୁ ବର୍ଗର ଲୋକେ ଜାଣି ପାରି ନ ଥିଲେ। ଅନ୍ୟପକ୍ଷରେ କଂଗ୍ରେସ ପ୍ରାର୍ଥୀ ଭାବେ ଇ. ଚନ୍ଦ୍ର ଶେଖର ନାଇଡୁ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ବିଜେଡି ଓ କଂଗ୍ରେସର ଚନ୍ଦ୍ରଶେଖର ବନାମ ଚନ୍ଦ୍ରଶେଖରଙ୍କୁ ନେଇ ଭୋଟର ଦ୍ୱନ୍ଦ୍ୱରେ ପଡ଼ିଥିଲେ। ମତଦାନର ମାସାଧିକ ସମୟ ବିତିଛି। ଫଳାଫଳ ଘୋଷଣା ନିକଟତର ହୋଇଥିବାରୁ କାହାର ଜିତାପଟ ସେନେଇ ବିଭିନ୍ନ ମହଲରେ ଆଲୋଚନା ଚାଲିଛି। କେତେକ ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଓ ଗରିବ ବସ୍ତିବାସିନ୍ଦା ଶେଖର ସାହୁଙ୍କ ହାତ ଚିହ୍ନ ବୋଲି କହୁଥିବାରୁ କ୍ରସ ଭୋଟିଂ ହୋଇଥାଏପାରେ ବୋଲି ଆଶଙ୍କା କରାଯାଇଛି।

**ଚିହ୍ନ ନେଇ ଆଶା, ଆଶଙ୍କାରେ ଦୁଇ ଚନ୍ଦ୍ରଶେଖର**

ସେହିପରି ବ୍ରହ୍ମପୁର ବିଜେଡି ବିଧାୟକ ପ୍ରାର୍ଥୀ ବିକ୍ରମ ପଣ୍ଡାଙ୍କ ପକ୍ଷରେ ମଧ୍ୟ ସମାନ ଅବସ୍ଥା। ୨୦୦୦ରୁ ୨୦୧୪ ସୁଦ୍ଧା ହୋଇଥିବା ୪ ନିର୍ବାଚନରେ ବିକ୍ରମ କଂଗ୍ରେସରୁ ଲଢ଼ି ଲଗାତର ପରାସ୍ତ ହୋଇଥିଲେ। ସେ ମଧ୍ୟ ବର୍ଷକ ତଳେ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଲେ। ଏହି ଆସନରୁ ୫ଥର ବିଧାୟକ ହୋଇଥିବା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ଟିକେଟ କାଟିଥିଲେ ବିଜେଡି ସୁପ୍ରିମୋ। ଚ୍ୟାଉ ପଟ୍ଟନାୟକଙ୍କ ବଦଳରେ ବିକ୍ରମ ବିଜେଡି ପ୍ରାର୍ଥୀ ଭାବେ ଲଢ଼ିଛନ୍ତି। ଦୁଇ ଦଶନ୍ଧି ହେବ କଂଗ୍ରେସରୁ ଲଢ଼ିଥିବା ପଣ୍ଡା ବିଜେଡିର ନୂଆ ପ୍ରାର୍ଥୀ। ସହରାଞ୍ଚଳ ଭୋଟର ତାଙ୍କୁ କିଭଳି ସମର୍ଥନ କରିଛନ୍ତି ଏବଂ ନୂଆ ଚିହ୍ନ ପ୍ରତି ସଚେତନ ଅଛନ୍ତି କି ନାହିଁ ଆସନ୍ତା ଗୁରୁବାର ସ୍ପଷ୍ଟ ହେବ।

# ବିପଦସଙ୍କୁଳ ଅବସ୍ଥାରେ ପୋଲ ରାସ୍ତା



ଗଞ୍ଜାମ,୧୭।୫(ଡି.ଏନ.ଏ.)

ଗଞ୍ଜାମ ସହରସ୍ଥିତ ୧୬ନଂ ଜାତୀୟ ରାଜପଥ ଋଷିକୁଲ୍ୟା ପୋଲ ରାସ୍ତା ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ରାସ୍ତାର କେତେକ ସ୍ଥାନରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଯଦ୍ୱାରା ଛୋଟ ବଡ଼ ଦୁର୍ଘଟଣା ଘଟି ବାଇକ ଆରୋହୀମାନେ ଆହତ ହେଉଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଜାତୀୟ ରାଜପଥ ମରାମତି କରାଯାଉନି। ଉକ୍ତ ପୋଲ ଦେଇ ଭୁବନେଶ୍ୱରରୁ ବ୍ରହ୍ମପୁର ମୁଖ୍ୟ ରାସ୍ତା ହୋଇଥିବା ଯୋଗୁ ହଜାର ହଜାର ଟ୍ରକ, ବସ୍ ଯାତାୟତ କରୁଛି। ଦାୟିତ୍ୱରେ ଥିବା ଅଧିକାରୀମାନେ ସେହି ରାସ୍ତା ଦେଇ ଯାତାୟାତ କରୁଥିଲେ ମଧ୍ୟ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ମରାମତି ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ଲାଗି ଦାବି ହୋଇଛି।

# ପୋଖରୀ ସଫାକଲେ ଗ୍ରାମବାସୀ

ଗଞ୍ଜାମ,୧୭।୫(ଡି.ଏନ.ଏ.)

ଗଞ୍ଜାମ ଏନଏସି ଅନ୍ତର୍ଗତ ଦାମୋଦରପୁର ଗ୍ରାମ ପୋଖରୀ ପୁନରୁଦ୍ଧାର ପାଇଁ ଗ୍ରାମବାସୀ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ତେଣୁ ଗ୍ରାମବାସୀ ଶୁକ୍ରବାର ଏକାଠି ହୋଇ ଉକ୍ତ ପୋଖରୀ ସଫା କରିବା ସହ ଚତୁଃପାର୍ଶ୍ୱରେ ଥିବା ଅନାବନା ଗଛଲତା ସଫା କରିଛନ୍ତି। ଗ୍ରାମର ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ଉକ୍ତ ପୋଖରୀ ଉପରେ ନିର୍ଭର କରିଥାନ୍ତି। ନଭେମ୍ବର ମାସରେ ଉକ୍ତ ପୋଖରୀରେ ଇଟା ବୋଝେଇ ଏକ ଟ୍ରାକ୍ଟର ଖସି ପଡ଼ିବାରୁ ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ପାଣିରେ ଇଟା ତଳେ ଚାପି ହୋଇ ରହିଥିବା ମହିଳାଙ୍କ ମୃତଦେହ ଜେସିବି ଦ୍ୱାରା ଉଦ୍ଧାର କରାଯାଇଥିଲା। ସେବେଠାରୁ ଗ୍ରାମବାସୀ ପୋଖରୀ ପୁନରୁଦ୍ଧାର ପାଇଁ ଦାବି କରି ଆସୁଥିଲେ। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ କୁମାର ଟୁଡୁ କହିଛନ୍ତି, ସେଭଳି କିଛି ଅଭିଯୋଗ ଆସିନାହିଁ। ତଥାପି ଅନୁଧ୍ୟାନ ପରେ ପଦକ୍ଷେପ ନିଆଯିବ।



ପୋଖରୀ ସଫା କରୁଛନ୍ତି ଗ୍ରାମବାସୀ।


**OFFICE OF THE EXECUTIVE ENGINEER, BHUBANESWAR (R&B) DIVISION NO.IV, BHUBANESWAR**

**SHORT QUOTATION CALL NOTICE NO. 01 OF 2019-20**

eernb4bbsr@gmail.com

**No.01-B:-** Sealed Quotations are invited from reputed Event Management Organisation having experience in executing similar nature of work for construction of a temporary structure with water proofing materials as per specification at Rajbhawan party Lawn & supply of the articles for the Rajbhawan, Bhubaneswar for arranging "Swearing-in-Ceremony of Hon'ble chief Minister and Council of Minister" during last week of May' 2019. The details of Items, Quantities etc. are available in the office of the undersigned and office of the Asst. Exe. Engineer, (R&B) Sub-Division No.I, Bhubaneswar under (R&B) Division No.IV, Bhubaneswar.

The Quotation documents can be obtained from the office of the Executive Engineer, Bhubaneswar (R&B) Division No.IV, Bhubaneswar and Asst. Exe. Engineer, (R&B) Sub-Division No.I, Bhubaneswar under (R&B) Division No.IV, Bhubaneswar on working days from **dt.18.5.2019 up to 3.30 PM of dt.22.5.2019.**

The Quotation BID must be accompanied by security amount of Rs.40,000.00 (Rupees forty thousand) only in form of Deposit Receipt (Term Deposit Receipt) of Schedule Bank / Kissan Vikas Patra / Post Office Savings Bank Account / National Savings Certificate / Post Office Term Deposit account duly pledged in favour of Executive Engineer, Bhubaneswar (R&B) Division No.IV, Bhubaneswar. If the decided bidder failed to execute the above work in all respect and in due time, the security amount will be forfeited.

Quotation along with GST Registration Copy, PAN & Security amount of Rs.40,000.00 as mentioned above will be received from **dt.18.5.2019 up to 3.30 PM on dt.22.5.2019** in the office of the undersigned and Asst. Exe. Engineer, Bhubaneswar (R&B) Sub-Division No.I under Bhubaneswar (R&B) Division No.IV and the same will be **opened at 4.00 PM on the same day** in the office of the undersigned in the presence of the participant or their authorised representatives if any.

Authority reserved the right to cancel any or all the quotations without assigning any reasons thereof.

**N.B. :- The work is to be executed on emergent basis and to be completed and handed over for inspection by a schedule date which will be intimated to the selected agency in short notice.**

Sd./- 13.5.2019
Executive Engineer
BBSR (R&B) Division No.IV, BBSR

34090/11/0001/1920



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o the Sr. General Manager (S&S) Janpath, Bhubaneswar-751022. CIN: U40102OR2004SGC007553

**TENDER NOTICE NO. SRGMS - 02/2019-20**

For and on behalf of Odisha Power Transmission Corporation Ltd., Sr. GM (S&S), OPTCL, BBSR invites sealed Tenders from reputed Manufacturers / Authorised Dealers for Supply of various types of LED light fittings (Philips/CG/Havells/PAC) to OPTCL Headqrs office duly superscribed on the cover as : **"Tender for Supply of different types LED light fittings to OPTCL Headqrs office, Bhubaneswar"**. Tender papers can be downloaded from the OPTCL website from **dt.18.05.2019** to **dt.11.06.2019**. The tender will be opened on **dt.11.06.2019 at 4:00 PM**. Interested firms may visit OPTCL's official website **www.optcl.co.in** for detail specifications.

Sd/- Sr. General Manager (S&S)

Please connect us: optcl.odisha optcl_odisha energyodisha



idco Your power to grow | ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR
Tender Call Notice No. BBSR/Elect/E-4010/2018-19/1805 Date: 16.05.2019

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

**Name of the Work** : Up-gradation of substation from 25KVA, 11/0.4KV to 100KVA, 11/0.4KV plinth mounted substation with erection of existing L.T. line using 9mtr long 100 × 116mm RS Joist pole for power supply to M/S Rajkishore Bidyapitha, At-Arisol, Janla, Dist: Khordha.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID. No. BBSR/ ELECT/e-04/18-19 | 23.05.2019 at 17.00 hrs. | 30.05.2019 at 17.00 hrs. |

Further details can be seen from the e-procurement portal. **www.tendersorissa.gov.in**. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO Website.

Sd/-
Divisional Head (Elect), IDCO, Bhubaneswar



**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.eT-M-KUR-IC-TS-59-2019

**କାର୍ଯ୍ୟର ନାମ :** 02 ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ଚୟନିତ (Nominated) କୋଚିଙ୍ଗ୍ ଟ୍ରେନ୍‌ଗୁଡ଼ିକରେ ପାଣି ଭରିବା ଏବଂ ଅନ୍ତିମ (Terminating) ଷ୍ଟେସନଗୁଡ଼ିକ ଠାରେ କୋଚିଙ୍ଗ୍ ଟ୍ରେନ୍‌ଗୁଡ଼ିକର ଆଭ୍ୟନ୍ତରୀଣ (Interior) ସଫେଇ, କୋଚ୍‌ଗୁଡ଼ିକୁ ବନ୍ଦ କରିବା (Locking) ଏବଂ ଶୌଚାଳୟ ସଫେଇ।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 2,47,57,389.20, EMD (ଟଙ୍କାରେ) : 2,73,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.23.05.2019ରିଖ,

**ଟେଣ୍ଡର ବନ୍ଦ ହେବାର ଅନ୍ତିମ ତାରିଖ ଓ ସମୟ :** ତା.06.06.2019 ରିଖ 1530 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ।

ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର/ ଖୋର୍ଦ୍ଧା ରୋଡ୍

PR-88/K/19-20



**ପୂର୍ବ ତଟ ରେଳପଥ**

**ଭଡ଼ା ସୂତ୍ରରେ ଗାଡ଼ି**

ଟେଣ୍ଡର ବିଜ୍ଞପ୍ତି ସଂ.eT-North-WAT-06-2019, ତା.10.05.2019ରିଖ

**କାର୍ଯ୍ୟର ନାମ :** ୱାଲ୍ଟିୟର ମଣ୍ଡଳର KR ଲାଇନ୍‌ରେ କାର୍ଯ୍ୟାଳୟ ଡ୍ୟୁଟି, ନିରୀକ୍ଷଣ ଏବଂ ସେକ୍ସନର ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ସହାୟକ ମଣ୍ଡଳ ଯନ୍ତ୍ରୀ (ଲକ୍ଷ୍ମୀପୁର ରୋଡ୍)ଙ୍କ ନିମନ୍ତେ 24(ଚବିଶି) ମାସ ଅବଧି ପାଇଁ 01 ଗୋଟି ନନ୍-ଏସି ଗାଡ଼ି(MUV) ଟାଟା ସୁମୋ/ମହିନ୍ଦ୍ରା ବୋଲେରୋ କିମ୍ବା ଅନୁରୂପ ଭଡ଼ା ସୂତ୍ରରେ ନେବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 8,33,427.45, EMD (ଟଙ୍କାରେ) : 16,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.11.06.2019 ରିଖ 1330 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସବୁ ମାନୁଆଲ ପ୍ରସ୍ତାବଗୁଡ଼ିକ ସମ୍ବନ୍ଧରେ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ୱାଲ୍ଟିୟର

PR-85/K/19-20



**GOVERNMENT OF ODISHA**
ELECTRICAL LICENSING BOARD, ODISHA,
OFFICE OF THE ENGINEER-IN-CHIEF (ELECTRICITY) -CUM-PRINCIPAL CHIEF ELECTRICAL INSPECTOR, ODISHA
3RD FLOOR HEADS OF DEPARTMENT BUILDING, BHUBANESWAR-751 001.
Email-secyelbo@nic.in Ph.- 0674-2394572(0)

No. 01-AA

**NOTICE**

No.ELBO/SCC(MV & HT)EXAM.2018/117/2018/439_/Dated Bhubaneswar 30.04.2019

(1) The result of SCC (MV & HT) Examination 2018 including endorsement for mining have been published vide Notification No.430 dated 29.04.2019.
All the successful candidates of SCC Examination 2018 are requested to contact the office of Superintending Engineer-cum-Secretary, ELBO for issue / endorsement of the Supervisor Certificate of Competency (SCC). They are requested to deposit required fees and documents as necessary within six (06) months from the date of Notification of result for obtaining Supervisor Certificate of Competency (SCC).

(2) The result of Workman Permit Examination 2018 have been published vide Notification No.436 dated 29.04.2019.
All the successful candidates of Workman Permit Examination 2018 are requested to contact the office of respective Superintending Engineer-cum-Electrical Inspector, where they have appeared the examination for issue / endorsement of the Workman Permit. They are requested to deposit required fees and documents as necessary within six (06) months from the date of Notification of result for obtaining Workman Permit.

(3) The result of Workman Permit (EHT) Examination 2018 have been published vide Notification No.433 dated 29.04.2019.
The successful candidates of Workman Permit (EHT) Examination 2018 is requested to contact the office of Superintending Engineer-cum-Secretary, ELBO for issue of the Workman Permit (EHT). They are requested to deposit required fees and documents as necessary within six (06) months from the date of Notification of result for obtaining Workman Permit (EHT).
During verification of documents, if any discrepancy is detected then the SCC/ Workman Permit will not be issued to the candidate though he/she has passed the examination. In no case the application of the successful candidates for issue of Supervisor Certificate of Competency / Workman Permit shall be considered after lapse of six (06) months from date of notification of result.
The result is also available in our official Website: eicelectricityodisha.nic.in for information of all concerned.

Sd/- SUPERINTENDING ENGINEER -CUM-SECRETARY, ELBO.

04004/11/0001/1920



**ହସ୍ତଶିଳ୍ପରେ ତାଲିମ ପାଇଁ ବିଜ୍ଞାପନ**

No. 01-PP: ଚଳିତ ଆର୍ଥିକ ବର୍ଷ (୨୦୧୯-୨୦) ବର୍ଷ ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକରୁଥିବା ନିମ୍ନଲିଖିତ ହସ୍ତଶିଳ୍ପ ତାଲିମ କେନ୍ଦ୍ର/ବିଦ୍ୟାଳୟଗୁଡ଼ିକରେ ଛାତ୍ର/ଛାତ୍ରୀ ଗ୍ରହଣ ନିମିତ୍ତ ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଦରଖାସ୍ତ କରିବାର ଶେଷ ତାରିଖ ୦୫।୦୬।୨୦୧୯।

| କ୍ର.ସଂ. | ହସ୍ତଶିଳ୍ପ ବିଦ୍ୟାଳୟ/ତାଲିମ କେନ୍ଦ୍ରର ନାମ | ହସ୍ତଶିଳ୍ପର ନାମ | ସ୍ଥାନ ସଂଖ୍ୟା | ତାଲିମ ଅବଧି |
|---|---|---|---|---|
| ୧. | ତରାଣ୍ଡୋ ହସ୍ତଶିଳ୍ପ ବିଦ୍ୟାଳୟ, ସା- ତରାଣ୍ଡୋ, ପୋ- ବାରୁଅ, ଜି.- କେନ୍ଦ୍ରାପଡ଼ା | କାଇଁଚ ଶିଳ୍ପ | ୨୦ | ୧ ବର୍ଷ |
| ୨. | ରାଜନଗର ହସ୍ତଶିଳ୍ପ ବିଦ୍ୟାଳୟ, ସା- ରାଜନଗର, ପୋ- ଚକଡ଼ା, ଭାୟା- ଆଠଗଡ଼, ଜି.- କଟକ | ବେତ ବାଉଁଶ | ୨୦ | ୧ ବର୍ଷ |
| ୩. | ଘାସିପୁଟ ହସ୍ତଶିଳ୍ପ ବିଦ୍ୟାଳୟ, ସା/ପୋ.- ଘାସିପୁଟ, ଜି.- କଟକ | ବେତ ବାଉଁଶ | ୧୨ | ୧ ବର୍ଷ |
| ୪. | ପଲ୍ଲୀ ହସ୍ତଶିଳ୍ପ ବିଦ୍ୟାଳୟ, ସା/ପୋ.- ପଲ୍ଲୀ, ଜି.- ଜଗତସିଂହପୁର | ବେତ ବାଉଁଶ | ୧୨ | ୧ ବର୍ଷ |
| ୫. | ସାନ୍ଦାପାଶିପାଟଣା ହସ୍ତଶିଳ୍ପ ବିଦ୍ୟାଳୟ, ସା- ସାନ୍ଦାପାଶିପାଟଣା, ପୋ.- ଗନ୍ଦିଆ, ଜି.- ଢେଙ୍କାନାଳ | ବେତ ବାଉଁଶ | ୧୨ | ୧ ବର୍ଷ |
| ୬. | କୃଷ୍ଣଚନ୍ଦ୍ରପୁର ହସ୍ତଶିଳ୍ପ ବିଦ୍ୟାଳୟ, ସା/ପୋ.- କୃଷ୍ଣଚନ୍ଦ୍ରପୁର, ଜି.- ମୟୂରଭଞ୍ଜ | ସବାଇ ଘାସ | ୧୦ | ୧ ବର୍ଷ |
| ୭. | ଆଙ୍ଗିସିଙ୍ଗି ହସ୍ତଶିଳ୍ପ ବିଦ୍ୟାଳୟ, ସା/ପୋ.- ଆଙ୍ଗିସିଙ୍ଗି, ଜି.- ନୟାଗଡ଼ | ବେତ ବାଉଁଶ | ୧୦ | ୧ ବର୍ଷ |
| ୮. | ବଉଳଗାଡ଼ିଆ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ସା- ବଉଳଗାଡ଼ିଆ, ପୋ.- ଈଶ୍ୱରପୁର, ଜି.- ବାଲେଶ୍ୱର | ପଥର ଖୋଦେଇ | ୨୦ | ୧ ବର୍ଷ |
| ୯. | ପୁରୀ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ସା/ପୋ.- ପୁରୀ, ଜି.- ପୁରୀ | ଶଙ୍ଖ ଶାମୁକା | ୧୦ | ୧ ବର୍ଷ |
| ୧୦. | ଲଳିତଗିରି ହସ୍ତଶିଳ୍ପ ତାଲିମ କେନ୍ଦ୍ର, ସା/ପୋ.- ଲଳିତ ଗିରି, ଜି.- କଟକ | ପଥର ଖୋଦେଇ | ୧୦ | ୧ ବର୍ଷ |

ତାଲିମ ସମୟରେ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କୁ ମାସିକ ଟ.୧୦୦୦.୦୦ ବୃତ୍ତି ପ୍ରଦାନ କରାଯିବ।

**ଆବେଦନ ନିମନ୍ତେ ଯୋଗ୍ୟତା:**
ବୟସ - ୧୪ ବର୍ଷରୁ ୪୦ବର୍ଷ (ତଫସିଲଭୁକ୍ତ ଜାତି/ଜନଜାତି/ଶାରୀରିକ ଭିନ୍ନକ୍ଷମ/ମହିଳା ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରାର୍ଥୀମାନଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୩ବର୍ଷ କୋହଳ କରାଯିବ।
**ଶିକ୍ଷାଗତ ଯୋଗ୍ୟାତ:** ୮ମ ପାସ୍ ଓ ତଦୂର୍ଦ୍ଧ୍ୱ।
**ସ୍ଥାନ ସଂରକ୍ଷଣ ବ୍ୟବସ୍ଥା:** ତଫସିଲଭୁକ୍ତ ଜାତି/ଜନଜାତି/ଶାରୀରିକ ଭିନ୍ନକ୍ଷମ/ସଂଖ୍ୟାଲଘୁ ସମ୍ପ୍ରଦାୟ/ମହିଳା ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ପାଇଁ ସରକାରୀ ନିୟମ ଅନୁସାରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି।
ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀ ସାଦାକାଗଜରେ ନାମ, ପିତାଙ୍କ ନାମ, ଠିକଣା, ବୟସ, ଶିକ୍ଷାଗତ ଯୋଗ୍ୟତା, ଜାତି, ବର୍ଗ ଏବଂ ହସ୍ତଶିଳ୍ପ ତାଲିମ କେନ୍ଦ୍ରର ନାମ ଉଲ୍ଲେଖକରି ସମସ୍ତ ପ୍ରମାଣପତ୍ରର ନକଲ ସହ ସମ୍ପୃକ୍ତ **ଜିଲ୍ଲା ଶିଳ୍ପକେନ୍ଦ୍ର/ଆଞ୍ଚଳିକ ଶିଳ୍ପକେନ୍ଦ୍ରରେ** ଆବେଦନ କରିପାରିବେ। ଏହି ସମ୍ବନ୍ଧୀୟ ସବିଶେଷ ତଥ୍ୟ ପାଇଁ ସମ୍ପୃକ୍ତ **ସାଧାରଣ ପରିଚାଳକ, ଆଞ୍ଚଳିକ ଶିଳ୍ପକେନ୍ଦ୍ର/ଜିଲ୍ଲା ଶିଳ୍ପକେନ୍ଦ୍ର/ବ୍ଲକ୍ ଶିଳ୍ପ ବିକାଶ ଅଧିକାରୀ/ତାଲିମ କେନ୍ଦ୍ର/ବିଦ୍ୟାଳୟ ଉପଦେଷ୍ଟାଙ୍କ** ସହ ଯୋଗାଯୋଗ କରିବାକୁ ଅନୁରୋଧ।

ନିର୍ଦ୍ଦେଶକ
ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର

43002/11/0001/1920

**ସଂକ୍ଷେପରେ**

## ଟିକେଟ୍ ନ କାଟି ଦଣ୍ଡ ଗଣିଲେ ରେଳଯାତ୍ରୀ

**ବ୍ରହ୍ମପୁର ଅଫିସ୍, ୧୭।୫:** ବିନା ଟିକେଟ୍ ଏବଂ ଅନିୟମିତ ଟିକେଟ୍ ଯାତ୍ରାକୁ ରୋକିବା ପାଇଁ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ତରଫରୁ ଶୁକ୍ରବାର ବାଲୁଗାଁରେ, ଷ୍ଟେଶନ୍ ଏବଂ ବାଲୁଗାଁ-ବ୍ରହ୍ମପୁର ମଧ୍ୟରେ ଟିକେଟ୍ ଯାଞ୍ଚ କରାଯାଇଛି । ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଡି.ପି. ଜେନାଙ୍କ ତତ୍ତ୍ୱାବଧାନରେ ବାଣିଜ୍ୟ ନିରୀକ୍ଷକ ଓ ଟିକେଟ୍ ଯାଞ୍ଚ କର୍ମଚାରୀଙ୍କ ସହାୟତାରେ ଏହି ଧରପଗଡ଼ କରାଯାଇଥିଲା । ଏଥିରେ ପ୍ରଶାନ୍ତ ଏକ୍ସପ୍ରେସ୍, ପାଟଣା-ଏର୍ଣ୍ଣାକୁଲମ୍ ଏକ୍ସପ୍ରେସ୍ ଓ ଶାଲିମାର୍ ସପ୍ତାହିକ ସୁପରଫାଷ୍ଟ ଏକ୍ସପ୍ରେସ୍ ଆଦି ଟ୍ରେନ୍‌ଗୁଡ଼ିକରେ ଯାଞ୍ଚ କରାଯାଇ ୨୨୭ଜଣ ଯାତ୍ରୀଙ୍କୁ ବିନା ଟିକେଟ୍ ଓ ଅନିୟମିତ ଟିକେଟ୍ ପାଇଁ ଦଣ୍ଡିତ କରାଯାଇଥିଲା । ସେମାନଙ୍କ ଠାରୁ ମୋଟ ଏକ ଲକ୍ଷ ୨ହଜାର ୯ଶହ ୯୦ ଜରିମାନା ଆଦାୟ କରାଯାଇଛି ।

## ପୁଇଁତୋଳାରେ ନୃସିଂହ ଜନ୍ମୋତ୍ସବ



**ଗଞ୍ଜାମ, ୧୭।୫(ଡି.ଏନ.ଏ.):** ଗଞ୍ଜାମ ଏନଏସି ଅନ୍ତର୍ଗତ ପୁଇଁତୋଳା ଗ୍ରାମରେ ନୃସିଂହ ଠାକୁରଙ୍କ ଜନ୍ମୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୪ ପ୍ରହର ନାମଯଜ୍ଞ ହୋଇଥିଲା । ଏଥିସହ ଗ୍ରାମବାସୀ ଘୃତଯଜ୍ଞ, ଅନ୍ନଯଜ୍ଞ ଆୟୋଜନ କରିଥିଲେ। ଆଖପାଖର ବହୁ କିର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ହୋମଯଜ୍ଞରେ ଜୟକୃଷ୍ଣ ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଗ୍ରାମ ପୁରୋହିତ ଗଣପତି ରଥ ଦେବଶର୍ମା ଏବଂ ରାଜେନ୍ଦ୍ର ରଥ ଦେବଶର୍ମାଙ୍କ ଉପସ୍ଥିତିରେ ହୋମ ସମ୍ପନ୍ନ ହୋଇଥିଲା। ଗ୍ରାମ୍ୟ କମିଟି ସଭାପତି ରଘୁନାଥ ପ୍ରଧାନ, ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉଳ, ଭଗବାନ ପ୍ରଧାନ, ସୀମାଞ୍ଚଳ ପଲାଇ, ସୁଶାନ୍ତ ତରାଇ, ପ୍ରମୋଦ କୁମାର ସାହୁ, ଅଭି ତରାଇ, ଚିତ୍ରସେନ ପଲାଇଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ନଗର ପରିକ୍ରମା ପରେ ଯଜ୍ଞ ଉଦ୍‌ଯାପିତ ହୋଇଥିଲା ।

## ଫନୀ ବିପନ୍ନଙ୍କ ପାଇଁ ପାଣ୍ଠି ସଂଗ୍ରହ

**ବୁଗୁଡ଼ା, ୧୭।୫(ଡି.ଏନ.ଏ.)-**ସ୍କାଉଟ ଏବଂ ଗାଇଡ୍ ଆନୁକୂଲ୍ୟରେ ବୁଗୁଡ଼ା ପିପୁଲ୍ସ କଲେଜର ଶିବାଜୀ ରୋଭର କ୍ରିୟୁ ସ୍ୱେଚ୍ଛାସେବୀ ସଂସ୍ଥାର ଛାତ୍ରମାନେ ଗୁରୁବାର ସ୍ଥାନୀୟ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ନିକଟକୁ ଯାଇ ଫନୀ ବିପନ୍ନଙ୍କ ନିମନ୍ତେ ପାଣ୍ଠି ସଂଗ୍ରହ କରିଛନ୍ତି। ସଂସ୍ଥାର ଲିଡର ତଥା ଅଧାପକ ଭଗବାନ ସ୍ୱାଇଁଙ୍କ ନେତୃତ୍ୱରେ ଛାତ୍ରମାନେ ଘର ଘର ବୁଲି ପାଣ୍ଠି ସଂଗ୍ରହ କରିଥିଲେ ।

### ■ ଖଲ୍ଲିକୋଟ କଲେଜ ଯୁକ୍ତ ୩ ପରୀକ୍ଷାଫଳ ପ୍ରକାଶ

# ପାସ୍ ହାର: କଳା ୭୦, ବାଣିଜ୍ୟ ୭୭, ବିଜ୍ଞାନ ୭୬ ପ୍ରତିଶତ

**ବ୍ରହ୍ମପୁର ଅଫିସ୍, ୧୭।୫**

- ■୧୭ ଟପ୍ପର୍‌ରୁ ୧୨ଜଣ ଛାତ୍ରୀ
- ■ପଦାର୍ଥ ବିଜ୍ଞାନର ଶିଳ୍ପା ପାତ୍ର ଶ୍ରେଷ୍ଠ ଗ୍ରାଜୁଏଟ୍
- ■ଶତ ପ୍ରତିଶତ ସଫଳତା ଶୂନ

ଖଲ୍ଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷ(ଷଷ୍ଠ ବା ଶେଷ ସେମିଷ୍ଟାର୍) ପରୀକ୍ଷା ଫଳ ଶୁକ୍ରବାର ଅପରାହ୍ନରେ ପ୍ରକାଶ ପାଇଛି। କଳା ବର୍ଗର ୧୦ଟି ବିଭାଗରେ ମୋଟ ୪୨୪ଜଣ ପରୀକ୍ଷା ଦେଇଥିଲେ। ସେଥିରୁ ୨୯୭ଜଣ ପାସ୍ କରିଛନ୍ତି । ସଫଳତା ହାର ରହିଛି ୭୦.୦୫ପ୍ରତିଶତ । ବିଜ୍ଞାନରେ ମୋଟ ୨୬୦ଜଣ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୧୯୮ଜଣ ପାସ୍ କରିଛନ୍ତି । ସଫଳତା ହାର ରହିଛି ୭୬.୧୫ପ୍ରତିଶତ । ବାଣିଜ୍ୟରେ ୩୭୨ଜଣ ପରୀକ୍ଷା ଦେଇଥିଲେ। ୨୮୭ଜଣ ପାସ୍ କରିଛନ୍ତି । ସଫଳତା ହାର ରହିଛି ୭୭.୧୫ପ୍ରତିଶତ । ବିଜ୍ଞାନ ବର୍ଗରେ ପଦାର୍ଥ ବିଜ୍ଞାନ ଛାତ୍ରୀ ଟି.ଶିଳ୍ପା ପାତ୍ର ଶ୍ରେଷ୍ଠ ଗ୍ରାଜୁଏଟ୍ ହୋଇଛନ୍ତି । ସେ ମୋଟ ୨୪୦୦ରୁ ୨୦୯୮ ମାର୍କ ରଖି ଏହି ସଫଳତା ହାସଲ କରିଛନ୍ତି । କଳା, ବିଜ୍ଞାନ ଏବଂ ବାଣିଜ୍ୟର ୧୭ଟି ବିଷୟରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ୧୭ଜଣ ଟପ୍‌ରଙ୍କ ମଧ୍ୟରୁ ୧୨ଜଣ ଛାତ୍ରୀ ଏବଂ ୫ଜଣ ଛାତ୍ର ରହିଛନ୍ତି । ତେବେ କୌଣସି ଗୋଟିଏ ହେଲେ ଶତପ୍ରତିଶତ ସଫଳତା ହାସଲ କରିପାରିନାହାନ୍ତି । ଯାହା ଏହି ମହାବିଦ୍ୟାଳୟରେ ଦୁର୍ବଳ ଶିକ୍ଷା ଭିତ୍ତିଭୂମିକୁ ଦର୍ଶାଉଛି ବୋଲି ଆଲୋଚନା ହେଉଛି ।

ଅର୍ଥଶାସ୍ତ୍ର ବିଭାଗରେ ୧୭୫୩ ମାର୍କ ସହ ସସ୍ମିତା ପ୍ରଧାନ ଟପ୍ପର୍ ହୋଇଥିବା ବେଳେ ଶିକ୍ଷାରେ ୧୯୦୫ ମାର୍କ ସହ ପ୍ରଗତି ବେହେରା, ଇଂଲିଶରେ ୧୬୫୦ ମାର୍କ ସହ ସୋନାଲି ବେହେରା, ହିନ୍ଦୀରେ ୧୭୮୦ ମାର୍କ ସହ ଶିବାନୀ ଗୌଡ଼, ଇତିହାସରେ ୧୬୭୩ ମାର୍କ ସହ ପି. ପିଙ୍କି ରେଡ୍ଡୀ, ଓଡ଼ିଆରେ ୧୬୮୫ ମାର୍କ ସହ ଭବାନୀ ବେହେରା, ଦର୍ଶନଶାସ୍ତ୍ରରେ ୧୬୨୬ ମାର୍କ ସହ ଅନିଲ ସେଠୀ ଏବଂ ରାଜନୀତି ବିଜ୍ଞାନରେ ୧୮୭୮ ମାର୍କ ସହ ରିତେଶ କୁମାର ପ୍ରଧାନ ଟପ୍ପର୍ ହୋଇଛନ୍ତି । ନୃତତ୍ତ୍ୱରେ ୧୯୭୨ ମାର୍କ ସହ ସୁନନ୍ଦା ଗନ୍ତାୟତ, ଉଦ୍ଭିଦ ବିଜ୍ଞାନରେ ୧୮୬୬ ମାର୍କ ସହ ଋତୁଶ୍ରୀ ମହାପାତ୍ର, ରସାୟନ ବିଜ୍ଞାନରେ ୨୦୫୩ ମାର୍କ ସହ ଭାଗ୍ୟଶ୍ରୀ ମିଶ୍ର, କମ୍ପ୍ୟୁଟର୍ ବିଜ୍ଞାନରେ ୨୦୨୨ ମାର୍କ ସହ ସାଗରିକା ମହାପାତ୍ର, ଗଣିତରେ ୧୯୩୧ ମାର୍କ ସହ ମନୋରମା ମିଶ୍ର, ପଦାର୍ଥ ବିଜ୍ଞାନରେ ୨୦୯୮ ମାର୍କ ସହ ଟି.ଶିଳ୍ପା ପାତ୍ର ଏବଂ ପ୍ରାଣୀ ବିଜ୍ଞାନରେ ୧୯୦୫ ମାର୍କ ସହ ବନ୍ଦନା ନାୟକ ଟପ୍ପର୍ ହୋଇଛନ୍ତି ।

ଅନ୍ୟପଟେ ବିଭାଗ ଅନୁଯାୟୀ ଦେଖିଲେ, କୌଣସି ଗୋଟିଏ ହେଲେ ବିଭାଗ ଶତପ୍ରତିଶତ ସଫଳତା ହାସଲ କରିପାରିନାହିଁ । ନୃତତ୍ତ୍ୱ (କଳା)ରେ ୪ଜଣ ପରୀକ୍ଷା ଦେଇଥିବା ବେଳେ ଦୁଇଜଣ ପାସ୍ ହୋଇଛନ୍ତି । ୫୦ପ୍ରତିଶତ ସଫଳତା ମିଳିଛି । ଅର୍ଥଶାସ୍ତ୍ର ବିଭାଗରେ ୭୮ଜଣଙ୍କ ମଧ୍ୟରୁ ୫୮ଜଣ ପାସ୍ ହୋଇଥିବା ବେଳେ ୭୪.୩୫ପ୍ରତିଶତ ସଫଳତା ମିଳିଛି । ଶିକ୍ଷାରେ ୩୦ଜଣ ପରୀକ୍ଷା ଦେଇଥିବା ବେଳେ ୨୭ଜଣ ପାସ୍ ହୋଇଛନ୍ତି । ଅର୍ଥାତ୍ ସଫଳତା ହାର ରହିଛି ୯୦ପ୍ରତିଶତ । ଇଂଲିଶରେ ୪୪ଜଣ ପରୀକ୍ଷା ଦେଇଥିବା ବେଳେ ୧୯ଜଣ ପାସ୍ କରିଛନ୍ତି । ସଫଳତାହାର ରହିଛି ୪୩.୧୮ପ୍ରତିଶତ । ହିନ୍ଦୀରେ ୧୨ଜଣ ପରୀକ୍ଷା ଦେଇଥିବା ବେଳେ ୭୫ପ୍ରତିଶତ ସଫଳତା ଅର୍ଥାତ୍ ୯ଜଣ ପାସ୍ କରିଛନ୍ତି । ଇତିହାସରେ ୭୬ଜଣ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୫୧ଜଣ ପାସ୍ କରିଛନ୍ତି । ସଫଳତା ହାର ରହିଛି ୬୭.୧୧ପ୍ରତିଶତ । ଗଣିତରେ ୩ଜଣଙ୍କ ମଧ୍ୟରୁ ୨ଜଣ ପାସ୍ (୬୬.୬୬ପ୍ରତିଶତ) କରିଛନ୍ତି । ଓଡ଼ିଆରେ ୬୯ଜଣଙ୍କ ମଧ୍ୟରୁ ୪୭ଜଣ ପାସ୍(୬୮.୧୨ପ୍ରତିଶତ) କରିଛନ୍ତି । ଦର୍ଶନଶାସ୍ତ୍ରରେ ୩୩ଜଣ ପରୀକ୍ଷା ଦେଇଥିବା ବେଳେ ୧୯ଜଣ ପାସ୍(୫୭.୫୮ପ୍ରତିଶତ) କରିଛନ୍ତି । ରାଜନୀତି ବିଜ୍ଞାନରେ ୭୫ଜଣଙ୍କ ମଧ୍ୟରୁ ୬୩ଜଣ ପାସ୍(୮୪ପ୍ରତିଶତ) କରିଛନ୍ତି । ନୃତତ୍ତ୍ୱ(ବିଜ୍ଞାନ)ରେ ୬ଜଣଙ୍କ ମଧ୍ୟରୁ ୫ଜଣ ପାସ୍(୮୩.୩୩ପ୍ରତିଶତ) ପାସ୍ କରିଛନ୍ତି । ଉଦ୍ଭିଦ ବିଜ୍ଞାନରେ ୬୧ଜଣଙ୍କ ମଧ୍ୟରୁ ୪୪ଜଣ ପାସ୍ (୭୨.୧୩ପ୍ରତିଶତ), ରସାୟନ ବିଜ୍ଞାନରେ ୩୯ମଧ୍ୟରୁ ୩୩ (୮୪.୬୨ ପ୍ରତିଶତ), କମ୍ପ୍ୟୁଟ୍ ବିଜ୍ଞାନରେ ୨୭ରୁ ୧୪(୫୧.୮୫ପ୍ରତିଶତ), ଗଣିତ(ବିଜ୍ଞାନ) ୨୭ରୁ ୧୯ (୭୦.୩୭ ପ୍ରତିଶତ), ପଦାର୍ଥ ବିଜ୍ଞାନରେ ୩୬ରୁ ୨୭(୭୫ପ୍ରତିଶତ), ପ୍ରାଣୀ ବିଜ୍ଞାନରେ ୪୬ଜଣ ପରୀକ୍ଷା ଦେଇଥିବା ବେଳେ ୪୧ଜଣ ପାସ୍ କରିଛନ୍ତି, ସଫଳତା ହାର ରହିଛି ୮୯.୧୩ପ୍ରତିଶତ ।




### ‘ଶିକ୍ଷକତା ପାଇଁ ଲକ୍ଷ୍ୟ ରହିଛି’



ଶ୍ରେଷ୍ଠ ଗ୍ରାଜୁଏଟ୍ ହୋଇଥିବା ପଦାର୍ଥ ବିଜ୍ଞାନର ଟି. ଶିଳ୍ପା ପାତ୍ର ଭବିଷ୍ୟତରେ ଶିକ୍ଷକତା କରିବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି । ତାଙ୍କ କହିବାନୁଯାୟୀ, କଠିନ ପରିଶ୍ରମ ଯୋଗୁ ଏହି ସଫଳତା ମିଳିଛି । ଏବେ ଗ୍ରାଜୁଏସନ୍ ଶେଷ ହୋଇଛି । ଏହା ପରେ ବି.ଇଡି ପଢ଼ିବା ପାଇଁ ଯୋଜନା ରହିଛି । ତା’ ପରେ ପୁଣି ସ୍ନାତକୋତ୍ତର ପଢ଼ିବି । ଫଳରେ ଶିକ୍ଷକତା ପାଇଁ ଏହା ବେଶ୍ ସହାୟକ ହେବ । ଜଣେ ଭଲ ଶିକ୍ଷକ ହେବା ମୋ ଜୀବନର ସ୍ୱପ୍ନ ବୋଲି ସେ କହିଛନ୍ତି ।

## ‘ଶାରୀରିକ ପରିଶ୍ରମ ଦୂରେଇ ପାରିବ ରକ୍ତଚାପ’




ମଞ୍ଚାସୀନ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ।

**ବ୍ରହ୍ମପୁର ଅଫିସ୍, ୧୭।୫**

ଜିଲା ମୁଖ୍ୟ ଚିକିତ୍ସାଳୟ ଆଇଇସି ହଲ୍‌ଠାରେ ଶୁକ୍ରବାର ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳିତ ହୋଇଯାଇଛି । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ ଏଥିରେ ଅଧକ୍ଷତା କରିଥିଲେ। ଜିଲା ମ୍ୟାଲେରିଆ ଅଧିକାରୀ ଡା. ଆର୍. ଜଗଦୀଶ ପଟ୍ଟନାୟକ, ଅତିରିକ୍ତ ନିର୍ଦ୍ଦେଶିକା ଡା. ହିମାଂଶୁବାଳା ପଟ୍ଟନାୟକ, ବହୁଜନବ୍ୟାଧି ନିୟନ୍ତ୍ରକ ଡା. ଅଶୋକ ମିଶ୍ର, ସାବିତ୍ରୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ୨୦୧୫ ମସିହାଠାରୁ ମେ ୧୭ରେ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳନ କରାଯାଉଛି । ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୂଳ ଉଦ୍ଦେଶ୍ୟ। ଉଚ୍ଚ ରକ୍ତଚାପ ଦ୍ୱାରା ହୃଦଘାତ, ପକ୍ଷାଘାତ ଓ କିଡନୀ ରୋଗ ସୃଷ୍ଟି ହୋଇପାରେ । ଉଚ୍ଚ ରକ୍ତଚାପ ରୋଗର ଲକ୍ଷଣଗୁଡ଼ିକ ସହଜରେ ଜଣାପଡ଼େ ନାହିଁ। ତଥାପି ୩୦ବର୍ଷ ବୟସ ପରେ ରକ୍ତଚାପ ମାପିନେବା ଉଚିତ। ଠିକ୍ ଚିକିତ୍ସା ଦ୍ୱାରା ଏଥିରୁ ଦୂରେଇ ରହିପାରିବେ। ଖାଦ୍ୟପେୟରେ ନିୟନ୍ତ୍ରଣ ଏବଂ ଶାରୀରିକ ପରିଶ୍ରମ ନିହାତି ଆବଶ୍ୟକ। ଉଚ୍ଚ ରକ୍ତଚାପରେ ପୀଡ଼ିତ ବ୍ୟକ୍ତିମାନେ ଖାଦ୍ୟରେ ଲୁଣ, ତେଲ, ଘିଅ ଠାରୁ ଦୂରରେ ରହିବା ଜରୁରୀ। ସବୁଜ ପନିପରିବା ଯୁକ୍ତ ଖାଦ୍ୟ ଖାଇବା ସହ ମାନସିକ ଚାପ ଠାରୁ ଦୂରେଇ ରହିଲେ ଉଚ୍ଚ ରକ୍ତଚାପ ଦେଖାଦେବ ନାହିଁ । ଗଞ୍ଜାମ ଜିଲାରେ ଅଣସଂକ୍ରାମ ରୋଗ ପ୍ରକୋଷ୍ଠ ଆନୁକୂଲ୍ୟରେ ଜନସଂଖ୍ୟା ଭିତ୍ତିରେ ୩୦ବର୍ଷରୁ ଉର୍ଦ୍ଧ୍ୱ ପ୍ରତ୍ୟେକ୍ ବ୍ୟକ୍ତିଙ୍କ ରକ୍ତଚାପ ପରୀକ୍ଷା କରାଯାଉଛି ବୋଲି ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ କହିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ୍‌ର ଜିଲା କାର୍ଯ୍ୟକ୍ରମ ପରିଚାଳକ ଶ୍ୟାମ ସୁନ୍ଦର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ । ବହୁ ସଂଖ୍ୟାରେ ଏଏନ୍‌ଏମ୍ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

## ଦମ୍ପତିଙ୍କୁ ଆକ୍ରମଣ ମାମଲା: ୨ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

**ଛତ୍ରପୁର, ୧୭।୫(ଡି.ଏନ.ଏ)**

ଚମାଖଣ୍ଡି ଥାନା ଲକ୍ଷ୍ମୀପୁର ଗାଁର ସୋମନାଥ ବେହେରା ଓ ତାଙ୍କ ସ୍ତ୍ରୀ କୁନିଙ୍କ ଉପରେ ହୋଇଥିବା ଆକ୍ରମଣ ମାମଲାରେ ୨ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସେମାନେ ହେଲେ ପରୀ ଗୌଡ ଓ ତାଙ୍କ ପୁଅ ପ୍ରଭାକର ଗୌଡ। ଶୁକ୍ରବାର ଛତ୍ରପୁର ସବଡିଭିଜନାଲ୍ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସନ୍ତୋଷ କୁମାର ପାଣିଗ୍ରାହୀ ଏହି ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତଦ୍ୱୟଙ୍କୁ ସେକ୍ସନ ୩ ପ୍ରୋବେସନ ଅଫ୍ ଅଫେଣ୍ଡର୍ସ ଆକ୍ଟରେ ବିଚାରପତି ଭର୍ତ୍ସନା କରି ଏପରି ଘଟଣାର ପୁନରାବୃତ୍ତି ନ କରିବାକୁ କହିଛନ୍ତି। ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ରାଜେଶ କୁମାର ମିଶ୍ର, ଏପିପି କୃଷ୍ଣ ଚନ୍ଦ୍ର ବେହେରା ଓ ଏପିପି ସୌରୀ ପ୍ରସାଦ ବେହେରା ମାମଲା ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ୨୦୧୨ ମେ ୭ ତାରିଖ ରାତିରେ ଅଳିଆ ପକାଇବାକୁ ନେଇ ସୋମନାଥ ଓ ପରୀଙ୍କ ପରିବାର ମଧ୍ୟରେ ବଚସା ହୋଇଥିଲା। ପରେ ପରୀ ଓ ତାଙ୍କ ପୁଅ ଆକ୍ରମଣ କରିଥିବା ନେଇ ସୋମନାଥ ଓ କୁନି ଅଭିଯୋଗ କରିଥିଲେ । ଏ ନେଇ ଚମାଖଣ୍ଡି ଥାନାରେ କୁନିଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ. ୩୯/୧୨) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲା।

### ■ ଟୁଟୁ ହାତୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

## ୨ ଗିରଫ, ଜଣେ ନାବାଳକଙ୍କ ସମ୍ପୃକ୍ତି

**ବ୍ରହ୍ମପୁର ଅଫିସ, ୧୭।୫**



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

ବ୍ରହ୍ମପୁର କାଞ୍ଜିବାରି ସାହି ନିକଟ ଗୌଡ଼ ସାହିରେ ଗୁରୁବାର ରାତିରେ ଟୁଟୁ ହାତୀଙ୍କୁ ଖଣ୍ଡାରେ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ବଡବଜାର ପୋଲିସକୁ ତୁରନ୍ତ ସଫଳତା ମିଳିଛି । ଗୁରୁବାର ରାତି ପ୍ରାୟ ୨ଟାରେ ପୋଲିସ ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ବିଲମାଲରୁ ୩ ଅଭିଯୁକ୍ତଙ୍କୁ କାବୁ କରିଛି। ସେମାନଙ୍କ ମଧ୍ୟରୁ ସୀତାଡ଼ିମ୍ବିରା ସାହିର ବାୟା ହାତୀ ଓରଫ ଜାଗା(୨୩) ଓ ଅମୂଲ୍ୟ ଘଡେଇ (୨୦)ଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ମଧ ଅଟକ ରଖାଯାଇଛି। ଶୁକ୍ରବାର ବଡବଜାର ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସପି ମାୟାଧର ସେଠୀ ଏହି ସୂଚନା ଦେଇଛନ୍ତି। ପୂର୍ବ ଶତ୍ରୁତାରୁ ଟୁଟୁଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା ବୋଲି ପୋଲିସ ସ୍ପଷ୍ଟ କରିଛି। ଅଭିଯୁକ୍ତମାନଙ୍କ ଦ୍ୱାରା ବ୍ୟବହୃତ ୨ଟି ରକ୍ତଭିଜା ଖଣ୍ଡା ଜବତ ହୋଇଛି। ଏ ନେଇ ନ. ୮୧/୧୯ରେ ମାମଲା ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି। ଆକ୍ରମଣର ଶିକାର ହୋଇଥିବା ଟୁଟୁଙ୍କ ନାଁରେ କେତେକ ମାମଲା ରହିଛି । ସେ ଟୁଟୁଗ୍ୟାଙ୍ଗର ସଦସ୍ୟ ରହିଥିବା ଥାନାଧିକାରୀ ଭୂପତି କହିଛନ୍ତି।

ପ୍ରକାଶ ଯେ, ଗତ ୯ ତାରିଖରେ ଅଭିଯୁକ୍ତମାନଙ୍କ ସହ ଟୁଟୁଙ୍କର ଝଗଡା ହୋଇଥିଲା। ଅଭିଯୁକ୍ତଙ୍କୁ ଟୁଟୁ ଗତ କିଛିଦିନ ହେଲା ଧମକ ଦେଉଥିଲେ। ତେଣୁ ତାଙ୍କୁ ଆକ୍ରମଣ କରିବା ପାଇଁ ଅଭିଯୁକ୍ତମାନେ ପୂର୍ବରୁ ଯୋଜନା କରିଥିଲେ ବୋଲି ଜେରା ବେଳେ ସ୍ୱୀକାର କରିଥିବା ଥାନାଧିକାରୀ ଭୂପତି କହିଛନ୍ତି । ସୂଚନାଯୋଗ୍ୟ, ଗୁରୁତର ଆହତ ଟୁଟୁଙ୍କୁ ପ୍ରଥମେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ଆକ୍ରମଣ ଘଟଣା ପଛରେ ଅନ୍ୟ କାହାର ସମ୍ପୃକ୍ତି ଅଛି କି ନାହିଁ ସେ ନେଇ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

## ବିଏମସି ପକ୍ଷରୁ ଚଢାଉ, ୨ ଦୋକାନ ସିଲ

**ବ୍ରହ୍ମପୁର ଅଫିସ, ୧୭।୫**

ବ୍ରହ୍ମପୁରକୁ ପଲିଥିନ, ପ୍ଲାଷ୍ଟିକ ମୁକ୍ତ ସହରରେ ପରିଣତ କରିବା ନେଇ ଉଦ୍ୟମ ଜାରି ରହିଛି। ଦୀର୍ଘ ଦିନର ବ୍ୟବଧାନ ପରେ ପୁଣି ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ଚଢାଉ ଆରମ୍ଭ ହୋଇଛି । ଗୁରୁବାର ଖୁଚୁରା, ଉଠା ଦୋକାନଗୁଡିକରେ ଚଢାଉ କରାଯାଇଥିବା ବେଳେ ଶୁକ୍ରବାର ପଲିଥିନ, ପ୍ଲାଷ୍ଟିକ ସାମଗ୍ରୀ ଗଚ୍ଛିତ ରଖିଥିବା ୨ ହୋଲସେଲ ଦୋକାନକୁ ସିଲ କରାଯାଇଥିବା ସୂଚନା ମିଳିଛି। ବିଏମସି ଏନଫୋର୍ସମେଣ୍ଟ ଅଫିସର ତରୁଣକାନ୍ତଙ୍କ ନେତୃତ୍ୱରେ ଗଠିତ ଟିମ ବଡବଜାର ଅଞ୍ଚଳର ରଜାଗୁର୍ଜି ଅଞ୍ଚଳରେ ଅଚାନକ ଚଢାଉ କରିଥିଲେ। ଏହି ଟିମ ୨ଟି ହୋଲସେଲ ଦୋକାନରୁ ପ୍ରାୟ ୧୦୦ କିଲୋ ଓଜନର ପଲିଥିନ ସହ ୩୦ କିଲୋରୁ ଉର୍ଦ୍ଧ୍ୱ ଓଜନର ଥର୍ମୋକୋଲ, ପ୍ଲାଷ୍ଟିକ ସାମଗ୍ରୀ ଜବତ କରିଛନ୍ତି। ମାତ୍ରାଧିକ ପଲିଥିନ, ପ୍ଲାଷ୍ଟିକ ସାମଗ୍ରୀ ଗଚ୍ଛିତ ରଖିଥିବାରୁ ଉକ୍ତ ଦୁଇ ଦୋକାନକୁ ବିଏମସି ପକ୍ଷରୁ ସିଲ କରାଯିବା ସହ ନୋଟିସ କରାଯାଇଥିବା ଏନଫୋର୍ସମେଣ୍ଟ ଅଫିସର ସୂଚନା ଦେଇଛନ୍ତି ।



ଜବତ ହୋଇଥିବା ପଲିଥିନ, ପ୍ଲାଷ୍ଟିକ ସାମଗ୍ରୀ ।

## ସିପିଏସ୍ ମହୁଡ଼ା ଦୁର୍ନୀତିର ତଦନ୍ତ ଦାବି

**ବ୍ରହ୍ମପୁର ଅଫିସ୍, ୧୭।୫**

କଲେଜ ଅଫ୍ ଫାର୍ମାସିୟୁଟିକାଲ୍ ସାଇନ୍ସ(ସିପିଏସ୍) ମହୁଡ଼ାରେ ବ୍ୟାପକ ଦୁର୍ନୀତି ହୋଇଛି ବୋଲି ଶୁକ୍ରବାର ବିଭିନ୍ନ ସଂଗଠନ ତରଫରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର୍‌ଙ୍କ ନିକଟରେ ଅଭିଯୋଗ କରାଯାଇଛି । ଦୁର୍ନୀତିର ତଦନ୍ତ କରିବା ପାଇଁ ମାନବ ଅଧିକାର ସୁରକ୍ଷା ମଞ୍ଚ, ଗଞ୍ଜାମ ଜିଲା ବିକାଶ ମଞ୍ଚ, ଇଣ୍ଡିଆନ୍ ସିଟିଜେନ୍ସ ଆକ୍ସନ ଫର୍ ନେଶନ୍, ଭାରତ ବିକାଶ ପରିଷଦ, ସଂସ୍କାରବାଦୀ ଏବଂ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଏହି ଦାବି କରାଯାଇଛି । ସଂଗଠନଗୁଡ଼ିକର ଅଭିଯୋଗ ଅନୁଯାୟୀ, ୧୯୭୯ରେ ସ୍ୱର୍ଗତ ବୃନ୍ଦାବନ ନାୟକ, ବ୍ରହ୍ମପୁର ସହରର ବୁଦ୍ଧିଜୀବୀ ଏବଂ ଗଞ୍ଜାମ ଫୁଲବାଣୀ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ୍‌ର କିଛି ସଭ୍ୟଙ୍କ ଉଦ୍ୟମରେ ରାଜ୍ୟର ଏହି ପ୍ରଥମ ଫର୍ମାସୀ କଲେଜ ପ୍ରତିଷ୍ଠା ହୋଇଥିଲା । ହେଲେ ପ୍ରତିଷ୍ଠା ପରଠୁ କଲେଜର କୌଣସି ସରକାରୀ ଅଡିଟ୍ ହୋଇନାହିଁ । ସଂପ୍ରତି କଲେଜ ସଂପୂର୍ଣ୍ଣ ଭାବେ ଦୁର୍ନୀତିରେ ବୁଡ଼ିରହିଛି। ତେଣୁ ୧୯୭୯ରୁ ୨୦୧୯ ପର୍ଯ୍ୟନ୍ତ ଆଦାୟ ହୋଇଥିବା ଟିଉଶନ୍ ଫି’ର ଅଡିଟ୍, କଲେଜ ଅଧ୍ୟକ୍ଷଙ୍କୁ ବହିଷ୍କାର, ୨୦୦୬ରେ ପାଳିତ ହୋଇଥିବା ରୌପ୍ୟ ଜୟନ୍ତୀର ଅଡିଟ୍, କଲେଜ ପରିଚାଳନା କମିଟିକୁ ଭାଙ୍ଗି ସରକାର ନିଜ ଅଧୀନକୁ ନେବା, ଛାତ୍ରାବାସର ଜମିପଟ୍ଟାର ତଦନ୍ତ ସହ ମୋଟ ୧୧ ଦୁର୍ନୀତିର ତଦନ୍ତ ଦାବି କରାଯାଇଛି। ବାରମ୍ବାର ପ୍ରଶାସନକୁ ଏ ନେଇ ଅବଗତ କରାଯାଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ସଂଗଠନର କର୍ମକର୍ତ୍ତାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଶିବ ପ୍ରସାଦ ମିଶ୍ର, ପ୍ରଦୀପ ଚନ୍ଦ୍ର ଦାଶ, ପାପୁଚରଣ ସାହୁ, ମଧୁସୂଦନ ସେଠୀ, କୁଶ ବେହେରା, ବିଜୟ ଚନ୍ଦ୍ର ବିଷୋୟୀ, ରମେଶ ଚନ୍ଦ୍ର ସାହୁ, ରଜନୀକାନ୍ତ ମଣ୍ଡଳ, ନିରଞ୍ଜନ ଦାଶ, ମାଗୁଣୀ ନାହାକ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ତ୍ରିନାଥ ମହାରଣା, ଅବନୀ କୁମାର ଗୟା, ରାଜେନ୍ଦ୍ର ପଣ୍ଡା ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି ।




ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର୍ କାର୍ଯ୍ୟାଳୟରେ ବିଭିନ୍ନ ସଂଗଠନର କର୍ମକର୍ତ୍ତା ।

## ସଂକ୍ଷେପରେ

### ବଳାତ୍କାର ମାମଲା, ଯୁବକ ଖଲାସ

**ଫୁଲବାଣୀ ଅଫିସ, ୧୭।୫:** ଫୁଲବାଣୀ ସଦର ଥାନା ଅଞ୍ଚଳରେ ଘଟିଥିବା ଏକ ବଳାତ୍କାର ମାମଲାର ବିଚାର କରି ଫୁଲବାଣୀ ଅତିରିକ୍ତ ଦୌରାଜଜ୍ ଅଭିଜିତ୍ ପଲେଇ ଅଭିଯୁକ୍ତ ଯୁବକଙ୍କୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ଖଲାସ କରିଛନ୍ତି। ସେ ହେଲେ ନୂଆରାଇପଦରର ରାମନାଥ କହଁରା ୨୦୧୮ ଏପ୍ରିଲ ୧୮ରେ ସଦର ଥାନା ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ରାମନାଥ ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ନଂ.୨୬/୧୯ରେ ଏକ ମାମଲା ରୁଜୁ କରି ରାମନାଥଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ମନୋରଞ୍ଜନ ମହାନ୍ତି ମାମଲା ପରିଚାଳନା କରୁଥିଲେ।

### ତାତିରେ ଅସ୍ତବ୍ୟସ୍ତ ଜନଜୀବନ

**ଜଗନ୍ନାଥପ୍ରସାଦ, ୧୭।୫ (ଡି.ଏନ.ଏ.):** ଜଗନ୍ନାଥପ୍ରସାଦ ଅଞ୍ଚଳରେ ଶୁକ୍ରବାର ପ୍ରବଳ ଉତ୍ତାପ ଅନୁଭୂତ ହୋଇଛି। ମଧ୍ୟାହ୍ନ ୧ଟାରୁ ୨ଟା ମଧ୍ୟରେ ତାପମାତ୍ରା ୪୧ରୁ ୪୩ ଡିଗ୍ରୀକୁ ବୃଦ୍ଧି ପାଇଥିବା ଜଣାପଡ଼ିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି। ବଜାର ଘାଟ ଶୂନଶାନ ରହିଥିବା ଦେଖିବାକୁ ମିଳିଛି। ଅଗ୍ନି ବର୍ଷା ଯୋଗୁଁ ଅଞ୍ଚଳର ଅନେକ ପୋଖରୀ, କୂପର ଶୁଖିଲା ପଡିଛି। ପାଣି ଟୋପାଏ ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏତେ ସବୁ ପରେ ବି ପ୍ରଶାସନ କି ପଞ୍ଚାୟତ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଜଳଛତ୍ର ବ୍ୟବସ୍ଥା ହୋଇନାହିଁ।

### ସୋରଡ଼ାରେ ନୃସିଂହ ଚତୁର୍ଦ୍ଦଶୀ ଉତ୍ସବ

**ସୋରଡ଼ା, ୧୭।୫ (ଡି.ଏନ୍.ଏ.):** ନୃସିଂହ ଚତୁର୍ଦ୍ଦଶୀ ଉପଲକ୍ଷେ ସ୍ଥାନୀୟ ନୃସିଂହ ମନ୍ଦିରରେ ଭୋରରୁ ଠାକୁରଙ୍କ ମାଜଣା ସହ ଧୂପ, ନୈବେଦ୍ୟ ଅର୍ପଣ କରାଯାଇ ଭୋଗ କରାଯାଇଥିଲା। ମଧ୍ୟାହ୍ନରେ ହୋମ ଯଜ୍ଞ ସହ ବିଶ୍ୱଶାନ୍ତି କାମନା କରାଯାଇଥିଲା। ଭଜନ କୀର୍ତ୍ତନ ସହ ସନ୍ଧ୍ୟାରେ ଠାକୁରଙ୍କୁ ଏକ ସୁସଜ୍ଜିତ ରଥରେ ନଗର ଭ୍ରମଣ କରାଯାଇଥିଲା। ନୃସିଂହ ସାହୁ, ବିଦେଶୀ ଗୌଡ଼, ବୁଲୁ ପାତ୍ର, ମଣ୍ଟୁ ପଟ୍ଟନାୟକ, ବିଶ୍ୱନାଥ ସାହୁ, ନରସିଂହ ପଣ୍ଡାଙ୍କ ସମେତ ବହୁ ଭକ୍ତ ପରିଚାଳନା କରିଥିଲେ। ଏଥିରେ ମହିଳାଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

### ଲକ୍ଷ୍ମୀନୃସିଂହ ମନ୍ଦିରରେ ଚନ୍ଦନଯାତ୍ରା

**ଦିଗପହଣ୍ଡି, ୧୭।୫ (ଡି.ଏନ.ଏ.):** ଦିଗପହଣ୍ଡି ସହର ଗୁଡିଆଗଳି ସ୍ଥିତ ଲକ୍ଷ୍ମୀ ନୃସିଂହମନ୍ଦିରରେ ଗୁରୁବାରଠାରୁ ଠାକୁରଙ୍କ ପଞ୍ଚଦଶ ବାର୍ଷିକ ଉତ୍ସବ, ନୃସିଂହ ଚତୁର୍ଦ୍ଦଶୀ ଓ ଚନ୍ଦନ ଯାତ୍ରା ଆରମ୍ଭ ହୋଇଯାଇଛି। ଗୁରୁବାର ରାତିରେ ଗଙ୍ଗା ଆବହନ କରାଯିବା ପରେ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶୁକ୍ରବାର ଭୋରରୁ ନାମ ସଙ୍କୀର୍ତ୍ତନ, ଘୃତ ଯଜ୍ଞ ଓ ଜନ୍ମୋତ୍ସବ ପାଳନ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଶନିବାର ପୂର୍ଣ୍ଣାହୁତି ହୋଇ ଠାକୁରଙ୍କ ବିଗ୍ରହ ନଗର ପରିକ୍ରମା କରାଯିବ ସହ ସନ୍ଧ୍ୟାରେ ସାଂସ୍କୃତି କାର୍ଯ୍ୟକ୍ରମ କରାଯିବ ବୋଲି ଜଣାଯାଇଛି। ରବିବାର ସହରବାସୀଙ୍କ ପାଇଁ ପ୍ରସାଦ ସେବନ କାର୍ଯ୍ୟକ୍ରମ ପରେ ଯାତ୍ରା ଶେଷ ହେବ ବୋଲି ଜଣାପଡ଼ିଛି। ସମସ୍ତ କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟି ପରିଚାଳନା କରୁଛନ୍ତି। ନାମ ସଙ୍କୀର୍ତ୍ତନରେ ସହରବାସୀ ସାମିଲ ହୋଇଥିବା ଦେଖିବାକୁ ମିଳିଛି।

### ଠାକୁରାଣୀ ଯାତ୍ରାରେ ଚାଲିଛି ଜୁଆଖେଳ, ପୋଲିସ ଚୁପ୍

**ଦିଗପହଣ୍ଡି, ୧୭।୫ (ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ଅନଙ୍ଗପୁର ଗ୍ରାମର ମା' ବୁଢ଼ୀ ଠାକୁରାଣୀ ଯାତ୍ରାରେ ଲକ୍ଷାଧିକ ଟଙ୍କାର ଜୁଆଖେଳ ଚାଲିଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଅବଗତ ଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ କରୁନାହିଁ। ପ୍ରତି ୨ ବର୍ଷ ବ୍ୟବଧାନରେ ଅନୁଷ୍ଠିତ ଏହି ଯାତ୍ରା ଗତ ସୋମବାରଠାରୁ ଶୁଭାରମ୍ଭ ହୋଇଛି। ଶୁକ୍ରବାର ଯାତ୍ରା ମହୋତ୍ସବ ୫ମ ଦିବସ ବିତିଛି। ତେନ୍ତୁଳିଖୁଣ୍ଟି ଏବଂ ବଳରାମପୁର ଗ୍ରାମର ପୌରାଣିକ ମହାଭାରତ ନାଟକ ଦେଖିବାକୁ ଆଖପାଖ ଗ୍ରାମର ବହୁସଂଖ୍ୟକ ଦର୍ଶକଙ୍କ ଭିଡ଼ ଜମିଥିଲା। ବିଳମ୍ବିତ ରାତିରେ ଆନ୍ଧ୍ରପ୍ରଦେଶରୁ ଆସିଥିବା ନୃତ୍ୟାଙ୍ଗନାଙ୍କ ରେକର୍ଡ ଡ୍ୟାନ୍ସ ପରିବେଷଣ କରାଯାଇଥିଲା। ଏହି ଯାତ୍ରା ମହୋତ୍ସବ ସୋମବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହେବା କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଥିବା ଯାତ୍ରା କମିଟି ପକ୍ଷରୁ ସୂଚନା ମିଳିଛି। ଯାତ୍ରାରେ ଚାଲିଥିବା ଜୁଆଖେଳ ସମ୍ପର୍କରେ ଦିଗପହଣ୍ଡି ଥାନା ଆଇଆଇସି ଗୌରାଙ୍ଗ ଚରଣ ସାହୁଙ୍କୁ ପଚାରିବାରେ ଏ ନେଇ ତାଙ୍କ ନିକଟରେ କୌଣସି ଅଭିଯୋଗ ନ ଥିବା କହିଛନ୍ତି।


■ ପୂର୍ତ୍ତ ବିଭାଗର କାର୍ଯ୍ୟକୁ ନେଇ ଅସନ୍ତୋଷ

# ସପ୍ତାହେ ନ ପୂରୁଣୁ ଉଠିଲା ପିଚୁ, ରାସ୍ତାରେ ଡ୍ରେନ୍ ପାଣି

**ଫୁଲବାଣୀ ଅଫିସ, ୧୭।୫**

ଫୁଲବାଣୀ ପୂର୍ତ୍ତ ବିଭାଗର ମନମୁଖୀ କାର୍ଯ୍ୟକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ଏବେ ସହରର ମୁଖ୍ୟ ରାସ୍ତାରେ ହୋଇଥିବା ପିଚୁ, ଡ୍ରେନ୍ ଓ ସାଇଡ୍ ୱାଲ୍ ନିର୍ମାଣରେ ଅନିୟମିତତା ହୋଇଛି । ଜଗନ୍ନାଥ ମନ୍ଦିରରୁ ମାଦିକୁନ୍ଦା ଛକ ପଯ୍ୟନ୍ତ ହୋଇଥିବା ରାସ୍ତା କାମର ୭ ଦିନ ମଧ୍ୟରେ ପିଚୁ ଉଠିଯାଇଛି । ସେହିପରି ଅମଲାପଡ଼ା ଛକ ନିକଟରେ ଡ୍ରେନ ପାଣି ରାସ୍ତାରେ ଭାସୁଛି ।

ରାସ୍ତା ଉପରେ ରାତି ଅଧିଆ ପିଚୁ ପକାଇ ଟଙ୍କା ଲୁଟ କରିବାକୁ ଯୋଜନା ହୋଇଥିବା ସହରର ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଡ୍ରେନର ଅପରିସ୍କାର ପାଣି ରାସ୍ତାରେ ଜମି ରହୁଥିବାରୁ ଡେଙ୍ଗୁ ହେବା ଆଶଙ୍କା ସୃଷ୍ଟି ହୋଇଛି । ବରିଷ୍ଠ ନାକରିକ କମିଟି ପକ୍ଷରୁ ଏ ନେଇ ଜିଲାପାଳଙ୍କ ନିକଟରେ ମଧ୍ୟ ଅଭିଯୋଗ ହୋଇଛି । ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁ କାର୍ଯ୍ୟ ଠିକ୍ ହେଉ ନ ଥିବା ଏଥିରେ ଦର୍ଶାଯାଇଛି । ଖୋଦ ଜିଲାପାଳ, ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ଆବାସିକ କାର୍ଯ୍ୟଳୟ ସମ୍ମୁଖରେ ଏପରି କାର୍ଯ୍ୟ ହେଉଥିଲେ ମଧ କାର୍ଯ୍ୟାନୁଷ୍ଠାନ ନ ହେବା ସାଧାରଣରେ ପ୍ରଶ୍ନବାଚୀ



ରାସ୍ତାରେ ଡ୍ରେନ ପାଣି ଭାସୁଛି।

ସୃଷ୍ଟି କରିଛି । ବର୍ଷା ହେଲେ ସହରରେ ଥିବା ଡ୍ରେନରେ ପାଣି ଯିବା ବଦଳରେ ରାସ୍ତା ଉପରେ ପାଣି ଅଧଘଣ୍ଟା ପର୍ଯ୍ୟନ୍ତ ରହୁଛି । ଯଦ୍ୱାରା ଯାତାୟତରେ ବାଧା ସୃଷ୍ଟି ହେଉଛି। କେତେକ ସ୍ଥାନରେ ନିର୍ମାଣ କାର୍ଯ୍ୟର ମାନ ନିମ୍ନମାନର ହୋଇଥିବା ବେଳେ ଆଉ କେତେକ ସ୍ଥଳରେ ଅନାବଶ୍ୟକ ରାସ୍ତାର ସାଇଡ୍ ୱାଲ୍ ଓ ଡ୍ରେନ୍ ନିର୍ମାଣ କରାଯାଇ ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରାଯାଉଛି । ଠିକାଦାରଙ୍କ ଇଚ୍ଛାରେ ଡ୍ରେନ୍ ଓ ସାଇଡ୍ ୱାଲ୍ ନିର୍ମାଣ କରାଯାଇଛି । ସହରର ମଧ୍ୟଭାଗରୁ ଆରମ୍ଭ କରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ଡ୍ରେନ୍‌ରେ ପାଣି ନିଷ୍କାସନ ହେଉ ନ ଥିବାରୁ ବହୁ ସମସ୍ୟା ଉପୁଜୁଛି । ବାରମ୍ବାର ଅଭିଯୋଗ ହେଉଥିଲେ ମଧ ବିଭାଗ ଆଖି ବୁଜି ଦେଇଛି । କେଉଁ ପ୍ଲାନ୍ ନେଇ ଯନ୍ତ୍ରୀମାନେ ମାଦିକୁନ୍ଦା ଛକଠାରୁ ବିଜୁ ପଟ୍ଟନାୟକ ଛକ, ଷ୍ଟେଟ୍ ବ୍ୟାଙ୍କ, ପୋଷ୍ଟ ଅଫିସ୍ ସମ୍ମୁଖ ରୋଡ୍‌ରେ ଡ୍ରେନେଜ୍ ବ୍ୟବସ୍ଥା କରିଛନ୍ତି ତାହା ତଦନ୍ତ ସାପେକ୍ଷ । ସେହିପରି ଜିଲାପାଳଙ୍କ ଆବାସଠାରୁ ଆରମ୍ଭ କରି କୋର୍ଟ, ଏସ୍‌ପିଙ୍କ କାର୍ଯ୍ୟାଳୟ, ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ଦେଇ ଏବେ ଚାଲିଥିବା ଡ୍ରେନ୍ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ସହରବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଦିବାକର ସାହୁଙ୍କୁ ପଚାରିବାରୁ ଡ୍ରେନ କାର୍ଯ୍ୟ ମିକ୍ସର ମେଶିନରେ ଠିକ୍ ଭାଗରେ ହେଉଥିବା କହିଛନ୍ତି। ସମାନ ମାପଚୁପରେ କାର୍ଯ୍ୟ କରାଯାଉଛି । କାର୍ଯ୍ୟ ବେଳେ ଯନ୍ତ୍ରୀମାନେ ଉପସ୍ଥିତ ରହୁଛନ୍ତି। ପିଚୁ କାମ ସରିନାହିଁ। ଆହୁରି ୨୦୦ରୁ ୩୦୦ ମିଟର କାର୍ଯ୍ୟ ହେବାକୁ ଅଛି ବୋଲି ସେ ସୂଚନା କହିଛନ୍ତି।

# ଫନୀ କ୍ଷତିଗ୍ରସ୍ତଙ୍କୁ ଯୁବ ଶକ୍ତି ଦଳର ସହାୟତା



କ୍ଷତିଗ୍ରସ୍ତଙ୍କ ଗହଣରେ ଯୁବ ଶକ୍ତିର ସଦସ୍ୟ।

**ଫୁଲବାଣୀ ଅଫିସ, ୧୭।୫**

ବାତ୍ୟା ଫନୀରେ କ୍ଷତିଗ୍ରସ୍ତଙ୍କୁ ସହାୟତାର ହାତ ବଢ଼ାଇଛି କନ୍ଧମାଳ ଜିଲାର ଯୁବ ଶକ୍ତି ଦଳ । ଏହି ଦଳର ସଦସ୍ୟମାନେ ପୁରୀ ଜିଲା ଯାଇ କଳାକବର ଏବଂ ସିଟି ରୋଡ ନିକଟରେ ଥିବା ଦୁଇଟି ବସ୍ତିର ଲୋକଙ୍କୁ ଚୁଡା, ଚାଉଳ, ଚିନି, ମହମବତୀ, ଦିଆସିଲି, ପାନୀୟ ଜଳ, ଲୁଗା ଏବଂ ଛୋଟ ପିଲାଙ୍କ ପାଇଁ ଡ୍ରେସ ବାଣ୍ଟିଛନ୍ତି। ଶିବାଶିଷ ପଣ୍ଡା, ଆଶିଷ କୁମାର ବେହେରା, ଅମରଜ୍ୟୋତି ରାଇ, ଗୋପାଳକୃଷ୍ଣ ବେହେରା ପ୍ରମୁଖ ଦଳର ସଦସ୍ୟଙ୍କ ସମେତ ଅନ୍ୟମାନେ ଏହି ରିଲିଫ ପ୍ରଦାନ କାର୍ଯ୍ୟରେ ସାମିଲ ଥିଲେ । ଯୁବକମାନଙ୍କ ଏଭଳି କାର୍ଯ୍ୟକୁ ଜିଲାରେ ସବୁଠି ପ୍ରଶଂସା କରାଯାଇଛି ।

# ସମସ୍ୟା ଘେରରେ ଆର.ଉଦୟଗିରି ଶ୍ମଶାନ

**ଆର.ଉଦୟଗିରି, ୧୭।୫(ଡି.ଏନ.ଏ.)**

ଆର.ଉଦୟଗିରି ଗ୍ରାମରେ ଥିବା ଶ୍ମଶାନ ଅବ୍ୟବସ୍ଥା ଘେରରେ ରହିଛି। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ ଏହି ଶ୍ମଶାନର ସମସ୍ୟା ସମାଧାନ ହୋଇ ନାହିଁ। ଏ ନେଇ ଗ୍ରାମବାସୀ ବହୁବାର ଅଭିଯୋଗ କଲେ ମଧ କିଛି ସୁଫଳ ନ ମିଳୁନାହିଁ। ଗ୍ରାମରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଅଛନ୍ତି। ଏମାନଙ୍କ ପାଇଁ ୨ଟି ଶ୍ମଶାନ ରହିଛି। ସେଥିରୁ ଗୋଟିଏ କାଳିଆ ତୋଟାରେ ଥିବା ବେଳେ ଅନ୍ୟଟି ଘୁରୁଣା ଘାଟିରେ ରହିଛି। ଘୁରୁଣା ଘାଟିରେ ଥିବା ଶ୍ମଶାନ ପାଇଁ ବହୁ ଦାବି କଲା ପରେ ଏକ ଘର ନିର୍ମାଣ ହୋଇଛି। କିନ୍ତୁ ଅନ୍ୟ କୌଣସି ସୁବିଧା ନାହିଁ। କାଳିଆ ତୋଟା ଶ୍ମଶାନରେ ମଧ କିଛି ସୁବିଧା ନାହିଁ। ଶ୍ମଶାନକୁ ଏକ ନାଳ ପାର ହୋଇ ଯିବାକୁ ପଡୁଛି। ଏହି ନାଳ ଉପରେ ପୋଲଟିଏ ନ ଥିବା ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଏହି ସ୍ଥାନରେ ପୋଲ ନିର୍ମାଣ ପାଇଁ ବ୍ରହ୍ମପୁର ଏମ୍‌ପି ୨୦୧୪ରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କିନ୍ତୁ ପ୍ରାୟ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ବି ପୋଲ ନିର୍ମାଣ ଆରମ୍ଭ ହୋଇନାହିଁ। ଏ ନେଇ କାହା ପାଖରେ କୌଣସି ଉତ୍ତର ନାହିଁ କି ସ୍ଥାନୀୟ ପଞ୍ଚାୟତର ମଧ ନିଘା ନାହିଁ। ଶ୍ମଶାନ ରାସ୍ତା ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ ଉକ୍ତ ରାସ୍ତା ମାଟିରେ ହୋଇଥିବାରୁ ସାମାନ୍ୟ ବର୍ଷା ହେଲେ ଧୋଇ ହୋଇଯିବାରୁ ମୃତଦେହ ସତ୍କାର କରିବାକୁ ଯିବାବେଳେ ଅସୁବିଧା ହେବା ସହ ଲୋକଙ୍କୁ ରହିବାକୁ ମଧ ସୁବିଧା ନାହିଁ। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଆଗାମୀ ଦିନରେ ଏହାର ସମାଧାନ ନ ହେଲେ ଜନ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି।

## ଦାସକାଠିଆ କଳାକାରଙ୍କ ବିୟୋଗରେ ସ୍ମୃତି ସମାରୋହ

**ବେଗୁନିଆପଡ଼ା, ୧୭।୫ (ଡି.ଏନ.ଏ.)**

ବେଗୁନିଆପଡ଼ା ବ୍ଲକ ବୀରଜଗନ୍ନାଥପୁର ଗ୍ରାମର ବରିଷ୍ଠ ଦାସକାଠିଆ କଳାକାର ଭାଗୀରଥି ରଥଙ୍କ ଅକାଳ ବିୟୋଗରେ ଏକ ସ୍ମୃତି ସମାରୋହ ବେଗୁନିଆପଡାଠାରେ ଅନୁଷ୍ଠିତ ହୋଇଯାଇଛି। ନିଖିଳ ଉତ୍କଳ ଦାସକାଠିଆ ସଂଘ ସଭାପତି ଉପେନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତରେ ଅନୁଷ୍ଠିତ ସମାବେଶରେ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ମହାସଚିବ ଦଣ୍ଡପାଣି ମହାପାତ୍ର, ସମ୍ପାଦକ ରବି ନାରାୟଣ ଶତପଥୀ, ଉପାଧ୍ୟକ୍ଷ ବାଳକୃଷ୍ଣ ମିଶ୍ର, ସହ ସମ୍ପାଦକ ସୀମାଞ୍ଚଳ ପଣ୍ଡିତ ପ୍ରମୁଖ ଯୋଗଦେଇଥିଲେ। ସମାବେଶ ଆରମ୍ଭରେ ରଥଙ୍କ ଫଟୋରେ ମାଲ୍ୟାର୍ପଣ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ଏଥିରେ ବହୁ କଳାକାର ଉପସ୍ଥିତ ଥିଲେ।

# ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ରେକର୍ଡ ହସ୍ତାନ୍ତର



ପଞ୍ଚାୟତ ରେକଡ଼ପତ୍ର ହସ୍ତାନ୍ତର କରାଯାଉଛି।

**ବେଗୁନିଆପଡ଼ା, ୧୭।୫ (ଡି.ଏନ.ଏ.)**

ଛତ୍ରପୁର ଉପଜିଲାପାଳଙ୍କ ପତ୍ର ସଂଖ୍ୟା ୪୯୫୩ ମେ ୧୨ ତାରିଖ ନିର୍ଦ୍ଦେଶକ୍ରମେ ବେଗୁନିଆପଡ଼ା ବ୍ଲକ ଏସ୍. ଛଚିନା ପଞ୍ଚାୟତର ରେକର୍ଡପତ୍ର କୋଦଳା ଅତିରିକ୍ତ ତହସିଲଦାର ଅଶୋକ କୁମାର ତ୍ରିପାଠୀଙ୍କ ଉପସ୍ଥିତିରେ ଶୁକ୍ରବାର ହସ୍ତାନ୍ତର କରାଯାଇଛି।

ଉକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ କିଶୋର ଚନ୍ଦ୍ର ଦାସ ଗତ ଫେବୃୟାରୀ ୧୭ ଅପରାହ୍ନରେ ଏକ ସଡକ ଦୁର୍ଘଟଣାରେ ଦୀର୍ଘଦିନ ହେଲା କୋମାରେ ରହିବା ପରେ ପଞ୍ଚାୟତର କୌଣସି କାର୍ଯ୍ୟକ୍ରମ ହୋଇପାରି ନ ଥିଲା। ଏ ନେଇ ସରପଞ୍ଚ ବିନୋଦିନୀ ନାୟକ ଲିଖିତ ଭାବେ ବିଡିଓ ଏବଂ ଜିଲାପାଳଙ୍କୁ ଜଣାଇଥିଲେ। ଶୁକ୍ରବାର ତ୍ରିପାଠୀ, ଦାୟିତ୍ୱରେ ଥିବା ବେଗୁନିଆପଡ଼ା ବ୍ଲକ ପଞ୍ଚାୟତ ନିର୍ବାହୀ ଅଧିକାରୀ ନିରଞ୍ଜନ ବେହେରା, ସରପଞ୍ଚ ପ୍ରତିନିଧି ମନୋରଞ୍ଜନ ନାୟକ, ଜିଆର୍‌ଏସ୍ ଯୁଧିଷ୍ଠିର ସେଠୀଙ୍କ ଉପସ୍ଥିତିରେ ଆଲମିରା ତାଲା ଭଙ୍ଗାଯାଇ ସେଥିରେ ଥିବା ସମସ୍ତ ରେକର୍ଡ ପତ୍ର ନୂତନ ଭାବେ ପଞ୍ଚାୟତ ନିର୍ବାହୀ ଅଧିକାରୀ ମୂଷା ଶବରଙ୍କୁ ହସ୍ତାନ୍ତର କରିଥିଲେ।

# ବକେୟା ଅର୍ଥ ଆଦାୟ କରିବାକୁ ଯାଇ ଆକ୍ରମଣର ଶିକାର

**ସୋରଡା, ୧୭।୫ (ଡି.ଏନ୍.ଏ.)**

ବକେୟା ଅର୍ଥ ଆଦାୟ କରିବାକୁ ଯାଇଥିବା ୨ ଯୁବକଙ୍କୁ ଖଣ୍ଡା, କାତିରେ ମରଣାନ୍ତକ ଆକ୍ରମଣ ହୋଇଛି। ଉଭୟଙ୍କ ମୁଣ୍ଡ, ହାତ, ପେଟ ଛାତିରେ ଗଭୀର ଆଘାତ ଲାଗିଛି। ଗୁରୁତର ୨ ଜଣଙ୍କୁ ପ୍ରଥମେ ସୋରଡା ସରକାରୀ ଡାକ୍ତରଖାନାରେ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଗୋପାଳପୁରଶାସନ ଗ୍ରାମର ରୂପେଶ ବିଷୋୟୀ ଏବଂ ପୁରୁଣା ଖିଲାବାଡିର ଖଳିଆ ଦାଶ ମିଶି ବାଇକ ଯୋଗେ ହିଞ୍ଜଳକୁଦା ନିକଟ ରାଜପୁର ଗ୍ରାମକୁ ଉଦ୍ଧାର ନେଇଥିବା ଜଣେ ଯୁବଙ୍କ ଠାରୁ ଅର୍ଥ ଆଦାୟ ପାଇଁ ଯାଇଥିଲେ। ତେବେ ସେ ଘରେ ନ ଥିବା ଜାଣି ଦୁହେଁ ଫେରିଆସିଥିଲେ। ବୁଗୁଡା ନିକଟରେ



ସୋରଡ଼ା ଡାକ୍ତରଖାନାରୁ ଆହତଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଉଛି।

ସମ୍ପୃକ୍ତ ଯୁବକଙ୍କ ସହ ରୂପେଶ ଓ ଖଳିଆଙ୍କର ଭେଟ ହୋଇଯାଇଥିଲା। ସେଠାରେ ତାଙ୍କୁ ଧାର ଟଙ୍କା ମାଗିଥିଲେ। ମାତ୍ର ଯୁବକ ଜଣକ ଅର୍ଥ ଦେବା ବଦଳରେ ପରିବାର ଲୋକଙ୍କୁ ଫୋନ କରି ଡାକିଥିଲା। ପରିବାର ଓ ସମ୍ପର୍କୀୟ ଘଟଣାସ୍ଥଳରେ ପହଞ୍ଚି ରୂପେଶ ଓ ଖଳିଆଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋରଡା ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

# ଦକ୍ଷିଣେଶ୍ୱର ଖଲାସୀ ସଂଘ ପକ୍ଷରୁ ସହାୟତା

**ସୋରଡ଼ା, ୧୭।୫(ଡି.ଏନ୍.ଏ.)**

ସୋରଡ଼ା ଦକ୍ଷିଣେଶ୍ୱର ଖଲାସୀ ସଂଘ ପକ୍ଷରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଫନୀ ବାତ୍ୟା ସହାୟତା କରାଯାଇଛି। ସାହାଯ୍ୟ ପୂର୍ବକ ୧୦ ହଜାର ଟଙ୍କା ସ୍ଥାନୀୟ ଷ୍ଟେଟ୍‌ବ୍ୟାଙ୍କ୍‌ରେ ଡିମାଣ୍ଡ ଡ୍ରାଫ୍ଟ କରାଯାଇ ଡାକ ଯୋଗେ ରାଜ୍ୟ ସଚିବାଳୟକୁ ପଠାଇଛି। ସଭାପତି ସନ୍ତୋଷ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସହାୟତା କାର୍ଯ୍ୟକ୍ରମରେ କୈଳାସ ଡାକୁଆଙ୍କ ସମେତ ବହୁ ସଦସ୍ୟ ଯୋଗଦେଇଥିଲେ। ଉକ୍ତ ସଂଘ ସଦସ୍ୟମାନେ କେରଳ



ଖଲାସୀ ସଂଘ ପକ୍ଷରୁ ଚେକ୍ ପ୍ରଦାନ କରାଯାଉଛି।କ

ବନ୍ୟା ପୀଡ଼ିତଙ୍କୁ ମଧ ସାହାର୍ଯ୍ୟ ପ୍ରଦାନ କରିଥିଲେ ଏବଂ ଅଞ୍ଚଳର ଧାର୍ମିକ କାର୍ଯ୍ୟ, ସମାବେଶ, ଅଗ୍ନିବିପନ୍ନଙ୍କୁ ମଧ ସହାୟତା କରିଆସୁଛନ୍ତି।

# ସୁଧୁରିଲାନି ବେଙ୍ଗେଇବନ୍ଧ ସମସ୍ୟା, ବଢୁଛି ଜନ ଅସନ୍ତୋଷ

**ବୁଗୁଡ଼ା, ୧୭।୫(ଡି.ଏନ.ଏ.)**

ବୁଗୁଡ଼ା ଏନଏସି ଓଡ଼ିଆ ସାହିରେ ଥିବା ବେଙ୍ଗେଇ ବନ୍ଧର ସମସ୍ୟା ଏଯାଏ ସୁଧୁରି ନଥିବାରୁ ଜନ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଛି। ବୁଗୁଡ଼ା ଏନଏସିର ବେଙ୍ଗେଇ ବନ୍ଧ ଉପରେ ୯, ୧୦, ୧୧ ଓ ୧୨ ନଂ ୱାର୍ଡର ପ୍ରାୟ ୫ ହଜାର ଲୋକ ନିର୍ଭର କରି ଚଳନ୍ତି। କିନ୍ତୁ ପ୍ରାୟ ଏକ ବର୍ଷ ହେଲା ଏହି ବନ୍ଧ ଦିନକୁ ଦିନ ଖରାପ ହୋଇ ମଇଳା ହେବାରେ ଲାଗିଛି। ବନ୍ଧ ସାରା ବିଭିନ୍ନ ଘାସ ଲଟା ଓ ଗୁଳ୍ମରେ ପୂର୍ଣ୍ଣ ହୋଇ ପରିତ୍ୟକ୍ତ ଅବସ୍ଥାକୁ ଆସିଲାଣି। ଏହାର ପଙ୍କୋଦ୍ଧାର କରି ବନ୍ଧକୁ ପରିଷ୍କାର କରିବା ସକାଶେ ବାରମ୍ବାର ଏନଏସି ପ୍ରଶାସନ ନିକଟରେ ଦାବି କଲେ ମଧ ଏଥିପ୍ରତି କୌଣସି




ବେଙ୍ଗେଇ ବନ୍ଧ।

ଦୃଷ୍ଟି ଦିଆଯାଇନଥିବା ସାଧାରଣରେ ଅଭିଯୋଗ ହେଉଛି। ବର୍ତ୍ତମାନ ଗ୍ରୀଷ୍ମ ଋତୁ ଯୋଗୁଁ ବନ୍ଧରେ ପାଣି ଶୁଖିବାରେ ଲାଗିଛି। ବର୍ତ୍ତମାନ ସମୟରେ ବନ୍ଧର ପଙ୍କୋଦ୍ଧାର କରି ପରିଷ୍କାର କରିବାର ସମୟ ଅଛି। ବର୍ଷା ଋତୁ ଆସିଗଲେ ବନ୍ଧ ପରିଷ୍କାର ହୋଇପାରିବ ନାହିଁ। ଲୋକେ ଏହି ବନ୍ଧର ଜଳକୁ ବ୍ୟବହାର କରିବା ଦ୍ୱାରା ବିଭିନ୍ନ ସଂକ୍ରାମକ ରୋଗରେ ଆକ୍ରାନ୍ତ ହେବାର ଅବସ୍ଥା ଉପୁଜିଲାଣି। ତେଣୁ ଏହି ଏକମାତ୍ର ବନ୍ଧରେ ଦୂଷିତ ଜଳକୁ ନିଷ୍କାସନ କରି ସେଥିରୁ ଘାସ ଲତା ବ୍ୟବହାର କରି ପଙ୍କୋଦ୍ଧାର କରିବା ପାଇଁ ସାଧାରଣରେ ଦୃଢ଼ ଦାବି ହେଉଛି। ବନ୍ଧର ସସମ୍ୟା ପ୍ରତିକାର କରାନଗଲେ ଭବିଷ୍ୟତରେ ଜନ ଆନ୍ଦୋଳନ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶଙ୍କୁ ପଚାରିବାରେ ଏହାର ପ୍ରତିକାର ପାଇଁ ପଦକ୍ଷେପ ନେବା ଉଦ୍ୟମ କରାଯାଉଛି ବୋଲି କହିଥିଲେ।

# ଚୋରି ଅଭିଯୋଗରେ ବାଳସୁଧାର ଗୃହ ଗଲେ ନାବାଳକ

**ଶଙ୍କରାଖୋଲ, ୧୭।୫(ଡି.ଏନ୍.ଏ.)**

ଟିକାବାଲି ଥାନା ଅଞ୍ଚଳର ଜଣେ ନାବାଳକଙ୍କୁ ଚୋରି ଅଭିଯୋଗରେ ପୋଲିସ ଶୁକ୍ରବାର ବାଳସୁଧାର ଗୃହକୁ ପଠାଇଛି। ଏ ନେଇ ଟିକାବାଲି ଥାନାରେ ନଂ.୫୩/୧୯ରେ ମାମଲା ରୁଜୁ ହୋଇଛି।

ପ୍ରକାଶ ଯେ, ଉକ୍ତ ଥାନା ଅଞ୍ଚଳର ମାସା ଦିଗାଳଙ୍କର ଗତ ୪ ତାରିଖ ବିଳମ୍ବିତ ରାତିରେ ପାଣି ପମ୍ପ ମୋଟର ଓ ମୋବାଇଲ ଚୋରି ହୋଇଥିଲା। ଏ ନେଇ ଦିଗାଳ ଥାନାରେ ଅଭିଯୋଗ କରିଥିଲେ। ସମ୍ପୃକ୍ତ ନାବାଳକ ଜଣକ ଟିକାବାଲି ବ୍ଲକ ବିରାଙ୍ଗି ସ୍କୁଲ ନିକଟରେ ଚୋରି ମୋବାଇଲ୍‌କୁ ଧରି ବୁଲୁଥିବା ବେଳେ ଅଭିଯୋଗକାରୀମାନେ ଦେଖି ତାକୁ ପୋଲିସ ଜିମାରେ ଦେଇଥିଲେ। ପୋଲିସ ନାବାଳକଙ୍କୁ ପଚାରିବାରୁ ସେ ସବୁ ସ୍ୱୀକାର କରିବା ପରେ ତାଙ୍କ ଘରୁ ପାଣି ମଟର ପମ୍ପ ଓ ମୋବାଇଲ୍ ଜବତ ହୋଇଥିଲା। ପୂର୍ବରୁ ନାବାଳକ ବିଭିନ୍ନ ଅଞ୍ଚଳରୁ ଛୋଟବଡ଼ ଚୋରି କରିଥିବା ପୋଲିସକୁ ସୂଚନା ମିଳିଥିଲା। ନାବାଳକଙ୍କ ମା', ବାପାଙ୍କର ମୃତ୍ୟୁ ଘଟିଥିବା ବେଳେ ସେ ଘରେ ଏକୁଟିଆ ରହି ଅର୍ଥ ଅଭାବରୁ ଚୋରି କରୁଥିବା ପୋଲିସ ଅନୁମାନ କରୁଛି। ସମ୍ପୃକ୍ତ ନାବାଳକଙ୍କୁ ଫୁଲବାଣୀ ପ୍ରଥମଶ୍ରେଣୀ ବିଚାରପତିଙ୍କ ନିକଟରେ ହାଜର କରିବା ପରେ ବ୍ରହ୍ମପୁର ବାଲ୍‌ସୁଧାର ଗୃହକୁ ପଠାଯାଇଛି।

# ରୁରାଲ ମ୍ୟାନେଜମେଣ୍ଟ

**ଭାରତ ଭଳି ଏକ ଗ୍ରାମ ପ୍ରଧାନ ଦେଶରେ ଉଭୟ ବଜାର ଏବଂ ସରକାରଙ୍କ ନଜର ଗ୍ରାମୀଣ କ୍ଷେତ୍ର ଉପରେ ରହିଛି । ଗ୍ରାମଗୁଡ଼ିକରେ ବିଭିନ୍ନ ଯୋଜନା ମାଧ୍ୟମରେ ବିକାଶର ଧାରା ଜାରି ରଖିବାକୁ ସରକାର ଚାହୁଁଥିବା ବେଳେ ବଜାରରେ ନିଜର ଉତ୍ପାଦକୁ ବିକ୍ରି କରିବା ଲାଗି ଚାଷୀ ଦୈନିକ ନୂଆ ରଣନୀତି ଆପଣାଉଛି । ଏହାରି ଭିତରେ ଆଜି ମଧ୍ୟ ବଜାର ସହ ସିଧାସଳଖ ତାଳମେଳ ରଖି କୃଷକ ନିଜର ମାଲ୍ ବିକ୍ରି କରିପାରୁନି । ସେମାନେ କମ୍ପାନୀ ଓ ବଜାର ସହ ସମ୍ପର୍କ ରକ୍ଷା କରି ଅଧିକରୁ ଅଧିକ ମୂଲ୍ୟ ପାଇବାକୁ ରଣନୀତି ଆପଣାଇବାକୁ ବ୍ୟଗ୍ର ଥିବାବେଳେ ରୁରାଲ ମ୍ୟାନେଜମେଣ୍ଟ କରିଥିବା ଜଣେ ଅଧିକାରୀ ସେମାନଙ୍କ ପାଇଁ ମାର୍ଗଦର୍ଶକ ସାଜିଥାନ୍ତି । ସେ ହୁଅନ୍ତି ସରକାର ଓ ଚାଷୀଙ୍କ ମଧ୍ୟରେ ସମ୍ପର୍କର ସେତୁ ।**



ପ୍ରତିଯୋଗିତାମୂଳକ ପରିବେଶରେ ବିକାଶ ଓ ବଜାର ଯୋଜନାକୁ ସଫଳ କରିବା ଲାଗି ଆଜି ଗ୍ରାମାଞ୍ଚଳରେ ଯୋଜନା ରୂପାୟନକାରୀଙ୍କଠାରୁ ଆରମ୍ଭ କରି ପରିଚାଳକଙ୍କ ଆବଶ୍ୟକତା ବଢ଼ିଯାଇଛି। ଚାଷୀ ଓ ଗ୍ରାମାଞ୍ଚଳର ସାମାଜିକ ପୃଷ୍ଠଭୂମି ବୁଝି କୌଣସି ଯୋଜନାକୁ ସଫଳ ଭାବେ ରୂପାୟନ କରିବା ହେଉଛି ରୁରାଲ ଡେଭଲପ୍‌ମେଣ୍ଟ ଅଧିକାରୀଙ୍କ କାର୍ଯ୍ୟ। ଗ୍ରାମୀଣ ବିକାଶ କ୍ଷେତ୍ରରେ ଦୁଗ୍ଧ କ୍ରାନ୍ତି ଓ ସବୁଜ ବିପ୍ଳବ ଏଭଳି ସଫଳ ରୂପାୟନର ପ୍ରତିଫଳନ ବୋଲି କୁହାଯାଏ।

ଗ୍ରାମୀଣ ବିକାଶର ଏହି ଦୃଶ୍ୟ ରାତାରାତି ବଦଳିନି। ଏହା ଏକ ନିରନ୍ତର ପ୍ରକ୍ରିୟା ଦେଇ ଗତି କରିଛି। ଆଜି କୃଷିର ବାଣିଜ୍ୟିକକରଣଠାରୁ ଆରମ୍ଭ କରି ଇ-ଭିଲେଜ ପର୍ଯ୍ୟନ୍ତ କଳ୍ପନାକୁ ସାକାର କରିବା ଦିଗରେ ପଦକ୍ଷେପ ନିଆଯାଉଛି। କମୋଡିଟି ଏକ୍ସଚେଞ୍ଜ କାରଣରୁ ଆଜି ଚାଷୀ ଫସଲର ଉଚିତ୍ ମୂଲ୍ୟ ପାଇପାରୁଛି। ବିକାଶର ଏହି ଧାରାବାହିକତା ବଜାୟ ରଖିବା ଏବଂ ଏହାକୁ ଠିକ୍ ମାର୍ଗରେ ନେବା ଲାଗି ପେସାଦାର ଓ ପରିଚାଳନା ଅଧିକାରୀଙ୍କ ଆବଶ୍ୟକତା ରହିଛି। ଗ୍ରାମାଞ୍ଚଳର ଆବଶ୍ୟକ ଭିତ୍ତିଭୂମିର ବିକାଶ, ଗରିବ ଓ ଦଳିତ ଲୋକଙ୍କ ଉତ୍ଥାନ, ସ୍ୱାସ୍ଥ୍ୟ, ଶିକ୍ଷା, ଦୂରସଞ୍ଚାର, ଅର୍ଥନୀତି, ଆତ୍ମନିର୍ଭରତା ଏବଂ ମହିଳାଙ୍କ ସଶକ୍ତୀକରଣ ଦିଗରେ କାମ କରିବାର ଆବଶ୍ୟକତା ଦେଖାଦେଇଛି। ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ କ୍ଷେତ୍ରରେ ପରିଚାଳନା, ସେଠାକାର ଯୋଗାଯୋଗର ବିସ୍ତାର, ସାମାଜିକ ବିକାଶ, ଭୂମି ସୁଧାର ଓ ଉଦ୍ୟମିତା କ୍ଷେତ୍ରରେ କାର୍ଯ୍ୟ କରାଯିବାର ଆବଶ୍ୟକତା ରହିଛି।



## କୋର୍ସର ଆବଶ୍ୟକତା

ଗ୍ରାମୀଣ ବିକାଶ ଓ ଏହା ସହ ସମ୍ପର୍କିତ କାମକୁ ବୁଝିବା ଲାଗି ଏବଂ ଏଥିରେ ଦକ୍ଷତା ହାସଲ କରିବା ଉଦ୍ଦେଶ୍ୟରେ ଆଜି ସାର୍ଟିଫିକେଟ, ପିଜି ଡିପ୍ଲୋମା, ଏମ୍‌ବିଏ ଏବଂ ଏମ୍‌ଏ କୋର୍ସ କରାଯାଇପାରେ । ସାର୍ଟିଫିକେଟ କୋର୍ସରେ ସାଧାରଣତଃ ଗ୍ରାମୀଣ ବିକାଶର ସାଧାରଣ ଜ୍ଞାନ ଦିଆଯାଏ। ଏହାର ବିବିଧ ଦୃଷ୍ଟିକୋଣ ସମ୍ପର୍କରେ ଜଣାଇ ଦିଆଯାଏ।

ସେହିପରି ପିଜି ଡିପ୍ଲୋମା କୋର୍ସରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କୁ ରୁରାଲ ଡେଭଲପମେଣ୍ଟ କ୍ଷେତ୍ରର ଯୋଜନା, କାର୍ଯ୍ୟ, ଏହାର ନିରୀକ୍ଷଣ ଏବଂ ମୂଲ୍ୟାଙ୍କନ ଦକ୍ଷତା ଜାଣିବାକୁ ପଡିଥାଏ। ରୁରାଲ ଡେଭଲପ୍‌ମେଣ୍ଟରେ ଏମ୍‌ଏ କୋର୍ସରେ ଭାରତୀୟ ଦୃଷ୍ଟିକୋଣ, ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ, ଯୋଜନା ଏବଂ ପରିଚାଳନା, ଗବେଷଣା ପଦ୍ଧତି ଏବଂ ଡିଜର୍ଟେଶନ ଆଦି ସମ୍ପର୍କରେ ପାଠ ପଢ଼ାଯାଏ। ଏମବିଏ ଭଳି କୋର୍ସରେ ମାନବ ମନୋବିଜ୍ଞାନ, ବିହେବିୟରାଲ ସାଇନ୍ସ ଏବଂ ପ୍ରାକୃତିକ ସମ୍ପତ୍ତି ସମ୍ପର୍କରେ ବୁଝାଇ ଦିଆଯାଏ। ସେମାନଙ୍କୁ ରୁରାଲ ଡେଭଲପ୍‌ମେଣ୍ଟର ସିଦ୍ଧାନ୍ତ ଅର୍ଥାତ୍ ଗ୍ରାସ୍‌ରୁଟ ଲର୍ନିଂ, ସଂସ୍କୃତି ଏବଂ କାମ କରିବା ବେଳେ ଶିଖିବା ଉପରେ ଜୋର୍ ଦିଆଯାଏ। ସେମାନେ ବିକାଶ ଯୋଜନାର ପରିଚାଳନା କଳା ଶିଖିବାକୁ ପଡେ। ସେମାନଙ୍କୁ ସ୍ଥାନ ବିଶେଷରେ ପ୍ରୋଜେକ୍ଟ କରିବାକୁ ପଡିଥାଏ।

## ଶିକ୍ଷା ପ୍ରତିଷ୍ଠାନ

ଦେଶର ମ୍ୟାନେଜମେଣ୍ଟ ପ୍ରତିଷ୍ଠାନ ଓ ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଏଥିସହ ଜଡ଼ିତ କୋର୍ସ କରାଯାଉଛି। ସେଗୁଡ଼ିକ ମଧ୍ୟରେ ରହିଛି: ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ, ଅହମ୍ମଦାବାଦ ଓ କୋଲକାତା।

# ବିଦେଶରେ ଚାକିରି ଚାହୁଁଥିଲେ...

**କ୍ୟାରିୟରକୁ ନେଇ ଅଧିକାଂଶ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରଶ୍ନବାଚୀ ରହିଥାଏ। ଅନେକାଂଶ ଏପରି ଏକ କୋର୍ସ ବାଛିବାକୁ ଚାହାଁନ୍ତି ଯାହା ଭବିଷ୍ୟତରେ କୌଣସି କ୍ୟାରିୟର ଅସୁବିଧା ସୃଷ୍ଟି ନ କରିବ। ସେହିଭଳି ବାଛିଥିବା କ୍ୟାରିୟରରେ ଯେଭଳି ଭଲ ବେତନ ମଧ ମିଳିବ, ଏହାକୁ ଧ୍ୟାନରେ ରଖିବାକୁ ହୁଏ। ନ୍ୟାଶନାଲ ଆସୋସିଏଶନ ଅଫ୍ କଲେଜେସ ଆଣ୍ଡ ଏମ୍ପ୍ଲୟର୍ସ ଏବଂ ୟୁଏସ୍ ବ୍ୟୁରୋ ଅଫ୍ ଲେବର ଷ୍ଟାଟିଷ୍ଟିକ୍ସ ବିଭିନ୍ନ କୋର୍ସକୁ ନେଇ ଡାଟା ଜାରି କରନ୍ତି। କେଉଁ କୋର୍ସର ଟ୍ରେଣ୍ଡ କ'ଣ ରହିଛି କେତେ ବେତନ ମିଳିବ ସେ ନେଇ ତଥ୍ୟ ପ୍ରକାଶ ପାଇଥାଏ। ଚଳିତ ବର୍ଷ ଜାନୁୟାରୀରେ ଜାରି ହୋଇଥିବା ଡାଟା ମୁତାବକ ୮ କୋର୍ସ ଯାହା ବିଦେଶରେ ନିଯୁକ୍ତି ସୁଯୋଗ ଦେବ। ସେଗୁଡିକ ହେଲା...**

**ମେକାନିକାଲ ଇଞ୍ଜିନିୟରିଂ:** ବିଭିନ୍ନ ଶିଳ୍ପ କ୍ଷେତ୍ର ଲାଗି ମେଶିନାରି ଏବଂ ତା'ର ପାର୍ଟସ ଡିଜାଇନ, ଉନ୍ନତୀକରଣ ଏବଂ ପରୀକ୍ଷଣ ଭଳି କ୍ଷେତ୍ର ଏହା ସହ ଜଡିତ। ସେହିଭଳି ମାନୁଫାକଚରିଂ ପ୍ରକ୍ରିୟାର ଦେଖାଶୁଣା ଏହା ସହ ସମ୍ପୃକ୍ତ। ମେକାନିକାଲ ଇଞ୍ଜିନିୟରମାନେ ଇଞ୍ଜିନିୟରିଂ ସର୍ଭିସେସ, ମେଶିନାରି ମାନୁଫାକଚରିଂ, କମ୍ପ୍ୟୁଟର ଆଣ୍ଡ ଇଲେକଟ୍ରୋନିକ୍ସ ପ୍ରଡକ୍ଟ ଡିଜାଇନ, ଇଞ୍ଜିନିୟରିଂ ଏବଂ ଲାଇଫ ସାଇନ୍ସ ଗବେଷଣା ବିକାଶ, ଏରୋସ୍ପେସ୍ ପ୍ରଡକ୍ଟ ଏବଂ ପାର୍ଟସ ଡିଜାଇନ କରିଥାନ୍ତି। ୟୁଏସ୍ ୟୁକେ, ଅଷ୍ଟ୍ରେଲିଆ ଏବଂ କାନାଡା ଭଳି ଦେଶରେ ଏଭଳି କ୍ଷେତ୍ରରେ ନିଯୁକ୍ତିର ଅଧିକ ସୁଯୋଗ ରହିଛି। ଏଥିଲାଗି ବାର୍ଷିକ ୫୫ ଲକ୍ଷ ଟଙ୍କାର ବେତନ ମିଳିଥାଏ।

**ସିଭିଲ ଇଞ୍ଜିନିୟରିଂ:** ଅଷ୍ଟ୍ରେଲିଆ, ଆମେରିକା ଏବଂ ୟୁନାଇଟେଡ ଆରବ ଏମିରେଟ୍ସ ଭଳି ଦେଶଗୁଡ଼ିକରେ ଏହି କ୍ଷେତ୍ରରେ ଉନ୍ନତ ନିଯୁକ୍ତି ସୁଯୋଗ ରହିଛି। ଏହି କ୍ଷେତ୍ରରେ ପ୍ରଫେଶନାଲଙ୍କୁ ବାର୍ଷିକ ୫୪ ଲକ୍ଷ ଟଙ୍କାର ବେତନ ମିଳିଥାଏ। ଇଞ୍ଜିନିୟରିଂ ସର୍ଭିସେସ୍, ରାଜ୍ୟ ସରକାର, ନିର୍ମାଣ କ୍ଷେତ୍ରରେ ଏମାନଙ୍କୁ କାମ କରିବାକୁ ପଡିଥାଏ।

**ବୀମା ବିଜ୍ଞାନ:** ବୀମା ଏବଂ ବିତ୍ତ କ୍ଷେତ୍ରରେ ରିସ୍କର ଅନୁମାନ ଲଗାଇବା ଲାଗି ଉନ୍ନତ ସଫ୍ଟୱେର, ବିଭିନ୍ନ କୌଶଳର ବ୍ୟବହାର, କୌଣସି ଘଟଣାକୁ ନେଇ ରିସ୍କ ସମ୍ପର୍କରେ ଅନୁମାନ କରିବା ଭଳି କ୍ଷେତ୍ର ଏହା ସହ ଜଡିତ। ବିତ୍ତ ଏବଂ ବୀମା, ପ୍ରଫେଶନାଲ, ସାଇଣ୍ଟିଫିକ ଏବଂ ଟେକ୍ନିକାଲ ସର୍ଭିସ କ୍ଷେତ୍ର ଏହାର ପରିସରଭୁକ୍ତ। ଅଷ୍ଟ୍ରେଲିଆ, ୟୁକେ, ନ୍ୟୁଜିଲାଣ୍ଡ ଏବଂ ଆମେରିକା ଭଳି ଦେଶରେ ଏହି କ୍ଷେତ୍ରରେ ବାର୍ଷିକ ୬୪ ଲକ୍ଷ ବେତନରେ ଚାକିରି ସୁଯୋଗ ରହିଛି।

**ବାୟୋ ମେଡିକାଲ ଇଞ୍ଜିନିୟରିଂ:** ଇଞ୍ଜିନିୟରିଂ ସ୍କିଲକୁ ମେଡିକାଲ କ୍ଷେତ୍ରରେ ପ୍ରୟୋଗ କରିବା ଏହାର ପରିସରଭୁକ୍ତ। ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟବହାର ହେଉଥିବା ବିଭିନ୍ନ ଯନ୍ତ୍ରାଂଶ ତଥା ଉପକରଣ ପ୍ରସ୍ତୁତ କରିବା, ଏହାର ଡିଜାଇନ ଏବଂ ଗବେଷଣା ମଧ୍ୟ ଏହା ପରିସରରେ ଆସୁଛି। ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ, ଆୟରଲାଣ୍ଡ, ୟୁକେ ଏବଂ କାନାଡା ଭଳି ଦେଶରେ ଏହି କ୍ଷେତ୍ରରେ ବାର୍ଷିକ ୫୭ ଲକ୍ଷ ପ୍ୟାକେଜରେ ନିଯୁକ୍ତି ସୁଯୋଗ ରହିଛି।

**ଫାର୍ମାସ୍ୟୁଟିକାଲ ସାଇନ୍ସ:** ନୂଆ ଔଷଧ ପ୍ରସ୍ତୁତି, ଏହାର ପରୀକ୍ଷଣ ଏବଂ ମାନୁଫାକଚରିଂ ଏହାର ପରିସରରେ ଆସୁଛି। ସେହିଭଳି ଉକ୍ତ ଔଷଧ ସମ୍ପର୍କରେ ସଚେତନତା ସୃଷ୍ଟି ମଧ୍ୟ ଉକ୍ତ ବର୍ଗରେ ଆସିଥାଏ। ଡ୍ରଗ ମାନୁଫାକଚରିଂ କମ୍ପାନୀ, ବାୟୋଟେକ କମ୍ପାନୀ, ଗବେଷଣା ସଂସ୍ଥା, ଏକାଡେମିକ ପ୍ରତିଷ୍ଠାନ, ସରକାରୀ ଏଜେନ୍ସି ଏବଂ ହସ୍ପିଟାଲରେ ଏହି କୋର୍ସରେ ନିଯୁକ୍ତି ସୁଯୋଗ ରହିଛି। ଆୟର୍ଲାଣ୍ଡ,ନ୍ୟୁଜିଲାଣ୍ଡ, ୟୁଏସ୍, ସ୍ୱିଡେନ, ସିଙ୍ଗାପୁର ଭଳି ଦେଶରେ ଏହି କ୍ଷେତ୍ରରେ ବାର୍ଷିକ ୫୨-୬୬ ଲକ୍ଷ ବେତନ ପ୍ୟାକେଜ ମିଳୁଛି।

**ଫାଇନାନ୍ସ:** କ୍ଲାଏଣ୍ଟଙ୍କୁ ଆର୍ଥିକ ପରାମର୍ଶ ଦେବା ସହ ନିବେଶ, ସେବା ନିବୃତ୍ତ ଯୋଜନା ଭଳି କ୍ଷେତ୍ରରେ ଏମାନେ କାର୍ଯ୍ୟ କରନ୍ତି। ବ୍ୟାଙ୍କ, ସେଭିଂସ୍, ଲୋନ ଗ୍ରୁପ, ଫାଇନାନ୍ସିଆଲ ଇନଭେଷ୍ଟମେଣ୍ଟ ଫାର୍ମରେ ଏମାନେ କାର୍ଯ୍ୟ କରିବାର ସୁଯୋଗ ଲାଭ କରିଥାନ୍ତି। ଆୟର୍ଲାଣ୍ଡ, ଲକସେମବର୍ଗ, ହଙ୍ଗେରୀ, ୟୁଏସ୍, ୟୁକେ, ନ୍ୟୁଜଲାଣ୍ଡ ଏବଂ ଅଷ୍ଟ୍ରେଲିଆ ଭଳି ଦେଶରେ ବାର୍ଷିକ ୫୮ ଲକ୍ଷ ପ୍ୟାକେଜରେ ନିଯୁକ୍ତି ସୁଯୋଗ ରହିଛି।




**ସାଇବର ସିକ୍ୟୁରିଟି ଏବଂ କମ୍ପ୍ୟୁଟର ସାଇନ୍ସ:** କମ୍ପ୍ୟୁଟର ସିଷ୍ଟମ ଡିଜାଇନ, ନେଟ୍‌ୱର୍କ ସୁରକ୍ଷା, ଡାଟା ଏବଂ ସାଇବର ଆଟାକରୁ ସୁରକ୍ଷା ଭଳି କ୍ଷେତ୍ରରେ ଏହି କ୍ଷେତ୍ର ସହ ଜଡିତ। ଜର୍ମାନୀ, ୟୁଏସ୍, ୟୁକେ,ଆୟର୍ଲାଣ୍ଡ ଏବଂ ଇସ୍ରାଏଲ ଭଳି ଦେଶରେ ବାର୍ଷିକ ଉକ୍ତ କ୍ଷେତ୍ରରେ ପ୍ରାୟ ୬୦ ଲକ୍ଷ ପ୍ୟାକେଜ ମିଳିଥାଏ।

**କମ୍ପ୍ୟୁଟର ନେଟୱର୍କ ଇଞ୍ଜିନିୟରିଂ:** ୱାଇଡ ଏରିଆ ନେଟୱର୍କ, ଲୋକାଲ ଏରିଆ ନେଟ୍‌ୱର୍କ, ଡାଟା କମ୍ୟୁନିକେଶନ ନେଟ୍‌ୱର୍କ ପ୍ଲାନ, ଡିଜାଇନ ଏବଂ ପରିଚାଳନା କ୍ଷେତ୍ରରେ ଏମାନେ କାର୍ଯ୍ୟ କରନ୍ତି। ଅଷ୍ଟ୍ରେଲିଆ, ୟୁଏସ୍, ୟୁକେ ଭଳି ଦେଶରେ ବାର୍ଷିକ ୬୬ ଲକ୍ଷ ପ୍ୟାକେଜରେ ନିଯୁକ୍ତି ରହିଛି।

# କ୍ୟାରିୟର ପାଇଁ ଜରୁରୀ ସ୍କିଲ୍

ବର୍ତ୍ତମାନ ସମୟରେ ଏକ ଭଲ କ୍ୟାରିୟର ଗଢିବାକୁ ହେଲେ ସେହି ଅନୁଯାୟୀ ନିଜକୁ କୁଶଳୀ କରି ଗଢି ତୋଳିବା ଆବଶ୍ୟକ। ସ୍କିଲର ଆବଶ୍ୟକତା ସମୟ ସମୟରେ ବଦଳୁଥାଏ। ପ୍ରତି ବର୍ଷ ବ୍ୟବଧାନରେ କିଛି କିଛି ବର୍ଷ ବ୍ୟବଧାନରେ ଏଥିରେ ପରିବର୍ତ୍ତନ ଦେଖାଯାଏ। ବଜାରର ଧାରା କିଭଳି ରହିଛି ତାକୁ ବିଚାର କରିବାକୁ ହୁଏ। କେଉଁ ସ୍କିଲ ଶିଖିପାରିଲେ ଏହା ଆଗକୁ ବଢିବା ଏବଂ ଚାକିରି ପାଇ ଭଲ କ୍ୟାରିୟର ଗଢିବାରେ ସହାୟକ ହେବ ତାକୁ ବିଚାର କରିବାକୁ ହେବ।

→ ଆଜିର ସମୟରେ ଅଧିକାଂଶ ବିଜନେସ ଡିଜିଟାଲ ହୋଇଛି। ସେହିଭଳି କୌଣସି ବି କ୍ଷେତ୍ରରେ ଡାଟାର ଗୁରୁତ୍ୱ ଏବେ ବଢିଛି। ଏଣୁ ଡାଟାର ପରିଚାଳନା ଶିଖିନେବା ଭଲ ହେବ। ଏଥି ଲାଗି ପ୍ରୋଗ୍ରାମିଂ ସମେତ ଅନ୍ୟ ଉପାଦେୟ କୋର୍ସ ଶିଖିନେବା ଭଲ। ଏହି ସ୍କିଲ ରହିଲେ ଚାକିରିରେ ଆଗକୁ ବଢିବା ପାଇଁ ସହାୟତା କରିବ।

→ ଅଧିକାଂଶ କମ୍ପାନୀ ମେଶିନ ଲର୍ନିଂ ଦ୍ୱାରା ଡାଟାର ଫାଇଦା ଉଠାଇଥାନ୍ତି। ମେଶିନ ଲର୍ନିଂ ସ୍କିଲରେ ଡାଟା ସାଇନ୍ସ, ପାଇଥନ, ଡାଟା ମଡେଲିଂ ଏବଂ ଭାଲିଡେଶନ ଭଳି ବିଭିନ୍ନ ସ୍କିଲ ସାମିଲ ରହିଛି।

→ ବ୍ୟବସାୟ କ୍ଷେତ୍ରରେ ସିଷ୍ଟମ ଆନାଲିଷ୍ଟ, ଆପ୍ଲିକେଶନ ଆନାଲିଷ୍ଟ ଏବଂ ଟେକ୍ନିକାଲ ପରାମର୍ଶଦାତାଙ୍କର ଆବଶ୍ୟକତା ପଡିଥାଏ। ଏମାନେ ବ୍ୟବସାୟ ସମ୍ପର୍କିତ ବିଭିନ୍ନ ଅସୁବିଧା ଦୂରୀକରଣ ଦିଗରେ ସହାୟତା କରିଥାନ୍ତି। ଆପ୍ଲିକେଶନର ଟେଷ୍ଟ ସହ ସମସ୍ୟା ଦୂରକରିବା ଏମାନଙ୍କ ପ୍ରମୁଖ କାର୍ଯ୍ୟ ପରିସର ଭିତରେ ଆସିଥାଏ। ନୂଆ ଟେକ୍ନୋଲୋଜିକୁ ଗ୍ରହଣ କରିବାରେ ଏମାନଙ୍କର ପ୍ରମୁଖ ଭୂମିକା ରହିଥାଏ। ଏହି କାର୍ଯ୍ୟ ଆଇଟି ବିଭାଗର ଏକ ଅଂଶବିଶେଷ ହୋଇଥାଏ। ଏଥି ଲାଗି ଅପରେଟିଂ ସିଷ୍ଟମ, ଲାଙ୍ଗୁଏଜ, ଡାଟାବେସ୍, ୟୁଏନ୍‌ଆଇଏଏକ୍ସ, ଜାଭା, ଓରାକଲର ଆଦି ସ୍କିଲ ଜାଣିବା ସହ ଅଭିଜ୍ଞତା ରହିବା ଆବଶ୍ୟକ।

→ ବିକ୍ରି ବଢାଇବା ଲାଗି କଷ୍ଟମର ସକ୍‌ସେସ ମ୍ୟାନେଜରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗ୍ରାହକଙ୍କ ପ୍ରକୃତ ଆବଶ୍ୟକତାକୁ ଏମାନେ ବୁଝିପାରନ୍ତି। ଗ୍ରାହକଙ୍କ ପସନ୍ଦ କେଉଁ ସାମଗ୍ରୀ ବେଶି ବ୍ୟବହାର କରନ୍ତି ଭଳି ପ୍ରସଙ୍ଗକୁ ବିଚାର କରି ସେହି ଅନୁସାରେ ପଦକ୍ଷେପ ନେବାକୁ ପଡେ। ଏଥି ଲାଗି ସୋସିଆଲ ସ୍କିଲ, ଯୋଗାଯୋଗ ସ୍କିଲ, ପ୍ରଡକ୍ଟ ସମ୍ପର୍କିତ ଜ୍ଞାନ ରହିବା ଜରୁରୀ।

# ଗୋଟିଏ ପୃଷ୍ଠାର ରିଜ୍ୟୁମ ତିଆରି କରନ୍ତୁ

ଚାକିରି ପାଇବା ଲାଗି ଆବେଦନପତ୍ର ଦେବା ଅନିବାର୍ଯ୍ୟ। ଯାହାକୁ ଇଂଲିଶ୍‌ରେ ରିଜ୍ୟୁମ କୁହାଯାଏ। ନିଜର ଯୋଗ୍ୟତା, ଅଭିଜ୍ଞତା ଜଣାଇବା ଲାଗି ରିଜ୍ୟୁମ ତିଆରି କରାଯାଏ। ଚାକିରି ଲାଗି ଚୟନ ବେଳେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଆଜିର ଅତ୍ୟାଧୁନିକ ଦୁନିଆରେ ଯେକୌଣସି ବ୍ୟକ୍ତି ଅନ୍ୟର ବାୟୋଡାଟା ପଢ଼ିବାର ସୁଯୋଗ ପାଇଥାଏ। ଏପରି ସ୍ଥଳେ ନିଜର ଯୋଗ୍ୟତା ଓ ଅଭିଜ୍ଞତା ଜଣାଇବା ଲାଗି ଗୋଟିଏ ପୃଷ୍ଠାର ରିଜ୍ୟୁମ ତିଆରି କରନ୍ତୁ। ଏହାଦ୍ୱାରା ବସ୍‌ଙ୍କ ଧ୍ୟାନ ସହଜରେ ଆକର୍ଷିତ କରିହେବ।

ତେବେ ପ୍ରଶ୍ନ ଉଠୁଛି, ଗୋଟିଏ ପୃଷ୍ଠାର ରିଜ୍ୟୁମର ଆବଶ୍ୟକତା କାହିଁକି ରହିଛି। ଏହାର କାରଣ ହେଲା ଚାକିରି କ୍ଷେତ୍ରରେ ସର୍ଟଲିଷ୍ଟ ହେବା ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ପ୍ରାର୍ଥୀଙ୍କ ରିଜ୍ୟୁମ୍ ହାୟରିଂ ପ୍ରୋସେସ୍ ଜରିଆରେ ଏକାଧିକ ମ୍ୟାନେଜରଙ୍କ ନିକଟକୁ ଇ-ମେଲ୍ ଯୋଗେ ଆଟାଚମେଣ୍ଟ ଜରିଆରେ ପଠାଯାଇଥାଏ। ପ୍ରତ୍ୟେକ ବ୍ୟକ୍ତି ଇମେଲ ଆଟାଚମେଣ୍ଟର ଦ୍ୱିତୀୟ ପୃଷ୍ଠାକୁ ଯିବାକୁ ପସନ୍ଦ କରନ୍ତି ନାହିଁ। ଏହି କାରଣରୁ ରିଜ୍ୟୁମ ଗୋଟିଏ ପୃଷ୍ଠା ଭିତରେ ସୀମିତ ରଖିବା ନେଇ ଧ୍ୟାନଦେବାକୁ ହେବ। ତେବେ ଆର୍ଟିଷ୍ଟ, ଡିଜାଇନର, ଆକାଡେମିକ ଅଥବା ରିସର୍ଚ୍ଚର ହୋଇଥିଲେ ଲମ୍ବା ପୋର୍ଟଫୋଲିଓ ପଠାଇବାକୁ ପଡିଥାଏ।

ପ୍ରଥମ ଡ୍ରାଫ୍ଟରେ ଲମ୍ବା ଡକ୍ୟୁମେଣ୍ଟ ତିଆରି କରିବା ଲାଗି ଏଥିରେ ପ୍ରତ୍ୟେକ ତଥ୍ୟ ଦେବାକୁ ପଡ଼ିଥାଏ। ଏହି ସ୍ଥାନରେ ସମସ୍ତ ସ୍କିଲ୍ ଏବଂ ଅନୁଭବ ସମ୍ପର୍କରେ ଜଣାଇ ଦିଅନ୍ତୁ। ନୂଆ ନିଯୁକ୍ତିରେ ନିଜର ଅନୁଭବକୁ କିପରି କାମରେ ଲଗାଇ ହେବ ସେସମ୍ପର୍କରେ ଜଣାଇବାକୁ ଭୁଲିବେ ନାହିଁ। ଯେଉଁ ପଦବୀ ପାଇଁ ରିଜ୍ୟୁମ ଦେଉଛନ୍ତି, ସେଥିରେ କେବଳ ସେ ସମ୍ପର୍କିତ ତଥ୍ୟ ହିଁ ଦେବା ଉଚିତ୍। ଗୋଟିଏ ପୃଷ୍ଠାର ରିଜ୍ୟୁମ ତିଆରି କଲା ବେଳେ ଆପଣଙ୍କ ସମ୍ମୁଖରେ ସ୍ପେଶ୍‌ର ଚ୍ୟାଲେଞ୍ଜ ରହିବ। ଏହାକୁ ଏଭଳି ତିଆରି କରନ୍ତୁ, ଯାହାଦ୍ୱାରା ସହଜରେ ପଢ଼ାଯାଇପାରିବ।


ଚେନ୍ନାଇରେ ଚାକିରି । ହିନ୍ଦୀ କହିପାରୁଥିବେ। କେବଳ ଅଭିଜ୍ଞ ପ୍ରାର୍ଥୀ। ଚାକର। ଘର ସଫେଇବାଲା। ଅଫିସ୍ ଆସିଷ୍ଟାଣ୍ଟ । ଜୁନିୟର କୁକ୍। ଭଲ ଦରମା। ଯୋଗାଯୋଗ: ଅଗରୱାଲ, ଏଫ୍‌ଏଫ୍‌ଏଫ୍ ଲିଃ:
**9884761210**

**LALCHAND JEWELLERS**
JOB OPENING
1. SALES CONSULTANT : 5 NOS
2. SALES SUPERVISOR : 2 NOS
Minimum Qualification +3 & 2 Yrs Sales Experience. Send Resume at indramani_r@yahoo.com
or Call: 0674-2534625, 2536666

**Need Sales cum Marketing Staff** for Kitchen Appliances/ month 10,000 to 15,000/-. Bhubaneswar and Cuttack. Own Two Wheeler must.
Contact No: 7008206622

**WALK-IN-INTERVIEW**
Application for reputed Banks in BBSR, Khordha, Nayagarh, Puri, Cuttack Dist. Post- FOS(M), Telecallers(F).
**Min Qualification:** +2, Diploma, +3.
Mob: 9337153585/7377122649
**Salary:** 15k + incentive.
(No charges applicable)
E-mail: **jena.associate2018@gmail.com**

**କାର ଡ୍ରାଇଭର**
(Hondacity & Skoda)
ଭୁବନେଶ୍ୱର ପାଇଁ ଆବଶ୍ୟକ
Contact No: **9861095146**
23, Budheswari Colony, BBSR
**EICHER-1110 ଡ୍ରାଇଭର ଆବଶ୍ୟକ**
ଭୁବନେଶ୍ୱର Company ପାଇଁ
Contact No:
**7682853402, 7682853404**

**ଆବଶ୍ୟକ**
ହୋଟେଲ୍ ତାଜ୍ ପ୍ୟାଲେସ୍, ଭୁବନେଶ୍ୱରରେ ରୁମ୍ ବଏ ଏବଂ ସୁଇପର ଆବଶ୍ୟକ। ସମୟ :- ସକାଳ ୧୦.୦୦ଟା ରୁ ରାତି ୮.୦୦ଟା ରହିବା ଓ ଖାଇବା ସୁବିଧା ଅଛି।
ଯୋଗାଯୋଗ
**୯୪୩୮୧୪୩୨୦୮**

**ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ**
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ ।
ଯୋଗ୍ୟତା - ୧୦ମ ରୁ ଉର୍ଦ୍ଧ
ଦରମା - ୭୦୦୦/- ରୁ ୩୫୦୦୦/-
**7894509327**

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। **ଯୋଗ୍ୟତା:** 10th/ above. Monthly Salary upto Rs.27000/-. (Part Time/Full Time)
**Contact: 9938676412**

**URGENT REQUIRED**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ Candidate ଆବଶ୍ୟକ। **ଦରମା:** 27,000/-, **ଶିକ୍ଷାଗତ ଯୋଗ୍ୟତା:** 8th to 10th & above.
Contact: 8339922964

**ବ୍ଲକ୍ ସ୍ତରୀୟ ନିଯୁକ୍ତି**
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
**M : 8895725158, 6370827728**

**WALK-IN-INTERVIEW**
1. Marketing Executive (4 Persons), 2. Stewards (4 Persons-Male)3. Captain (1 Person), 4. Reception (4 Persons), 5. House Keeping (4 Persons)
*All candidates are requested keep your complete CV towards Educational Certificates, Hospitality Experience Certificate, 2 Nos. of Passport Photo. Salary best in Industry.*
Date of Interview : 20.05.2019 (Monday) from 11 AM to 5 PM
Contact : HOTEL TAZZ ODISHA, 126/A, Ashok Nagar, Bhubaneswar-751009
Mob : 9040698560, 7978982455

**OFFICIALLY JOB**
**ଯୋଗ୍ୟତା:** ଦଶମ ପାସ୍/ଫେଲ୍, **ବୟସ:** (18-40) yrs., ମାସିକ ଦରମା upto Rs.25000/-.
**Contact Immediately**
**Mob: 8763257042**

**REQUIRED** A leading distribution house of **Bhubaneswar** requires.
1. **Sales Manager** : Graduate with 5 to 7 years of experience in Sales & Marketing having leadership quality.
2. **Sales Executive** : Graduate with 2 to 3 years of experience in Sales & Marketing under a distributor.
3. **Account Executive** : B.Com with 2 to 3 years of experience in Accounts having knowledge of Tally.
Salary : Negotiable
Interested candidates can mail their resume with fresh photograph to
E-mail : hr.rctpl@gmail.com *or*
Mob.: 9437329938, 9853399288 (10 A.M. to 8 P.M.)

**Contact: 9938414918**
Bhubaneswar ଅଫିସ୍ ପାଇଁ 10th/ above Candidates (M/F) ଆବଶ୍ୟକ। **ବୟସ:** (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.

**WANTED**
ଧରିତ୍ରୀ DHARITRI Oriya daily
is looking for
**SENIOR ACCOUNTS EXECUTIVES**
- The candidate should have at least 5 years+ experience in the field of Accounts.
- Experience includes day to day accounting, preparation of all statutory reports and returns like VAT, Excise, Internal Audit, MIS, Service Tax return submission, verification of Bills.
- Proficiency in MS Excel, MS Word & Tally is a must.

**SENIOR OFFICE EXECUTIVES (ADVERTISEMENT)**
- Graduates with 5 years+ experience in back office work.
- Responsibility will include maintaining data, billing and schedule of advertisements.
- Candidates should be well equipped with Excel, MS Office & should have basic knowledge of Tally.

Apply immediately to : recruitment@dharitri.com
**Attractive salary commensurate with experience**

**ଭାରତୀୟ ରିଜର୍ଭ ବ୍ୟାଙ୍କ୍ ସର୍ଭିସେସ୍ ବୋର୍ଡ଼**
ଆରବିଆଇ ଭବନ, ତୃତୀୟ ମହଲା, ମୁମ୍ବାଇ ସେଣ୍ଟ୍ରାଲ ରେଲୱେ ଷ୍ଟେସନ୍ ସାମନା, ବାଇକୁଲା, ମୁମ୍ବାଇ-୪୦୦୦୦୮
ବିଜ୍ଞାପନ ସଂଖ୍ୟା. ୬/୨୦୧୮-୧୯

୧. ଭାରତୀୟ ରିଜର୍ଭ ବ୍ୟାଙ୍କରେ ନିମ୍ନଲିଖିତ ପଦବୀରେ ନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

| ପଦବୀ | ଖାଲିଥିବା ସ୍ଥାନ |
|---|---|
| ଡ଼ାଟା ସାଇନ୍‌ସ ଲ୍ୟାବ୍ (Data Science Lab) ରେ ନିର୍ଦ୍ଦେଶକ - ଗ୍ରେଡ଼ 'ଏଫ୍' | ୧ |

୨. ଅନ୍ୟ ସମସ୍ତ ବିବରଣୀ ଯଥା ଯୋଗ୍ୟତା ମାପକାଠି, ଖାଲିଥିବା ସ୍ଥାନର ସଂରକ୍ଷଣ, ଚୟନ ପ୍ରଣାଳୀ, ଦରଖାସ୍ତ ଆବେଦନ ପ୍ରଣାଳୀ ଓ ଅନ୍ୟ ନିର୍ଦ୍ଦେଶାବଳୀ ପାଇଁ ରିଜର୍ଭ ବ୍ୟାଙ୍କର ୱେବସାଇଟ୍ (www.rbi.org.in) ରେ ତା.୦୯ ମଇ ୨୦୧୯ରେ ପ୍ରକାଶିତ ବିଶଦ ବିଜ୍ଞାପନ ଦେଖନ୍ତୁ ।

୩. ଗୁରୁତ୍ୱପୂର୍ଣ୍ଣ ତାରିଖ:

| | |
|---|---|
| ଆର.ବି.ଆଇ. ୱେବସାଇଟ୍‌ରେ ବିଜ୍ଞାପନ ପ୍ରକାଶନର ତାରିଖ | ତା. ୦୯ ମଇ ୨୦୧୯ ରିଖ (ଗୁରୁବାର) |
| ବୋର୍ଡ଼ କାର୍ଯ୍ୟାଳୟରେ ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ (ଡ଼ାକ ଦ୍ୱାରା) | ତା. ୨୪ ମଇ ୨୦୧୯ ରିଖ (ଶୁକ୍ରବାର) ଅପରାହ୍ନ ୫ ଟା ପର୍ଯ୍ୟନ୍ତ |

**ଦ୍ରଷ୍ଟବ୍ୟ:** ଉପରୋକ୍ତ ବିଜ୍ଞାପନରେ କୌଣସି ଶୁଦ୍ଧିପତ୍ର (corrigendum) କେବଳ ବ୍ୟାଙ୍କର ୱେବସାଇଟ୍ (www.rbi.org.in) ରେ ପ୍ରକାଶିତ ହେବ ।
**ଅସ୍ୱୀକରଣ:** କୌଣସି ବିବାଦୀୟ ସ୍ଥିତିରେ ଏହି ବିଜ୍ଞାପନର ଇଂରାଜୀ ସଂସ୍କରଣ ମାନ୍ୟ ହେବ ।

**REQUIRED**
LADY BEAUTICIAN FOR M/S PUJA LADY PARLOUR
AT- BAPUJI NAGAR, BBSR
CONTACT- 7205846924, 6371332743

**DIRECT JOINING**
Customer Service (A-D2H), Data Entry, Back Office, Receptionist (ଓଡିଆ)
Salary : Rs.8000 To Rs.15000
9090658710, 6372928855


See
CAREER APPOINTMENT
on every
Wednesday & Saturday

**ନୋଟିସ**
ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।


| Dollar | Sensex | Nifty | Gold | Silver |
|---|---|---|---|---|
| 20 ↑ 70.23 | ↑ 537.29 37,930.77 | ↑ 150.05 11,407.15 | ↓ ₹160 33,170.00 | ↓ ₹625 37,625.00 |

## ସଂକ୍ଷେପରେ

### କର୍ମଚାରୀଙ୍କୁ ୫ କୋଟି ଶେୟାର ଦେବ ଇନ୍‌ଫୋସିସ୍

ବେଙ୍ଗାଲୁରୁ,୧୭-୫: ଦେଶର ଦ୍ୱିତୀୟ ସର୍ବବୃହତ୍ ଆଇଟି କମ୍ପାନୀ ଇନ୍‌ଫୋସିସ୍ ନିଜ କର୍ମଚାରୀଙ୍କୁ ପ୍ରୋତ୍ସାହନ ରୂପରେ ୫ କୋଟି ଶେୟାର ଦେବ। ଏହା କମ୍ପାନୀର ମୋଟ ଶେୟାର ପରିମାଣର ୧.୧୫%। ଅନ୍ୟପକ୍ଷରେ ସିଇଓ ସଲିଲ ପାରେଖଙ୍କୁ କମ୍ପାନୀ ଏମ୍ପ୍ଲୟି ଷ୍ଟକ୍ ଅପ୍‌ସନ ପ୍ଲାନ୍ ଅଧୀନରେ ୧୦ କୋଟି ଟଙ୍କାର ଶେୟାର ଦିଆଯିବ। ସେହିପରି କମ୍ପାନୀର ଚିଫ୍ ଅପରେଟିଂ ଅଫିସର ୟୁବି ପ୍ରବୀଣ ରାଓଙ୍କୁ ୪ କୋଟି ଟଙ୍କାର ଶେୟାର ମିଳିବ। କମ୍ପାନୀ ପକ୍ଷରୁ ଶୁକ୍ରବାର ଷ୍ଟକ୍ ଏକ୍ସଚେଞ୍ଜକୁ ଏ ସମ୍ପର୍କରେ ଜଣାଇ ଦିଆଯାଇଛି। ଏହି ଦିନ ବିଏସ୍‌ଇରେ ଇନ୍‌ଫୋସିସ୍ ୨.୪୭% ବୃଦ୍ଧି ପାଇ ୭୩୪.୨୦ ଟଙ୍କା ରହିଛି।

### ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଜିଡିପିକୁ ୧.୩% ବଢ଼ାଇବ: କାନ୍ତ



ନୂଆଦିଲ୍ଲୀ,୧୭-୫: କୃତ୍ରିମ ବୁଦ୍ଧିମତ୍ତା(ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଦେଶର ଜିଡିପି ଅଭିବୃଦ୍ଧିରେ ସହାୟକ ହେବ। ଏହା ବାଣିଜ୍ୟିକ ସୁଯୋଗ ସୃଷ୍ଟି କରିବ। ଏହା ଜିଡିପିରେ ୯୫୭ ବିଲିୟନ ଡଲାର ଯୋଗଦାନ ଦେବ। ଫଳରେ ଏହା ଜିଡିପିରେ ବାର୍ଷିକ ୧.୩% ବୃଦ୍ଧି କରିବ ବୋଲି ନୀତି ଆୟୋଗ ସିଇଓ ଅମିତାଭ କାନ୍ତ କହିଛନ୍ତି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ୨୦୩୦ ସୁଦ୍ଧା ବିଶ୍ୱର ଅର୍ଥନୀତିରେ ୧୫.୭ ଲକ୍ଷ କୋଟି ଡଲାର ଯୋଗଦାନ ଦେଇପାରିବ। ସମନ୍ୱିତ ଅଭିବୃଦ୍ଧି ସହ ସାମାଜିକ ଉନ୍ନତିରେ ଏହାର ବ୍ୟବହାର ଲାଭଦାୟକ ହେବ ବୋଲି ସେ କହିଛନ୍ତି। ସ୍ୱାସ୍ଥ୍ୟସେବା, କୃଷି, ଶିକ୍ଷା, ସ୍ମାର୍ଟ ସିଟି, ଗମନାଗମନ ଏବଂ ସ୍ମାର୍ଟ ମୋବିଲିଟି ଭଳି ସାମାଜିକ କ୍ଷେତ୍ରଗୁଡ଼ିକରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ବ୍ୟବହାର କରି ସୁଧାର ଅଣାଯାଇପାରିବ ବୋଲି କେନ୍ଦ୍ର ସରକାର ଓ ରାଜ୍ୟ ସରକାରଗୁଡ଼ିକୁ ପତ୍ର ଲେଖି ସେ ଜଣାଇଛନ୍ତି। ସୂଚନାଥାଉ କି, ଆର୍ଥିକ ବର୍ଷ ୨୦୧୯ର ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପାଇଁ ଏକ ଜାତୀୟ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ କହିଥିଲେ।

### ଭାରତୀୟ ଇଞ୍ଜିନିୟରଙ୍କ ସପକ୍ଷରେ ଆମେରିକା କମ୍ପାନୀର ମାମଲା

ୱାଶିଂଟନ,୧୭-୫: ଭାରତୀୟ ଇଞ୍ଜିନିୟରଙ୍କୁ ଆମେରିକା ପ୍ରଶାସନ ଏଚ୍-୧ବି ଭିଜା ଜାରି କରି ନ ଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସିଲିକନ ଭ୍ୟାଲିର ଆଇଟି ଫାର୍ମ ଏକ୍ସଟେରା ସଲ୍ୟୁଶନ ଟ୍ରମ୍ପ ପ୍ରଶାସନ ବିରୋଧରେ ମାମଲା ଦାଏର କରିଛି। ଭାରତୀୟ ଇଞ୍ଜିନିୟର ପ୍ରକାଶ ଚନ୍ଦ୍ର ସାଇଙ୍କୁ କମ୍ପାନୀ ବିଜ୍‌ନେସ୍ ସିଷ୍ଟମ ଆନାଲିଷ୍ଟ ଭାବେ ନିଯୁକ୍ତି ଦେଇଛି। ସାଇଙ୍କୁ ଭିଜା ନ ମିଳିବା ସରକାରଙ୍କ ଭୁଲ୍ ନିଷ୍ପତ୍ତି ବୋଲି କମ୍ପାନୀ ଦାବି କରିଛି। ଏକ୍ସଟେରା ସଲ୍ୟୁଶନ ନିଜ ଆବେଦନରେ ଦର୍ଶାଇଛି ଯେ, ଭାରତୀୟ ଇଞ୍ଜିନିୟରଙ୍କୁ ଏଚ୍-୧ବି ଭିଜା ନିୟମ ଆଧାରରେ ତାଲିକାଭୁକ୍ତ ନିଯୁକ୍ତି ନ ଥିବା ଅଭିଯୋଗ କରି ଟ୍ରମ୍ପ ପ୍ରଶାସନ ତାଙ୍କୁ ଭିଜା ଦେଇନାହିଁ। କମ୍ପାନୀ ପକ୍ଷରୁ ୟୁଏସ୍ ଡିଷ୍ଟ୍ରିକ୍ଟ କୋର୍ଟ ନର୍ଦର୍ନ କାଲିଫର୍ନିଆରେ ଆବେଦନ କରାଯାଇ ୟୁଏସ୍ ସିଟିଜେନଶିପ୍ ଆଣ୍ଡ ଇମିଗ୍ରେଶନ ସର୍ଭିସେସର ନିଷ୍ପତ୍ତିକୁ ଖାରଜ କରିବାକୁ ଅନୁରୋଧ କରାଯାଇଛି।

### ଜେଟ୍ ଏୟାରୱେଜ୍ ବୋର୍ଡ ଛାଡ଼ିଲେ ଏତିହାଦ ସଦସ୍ୟ

ନୂଆଦିଲ୍ଲୀ,୧୭-୫: ଅସ୍ଥାୟୀ ଭାବେ ବନ୍ଦ ହୋଇଯାଇଥିବା ଜେଟ୍ ଏୟାରୱେଜର ବୋର୍ଡ ଅଫ୍ ଡାଇରେକ୍ଟର୍ସରୁ ଏତିହାଦ୍‌ର ମନୋନୀତ ସଦସ୍ୟ ରବିନ କ୍ୱାଙ୍କର ଇସ୍ତଫା ଦେଇଛନ୍ତି। ତାଙ୍କର ଇସ୍ତଫା ପରେ ଜେଟ୍ ବୋର୍ଡରେ ଏବେ କେବଳ ଅଶୋକ ଚାୱ୍‌ଲା ଏବଂ ଶରଦ ଶର୍ମା ରହିଛନ୍ତି। ପାଣ୍ଠି ଅଭାବରେ ଜେଟ୍ ଏୟାରୱେଜ୍ ଏପ୍ରିଲ ମଧ୍ୟଭାଗରୁ ଅସ୍ଥାୟୀଭାବେ ବନ୍ଦ ହୋଇଯାଇଛି। ୨୦୧୩ରେ ଏହି କମ୍ପାନୀର ୨୪% ଅଂଶଧନ କିଣିବା ପରେ ଏତିହାଦ ବୋର୍ଡରେ ଦୁଇ ଜଣ ମନୋନୀତ ସଦସ୍ୟଙ୍କୁ ନିଯୁକ୍ତ କରିଥିଲା। କ୍ୱାଙ୍କରଙ୍କ ବ୍ୟତୀତ ଅନ୍ୟ ଜଣେ ଡାଇରେକ୍ଟର ଥିଲେ କେଭିନ ନାଇଟ୍। ମାର୍ଚ୍ଚ ୨୫ରେ ନାଇଟ ଓ କମ୍ପାନୀ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ନରେଶ ଗୋୟଲ, ତାଙ୍କ ପତ୍ନୀ ଅନୀତା ବୋର୍ଡରୁ ଇସ୍ତଫା ଦେଇଥିଲେ।

> ମୌସୁମୀ ଉନ୍ନତ ନ ହେଲେ ଏହା ଗ୍ରାମୀଣ ଏଫ୍‌ଏମ୍‌ସିଜି ବଜାର ଅଭିବୃଦ୍ଧି ଉପରେ ପ୍ରଭାବ ପକାଇବ।
> —ସୁରେଶ ନାରାୟଣ, ନେସ୍‌ଲେ ଇଣ୍ଡିଆ ସିଏମ୍‌ଡି



> ଦେଶରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ ଲାଗି ଭାରତ ପ୍ରୟାସ କରିବା ଆବଶ୍ୟକ।
> —ସମିକା ରବି, ସଦସ୍ୟ, ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ପରିଷଦ



# ଷ୍ଟକ୍ ବଜାରକୁ ଲାଭ ଦେବ ଦୁର୍ବଳ ସରକାର

ମୁମ୍ବାଇ,୧୭-୫

କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ପୁନର୍ବାର କ୍ଷମତାକୁ ଫେରୁଥିବା ଶୁକ୍ରବାର ଷ୍ଟକ୍ ବଜାର ର୍‍ୟାଲିରୁ ବେଶ୍ ସ୍ପଷ୍ଟ ହେଉଛି। କିନ୍ତୁ ବଜାର ବିଶେଷଜ୍ଞ ଚାହୁଁଛନ୍ତି ଦୁର୍ବଳ ମେଣ୍ଟ ସରକାର କ୍ଷମତାକୁ ଆସୁ। ସେମାନଙ୍କ ଯୁକ୍ତି ହେଲା, ଭାଜପା ନେତୃତ୍ୱାଧୀନ କେନ୍ଦ୍ରରେ ଶକ୍ତିଶାଳୀ ସରକାର ଅମଳରେ ନିବେଶକଙ୍କୁ କମ୍ ଫାଇଦା ମିଳିଛି। ସେମାନଙ୍କ ମତରେ ଦୁର୍ବଳ ମେଣ୍ଟ ସରକାର ଆର୍ଥିକ କ୍ଷେତ୍ରରେ ଅତ୍ୟନ୍ତ ସତର୍କତାର ସହିତ ନିୟନ୍ତ୍ରିତ ତଥା ସନ୍ତୁଳିତ ନିଷ୍ପତ୍ତି ନେଉଥିବାରୁ ଏହା ଅର୍ଥନୀତି ପାଇଁ ଲାଭଦାୟକ ହେଉଛି। ପରିସଂଖ୍ୟାନ ମଧ୍ୟ ତାହା ସ୍ପଷ୍ଟ କରୁଛି। ମେଣ୍ଟ ସରକାର ଅମଳରେ ନିବେଶକମାନେ ଭଲ ରିଟର୍ନ ଅର୍ଥାତ୍ ଲାଭ ପାଇଥିବା ତଥ୍ୟରୁ ଜଣାପଡିଛି।

ଉଲ୍ଲେଖ କରାଯାଇପାରେ ଯେ, ୧୯୮୯ରୁ ଦେଶରେ ମେଣ୍ଟ ସରକାର ରହିଆସିଛି। ୨୦୧୪ରେ ମଧ୍ୟ ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ଚାଲିଥିଲା। ତେବେ ଭାଜପା ଏକାକୀ ନିଜ ଦମ୍‌ରେ ସରକାର ଗଠନ ଲାଗି ଆସନ ପାଇବା ଯୋଗୁ ଏନ୍‌ଡିଏର ସହଯୋଗୀ ଦଳଗୁଡ଼ିକ ଉପରେ ଏହାର ବେଶ୍ ପ୍ରଭାବ ରହିଥିଲା। ଫଳରେ କେନ୍ଦ୍ରରେ ନିଆଯାଇଥିବା ଏକାଧିକ ଆର୍ଥିକ ନିଷ୍ପତ୍ତି ଏନଡିଏ ସରକାରଙ୍କ କୁହାଯାଉଥିଲେ ହେଁ ବାସ୍ତବରେ ଏହା ଭାଜପାର ବୋଲି କହିବାକୁ ହେବ। ପରିସଂଖ୍ୟାନକୁ ଦେଖିଲେ ଜଣାପଡେ ଯେ, ବମ୍ବେ ଷ୍ଟକ୍ ମାର୍କେଟ(ବିଏସ୍‌ଇ)ର ସମ୍ବେଦୀ ସୂଚକାଙ୍କ(ସେନ୍‌ସେକ୍ସ) ୧୯୮୯ରୁ ୧୯୯୧ର ୨ ବର୍ଷ ଭିତରେ ଦୁଇଗୁଣ ବଢ଼ିଥିଲା। ସେହିଭଳି ୨୦୦୪ରୁ ୨୦୧୪ ମଧ୍ୟରେ ଡଃ ମନମୋହନ ସିଂହଙ୍କ ୟୁପିଏ ମେଣ୍ଟ ସରକାର ବେଳେ ମଧ୍ୟ ସେନ୍‌ସେକ୍ସ ପ୍ରାୟ ୫ ଗୁଣା ବୃଦ୍ଧି ପାଇଥିଲା। ଫାର୍ଷ୍ଟଗ୍ଲୋବ୍ ଭାଇସ ଚେୟାରମ୍ୟାନ ତଥା ଜଏଣ୍ଟ ଏମ୍‌ଡି ଶଙ୍କର ଶର୍ମା ଗତ ମାସରେ ଏକ ସାକ୍ଷାତ୍‌କାର ବେଳେ କହିଥିଲେ ଯେ, ତାଙ୍କ ମତରେ ଆର୍ଥିକ ଦୃଷ୍ଟିରୁ ଭାରତ ଲାଗି ଦୁର୍ବଳ ମେଣ୍ଟ ସରକାର ଯଥେଷ୍ଟ ଭଲ। ସେ ନିଜ ମତ ସମର୍ଥନରେ କିଛି ତଥ୍ୟ ଉପସ୍ଥାପନ କରିଥିଲେ। ତାଙ୍କର କହିବାନୁଯାୟୀ, ଭାରତର ବିକାଶ ଦୃଷ୍ଟିରୁ ଦେଖିଲେ ୧୯୯୧ରୁ ୨୦୧୪ ମଧ୍ୟରେ ଦୀର୍ଘ ୨୩ ବର୍ଷର ଅବଧି ସର୍ବଶ୍ରେଷ୍ଠ ଥିଲା। ସେ କହିଛନ୍ତି ଯେ, ଦୁର୍ବଳ ମେଣ୍ଟ ସରକାର କାରଣରୁ ଏହା ଅତି କଠୋର ନିଷ୍ପତ୍ତି ନେବା ବଦଳରେ ସନ୍ତୁଳିତ ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଥାଏ, ଫଳସ୍ୱରୂପ ଗଣତାନ୍ତ୍ରିକ ପରିଚାଳନା ସୁନିଶ୍ଚିତ ହୋଇଥାଏ। ଅର୍ଥନୀତି କ୍ଷେତ୍ରରେ ଅଳ୍ପ କେତେଜଣ ନିଷ୍ପତ୍ତି ନେଉଥିଲେ ଏହା ବେଳେ ବେଳେ ହିତଠାରୁ ଅହିତ ବେଶି କରିଥାଏ।

ସେହିପରି ଆସ୍‌ମୋର୍ ଇନ୍‌ଭେଷ୍ଟମେଣ୍ଟ ମ୍ୟାନେଜମେଣ୍ଟ ଇଣ୍ଡିଆର ସହ ପ୍ରତିଷ୍ଠାତା ଅଶ୍ୱିନୀ ଅଗ୍ରୱାଲ କହିଛନ୍ତି ଯେ, ଦୁର୍ବଳ ମେଣ୍ଟ ସରକାର ଅର୍ଥନୀତି ପାଇଁ ପ୍ରତିକୂଳ ନୁହେଁ। ମେଣ୍ଟ ସରକାରଙ୍କ ପ୍ରଧାନମନ୍ତ୍ରୀ କିଏ ହେବ, ତାହା ଉପରେ ସରକାରଙ୍କ ସଫଳତା ଅଥବା ବିଫଳତା ନିର୍ଭର କରିବ। ଏହାଛଡ଼ା ସରକାର କିଭଳି ହେବ, ନୂଆ ଅର୍ଥମନ୍ତ୍ରୀଙ୍କ ଚୟନ ତଥା ତାଙ୍କର ଦାୟିତ୍ୱ ଗ୍ରହଣ ପର୍ଯ୍ୟନ୍ତ ଆର୍‌ବିଆଇର ଭୂମିକା, ନୂଆ ବଜେଟ ଆଦି ଏହି ସବୁ ପ୍ରସଙ୍ଗ ଉପରେ ସରକାରଙ୍କ ସଫଳତା ନିର୍ଭର କରିବ ବୋଲି ସେ କହିଛନ୍ତି। ଓଲ୍‌ଡବ୍ରିଜ୍ କ୍ୟାପିଟାଲ ମ୍ୟାନେଜମେଣ୍ଟର ପ୍ରତିଷ୍ଠାତା କେନିଥ ଅନ୍ଦ୍ରାଦେ ମଧ୍ୟ ଶର୍ମାଙ୍କ ସହ ଏକମତ ହୋଇଛନ୍ତି। ସେ କହିଛନ୍ତି ଯେ, ଅତୀତର ସାଧାରଣ ନିର୍ବାଚନ ଏବଂ ସେମାନଙ୍କ ଫଳାଫଳ ଉପରେ ଧ୍ୟାନ ଦେଲେ ଜଣାପଡେ ଯେ, ଏକାଧିକ ରାଜନୈତିକ ଦଳକୁ ନେଇ ଗଠିତ ଦୁର୍ବଳ ମେଣ୍ଟ ସରକାର ସର୍ବଶ୍ରେଷ୍ଠ ଥିଲା। ନବେ ଦଶକର ମଧ୍ୟଭାଗରେ ଦୁର୍ବଳ ମେଣ୍ଟ ସରକାର ଗଠନ ହୋଇଥିଲା ଏବଂ ସେତେବେଳେ ପେସାଦାର ଲୋକେ ସରକାର ଚଳାଉଥିଲେ। ଅନ୍ୟପକ୍ଷରେ ଅନ୍ୟ କେତେକ ବଜାର ବିଶେଷଜ୍ଞଙ୍କ ମତରେ କେନ୍ଦ୍ରରେ କାହାର ସରକାର ଗଠନ ହେଉଛି, ତାହା ବଡ଼ କଥା ନୁହେଁ। ମାର୍ସେଲ୍ସ କ୍ୟାପିଟାଲ ପ୍ରତିଷ୍ଠାତା ସୌରଭ ମୁଖାର୍ଜୀଙ୍କ ମତରେ ଦେଶର ଗତ ୪୦ରୁ ୫୦ ବର୍ଷର ଇତିହାସ ଦେଖିଲେ, ଏହା ସ୍ପଷ୍ଟ ହୁଏ ଯେ, ରାଜନୀତି ସହ ଅର୍ଥନୀତି କିମ୍ବା ଶେୟାର ବଜାରର ବିଶେଷ କିଛି ଯୋଗସୂତ୍ର ନାହିଁ। ଗତ ୫ ଦଶକର ଦେଶର ଜିଡିପି ଅଭିବୃଦ୍ଧି ଗତ ଏକ ଦଶକ ଠାରୁ ଭଲ ଥିଲା।



### ଏକ୍‌ଜିଟ୍ ପୋଲ୍ ପୂର୍ବରୁ ଷ୍ଟକ୍ ମାର୍କେଟରେ ବୃଦ୍ଧି

ସାଧାରଣ ନିର୍ବାଚନ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ୭ମ ପର୍ଯ୍ୟାୟ ନିର୍ବାଚନ ପରେ ବିଭିନ୍ନ ଟିଭି ଚ୍ୟାନେଲଗୁଡ଼ିକ ପକ୍ଷରୁ ରବିବାର ଏକ୍‌ଜିଟ୍ ପୋଲ୍ ପ୍ରଦର୍ଶନ କରାଯିବ। ତେବେ ଏହାପୂର୍ବରୁ ହିଁ ଶୁକ୍ରବାର ମୁମ୍ବାଇ ଷ୍ଟକ୍ ଏକ୍ସଚେଞ୍ଜରେ ଉଭୟ ବିଏସ୍‌ଇ ଓ ଏନ୍‌ଏସ୍‌ଇରେ ବେଶ୍ ବୃଦ୍ଧି ପରିଲକ୍ଷିତ ହୋଇଥିଲା। ବିଏସ୍‌ଇ ୫୩୭.୨୯ ପଏଣ୍ଟ ବୃଦ୍ଧି ପାଇ ୩୭,୯୩୦.୭୭ ପଏଣ୍ଟ ଏବଂ ଏନ୍‌ଏସ୍‌ଇ ୧୫୦.୦୫ ପଏଣ୍ଟ ବୃଦ୍ଧି ପାଇ ୧୧,୪୦୭.୧୫ହୋଇଛି। ଚଳିତ ତ୍ରୈମାସରେ ବହୁ କମ୍ପାନୀଙ୍କ ଫଳାଫଳ ଭଲ ଥିଲା ଏବଂ କେନ୍ଦ୍ରରେ ମୋଦି ସରକାର ପୁନର୍ବାର କ୍ଷମତାକୁ ଫେରୁଥିବା ଅନୁମାନ କରି ନିବେଶକମାନେ କିଣାକିଣିରେ ବ୍ୟସ୍ତ ରହିଥିଲେ।

## ବିଭିନ୍ନ କମ୍ପାନୀ ପକ୍ଷରୁ ବାତ୍ୟା ସହାୟତା

### ହ୍ୟୁଣ୍ଡାଇ ମୋଟର୍ସ ଦେଲା ୧ କୋଟି




ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଫନୀ ପ୍ରଭାବିତଙ୍କ ଲାଗି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। କମ୍ପାନୀର ବରିଷ୍ଠ ଉପସଭାପତି ଷ୍ଟିଫେନ ସୁଧାକର ଜେ, ଉତ୍କଳ ହ୍ୟୁଣ୍ଡାଇ ଏବଂ ଆଦିତ୍ୟ ହ୍ୟୁଣ୍ଡାଇର ବିତରକଙ୍କ ସମେତ କମ୍ପାନୀର ବରିଷ୍ଠ ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏହି ଚେକ୍ ପ୍ରଦାନ କରିଥିଲେ। ହ୍ୟୁଣ୍ଡାଇ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ସହ ମିଳିତ ଭାବେ ପୀଡିତଙ୍କ ଲାଗି ଥଇଥାନ କାର୍ଯ୍ୟ କରୁଛି। ଏହା ଉଭୟ ଓଡିଶା ଏବଂ ପଶ୍ଚିମବଙ୍ଗରେ ୨୬ ଫ୍ଲାଟବେଡ ଟ୍ରକ, ୨୧ ଟୋଇଙ୍ଗ ଟ୍ରକ ସହାୟତାରେ କାର୍ଯ୍ୟ କରୁଛି।

### ରିଲିଫ ପାଣ୍ଠିକୁ ଆକାଶ ପ୍ରତିଷ୍ଠାନର ୫୧ ଲକ୍ଷ



ଫନୀ ପ୍ରଭାବିତଙ୍କ ସହାୟତା ଲାଗି ଆକାଶ ଏଜୁକେଶନାଲ ସର୍ଭିସେସ ଲିମିଟେଡ ପକ୍ଷରୁ ୫୧ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଆକାଶର ଚେୟାରମ୍ୟାନ ତଥା ଏମ୍‌ଡି ଜେ.ସି. ଚୌଧୁରୀ ଏଥି ସଂକ୍ରାନ୍ତ ଚେକ୍‌କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିଛନ୍ତି। ଫନୀ ପ୍ରପିଡିତ ଲୋକଙ୍କ ଲାଗି ଦୁଃଖିତ ତଥା ମର୍ମାହତ ବୋଲି ଚୌଧୁରୀ କହିଛନ୍ତି। ଆକାଶର ଭୁବନେଶ୍ୱର ଶାଖା ନିର୍ଦ୍ଦେଶକ ଏବି ସିଂ ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବା ସହ ସରକାରଙ୍କ ପ୍ରସ୍ତୁତିକୁ ପ୍ରଶଂଶା କରିଥିଲେ।

### ଟିଭିଏସ୍ ମୋଟର୍ସର ଆର୍‌ଏସ୍‌ଏ ଘୋଷଣା

ଟିଭିଏସ୍ ମୋଟର୍ସ ପକ୍ଷରୁ ବାତ୍ୟା ପ୍ରଭାବିତ ଗ୍ରାହକଙ୍କ ଲାଗି ରୋଡ ସାଇଡ ଆସିଷ୍ଟାନ୍ସ ସର୍ଭିସ(ଆର୍‌ଏସ୍‌ଏ) ଘୋଷଣା କରାଯାଇଛି। ସେହିଭଳି ୨୪ ଘଣ୍ଟିଆ ହେଲ୍‌ପ ଲାଇନ ବ୍ୟବସ୍ଥା କରାଯାଇଛି। ବାତ୍ୟା ପ୍ରଭାବିତ ୧୦ ଜିଲାରେ ୨୫ ମୋବାଇଲ ଭ୍ୟାନ ବ୍ୟବସ୍ଥା କରାଯାଇଛି। ପ୍ରାଇମେରୀ ୱାରେଣ୍ଟି ନେଇ ଥିବା ଗ୍ରାହକଙ୍କ ଲାଗି ଏହି ସେବା ମାଗଣା ରହିଛି। ନିୟୋଜିତ ଟିମର ସହାୟତା ନେବାକୁ ଗ୍ରାହକଙ୍କୁ ନିବେଦନ କରାଯାଉଛି ବୋଲି ଟିଭିଏସ୍ ମୋଟର୍ସର ନିର୍ଦ୍ଦେଶକ ତଥା ସିଇଓ କେଏନ୍ ରାଧାକୃଷ୍ଣନ କହିଛନ୍ତି।

### ଆଲେନ ପକ୍ଷରୁ ରିଲିଫ କାର୍ଯ୍ୟକ୍ରମ

ଆଲେନ କ୍ୟାରିୟର ଇନଷ୍ଟିଚ୍ୟୁଟ ପକ୍ଷରୁ ପ୍ରଭାବିତଙ୍କୁ ଖାଦ୍ୟ ସାମଗ୍ରୀ ସମେତ ବିଭିନ୍ନ ରିଲିଫ ସାମଗ୍ରୀ ପ୍ରଦାନ କରାଯାଇଛି। ରାଜ୍ୟରେ ରିଲିଫ କାର୍ଯ୍ୟ ପାଇଁ ପ୍ରତିଷ୍ଠାନ ପକ୍ଷରୁ ୧୦ ଜଣିଆ ଟିମ୍ ପଠାଯାଇଛି। ଏଥି ଲାଗି କୋଟାରୁ ଏକ ପ୍ରତିନିଧି ଦଳ ଆସିଛନ୍ତି। ଏକ ଦାୟିତ୍ୱବାନ ଶିକ୍ଷା ପ୍ରତିଷ୍ଠାନ ଭାବେ ଏଭଳି ପଦକ୍ଷେପ ଗ୍ରହଣ କରିଛୁ ବୋଲି ଆଲେନର ଓଡ଼ିଶା ମୁଖ୍ୟ ଅନୁରାଗ ମିଶ୍ର କହିଛନ୍ତି।

# ବିଏମ୍‌ଡବ୍ଲ୍ୟୁ ଆଣିଲା ନୂଆ ଏକ୍ସ୫




ମୁମ୍ବାଇ,୧୭-୫

ବିଏମ୍‌ଡବ୍ଲ୍ୟୁ ଇଣ୍ଡିଆ ପକ୍ଷରୁ ନୂଆ ସ୍ପୋର୍ଟସ ଆକ୍ଟିଭିଟି ଭେଇକିଲ (ଏସ୍‌ଏଭି) ବିଏମ୍‌ଡବ୍ଲ୍ୟୁ ଏକ୍ସ ୫ ବଜାରକୁ ଆସିଛି। କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ନୂଆ ମଡେଲଟିର ବଜାର ପ୍ରବେଶ କରାଇଥିଲେ। ଏହା କମ୍ପାନୀର ୪ର୍ଥ ପିଢିର ଯାନ ହୋଇଥିବା ବେଳେ ଏଥିରେ ଗ୍ରାହକମାନେ ଲକ୍‌ଜ୍ୟୁରୀ, ସ୍ପେଶ ଭଳି ଅନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ଲାଭ କରିପାରିବେ। ଏହା ଡିଜେଲ ଇଞ୍ଜିନ କ୍ଷମତା ସହ ଆସୁଛି। ଏହାକୁ କମ୍ପାନୀ ଘରୋଇ ବଜାରରେ ପ୍ରସ୍ତୁତ କରୁଥିବା ବେଳେ ସାରା ଦେଶରେ ଥିବା ଏହାର ଅଧିକୃତ ଡିଲରଶିପଗୁଡିକରେ ଉପଲବ୍ଧ ହେବ। ଆଗାମୀ ଦିନରେ ଏହାର ପେଟ୍ରୋଲ ଭାରିଆଣ୍ଟ ବଜାରକୁ ଆସିବ ବୋଲି କମ୍ପାନୀ ସୂଚନା ଦେଇଛି। ଏଥିରେ ଗ୍ରାହକମାନେ ଆକର୍ଷଣୀୟ ଡିଜାଇନ ସହ ଅନ୍ୟ ବୈଶିଷ୍ଟ୍ୟ ଲାଭ କରିପାରିବେ ବୋଲି ବିଏମ୍‌ଡବ୍ଲ୍ୟୁ ଗ୍ରୁପର ସଭାପତି ହାନ୍ସ କ୍ରିଷ୍ଟିଆନ ବର୍ଟେଲ୍ସ ସୂଚନା ଦେଇଛନ୍ତି। ମଡେଲଟିର ବଜାର ଦର ୭୨.୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଏହାର ବିଭିନ୍ନ ଭାରିଆଣ୍ଟ ମଧ୍ୟ ରହିଛି। ଯାହାର ମୂଲ୍ୟ ୮୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି। ଏକ ପ୍ରମୁଖ ସ୍ପୋର୍ଟସ କାର ଭାବେ ଏହା ପରିଗଣିତ ବୋଲି ସଚିନ କହିଛନ୍ତି।

### କୃଷ୍ଣରାଜପୁରମ ବାଙ୍ଗାଲୋରକୁ ସ୍ୱତନ୍ତ୍ର ଟ୍ରେନ ଆଜି

ଭୁବନେଶ୍ୱର,୧୭-୫

ବାତ୍ୟା ଫନୀ ଯୋଗୁ ଯାତ୍ରା ସୁବିଧାରୁ ବଞ୍ଚିତ ଥିବା ଯାତ୍ରୀଙ୍କ ଲାଗି କୃଷ୍ଣରାଜପୁରମ ବାଙ୍ଗାଲୋରକୁ ଆଉ ଏକ ସ୍ୱତନ୍ତ୍ର ଟ୍ରେନ ଚଳାଇବା ଲାଗି ରେଳ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହା ଭୁବନେଶ୍ୱରରୁ ଚଳିତ ମାସ ୧୮ (ଶନିବାର) ଦିନ ଯାତ୍ରା ଆରମ୍ଭ କରିବ। ଫନୀ ଯୋଗୁ ଅନେକ ଟ୍ରେନ ବାତିଲ ରହିବା ଫଳରେ ଟ୍ରେନ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହା ଭୁବନେଶ୍ୱରରୁ ରାତ୍ରି ୧୦ରୁ ବାହାରିବ। ଟ୍ରେନରେ ୧୪ ସ୍ଲିପର କ୍ଲାସ, ଦୁଇଟି ଦ୍ୱିତୀୟ ଶ୍ରେଣୀ ସିଟିଙ୍ଗ, ଦୁଇ ଗାର୍ଡ କମ୍ ଲଗେଜ ଭ୍ୟାନ ରହିବ। ଏହା ଖୋର୍ଦ୍ଧା ରୋଡ, ବ୍ରହ୍ମପୁର, ପଲାସା, ଶ୍ରୀକାକୁଲମ, ବିଜୟନଗରମ, ବିଶାଖାପାଟଣା, ଦୁଭଡା ସହ ରାଜମହେନ୍ଦ୍ରୀ, ବିଜୟୱାଡା, ଗୁଡୁର, ରେଣିଗୁଣ୍ଟା, କଟପଡି, ଜୋଲାରପେଟାଇ, ବଙ୍ଗାରାପେଟ ଭଳି ଷ୍ଟେଶନରେ ଅଟକିବ। ଏହି ଟ୍ରେନଟି ବାଙ୍ଗାଲୋର କାଣ୍ଟଠାରୁ ଆଜି ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଛି।

# ଓବିସିର ନୂଆ ଆଞ୍ଚଳିକ ମୁଖ୍ୟ

ଭୁବନେଶ୍ୱର,୧୭-୫



ତୌଫିକ ଆଲମ

ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ (ଓବିସି)ଭୁବନେଶ୍ୱର କାର୍ଯ୍ୟାଳୟର ନୂଆ ଆଞ୍ଚଳିକ ମୁଖ୍ୟ ଭାବେ ଉପମହାପ୍ରବନ୍ଧକ ତୌଫିକ ଆଲମ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ବାରାଣାସୀ ଆଞ୍ଚଳିକ କାର୍ଯ୍ୟାଳୟ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ୨୦୧୦ରେ ସେ ଓବିସିରେ ମୁଖ୍ୟ ପ୍ରବନ୍ଧକ ଭାବେ ଯୋଗ ଦେଇଥିଲେ। ସେ ମହାରାଷ୍ଟ୍ର, ହରିୟାଣା, ଦିଲ୍ଲୀ ଏବଂ ଉତ୍ତରପ୍ରଦେଶ ଭଳି ରାଜ୍ୟରେ କାର୍ଯ୍ୟ କରିଛନ୍ତି। ୨୦୧୪ରେ ସହାୟକ ପ୍ରବନ୍ଧକ ଏବଂ ୨୦୧୭ରେ ଉପପ୍ରବନ୍ଧକ ପଦବୀକୁ ସେ ପଦୋନ୍ନତି ପାଇଥିଲେ। ଟ୍ରେଜେରି, ବୈଦେଶିକ ମୁଦ୍ରା ପରିଚାଳନା ଏବଂ କର୍ପୋରେଟ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ତାଙ୍କର ରୁଚି ରହିଛି। ଭୁବନେଶ୍ୱର ଅଞ୍ଚଳରେ ଏସ୍‌ଏମ୍‌ଇ ରିଟେଲ ଋଣ ଏବଂ କାସା ଜମା କ୍ଷେତ୍ରରେ ସେ ଅଧିକ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

# ପୂର୍ବତଟ ରେଳପଥରେ ନୂତନ ଅଧିକାରୀଙ୍କ ଯୋଗଦାନ

ଭୁବନେଶ୍ୱର,୧୭-୫



ରବି ଶଙ୍କର ମିତ୍ର | ନରୋତ୍ତମ ସିଂ ଉଇକେ | ବାସୁଦେବ ପଣ୍ଡା

ଭାରତୀୟ ରେଳବାଇର ତିନିଜଣ ଉଚ୍ଚ ଅଧିକାରୀ ପୂର୍ବତଟ ରେଳପଥରେ ବିଭିନ୍ନ ବିଭାଗରେ ଯୋଗ ଦେଇଛନ୍ତି। ୧୯୮୭ ଭାରତୀୟ ରେଳ ଆକାଉଣ୍ଟ ସେବା ଅଧିକାରୀ ରବି ଶଙ୍କର ମିତ୍ର ପୂର୍ବତଟ ରେଳପଥର ପ୍ରମୁଖ ଅର୍ଥ ପରାମର୍ଶଦାତା ତଥା ମୁଖ୍ୟ ଲେଖା ଅଧିକାରୀ ଭାବେ ଯୋଗ ଦେଇଛନ୍ତି। ସେହିଭଳି ୧୯୮୫ ବ୍ୟାଚ୍ ଭାରତୀୟ ରେଳବାଇ ଇଞ୍ଜିନିୟର୍ସ ସେବାର ଅଧିକାରୀ ନରୋତ୍ତମ ସିଂ ଉଇକେ ପ୍ରମୁଖ ଯନ୍ତ୍ରୀ ଏବଂ ୧୯୮୬ ବ୍ୟାଚ୍ ରେଳବାଇ ଇଲେକ୍ଟ୍ରିକାଲ ଇଞ୍ଜିନିୟର୍ସ ସେବା ଅଧିକାରୀ ବାସୁଦେବ ପଣ୍ଡା ପ୍ରମୁଖ ବୈଦ୍ୟୁତିକ ଯନ୍ତ୍ରୀ ଭାବେ ଯୋଗଦାନ କରିଛନ୍ତି।

# କଳାଧନର ସୂଚନା ମିଳିବନି

ନୂଆଦିଲ୍ଲୀ,୧୭-୫

### ଗୋପନୀୟତା ଦ୍ୱାହି ଦେଲା କେନ୍ଦ୍ର

କେନ୍ଦ୍ର ସରକାର ସୁଇଜରଲାଣ୍ଡରୁ ପାଉଥିବା କଳାଧନ ସଂକ୍ରାନ୍ତୀୟ ସୂଚନା ଦେବାକୁ ମନା କରିଦେଇଛନ୍ତି। ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ଅଧୀନରେ ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ସରକାର ଗୋପନୀୟତାର ଦ୍ୱାହି ଦେଇଛନ୍ତି। ଭାରତ ଓ ସୁଇଜରଲାଣ୍ଡ ପ୍ରତ୍ୟେକ ମାମଲାର ସୂଚନା ଆଦାନପ୍ରଦାନ କରୁଛନ୍ତି। ତଦନୁଯାୟୀ ଯାଞ୍ଚ ହେଉଛି ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି ପ୍ରକ୍ରିୟା ଏବେ ଜାରି ରହିଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଆର୍‌ଟିଆଇ ଜବାବରେ କୁହାଯାଇଛି ଯେ, ଗୋପନୀୟତା ନିୟମ ଅଧୀନରେ ସୁଇଜରଲାଣ୍ଡରୁ କଳାଧନ ସଂକ୍ରାନ୍ତୀୟ ସୂଚନା ଭାରତକୁ ମିଳୁଛି। ଆର୍‌ଟିଆଇରେ ସୁଇଜରଲାଣ୍ଡରୁ ମିଳୁଥିବା କଳାଧନ ସଂକ୍ରାନ୍ତୀୟ ମାମଲାର ସମସ୍ତ ସୂଚନା ମଗାଯାଇଥିଲା। ଏଥିରେ କମ୍ପାନୀ ଓ ବ୍ୟକ୍ତିବିଶେଷଙ୍କ ନାମ ଏବଂ ସେମାନଙ୍କ ବିରୋଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତାହା ଜଣାଇବାକୁ ଆର୍‌ଟିଆଇରେ ପ୍ରଶ୍ନ କରାଯାଇଥିଲା। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଦୁଇ ଦେଶ କଳାଧନ ସଂକ୍ରାନ୍ତୀୟ ସୂଚନାକୁ ସ୍ୱତଃ ଆଦାନପ୍ରଦାନ କରିବାକୁ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ଏଥିନେଇ ଆବଶ୍ୟକ ଆଇନଗତ ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇଛି। ଫଳରେ ସୁଇଜରଲାଣ୍ଡରେ ଖୋଲାଯାଇଥିବା ଭାରତୀୟ ଆକାଉଣ୍ଟ ବିଷୟରେ ଚଳିତବର୍ଷଠାରୁ ସୂଚନା ମିଳିବା ଆରମ୍ଭ ହୋଇଯିବ।

## ସଂକ୍ଷେପରେ


### ଭାଷ୍ୟକାରଙ୍କ ପ୍ୟାନେଲରେ ଗାଙ୍ଗୁଲି, ମଞ୍ଜରେକର

ଲଣ୍ଡନ,୧୭।୫- ଇଂଲଣ୍ଡ ଓ ୱେଲ୍ସରେ ହେବାକୁ ଥିବା ବିଶ୍ୱକପ୍ ଲାଗି ଶୁକ୍ରବାର ଆଇସିସି ପକ୍ଷରୁ ଭାଷ୍ୟକାରଙ୍କ ତାଲିକା ପ୍ରକାଶ ପାଇଛି। ଏଥିରେ ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ଓ ସଞ୍ଜୟ ମଞ୍ଜରେକର ସ୍ଥାନ ପାଇଛନ୍ତି। ୨୦୧୫ ବିଶ୍ୱକପ୍ ଚାମ୍ପିୟନ ଅଷ୍ଟ୍ରେଲିଆ ଦଳର ଅଧିନାୟକ ମାଇକେଲ କ୍ଲାର୍କ, ଇଂଲଣ୍ଡର ନାସିର ହୁସେନ, ୱେଷ୍ଟଇଣ୍ଡିଜର ଇଆନ ବିଶୋପ, ଶ୍ରୀଲଙ୍କାର କୁମାର ସଙ୍ଗକାରା, ମାଇକେଲ ଆଥର୍ଟନ, ନ୍ୟୁଜିଲାଣ୍ଡର ବ୍ରେଣ୍ଡନ ମ୍ୟାକୁଲମ, ଦକ୍ଷିଣ ଆଫ୍ରିକାର ଗ୍ରେମ୍ ସ୍ମିଥ ଓ ପାକିସ୍ତାନର ୱାସିମ ଆକ୍ରମ ମଧ୍ୟ ସାମିଲ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ତାଲିକାରେ ଅଭିଜ୍ଞ ଭାଷ୍ୟକାର ଶନ ପୋଲକ, ମାଇକେଲ ସ୍ଲାଟର, ମାଇକେଲ ନିକୋଲାସ, ମାଇକେଲ ହୋଲ୍ଡିଂ, ଇସା ଗୁଆ, ପୋମି ଏମ୍ବାଙ୍ଗ୍ୱା, ହର୍ଷା ଭୋଗଲେ, ସାଇମନ ଡଲ, ଇଆନ ସ୍ମିଥ, ରମିଜ ରାଜା, ଅଲିସନ ମିଚେଲ, ଆର୍ଥର ଅଲି ଖାଁ ଓ ଇଆନ ୱାର୍ଡ ମଧ୍ୟ ରହିଛନ୍ତି। କ୍ରିକେଟ ମହାକୁମ୍ଭ ଲାଗି ସମଗ୍ର ଇଂଲଣ୍ଡ ଓ ୱେଲ୍ସ ବହୁ ଉତ୍ସାହିତ। କ୍ରିକେଟ ବିଶ୍ୱକପ୍‌ର ଏହି ସଂସ୍କରଣ ବହୁ ମଜାଦାର ହେବ। ମୁଁ ପ୍ରସାରଣ ଦାୟିତ୍ୱରେ ଥିବା ଚ୍ୟାନେଲ ଓ ଇତିହାସର ଅଂଶ ହେବା ପାଇଁ ବ୍ୟଗ୍ର ବୋଲି ପୂର୍ବତନ ଇଂଲଣ୍ଡ ଅଧିନାୟକ ନାସର ହୋସେନ କହିଛନ୍ତି। ସେହିଭଳି ଶ୍ରୀଲଙ୍କାର ପୂର୍ବତନ ଅଧିନାୟକ ସଙ୍ଗକାରା ପ୍ରକାଶ କରିଛନ୍ତି, ଇଂଲଣ୍ଡରେ ଏହି ସମର ସ୍ୱତନ୍ତ୍ର ହେବାକୁ ଯାଉଛି। ସମ୍ଭବତଃ ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ସବୁଠୁ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହେବ। ଆୟୋଜକ ଇଂଲଣ୍ଡ ନିକଟରେ ଭଲ ଦଳ ରହିଛି। କିନ୍ତୁ ଆଉ କିଛି ଶକ୍ତିଶାଳୀ ଦଳ ରହିଛନ୍ତି। ବହୁତ ଭଲ ପ୍ରଦର୍ଶନ ଦେଖିବାକୁ ମିଳିବ।

### ଅଷ୍ଟ୍ରେଲିଆରେ ଖେଳିବ ଭାରତୀୟ ମହିଳା ଏ' ଦଳ

ନୂଆଦିଲ୍ଲୀ,୧୭।୫- ଭାରତୀୟ ମହିଳା ଏ' ଦଳ ଲାଗି ସିରିଜ୍ ଆୟୋଜନ କରିବ ବୋଲି କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ଶୁକ୍ରବାର ସ୍ପଷ୍ଟ କରିଛି। ଚଳିତ ଡିସେମ୍ବରରେ ଭାରତୀୟ ମହିଳା ଏ' ଦଳ ଅଷ୍ଟ୍ରେଲିଆ ଗସ୍ତ କରି ୩ଟି ଲେଖାଏ ଦିନିକିଆ ଓ ଟି୨୦ ଖେଳିବ। ସମସ୍ତ ମ୍ୟାଚ୍ କୁଇନ୍ସଲାଣ୍ଡଠାରେ ଖେଳାଯିବ। ଗତ ବର୍ଷ ଅଷ୍ଟ୍ରେଲିଆ ଏ' ସଫଳତାର ସହ ଭାରତ ଗସ୍ତ କରିବା ପରେ ସିଏ ଏହି ଘୋଷଣା କରିଛି। ଏହା ଭାରତୀୟ ମହିଳା ଏ' ଦଳର ପ୍ରଥମ ଥର ପାଇଁ ବିଦେଶ ଗସ୍ତ। ଭାରତୀୟ ଏ' ଦଳ ଡିସେମ୍ବର ୧୨ ତାରିଖରେ ୫୦ ଓଭର ବିଶିଷ୍ଟ ଆ ମ୍ୟାଚ୍ ସହ ବ୍ରିସବେନଠାରୁ ଅଭିଯାନ ଆରମ୍ଭ କରିବ। ଏହାପରେ ୧୪ ଓ ୧୬ ତାରିଖରେ ବଳକା ଦୁଇଟି ଦିନିକିଆ ମ୍ୟାଚ୍ ଖେଳିବ। ଏହାପରେ ଗୋଲ୍ଡ କୋଷ୍ଟଠାରେ ୧୯, ୨୧ ଓ ୨୩ ତାରିଖରେ ୩ଟି ଟି୨୦ ମ୍ୟାଚ୍ ଖେଳିବ।

### ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍ ଖେଳି ନ ପାରନ୍ତି ଲଥାମ



ଅକ୍‌ଲାଣ୍ଡ,୧୭।୫- ଶ୍ରୀଲଙ୍କା ବିପକ୍ଷରେ ଜୁନ ୧ ତାରିଖରେ ଖେଳାଯିବାକୁ ଥିବା ନ୍ୟୁଜିଲାଣ୍ଡର ପ୍ରଥମ ବିଶ୍ୱକପ୍ ମ୍ୟାଚ୍‌ରେ ଉଇକେଟକିପର ବ୍ୟାଟ୍ସମ୍ୟାନ ଟମ ଲଥାମଙ୍କ ଖେଳିବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଅଷ୍ଟ୍ରେଲିଆ ବିପକ୍ଷ ଅଭ୍ୟାସ ମ୍ୟାଚ୍‌ରେ ଆଙ୍ଗୁଠି ଫ୍ରାକଚର ହୋଇଛି। ଉଇକେଟ କିପିଂ କରୁଥିବାବେଳେ ତାଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା। ତୁରନ୍ତ ମ୍ୟାଚ୍‌ରୁ ଓହରିବା ସହ ଖ୍ରୀଷ୍ଟଚର୍ଚ୍ଚ ଫେରିଥିଲେ। ୨୭ ବର୍ଷୀୟ ଖେଳାଳି ଏକ୍ସ-ରେ କରାଇବା ପରେ ବିଶ୍ୱକପ୍ ଦଳ ସହ ଗସ୍ତ କରିବା ଲାଗି ଫିଟ୍ ବୋଲି ଘୋଷିତ ହୋଇଛନ୍ତି। ୧୫ ଜଣିଆ ନ୍ୟୁଜିଲାଣ୍ଡ ଦଳରେ ଅତିରିକ୍ତ ଉଇକେଟକିପର ଭାବେ ଟମ ବ୍ଲୁଣ୍ଡେଲ ସ୍ଥାନ ପାଇଛନ୍ତି। ଲଥାମ ପ୍ରଥମ ମ୍ୟାଚ୍ ପୂର୍ବରୁ ସମ୍ପୂର୍ଣ୍ଣ ଫିଟ୍ ନ ହେଲେ ତାଙ୍କ ସ୍ଥାନରେ ବ୍ଲୁଣ୍ଡେଲ ଖେଳିବେ। ୧୯୮୭ ପରେ ସେ ଦେଶର ପ୍ରଥମ ଖେଳାଳି ଭାବେ ବିଶ୍ୱକପ୍‌ରେ ଅନ୍ତର୍ଜାତୀୟ ପଦାର୍ପଣ କରିପାରନ୍ତି। ମୁଖ୍ୟ ପର୍ଯ୍ୟାୟ ପୂର୍ବରୁ ୱାର୍ମ ଅପ୍ ମ୍ୟାଚ୍‌ରେ ବ୍ଲୁଣ୍ଡେଲ ଖେଳିବେ ବୋଲି ମୁଖ୍ୟ ଚୟନକର୍ତ୍ତା ଗବିନ ଲାର୍ସେନ କହିଛନ୍ତି।

---



> ଭାରତୀୟ ମହିଳା କ୍ରିକେଟ ଦଳ ସ୍ଲିପିଙ୍ଗ ଜାଏଣ୍ଟ । କେବେ ବି ବିଶ୍ୱ ଚାମ୍ପିୟନ ହୋଇପାରେ ।
>
> –ମାଥ୍ୟୁ ମଟ୍, ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳର କୋଚ୍



> ଇଞ୍ଜୁରି ଯୋଗୁ ଇଟାଲିଆନ ଓପନ କ୍ୱାର୍ଟରଫାଇନାଲରୁ ଓହରିଯାଇଥିଲେ ମଧ୍ୟ ଫ୍ରେଞ୍ଚ୍ ଓପନ୍‌ରେ ଖେଳିବା ସମ୍ପର୍କରେ ନିଷ୍ପତ୍ତି ନେଇ ନାହିଁ ।
>
> –ନାଓମି ଓସାକା, ବିଶ୍ୱର ନମ୍ବର ୱାନ ମହିଳା ଟେନିସ୍ ଖେଳାଳି

## ଶୀର୍ଷ ସ୍ଥାନ ବଜାୟ ରଖିଲେ ଓସାକା



ସର୍ଭିସ ଶଟ୍ ଖେଳିବା ଅବସରରେ ନାଓମି ଓସାକା।

ରୋମ,୧୭।୫(ଏଏଫ୍‌ପି)

ଜାପାନର ନାଓମି ଓସାକା ଦୁଇଟି ମ୍ୟାଚ୍ ଜିତି ଇଟାଲିଆନ ଓପନ କ୍ୱାର୍ଟର ଫାଇନାଲରେ ପ୍ରବେଶ ସହ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ସେ ୬-୩, ୬-୩ ସେଟ୍‌ରେ ମିହେଲା ବୁଜର୍ନେସ୍କୁଙ୍କୁ ହରାଇ ଦେଇଛନ୍ତି। ବିଜୟ ଲାଗି ଓସାକାଙ୍କୁ ଏକ ଘଣ୍ଟା ୧୮ ମିନିଟ୍ ଲାଗିଥିଲା। ପୂର୍ବରୁ ଡୋମିନିକା ସିବୁଲକୋଭାଙ୍କୁ ୪୨ ମିନିଟ୍‌ରେ ହରାଇଥିଲେ। ୨୧ ବର୍ଷୀୟ ଜାପାନିଜଙ୍କୁ ଶୀର୍ଷ ସ୍ଥାନ ବଜାୟ ରଖିବା ପାଇଁ ଅତିକମ୍‌ରେ ଚଳିତ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାର ଆବଶ୍ୟକତା ଥିଲା। ରୋମାନିଆ ସିମୋନା ହାଲେପ ୨ୟ ରାଉଣ୍ଡରେ ପରାସ୍ତ ହେବାରୁ ଓସାକାଙ୍କୁ ଏହି ସୁଯୋଗ ମିଳିଥିଲା। ତେବେ ସେ ପରବର୍ତ୍ତୀ ମ୍ୟାଚ୍‌ରୁ ଓହରି ଯାଇଛନ୍ତି।

# ଡିଆରଏସ୍ ଲାଗୁ, କଏନ ଟସ୍ ବାତିଲ ନେଇ ସହମତି

ମୁମ୍ବାଇ, ୧୭।୫(ପି.ଟି.)

ଏଠାରେ ଶୁକ୍ରବାର ଅନୁଷ୍ଠିତ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କନ୍‌କ୍ଲେଭ ବା ବୈଠକରେ ରାଣଜୀ ଅଧିନାୟକ ଓ କୋଚ୍‌ମାନେ ଅଂଶଗ୍ରହଣ କରିଥିଲେ। ଦେଶର ସର୍ବବୃହତ୍ ଘରୋଇ ଟୁର୍ନାମେଣ୍ଟ ରଣଜୀ ଟ୍ରଫିରେ ଡିସିସନ ରିଭ୍ୟୁ ସିଷ୍ଟମ (ଡିଆରଏସ୍) ଲାଗୁ କରିବା ଓ କଏନ ଟସ୍‌କୁ ବାତିଲ କରିବା ନେଇ ସହମତି ପ୍ରକାଶ ପାଇଥିଲା। ଏପର୍ଯ୍ୟନ୍ତ ଡିଆରଏସ୍ ଆନ୍ତର୍ଜାତିକ କ୍ରିକେଟରେ ଲାଗୁ ହୋଇଥିଲା। ତେବେ ଗତ ରଣଜୀ ଟ୍ରଫି ସେସନରେ ଖରାପ୍ ଅମ୍ପାୟରିଂର ନମୁନା ଦେଖିବାକୁ ମିଳିଥିଲା। ଫଳରେ ରଣଜୀରେ ଡିଆରଏସ୍‌କୁ ପ୍ରଥମଥର ଲାଗୁ କରିବା ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଛି।

ଗତ ସେସନରେ ସୌରାଷ୍ଟ୍ର ଓ କର୍ନାଟକ ମଧ୍ୟରେ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍ ଦୁର୍ବଳ ଅମ୍ପାୟାରିଂ କାରଣରୁ ବିବାଦୀୟ ହୋଇ ପଡିଥିଲା। ଚେତେଶ୍ୱର ପୂଜାରାଙ୍କ ବ୍ୟାଟ୍ସରେ ବଲ୍ ବାଜିଥିଲେ ମଧ୍ୟ ତାଙ୍କୁ ନଟ୍ ଆଉଟ ଘୋଷିତ କରାଯାଇଥିଲା। ଫଳରେ ସେ ଶତକ ହାସଲ କରି ମ୍ୟାଚ୍‌ର ମୋଡ ବଦଳାଇଥିଲେ। ତେଣୁ ଡିଆରଏସ୍ ରଣଜୀରେ ଲାଗୁ କରିବା ଅପରିହାର୍ଯ୍ୟ ହୋଇପଡିଛି ବୋଲି କୋଚ୍ ଓ ଅଧିନାୟକମାନେ ମତ ରଖିଥିଲେ।

ସେହିପରି କଏନ ଟସ୍ ପକାଇବା ବଦଳରେ ଭ୍ରମଣକାରୀ ଦଳକୁ ବ୍ୟାଟିଂ କିମ୍ବା ବୋଲିଂ କରିବାର ଅଧିକାର ପ୍ରଦାନ କରାଯିବା ଉପରେ ଓ ଦୁଲୀପ ଟ୍ରଫି ଓ ଇରାନୀ ଟ୍ରଫିର ପ୍ରାସଙ୍ଗିକତା ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ପୁଣି ମହିଳା କ୍ରିକେଟ ଉପରେ ଆଲୋଚନା କରିବା ପାଇଁ ଏକ ଭିନ୍ନ ବୈଠକର ଆୟୋଜନ ହେବା ନେଇ ବିସିସିଆଇ ମୁଖ୍ୟ କାର୍ଯ୍ୟନିର୍ବାହୀ ରାହୁଲ ଜୋହରି କହିଛନ୍ତି। ଆଗାମୀ ସେସନ ଆହୁର ବଡ଼ ହେବ ଓ ଭଲ ହେବ। ତେଣୁ ସବୁ ବୟସବର୍ଗରେ କ୍ରିକେଟର ମାନ ଉନ୍ନତି ଲାଗି ଆମର ପ୍ରୟାସ ଜାରି ରହିବ ବୋଲି ସେ କହିଛନ୍ତି। ରଣଜୀ ଟ୍ରଫିର ନକ୍‌ଆଉଟ୍ ମ୍ୟାଚ୍‌ଗୁଡିକ

### ରଣଜୀ ଅଧିନାୟକ ବୈଠକ

ହୋମ- ଆୱେ ଅର୍ଥାତ୍ ଘରୋଇ ଓ ବାହାର ପରିବେଶ୍ କିମ୍ବା ନିରପେକ୍ଷ ଭେନ୍ୟୁରେ ଆୟୋଜନ ହେବା ନେଇ ଆଲୋଚନା ହୋଇଥିଲା। ଭାରତ ପାଇଁ ଖେଳିଥିବା କ୍ରିକେଟରଙ୍କ ଭଳି ଘରୋଇ କ୍ରିକେଟରେ ଅଂଶଗ୍ରହଣ କରୁଥିବା ଖେଳାଳି, କୋଚ୍, ଅଧିନାୟକ, ସପୋର୍ଟ ଷ୍ଟାଫ୍‌ଙ୍କ ଭୂମିକା ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ ବୋଲି ବିସିସିଆଇ କୋଷାଧ୍ୟକ୍ଷ ଅନିରୁଦ୍ଧ ଚୌଧୁରୀ କହିଛନ୍ତି। ପୂର୍ବରୁ ୧୧୦୮ଟି ମ୍ୟାଚ ଖେଳାଯାଉଥିଲା। କିନ୍ତୁ ଗତବର୍ଷ ଏହି ସଂଖ୍ୟା ୨୦୨୪କୁ ବୃଦ୍ଧି ପାଇଛି ଓ ଏହାକୁ ଆୟୋଜନ କରିବାରେ ଆମେ ସଫଳ ହୋଇଛୁ ବୋଲି ଜେନେରାଲ ମ୍ୟାନେଜର କ୍ରିକେଟ ଅପରେଶନ ସବା କରିମ କହିଛନ୍ତି। କ୍ରିକେଟରମାନ ଉନ୍ନତି ପାଇଁ ମ୍ୟାଚ୍ ରେଫରିଙ୍କ ପ୍ରସ୍ତାବକୁ ଗୁରତ୍ୱ ଦିଆଯିବ ଉପରେ, ବ୍ୟବହାର କରାଯାଉଥିବା ବଲ୍‌ର ମାନ, ମନ୍ଥର ବୋଲିଂକୁ ନେଇ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ଗୃହୀତ ହୋଇଥିବା ପ୍ରସ୍ତାବ ସବୁ ଲାଗୁ ହେବା ପାଇଁ ଏବେ ବିସିସିଆଇ ଟେକନିକାଲ କମିଟିର ଅନୁମୋଦନ ଆବଶ୍ୟକ। ଏହାପରେ ବାର୍ଷିକ ସାଧାରଣ ପରିଷଦର ମଧ୍ୟ ସମର୍ଥନ ନିହାତି ଆବଶ୍ୟକ। ତେବେ ବର୍ତ୍ତମାନ ବୋର୍ଡର ଟେକନିକାଲ କମିଟି କିମ୍ବା ସାଧାରଣ ପରିଷଦ ନାହିଁ। ଏହା ବଳଦରେ ଆଡହକ ବଡି ବା କମିଟି ଦାୟିତ୍ୱରେ ରହିଛି।

## ଚାମ୍ପିୟନ ଦଳ ପାଇବ ୪ ନିୟୁତ ଡଲାର

ଲଣ୍ଡନ, ୧୭।୫ (ପି.ଟି.)

ଆସନ୍ତା ଆଇସିସି ପୁରୁଷ ବିଶ୍ୱକପ୍ ପାଇଁ ମୋଟ ପୁରସ୍କାର ରାଶି ୧୦ ନିୟୁତ ଆମେରିକୀୟ ଡଲାର ରଖାଯାଇଛି। ବିଜେତା ଦଳକୁ ୪ ନିୟୁତ ଆମେରିକୀୟ ଡଲାର ମିଳିବ। ଟୁର୍ନାମେଣ୍ଟ ଇତିହାସରେ ଏହା ସର୍ବାଧିକ ପୁରସ୍କାର ରାଶି। ୧୦ଟି ଦଳକୁ ନେଇ ହେବାକୁଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ଜୁଲାଇ ୧୬ରେ ଐତିହାସିକ ଲର୍ଡ୍ସଠାରେ ହେବ। ବିଜେତାକୁ ଏକ ଆକର୍ଷଣୀୟ ଟ୍ରଫି ମଧ୍ୟ ମିଳିବ। ରନର୍ସଅପ୍ ଦଳକୁ ୨ ନିୟୁତ ଡଲାର ଏବଂ ପରାଜିତ ସେମିଫାଇନାଲିଷ୍ଟ ଦଳ ଦ୍ୱୟକୁ ୮୦୦,୦୦୦ ଡଲାର ଲେଖାଏଁ ମିଳିବ। ମେ ୩୦ରୁ ୟୁନାଇଟେଡ କିଙ୍ଗଡମ୍ (ୟୁକେ)ରେ ୪୬ ଦିନ ଧରି ଏହି ଟୁର୍ନାମେଣ୍ଟ ୧୧ଟି ଭେନ୍ୟୁରେ ଖେଳାଯିବ। ଏହି ଟୁର୍ନାମେଣ୍ଟରେ ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ପ୍ରଥମ ପର୍ଯ୍ୟାୟରେ ରାଉଣ୍ଡ-ରବିନ ଫର୍ମାଟରେ ପରସ୍ପରକୁ ଭେଟିବେ।

### ଆଇସିସି କ୍ରିକେଟ ବିଶ୍ୱକପ୍ ୨୦୧୯ ପୁରସ୍କାର

- ବିଜେତା-୪,୦୦୦,୦୦୦ ଡଲାର; ରନର୍ସଅପ୍-୨,୦୦୦,୦୦୦
- ପରାଜିତ ସେମିଫାଇନାଲିଷ୍ଟ- ପ୍ରତ୍ୟେକ ୮୦୦,୦୦୦ ଡଲାର
- ପ୍ରତିଟି ଲିଗ୍ ପର୍ଯ୍ୟାୟ ମ୍ୟାଚର ବିଜେତା (୪୫): ୪୦,୦୦୦ ଡଲାର ଲେଖାଏଁ
- ଲିଗ୍ ପର୍ଯ୍ୟାୟ ଅତିକ୍ରମ କରିଥିବା ପ୍ରତିଟି ଦଳ (୬) ୧୦୦,୦୦୦ ଡଲାର ଲେଖାଏଁ

### ଆଇସିସି ବିଶ୍ୱକପ୍ ଗୀତ ରିଲିଜ୍

ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି)ର ପୁରୁଷ ବିଶ୍ୱକପ୍ ପାଇଁ ପ୍ରସ୍ତୁତ କରାଯାଇଥିବା ଗୀତ ଶୁକ୍ରବାର ରିଲିଜ ହୋଇଛି। ଏହାର ଶୀର୍ଷକ 'ଷ୍ଟାଣ୍ଡ ବାଏ' ରହିଛି। ନୂତନ କଣ୍ଠଶିଳ୍ପୀ ଲୋରିନ୍ ଏଥିରେ କଣ୍ଠଦାନ କରିଥିବାବେଳେ ଇଂଲଣ୍ଡର ସୁପ୍ରସିଦ୍ଧ ଡ୍ରମ୍ ଓ ବ୍ରାସ୍ ବ୍ୟାଣ୍ଡ ରୁଡିମେଣ୍ଟାଲ ଏଥିରେ ସଂଗୀତ ସଂଯୋଜନା କରିଛି। ଚଳିତ ମାସ ୩୦ରୁ ୟୁନାଇଟେଡ କିଙ୍ଗ୍‌ଡମ୍‌ରେ ଖେଳାଯିବାକୁଥିବା ଆଇସିସି ବିଶ୍ୱକପ୍‌ରେ ମୋଟ ୪୮ଟି ମ୍ୟାଚ ଖେଳାଯିବ। ଜୁଲାଇ ୧୪ରେ ଏହାର ଉଦ୍‌ଯାପନ ହେବ। 'ଷ୍ଟାଣ୍ଡ ବାଏ' ଗୀତଟିରେ ନିଜ ନିଜ ଦଳ ପ୍ରତି କ୍ରିକେଟ ପ୍ରେମୀଙ୍କର ରହିଥିବା ଆବେଗର ପ୍ରତିଫଳନ ହୋଇଛି।

## ଡବଲ ଅଲିମ୍ପିକ ଚାମ୍ପିୟନ ଲାଉରାଙ୍କ ୨୫ ବର୍ଷ ବୟସରେ ଅବସର

ବର୍ଲିନ, ୧୭।୫ (ଏଏଫ୍‌ପି)




ସ୍ୱାସ୍ଥ୍ୟଗତ କାରଣରୁ ଜର୍ମାନୀର ଡବଲ ଅଲିମ୍ପିକ ବାଏଥଲନ ଚାମ୍ପିୟନ ଲାଉରା ଡାହଲମେର ମାତ୍ର ୨୫ ବର୍ଷ ବୟସରେ ଶୁକ୍ରବାର ତାଙ୍କ ଅବସର ଘୋଷଣା କରିଛନ୍ତି। ପ୍ରଫେସନାଲ ସ୍ପୋର୍ଟ୍ସରେ ଜଣେ ଆଥଲେଟ୍ ଶତପ୍ରତିଶତ ଫିଟ୍ ରହିବା ଦରକାର। ମାତ୍ର ବର୍ତ୍ତମାନ ପରିସ୍ଥିତିରେ ମୁଁ ତାହା ଅନୁଭବ କରୁ ନାହିଁ ବୋଲି ଲାଉରା କହିଛନ୍ତି। ଲାଉରା ତାଙ୍କ କ୍ୟାରିୟରରେ ୭ ବିଶ୍ୱ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ଜିତିଛନ୍ତି। ଗତ ବର୍ଷ ପ୍ୟଙ୍ଗଚାଙ୍ଗଠାରେ ଗୋଟିଏ ଅଲିମ୍ପିକ୍ସରେ ସେ ପ୍ରଥମ ମହିଳା ବାଏଥଲେଟ ଆଥଲେଟ ଭାବେ ଉଭୟ ସ୍ପ୍ରିଣ୍ଟ ଓ ପର୍ସୁଟ ଜିତିଥିଲେ। ଲାଉରା ଦୁଇ ମାସ ବିଶ୍ରାମ ନେବାପରେ ଗତ ଅକ୍ଟୋବରରେ ପ୍ରତ୍ୟାବର୍ତ୍ତନ କରିଥିଲେ। ଜାନୁୟାରୀରେ ଆଣ୍ଟୋଲ୍‌ଜଠାରେ ବିଶ୍ୱକପ୍ ଇଭେଣ୍ଟରେ ୧୨.୫ କିମି ମାସ୍ ଷ୍ଟାର୍ଟରେ ବିଜୟ ଲାଭ କରିଥିଲେ। ସୂଚନାଯୋଗ୍ୟ, ଜର୍ମାନୀର ଅନ୍ୟ ଜଣେ ବାଏଥଲେଟ ମାଗ୍‌ଡାଲେନା ନେଉନର ହେଉଛନ୍ତି ଜଣେ ଡବଲ ଅଲିମ୍ପିକ ଚାମ୍ପିୟନ। ସେ ମଧ୍ୟ ୨୦୧୨ରେ ମାତ୍ର ୨୫ ବର୍ଷ ବୟସରେ ଅବସର ନେଇଥିଲେ।

# ୧୯୯୬: ଶ୍ରୀଲଙ୍କା ଚାମ୍ପିୟନ




ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଦିନିକିଆ ବିଶ୍ୱକପ୍‌ର ଷଷ୍ଠ ସଂସ୍କରଣକୁ ଭାରତୀୟ ଉପମହାଦେଶର ୩ଦେଶ ଭାରତ, ପାକିସ୍ତାନ ଓ ଶ୍ରୀଲଙ୍କା ମିଳିତ ଭାବେ ୧୯୯୬ରେ ବେଶ୍ ସଫଳତାର ସହ ଆୟୋଜନ କରିଥିଲେ। ଭାରତ ଓ ପାକିସ୍ତାନ ଦ୍ୱିତୀୟଥର ପାଇଁ ବିଶ୍ୱକପ୍ ଆୟୋଜନ କରିଥିଲେ। ତେବେ ଶ୍ରୀଲଙ୍କାକୁ ପ୍ରଥମଥର ପାଇଁ ବିଶ୍ୱକପ୍ ଆୟୋଜନ କରିବାର ସୌଭାଗ୍ୟ ମିଳିଥିଲା। ଲାହୋରର ଗଦ୍ଦାଫି ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ଶ୍ରୀଲଙ୍କା ପ୍ରଥମଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା।

ବିଶ୍ୱକପ୍ ଫେବୃୟାରୀ ୧୪ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୧୭ ତାରିଖରେ ଶେଷ ହୋଇଥିଲା। ରାଉଣ୍ଡ ରବିନ ଓ ନକ୍‌ଆଉଟ୍ ପଦ୍ଧତିରେ ଖେଳାଯାଇଥିବା ଏହି ଟୁର୍ନାମେଣ୍ଟରେ ମୋଟ ୧୨ଟି ଦେଶ ଅଂଶଗ୍ରହଣ କରିଥିଲେ ଓ ଏଥିରେ ୩୭ଟି ମ୍ୟାଚ୍ ଖେଳାଯାଇଥିଲା। ଶ୍ରୀଲଙ୍କା ଓପନର ସନତ ଜୟସୁରିୟା ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ଭାରତର ସଚିନ୍ ତେନ୍ଦୁଲକର ସର୍ବାଧିକ ୫୨୩ ରନ ସଂଗ୍ରହ କରିଥିଲେ। ସେହିପରି ଭାରତୀୟ ତାରକା ସ୍ପିନର ଅନିଲ କୁମ୍ବଲେ ସର୍ବାଧିକ ୧୫ଟି ଉଇକେଟ ହାସଲ କରିଥିଲେ।

ଶ୍ରୀଲଙ୍କାରେ ସେତେବେଳେ ଚାଲିଥିବା ଏଲ୍‌ଟିଟିଇ ଆତଙ୍କବାଦୀଙ୍କ ଦ୍ୱାରା ଏକାଧିକ ବୋମା ବିସ୍ଫୋରଣ ହୋଇଥିଲା। ଯାହାଫଳରେ ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ୍ ଶ୍ରୀଲଙ୍କା ଗସ୍ତ କରି ମ୍ୟାଚ୍ ଖେଳିବାକୁ ମନା କରିଥିଲେ। ଏକାଧିକ ବାର ଆଲୋଚନା ପରେ ଆଇସିସି ଦୁଇଟି ମ୍ୟାଚ୍ ନ ଖେଳାହେବା ଯୋଗୁ ଶ୍ରୀଲଙ୍କାକୁ ପଏଣ୍ଟ ପ୍ରଦାନ କରିଥିଲା। ଯାହାଫଳରେ ଶ୍ରୀଲଙ୍କା ବିନା ମ୍ୟାଚ୍ ଖେଳିବାର ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଭାରତର ୧୭ଟି ଭେନ୍ୟୁରେ ୧୭ଟି ମ୍ୟାଚ୍ ଖେଳାଯାଇଥିଲା। ସେହିପରି ୬ଟି ଭେନ୍ୟୁରେ ୧୬ଟି ମ୍ୟାଚ୍ ଆୟୋଜନ କରିଥିଲା। ସେହିପରି ଶ୍ରୀଲଙ୍କା ୩ ଭେନ୍ୟୁରେ ୪ଟି ମ୍ୟାଚ୍ ଆୟୋଜନ କରିଥିଲା।

ଟୁର୍ନାମେଣ୍ଟରେ ଫୁଲ୍ ମେମ୍ବର ଭାବେ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ଇଂଲଣ୍ଡ, ପାକିସ୍ତାନ, ୱେଷ୍ଟଇଣ୍ଡିଜ୍, ଭାରତ, ଦକ୍ଷିଣ ଆଫ୍ରିକା ଓ ଜିମ୍ବାୱେ ବିଶ୍ୱକପ୍‌ରେ ସ୍ଥାନ ହାସଲ କରିଥିଲେ। ସେହିପରି ଆସୋସିଏଟ ମେମ୍ବର ଭାବେ କେନିୟା, ନେଦରଲାଣ୍ଡ୍ସ ଓ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ସ୍ଥାନ ହାସଲ କରିଥିଲେ। ୧୨ଟି ଦଳକୁ ଦୁଇଟି ଗ୍ରୁପ୍ ଏ' ଓ ବି'ରେ ବିଭକ୍ତ କରାଯାଇଥିଲା। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ୪ଟି ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଶ୍ରୀଲଙ୍କା ୫ଟି ମ୍ୟାଚ୍ ଖେଳି ୫ ବିଜୟ ସହ ୧୦, ଅଷ୍ଟ୍ରେଲିଆ ୫ ମ୍ୟାଚ୍ ଖେଳି ୩ ବିଜୟ ଓ ୨ ପରାଜୟ ସହ ୬, ଭାରତ ୫ ମ୍ୟାଚ୍ ଖେଳି ୩ ବିଜୟ ଓ ୨ ପରାଜୟ ସହ ୬ ଓ ୱେଷ୍ଟଇଣ୍ଡିଜ ୫ ମ୍ୟାଚ୍ ଖେଳି ୨ ବିଜୟ ଓ ୩ ପରାଜୟ ସହ ୪ ପଏଣ୍ଟ ପାଇ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନରେ ରହି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଅପରପକ୍ଷରେ ଗ୍ରୁପ୍ ବି'ରେ ଦକ୍ଷିଣ ଆଫ୍ରିକା ୫ ମ୍ୟାଚ୍ ଖେଳି ୫ ବିଜୟ ସହ ୧୦, ପାକିସ୍ତାନ ୫ ମ୍ୟାଚ୍ ଖେଳି ୪ ବିଜୟ ଓ ୧ ପରାଜୟ ସହ ୮, ନ୍ୟୁଜିଲାଣ୍ଡ ୫ ମ୍ୟାଚ୍ ଖେଳି ୩ ବିଜୟ ଓ ୨ ପରାଜୟ ସହ ୬ ଓ ଇଂଲଣ୍ଡ ୫ ମ୍ୟାଚ୍ ଖେଳି ୨ ବିଜୟ ଓ ୩ ପରାଜୟ ସହ ୪ ପଏଣ୍ଟ ପାଇ କ୍ୱାର୍ଟର ଫାଇନାଲକୁ ଉଠିଥିଲେ।



ଅର୍ଜୁନ ରଣତୁଙ୍ଗାଙ୍କ ହାତରେ ବିଶ୍ୱକପ୍।

ଏହାପରେ ଆରମ୍ଭ ହୋଇଥିଲା କ୍ୱାର୍ଟର ଫାଇନାଲ ତଥା ନକ୍‌ଆଉଟ ପର୍ଯ୍ୟାୟ। ଇଂଲଣ୍ଡକୁ ହରାଇ ଶ୍ରୀଲଙ୍କା, ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇ ଭାରତ, ଦକ୍ଷିଣ ଆଫ୍ରିକାକୁ ହରାଇ ୱେଷ୍ଟଇଣ୍ଡିଜ୍ ଓ ନ୍ୟୁଜିଲାଣ୍ଡକୁ ହରାଇ ଅଷ୍ଟ୍ରେଲିଆ ସେମିଫାଇନାଲରେ ପ୍ରବେଶ କରିଥିଲା। କୋଲକାତାର ଇଡେନ ଗାର୍ଡେନରେ ଅନୁଷ୍ଠିତ ପ୍ରଥମେ ସେମିଫାଇନାଲରେ ଭାରତର ବିପର୍ଯ୍ୟୟ ହୋଇଥିଲା। ଏଥିରେ ଭାରତକୁ ହରାଇ ଶ୍ରୀଲଙ୍କା ଫାଇନାଲରେ ପ୍ରବେଶ କରିଥିଲା। ଟସ୍ ହାରି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ହରାଇ ୨୫୧ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୩୪.୧ ଓଭରରେ ୮ ଉଇକେଟ ହରାଇ ୧୨୦ ରନ କରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ବେଳେ ଦର୍ଶକମାନେ ନିରାଶ ହୋଇ ଉନ୍ମତ୍ତ କାଣ୍ଡ ଘଟାଇଥିଲେ। ପଡିଆ ଭିତରକୁ ଫଳ, ପ୍ଲାଷ୍ଟିକ ବୋତଲ ଦର୍ଶକମାନେ ଫୋପାଡି ଥିଲେ। ଖେଳାଳିମାନେ ୨୦ ମିନିଟ ପଡିଆ ବାହାରକୁ ଯାଇଥିଲେ ଓ ପୁଣି ଖେଳ ଆରମ୍ଭ ହୋଇଥିଲା। ଏହାପରେ ଦର୍ଶକମାନେ ପଡିଆକୁ ଅଧିକ ପାଣି ବୋତଲ ଫୋପାଡି ଥିଲେ ଓ ଷ୍ଟାଣ୍ଡରେ ନିଆଁ ଲଗାଇଥିଲେ। ଫଳରେ ମ୍ୟାଚ୍ ରେଫରି କ୍ଲାଇଭ ଲଏଡ ଶ୍ରୀଲଙ୍କାକୁ ବିଜୟୀ ଘୋଷିତ କରିଥିଲେ। ଆଇସିସି ଟୁର୍ନାମେଣ୍ଟ କିମ୍ବା ଟେଷ୍ଟରେ ପ୍ରଥମଥର ପାଇଁ ଏଭଳି ଅଭାବନୀୟ ଘଟଣା ପାଇଁ କୌଣସି ଦଳକୁ ବିଜୟୀ ଘୋଷିତ କରାଯାଇଥିଲା।

ସେହିପରି ମୋହାଲିରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଅଷ୍ଟ୍ରେଲିଆ ୱେଷ୍ଟଇଣ୍ଡିଜକୁ ହରାଇ ଫାଇନାଲକୁ ଉଠିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୧୫ ରନରେ ୪ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥଲେ ମଧ୍ୟ ଶେଷରେ ୮ ଉଇକେଟ ହରାଇ ୨୦୭ ରନ ସଂଗ୍ରହ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ୪୯.୩ ଓଭରରେ ମାତ୍ର ୨୦୨ ରନ କରି ଅଲଆଉଟ ହେବା ସହ ପରାସ୍ତ ହୋଇଥିଲା ଓ ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରିଥିଲା।

ଫାଇନାଲରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ୭ ଉଇକେଟ ହରାଇ ୨୪୧ ରନ ସଂଗ୍ରହ କରିଥିଲା। ଜବାବରେ ଶ୍ରୀଲଙ୍କା ଅରବିନ୍ଦ ଡି ସଲଭାଙ୍କ ଅପରାଜିତ ୧୦୭ ରନର ଶତକୀୟ ପାଳି ଓ ଅସାଙ୍କ ଗୁରୁସିହ୍ନାଙ୍କ ୬୫ ଓ ଅଧିନାୟକ ଅର୍ଜୁନ ରଣତୁଙ୍ଗାଙ୍କ ଅପରାଜିତ ୪୭ ରନ ବଳରେ ୪୬.୨ ଓଭରରେ ୩ ଉଇକେଟ ହରାଇ ୨୪୫ ରନ କରି ବିଜୟ ହାସଲ କରିଥିଲା। ଡି ସିଲଭା ପ୍ଲେୟାର ଅଫ୍ ଦି ଫାଇନାଲ ବିବେଚିତ ହୋଇଥିଲେ। ଏଥିସହିତ ପ୍ରଥମଥର ପାଇଁ କୌଣସି ଆୟୋଜକ ବା ସହ ଆୟୋଜକ ବିଶ୍ୱକପ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ଶ୍ରୀଲଙ୍କା ମଧ୍ୟ ପ୍ରଥମଥର ପାଇଁ ବିଶ୍ୱକପ୍ ଟାଇଟଲ ହାସଲ କରିଥିଲା।

ଧରିତ୍ରୀ
DHARITRI
ଶନିବାର, ୧୮ ମେ, ୨୦୧୯



> କ୍ରିକେଟରେ ମାନସିକ ସ୍ତରକୁ କିଭଳି ରଖିବାକୁ ହୁଏ ତାହା ରିକି ପଣ୍ଟିଂ ଓ ସୌରଭ ଗାଙ୍ଗୁଲିଙ୍କ ଭଳି କିମ୍ବଦନ୍ତୀଙ୍କଠାରୁ ଶିଖିବାକୁ ମିଳିଥାଏ ।
> –ପୃଥ୍ୱୀ ଶ', ଯୁବ କ୍ରିକେଟର



> ଟିମ୍ ମ୍ୟାନେଜମେଣ୍ଟ ମହେନ୍ଦ୍ର ସିଂ ଧୋନୀଙ୍କୁ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିବା ଲାଗି ଅନୁମତି ଦେବା ଉଚିତ୍ ।
> –ହରଭଜନ ସିଂ, ସିନିୟର ଅଫ୍‌ସ୍ପିନର



## ସଂକ୍ଷେପରେ

### କ୍ୱାର୍ଟରଫାଇନାଲରୁ ଓହରିଲେ ଫେଡରର



ରୋମ୍, ୧୭।୫ (ଏ.ଏଫ୍.ପି.)-ଡାହାଣ ଗୋଡ଼ରେ ଆଘାତପ୍ରାପ୍ତ ଯୋଗୁ ବିଶ୍ୱର ୩ ନମ୍ବର ଖେଳାଳି ରୋଜର ଫେଡରର ଏଠାରେ ଚାଲିଥିବା ଇଟାଲିଆନ ଓପନ ଟେନିସ ଟୁର୍ନାମେଣ୍ଟ କ୍ୱାର୍ଟରଫାଇନାଲ ମ୍ୟାଚରୁ ଓହରିଯାଇଛନ୍ତି। ଏଠାରେ ୪ଥର ଫାଇନାଲିଷ୍ଟ ସେମିଫାଇନାଲରେ ପ୍ରବେଶ ପାଇଁ ୮ମ ସିଡ୍ ଗ୍ରୀକ୍ ଖେଳାଳି ଷ୍ଟିଫାନସ ଡିସିତ୍‌ପାସଙ୍କୁ ଭେଟିଥାନ୍ତେ। ସୁଇଜରଲାଣ୍ଡର ଏହି ୨୦ଥର ଗ୍ରାଣ୍ଡସ୍ଲାମ ବିଜେତା ୨୦୧୫ପରେ ପ୍ରଥମ ଥର ଫ୍ରେଞ୍ଚ ଓପନକୁ ପ୍ରତ୍ୟାବର୍ତ୍ତନ ଲାଗି ପ୍ରସ୍ତୁତିର ଅଂଶବିଶେଷ ଇଟାଲିଆନ ଓପନ ଖେଳୁଥିଲେ। ଫେଡରର କହିଛନ୍ତି, ମୁଁ ଶତପ୍ରତିଶତ ଫିଟ୍ ଅନୁଭବ କରୁ ନ ଥିବାରୁ ଦୁଃଖର ସହିତ ମ୍ୟାଚରୁ ଓହରିଯିବା ଲାଗି ନିଷ୍ପତ୍ତି ନେଇଥିଲି। ରୋମ୍ ମୋର ଅନ୍ୟତମ ପସନ୍ଦ ସହର। ଆସନ୍ତା ବର୍ଷ ମୁଁ ଏହି ଟୁର୍ନାମେଣ୍ଟ ଖେଳିବା ଲାଗି ପୁଣି ଆସିବି।

### ବିସିସିଆଇ ପଦାଧିକାରୀଙ୍କ ମାଳଦ୍ୱୀପ ଗସ୍ତ

ନୂଆଦିଲ୍ଲୀ,୧୭।୫(ପିଟି)- ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କ୍ରିକେଟ ଅପରେଶନ୍ସର ସାଧାରଣ ସମ୍ପାଦକ ସବା କରିମ ଓ ଭାରତ ଏ' ଦଳର ଫିଲ୍ଡିଂ କୋଚ୍ ଅଭୟ ଶର୍ମା ଚଳିତ ମାସର ପରବର୍ତ୍ତୀ ଭାଗରେ ମାଳଦ୍ୱୀପ ଗସ୍ତ କରିବେ। ମାଳଦ୍ୱୀପ ରାଷ୍ଟ୍ରପତି ଇବ୍ରାହିମ ମହମ୍ମଦ ସୋଲି ଗତ ମାସରେ ଆଇପିଏଲ ଦେଖିବାକୁ ବେଙ୍ଗାଲୁରୁ ଆସିଥିଲେ। ଏଣୁ ଦୁଇ ଦେଶ ମଧ୍ୟରେ କ୍ରିକେଟ ସମ୍ପର୍କ ବୃଦ୍ଧି କରିବା ଲାଗି ବିସିସିଆଇ ଦକ୍ଷିଣ ଏସୀୟ ଦେଶକୁ ଏକ ଦଳ ପଠାଇବାକୁ ଯୋଜନା କରିଛି। କେନ୍ଦ୍ର ସରକାର ବିସିସିଆଇ ପଦାଧିକାରୀଙ୍କ ଗସ୍ତ ଲାଗି ସମସ୍ତ ପ୍ରକାର ବ୍ୟବସ୍ଥା କରିଛି। ଅନ୍ୟ ଦେଶରେ କ୍ରିକେଟର ଉନ୍ନତି ଲାଗି ବିସିସିଆଇ ସହାୟତାର ହାତ ବଢ଼ାଇବା କିଛି ନୂଆ କଥା ନୁହେଁ। ପୂର୍ବରୁ ଆଫଗାନିସ୍ତାନ ଓ ନେପାଳ ଭଳି ଦେଶକୁ ସହାୟତା କରିଆସିଛି। ଆଫଗାନିସ୍ତାନ ଏବେ ଏକ ପ୍ରତିଷ୍ଠିତ କ୍ରିକେଟ ଦେଶ ହୋଇସାରିଛି। ସେମାନଙ୍କୁ ଡେରାଡୁନଠାରେ ଏକ ଘରୋଇ ଗ୍ରାଉଣ୍ଡ ମଧ୍ୟ ଦିଆଯାଇଛି। ମାଳଦ୍ୱୀପ କ୍ରିକେଟକୁ ସହାୟତା କରିବା ଲାଗି ସରକାର ପ୍ରସ୍ତାବ ଦେଇଥିଲେ। ଆମେ ଏଥିରେ ଖୁସି। ବିସିସିଆଇ ଅଫିସିଆଲ ଗସ୍ତ କରି କେଉଁଭଳି ତାଙ୍କ କ୍ରିକେଟର ଉନ୍ନତିରେ ଯୋଗଦାନ କରାଯାଇ ପାରିବ ତାହା ପରଖିବେ ବୋଲି ବିସିସିଆଇ ଅଫିସିଆଲ କହିଛନ୍ତି। ଉଲ୍ଲେଖଥାଉ କି, ଆଇପିଏଲ ମ୍ୟାଚ୍ ଅବସରରେ ଭାରତୀୟ କ୍ରିକେଟ ଆଇକନ ବିରାଟ କୋହଲି ଓ ମହେନ୍ଦ୍ର ସିଂ ଧୋନୀ ଦଳୀୟ ଜର୍ସି ପ୍ରଦାନ କରିଥିଲେ।

# ପରାଜୟ ସହ ଭାରତର ଅଭିଯାନ ଶେଷ

**ଅଷ୍ଟ୍ରେଲିଆ ଟୁର୍**

ପର୍ଥ, ୧୭।୫

ଅଷ୍ଟ୍ରେଲିଆ ଟୁର୍‌ରେ ପ୍ରାରମ୍ଭିକ ସଫଳତା ହାସଲ କରିଥିବା ଭାରତୀୟ ହକି ଦଳ ପରାଜୟ ସହ ଏହାର ଅଭିଯାନ ଶେଷ କରିଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଦଳ ୨–୫ ଗୋଲରେ ବିଶ୍ୱର ୨ ନମ୍ବର ଦଳ ଅଷ୍ଟ୍ରେଲିଆଠାରୁ ହାରିଯାଇଛି। ବିଜୟୀ ଦଳ ପକ୍ଷରୁ ଟ୍ରେଣ୍ଟ ମିଟନ ୧୧ ଓ ୨୪ ମିନିଟରେ ୨ଟି ଏବଂ ଫ୍ଲାଏନ୍ ଓଗିଲ୍‌ଭ ୩ୟ, ବ୍ଲାକ୍ ଗୋଭର୍ସ ୨୮ତମ ଓ ଟିମ୍ ବ୍ରାଣ୍ଡ ୪୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଭାରତ ପକ୍ଷରୁ ନିଳକାନ୍ତ ଶର୍ମା ୧୨ ଓ ରୂପିନ୍ଦରପାଲ ସିଂ ୫୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ।

ପ୍ରଥମ ମିନିଟରେ ହିଁ ଭାରତ ପାଇଁ ଅଗ୍ରଣୀ ସୁଯୋଗ ସୃଷ୍ଟି ହୋଇଥିଲା। ମାତ୍ର ଇଡି ଓକେନଡେନ ଏହାକୁ କ୍ଲିୟର କରି ଦେଇଥିଲେ। ସଙ୍ଗେସଙ୍ଗେ ଅଷ୍ଟ୍ରେଲିଆ ପ୍ରତିଆକ୍ରମଣ କରିଥିଲେ ହେଁ ଭାରତୀୟ ଗୋଲକିପର କ୍ରିଷ୍ଣନ ପାଠକ ଚମତ୍କାର ସେଭ୍ କରିଥିଲେ। ମାତ୍ର ଏହାର କିଛି ସେକେଣ୍ଡ ପରେ ଅର୍ଥାତ୍ ୩ୟ ମିନିଟରେ ଓଗିଲ୍‌ଭ ଗୋଲ ଦେଇ ଅଷ୍ଟ୍ରେଲିଆକୁ ଅଗ୍ରଣୀ କରାଇଥିଲେ। ୮ମ ମିନିଟରେ ଭାରତ ପାଇଁ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରଥିଲେ ମନଦୀପ ସିଂ। ମାତ୍ର ନିଳକାନ୍ତ ଶର୍ମା ବଲ୍‌କୁ ଠିକ୍‌ଭାବେ ଟ୍ରାପ୍ କରିପାରି ନ ଥିଲେ। ୧୦ମ ମିନିଟରେ ଅଷ୍ଟ୍ରେଲିଆ ପାଇଥିବା ପେନାଲ୍ଟି କର୍ନରକୁ ଭାରତୀୟ ଡିଫେଣ୍ଡରମାନେ ସଫଳତାର ସହ ପ୍ରତିହତ କରିଥିଲେ। ମାତ୍ର ଏହାର ୧ ମିନିଟ ପରେ ଗୁରିନ୍ଦର ସିଂଙ୍କ ତ୍ରୁଟିରୁ ଫାଇଦା ଉଠାଇ ଟ୍ରେଣ୍ଟ ମିଟନ ଗୋଲ ଦେବାସହ ଅଷ୍ଟ୍ରେଲିଆର ଅଗ୍ରଣୀ ବ୍ୟବଧାନକୁ ୨–୦ରେ ପହଞ୍ଚାଇ ଦେଇଥିଲେ। ତେବେ ଏହାପରେ ପ୍ରତିଆକ୍ରମଣ କରି ଭାରତ ସଫଳ ହୋଇଥିଲା। ୧୨ତମ ମିନିଟରେ ଗୁରସାହିବଜିତ ସିଂ ସର୍କଲ ଭିତରକୁ ଦେଇଥିବା ପାସ୍‌କୁ ନିଳକାନ୍ତ ଗୋଲରେ ପରିଣତ କରି ଭାରତ ପାଇଁ ଆଶା ସଞ୍ଚାର କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ମୁକାବିଲା ଜୋରଦାର ହୋଇଥିଲା। ୧୯ତମ ମିନିଟରେ ମନଦୀପ ସିଂ ମାରିଥିବ ଶଟ୍ ଗୋଲପୋଷ୍ଟ ବାର୍ ଉପରେ ଚାଲି ଯାଇଥିଲା। ୨୩ତମ ମିନିଟରେ ବିବେକ ସାଗର ପ୍ରସାଦ ସର୍କଲ ଭିତରକୁ ପାସ୍ ଦେଇଥିଲେ ହେଁ ମନଦୀପ ତାକୁ ଠିକ୍‌ଭାବେ ନିୟନ୍ତ୍ରଣକୁ ଆଣିପାରି ନ ଥିଲେ। ଅନ୍ୟପକ୍ଷରେ ୨୪ତମ ମିନିଟରେ ଜୋଶୁଆ ସାଇମଣ୍ଡ୍ସଙ୍କଠାରୁ ପାଇଥିବା ପାସ୍‌କୁ ଗୋଲରେ ପରିଣତ କରି ମିଟନ ଅଷ୍ଟ୍ରେଲିଆର ଅଗ୍ରଣୀକୁ ୩–୧ରେ ପହଞ୍ଚାଇ ଦେଇଥିଲେ। ୨୮ତମ ମିନିଟରେ ଗୁରିନ୍ଦର ସିଂ ପ୍ରତିପକ୍ଷ ଖେଳାଳିଙ୍କୁ ଟାଣି ଧରିବାରୁ ଫାଉଲ୍ ହୋଇଥିଲା ଏବଂ ଅଷ୍ଟ୍ରେଲିଆକୁ ପେନାଲ୍ଟି କର୍ନର ମିଳିଥିଲା। ବ୍ଲାକ୍ ଗୋଭର୍ସଙ୍କ ତୀବ୍ର ଶଟ୍ ଭାରତୀୟ ଗୋଲକିପର ପି.ଆର. ଶ୍ରୀଜେଶଙ୍କୁ ଚକ୍‌ମା ଦେଇଥିଲା। ଫଳରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଅଷ୍ଟ୍ରେଲିଆ ୪–୧ ଗୋଲରେ ଆଗୁଆ ହୋଇ ଯାଇଥିଲା।

ତୃତୀୟ କ୍ୱାର୍ଟରରେ ବଲ୍ ଅଧିକାଂଶ ସମୟ ଅଷ୍ଟ୍ରେଲିଆ ନିୟନ୍ତ୍ରଣରେ ରହିଥିଲା। ୪୦ତମ ମିନିଟରେ ଗୋଭର୍ସ ଭାରତୀୟ ଡିଫେଣ୍ଡରଙ୍କୁ ଅତିକ୍ରମ କରିଥିଲେ ହେଁ ଟାର୍ଗେଟ୍ ମିସ୍ କରିଥିଲେ। ୪୩ତମ ମିନିଟରେ ଅର୍ମାନ କୁରେଶି ଭାରତ ପାଇଁ ଦ୍ୱିତୀୟ ଗୋଲ ଦେବା ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର ଜୋହାନ ଡୁର୍ଷ୍ଟ ଚମତ୍କାର ସେଭ୍ କରି କୁରେଶିଙ୍କୁ ନିରାଶ କରିଥିଲେ। ମାତ୍ର ଏହାର କିଛି ସେକେଣ୍ଡ ପରେ ଅର୍ଥାତ୍ ସେହି ୪୩ତମ ମିନିଟରେ ଟିମ୍ ବ୍ରାଣ୍ଡ ଗୋଲ ଦେଇ ଅଷ୍ଟ୍ରେଲିଆକୁ ୫–୧ ଗୋଲରେ ଅଗ୍ରଣୀ କରାଇଥିଲେ। ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିବା ଭାରତ ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଭଲ ଖେଳିଥିଲା। ଦଳ ପକ୍ଷରୁ ଏକାଧିକ ସୁଯୋଗ ସୃଷ୍ଟି କରାଯାଇଥିଲେ ହେଁ ଅଷ୍ଟ୍ରେଲିଆ ଡିଫେଣ୍ଡରମାନେ ପ୍ରତିବନ୍ଧକ ସାଜିଥିଲେ। ୫୩ତମ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ରୂପିନ୍ଦରପାଲ ସିଂ ଏହାକୁ ଗୋଲରେ ପରିଣତ କରିଥିଲେ। ଅବଶିଷ୍ଟ ସମୟ ଖେଳ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ଗୋଲ ହୋଇପାରି ନ ଥିଲା।




ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

### ବିଦେଶ ଲିଗ୍‌ରେ ଖେଳିପାରନ୍ତି ଇର୍ଫାନ

ନୂଆଦିଲ୍ଲୀ,୧୭।୫

କାରବିୟାନ ପ୍ରିମିୟର ଲିଗ୍ (ସିପିଏଲ) ଖେଳାଳିଙ୍କ ନିଲାମ ପ୍ରକ୍ରିୟାରେ ସ୍ଥାନ ପାଇଛନ୍ତି ଭାରତୀୟ ଅଲରାଉଣ୍ଡର ଇର୍ଫାନ ପଠାନ। ସିପିଏଲର ଆଗାମୀ ସଂସ୍କରଣ ଲାଗି ଚଳିତ ମାସ ୨୨ ତାରିଖରେ ଲଣ୍ଡନଠାରେ ଖେଳାଳିଙ୍କ ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହେବ। ତାଙ୍କୁ କୌଣସି ଫ୍ରାଞ୍ଚାଇଜ ଦଳରେ ନେଲେ ସେ ପ୍ରଥମ ପୁରୁଷ ଭାରତୀୟ ଖେଳାଳି ଭାବେ ବିଦେଶ ଲିଗ୍‌ରେ ଖେଳିବେ। ତେବେ ତାଙ୍କୁ ବିସିସିଆଇଠାରୁ ଏନ୍‌ଓସି ଦରକାର ପଡ଼ିବ। ବିଦେଶ ଲିଗ୍‌ରେ ଭାରତୀୟ ଖେଳାଳିଙ୍କ ଅଂଶଗ୍ରହଣକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ସର୍ବଦା ମନା କରିଆସିଛି। ଏଣୁ ପଠାନଙ୍କୁ ଏନ୍‌ସିଓ ମିଳିବାର ଖୁବ କମ୍ ସମ୍ଭାବନା ରହିଛି। ୩୪ ବର୍ଷୀୟ ଅଲରାଉଣ୍ଡର ଗତ ଦୁଇ ବର୍ଷ ହେଲା ଆଇପିଏଲ ଖେଳୁ ନାହାନ୍ତି। ସେ ଅନ୍ତିମ ଥର ୨୦୧୭ରେ ଗୁଜରାଟ ଲାୟନ୍ସ ପାଇଁ ଖେଳିଥିଲେ। ଏହି ଭେଟେରାନ ଖେଳାଳି ସୟଦ ମୁସ୍ତାକ ଅଲି ଟୁର୍ନାମେଣ୍ଟରେ ଜମ୍ମୁ କଶ୍ମୀର ପାଇଁ ପ୍ରତିନିଧିତ୍ୱ କରିଥିଲେ । ସେ ପ୍ରଥମ ଭାରତୀୟ ଭାବେ ବିଦେଶୀ ଖେଳାଳିଙ୍କ ଡ୍ରାଫ୍ଟରେ ସ୍ଥାନ ପାଇଛନ୍ତି।

# ହକି ଗାଙ୍ଗପୁର ବିଜୟୀ



ହକି ଗାଙ୍ଗପୁର ଓ ରାଜସ୍ଥାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଜାତୀୟ ସବ୍‌ଜୁନିୟର ହକି**

ଭୁବନେଶ୍ୱର, ୧୭।୫(କ୍ରୀଡ଼ା ପ୍ରତିନିଧି)

ଛତିଶଗଡ଼ର ରାୟପୁରରେ ଚାଲିଥିବା ୯ମ ଜାତୀୟ ସବ୍‌ଜୁନିୟର ହକି(ଡିଭିଜନ–ଏ) ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ହକି ଗାଙ୍ଗପୁର ଓଡ଼ିଶା ୪–୨ ଗୋଲରେ ରାଜସ୍ଥାନକୁ ପରାସ୍ତ କରିଛି। ପୁଲ୍ 'ଡି' ମ୍ୟାଚରେ ହକି ଗାଙ୍ଗପୁର ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ୯ମ ମିନିଟରେ ରବି ବାରା ଗୋଲ ଦେଇ ଗାଙ୍ଗପୁରକୁ ଅଗ୍ରଣୀ କରାଇଥିବାବେଳେ ରାଜସ୍ଥାନର ସନ୍ଦୀପ ଯାଦବ ୧୩ତମ ମିନିଟରେ ଏହାକୁ ପରିଶୋଧ କରି ମ୍ୟାଚକୁ ୧–୧ ସ୍ଥିତିକୁ ନେଇ ଆସିଥିଲେ। ପରେ ଅଧିନାୟକ ରଞ୍ଜିତ ଲାକ୍ରା ୩୦ ଓ ରୋଶନଜିତ ମିଞ୍ଜ ୩୬ତମ ମିନିଟରେ ଗୋଲ ଦେଇ ଗାଙ୍ଗପୁରର ଅଗ୍ରଣୀ ବ୍ୟବଧାନକୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ୩–୧ରେ ପହଞ୍ଚାଇଥିଲେ। ରାଜସ୍ଥାନର ପ୍ରଦୀପ ସିଂ ନାଥାୱତ ୪୬ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିବାବେଳେ ହକି ଗାଙ୍ଗପୁରର ସୁମିତ ବାର୍ଲା ୪୮ତମ ମିନିଟରେ ଗୋଟିଏ ଗୋଲ ଦେଇ ଦଳର ସ୍ଥିତିକୁ ମଜଭୁତ କରିଥିଲେ। ଏହାପରେ ଆଉ ଗୋଲ ହୋଇ ନ ଥିଲା। ଏହି ପୁଲ୍‌ର ଅନ୍ୟ ଏକ ମ୍ୟାଚରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) ୯–୦ ଗୋଲରେ ହକି ମଣିପୁରକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଅରୁଣ ସାହାଣୀ ୬, ୨୮ ଓ ୪୧ ଏବଂ ମହମ୍ମଦ ଜାଇଦ ଖାଁ ୭, ୧୫ ଓ ୫୯ତମ ମିନିଟରେ ୩ଟି ଲେଖାଏ ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ଦୀପକ ମିଞ୍ଜ ୩ ଓ ୨୬ତମ ମିନିଟରେ ୨ଟି ଏବଂ ସୁରେଶ ମାହାତୋ ୩୫ତମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ।

### ବିଶ୍ୱକପ୍‌ରେ ଦଳୀୟ ସ୍କୋର ୫୦୦ ଛୁଇଁବାର ଆଶା

ଲଣ୍ଡନ,୧୭।୫

ଗତ ବିଶ୍ୱକପ୍ ପରଠାରୁ ଦୁଇ ଥର ଦିନିକିଆ ଦଳଗତ ସ୍କୋର ରେକର୍ଡ ଭାଙ୍ଗି ସାରଛି। ଏବେ ଇଂଲଣ୍ଡ ଦଳ ନାମରେ ସର୍ବାଧିକ ଦଳଗତ ସ୍କୋର କରିବାର ରେକର୍ଡ ରହିଛି। ଗତ ବର୍ଷ ଜୁନ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ଇଂଲଣ୍ଡ ୬ ଉଇକେଟ ହରାଇ ୪୮୧ ରନ୍ କରିଥିଲା। ପୂର୍ବରୁ ପାକିସ୍ତାନ ବିପକ୍ଷରେ ଇଂଲଣ୍ଡ ୩ ଉଇକେଟ ହରାଇ ୪୪୪ ରନ୍ କରିଥିଲା। ଉଭୟ ମ୍ୟାଚ୍‌ରେ ଇଂଲଣ୍ଡ ଆୟୋଜକ ଥିଲା। ଦୁଇ ମ୍ୟାଚ୍ ଯଥାକ୍ରମେ ନଟିଂହାମ ଓ ଟ୍ରେଣ୍ଟ ବ୍ରିଜରେ ଖେଳାଯାଇଥିଲା। ହାଇ ସ୍କୋରିଂ ଗ୍ରାଉଣ୍ଡ ନଟିହାମରେ ଭାରତ–ନ୍ୟୁଜିଲାଣ୍ଡ ମ୍ୟାଚ୍ ସମେତ ୫ଟି ମ୍ୟାଚ୍ ଖେଳାଯିବାର ଅଛି। ଏଣୁ ଦଳୀୟ ସ୍କୋର ୫୦୦ ଛୁଇଁବାର ସମ୍ଭାବନା ରହିଛି। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ବିଶ୍ୱକପ୍ ଲାଗି ନୂଆ ସ୍କୋରକାର୍ଡ ଛପାଇବାକୁ ନିର୍ଦ୍ଦେଶ ଦେଇଛି। ଏହି ସ୍କୋର କାର୍ଡକୁ ପ୍ରଶଂସକ କିଣିବେ। ପୂର୍ବରୁ ବିଶ୍ୱକପ୍‌ରେ ଦଳୀୟ ସ୍କୋର ୪୦୦ ସ୍କୋର କାର୍ଡ କରାଯାଉଥିଲା। କିନ୍ତୁ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଷ୍ଟିଭ ଇଲୱର୍ଥି ସ୍କୋରକାର୍ଡ ପୁନଃ ପ୍ରସ୍ତୁତ କରାଯିବା ଦରକାର ଏକ ବୈଠକରେ ଅନୁଭବ କରିଥିଲେ। ଏଥିରେ ଇସିବି ମୁଖ୍ୟ କାର୍ଯ୍ୟକାରୀ ଟମ୍ ହାରିସନ ମଧ୍ୟ ବିଶ୍ୱାସ ଦେଖାଇଛନ୍ତି। ଆମକୁ ପୁଣି ଥରେ ସ୍କୋର କାର୍ଡ ପ୍ରିଣ୍ଟ କରିବାକୁ ପଡ଼ିବ। କାରଣ ଏହି ଟୁର୍ନାମେଣ୍ଟରେ ଦଳୀୟ ସ୍କୋର ୫୦୦ ଛୁଇଁପାରେ ବୋଲି ହାରିସନ କହିଛନ୍ତି।

# ପୂର୍ବାଞ୍ଚଳ ଶିବିରରେ ଓଡ଼ିଶାର ୪



ବିଶ୍ୱଜିତ ପାତ୍ର



ଆଶୁତୋଷ ଛୁରିଆ



ରମେଶ ମେଲକା



ଶ୍ରେଷ୍ଠ ସିଂ

କଟକ ଅଫିସ,୧୭।୫

୧୬ବର୍ଷରୁ କମ୍ ବାଳକ ପୂର୍ବାଞ୍ଚଳ କ୍ରିକେଟ ଶିବିରରେ ଓଡ଼ିଶାର ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି । ଏମାନେ ହେଲେ ବିଶ୍ୱଜିତ ପାତ୍ର, ଆଶୁତୋଷ ଛୁରିଆ, ରମେଶ ମେଲକା ଓ ଶ୍ରେଷ୍ଠ ସିଂ । ତେବେ ଶିବିର କେଉଁ ତାରିଖରେ ଓ କେଉଁ ସ୍ଥାନରେ ହେବ ତାହା ନିର୍ଦ୍ଧାରଣ କରାଯାଇ ନାହିଁ । ରାଞ୍ଚିରେ ଶୁକ୍ରବାର ଏହି ଶିବିର ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଜୁନିୟର ଚୟନକର୍ତ୍ତା କମିଟି ଅଧ୍ୟକ୍ଷ ଦୀପକ ମଙ୍ଗରାଜ ଉପସ୍ଥିତ ଥିଲେ। ଓସିଏ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଧୀରେନ ପଲାଇ ଉକ୍ତ ୪ଜଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଅଲଖାପୁର ଏଫ୍‌ସିକୁ ହରାଇଲା ରାଇଜିଂ ଷ୍ଟୁଡେଣ୍ଟ

କଟକ ଅଫିସ,୧୭।୫

ପଞ୍ଜାବର ଲୁଧିଆନା ସ୍ଥିତ ଗୁରୁନାନକ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ଭାରତୀୟ ମହିଳା ଫୁଟବଲ ଲିଗ୍‌ରେ ଓଡ଼ିଶାର ରାଇଜିଂ ଷ୍ଟୁଡେଣ୍ଟ ଦଳ ପ୍ରଥମ ବିଜୟ ହାସଲ କରିଛି । ଦଳ ହରିୟାଣାର ଅଲଖାପୁର ଏଫ୍‌ସିକୁ ୨–୧ ଗୋଲରେ ପରାସ୍ତ କରିଛି । ୮ମ ମିନିଟରେ ଶିବାନୀ ଶର୍ମା ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ । ଅଲଖାପୁର ପକ୍ଷରୁ ରବିନା ୨୮ତମ ମିନିଟରେ ଏକ ଗୋଲ ଦେବା ଫଳରେ ସ୍କୋର ସମାନ ସ୍ଥିତିରେ ପହଞ୍ଚିଥିଲା । ପରେ ୩୦ତମ ମିନିଟରେ ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ଅନ୍ୟ ଏକ ଗୋଲ ହୋଇଥିଲା । ଆଶ୍ରିତା କାଙ୍ଗାଡି ଏହି ଗୋଲ ଦେଇଥିଲେ । ଫଳରେ ରାଇଜିଂ ଦଳ ଟୁର୍ନାମେଣ୍ଟର ପ୍ରଥମ ବିଜୟ ସ୍ୱାଦ ଚାଖିଛି ।

# ୫ କ୍ଲବକୁ ୧୦ ଲକ୍ଷ ଲେଖାଏଁ ଜରିମାନା

ନୂଆଦିଲ୍ଲୀ, ୧୭।୫ (ପି.ଟି.)

ଗତ ମାର୍ଚ୍ଚ–ଏପ୍ରିଲରେ ଖେଳାଯାଇଥିବା ସୁପର କପ୍‌ରୁ ଓହରିଯାଇଥିବାରୁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର ଶୃଙ୍ଖଳା କମିଟି ୫ଟି ଆଇ–ଲିଗ୍ କ୍ଲବକୁ ୧୦ ଲକ୍ଷ ଲେଖାଏ ଏବଂ ଇଷ୍ଟବେଙ୍ଗଲକୁ ୫ ଲକ୍ଷ ଟଙ୍କା ଜରିମାନା କରିଛି। ଦଣ୍ଡିତ ହୋଇଥିବା ୫ଟି କ୍ଲବ ହେଲେ ପୂର୍ବତନ ଚାମ୍ପିୟନ ଆଇଜଲ ଏଫ୍‌ସି ଓ ମିନର୍ଭା ପଞ୍ଜାବ ଏଫ୍‌ସି ଏବଂ ଚର୍ଚ୍ଚିଲ ବ୍ରଦର୍ସ, ଗୋକୁଲମ୍ ଏଫ୍‌ସି, ନେରୋକା ଏଫ୍‌ସି। କମିଟି କିନ୍ତୁ ମୋହନ ବାଗାନ ବିରୋଧରେ କୌଣସି ନିଷ୍ପତ୍ତି ନ ନେଇ ମାମଲାର ବିଚାର ପାଇଁ ଆର୍ବିଟ୍ରେଶନ ନିକଟକୁ ପଠାଇ ଦେଇଛି। କାରଣ କୋଲକାତାର ଏହି ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ସ୍ୱାକ୍ଷରିତ କରି ନ ଥିଲା। ସୁପର କପ୍ ହେଉଛି ଏକ ପ୍ରିମିୟର ନକ୍‌ଆଉଟ୍ କ୍ଲବ ଟୁର୍ନାମେଣ୍ଟ। ଆଇ–ଲିଗ୍ ଏବଂ ଆଇଏସ୍‌ଏଲ୍ ଟିମ୍‌ଗୁଡ଼ିକୁ ନେଇ ଏହା ଆୟୋଜିତ ହୋଇଥାଏ। ମାତ୍ର ୭ଟି କ୍ଲବ ଯଥା ମିନର୍ଭା ପଞ୍ଜାବ ଏଫ୍‌ସି, ଇଷ୍ଟବେଙ୍ଗଲ, ମୋହନ ବାଗାନ, ଚର୍ଚ୍ଚିଲ ବ୍ରଦର୍ସ, ନେରୋକା ଏଫ୍‌ସି, ଗୋକୁଲମ କେରଳ ଏଫ୍‌ସି ଏବଂ ଆଇଜଲ ଏଫ୍‌ସି ଏଥର ଓହରିଯିବା ଦ୍ୱାରା ପ୍ରତିଯୋଗିତା ଚମକ ହରାଇଥିଲା। ଆଇଜଲ ଏଫ୍‌ସି, ଚର୍ଚ୍ଚିଲ ବ୍ରଦର୍ସ, ଗୋକୁଲମ କେରଳ ଏଫ୍‌ସି, ମିନର୍ଭା ପଞ୍ଜାବ ଏଫ୍‌ସି ଏବଂ ନେରୋକା ଉପରେ କମିଟି ଯେଉଁ ୧୦ ଲକ୍ଷ ଟଙ୍କା ଲେଖାଏ ଜରିମାନା କରାଯାଇଛି ଦେଶରେ ଯୁବ ଫୁଟ୍‌ବଲର ପ୍ରସାର ଏବଂ ତୃଣମୂଳ ସ୍ତରରେ ଖେଳର ବିକାଶ କ୍ଷେତ୍ରରେ ବ୍ୟୟ କରାଯିବ ବୋଲି ୬ ପୃଷ୍ଠା ସମ୍ବଳିତ ରାୟରେ କମିଟି ପ୍ରକାଶ କରିଛି। କୌଣସି କ୍ଲବ ଯଦି ଜରିମାନା ପ୍ରଦାନରେ ଅବହେଳା କରେ ତେବେ ପରବର୍ତ୍ତୀ ସଂସ୍କରଣରେ ପ୍ରତିଯୋଗିତାରେ ଅଂଶଗ୍ରହଣରୁ ବଞ୍ଚିତ ହେବ। ଅନ୍ୟପକ୍ଷରେ କମିଟି ହୃଦୟଙ୍ଗମ କରିଥିଲା ଯେ, ପ୍ରତିଯୋଗିତାରେ ଅଂଶଗ୍ରହଣ ଲାଗି ଇଷ୍ଟବେଙ୍ଗଲର ଇଚ୍ଛା ଥିଲା। ମାତ୍ର ଏହାର ପ୍ରାୟୋଜକ ପ୍ରତିଯୋଗିତାର ପରିସ୍ଥିତି ଦେଖି ସ୍ୱନସରଶିପ୍‌ରୁ ଓହରିଯାଇଥିଲା। ତେଣୁ ଏହି କ୍ଲବକୁ ସମ୍ପୂର୍ଣ୍ଣ ଦାୟୀ କରିହେବ ନାହିଁ। କମିଟି ତେଣୁ ଇଷ୍ଟବେଙ୍ଗଲକୁ ୫ ଲକ୍ଷ ଟଙ୍କା ଜରିମାନା କରିଛି। ସୂଚନାଯୋଗ୍ୟ, ଏଆଇଏଫ୍‌ଏଫ୍ ବିରୋଧରେ ବିଦ୍ରୋହ କରିଥିବା କ୍ଲବଗୁଡ଼ିକ ବିଭିନ୍ନ ପ୍ରସଙ୍ଗ ନେଇ ଫେବୃୟାରୀ ୧୮ରେ ଏହାର ସଭାପତିଙ୍କ ନିକଟକୁ ଚିଠି ଲେଖିଥିଲେ।

**ODISHA STATE ROAD TRANSPORT CORPORATION, BHUBANESWAR**

**No. 5735/OSRTC, BLDG-32/18** **Date: 17.05.2019**

**TENDER CALL NOTICE**

Sealed items rate tenders are invited by the undersigned from the registered and eligible contractors of State P.W.D./R&B/ RWS&S/ P.H.D. for execution of Civil Engineering works as below.

| | | | |
|---|---|---|---|
| 1. | Nature of work | : | Construction for Extension of office building in 3rd Floor at OSRTC Building, Bhubaneswar |
| 2. | Number of works | : | 03 (Three) |
| 3. | Tender Cost | : | Rs. 28,91,356/- |
| 4. | Sale of tender documents | : | 17.05.19 to 24.05.19 |
| 5. | Last date for receipt of tender paper | : | 25.05.19 |
| 6. | Opening of tender paper | : | 25.05.19 by 4.00 PM |

Further details of the tenders documents, terms and conditions etc. can be seen in the website www.osrtc.in or in the office of the Chairman- cum Managing Director, OSRTC, Bhubaneswar, Ashok Nagar, Unit-II, Bhubaneswar during office hours.

**Sd./- F.A. & Chief Accounts Officer**
**O.S.R.T.C.**

# ପ୍ରଶିକ୍ଷାର୍ଥୀଙ୍କୁ ସସ୍ମିତା, ବିଜୟଲକ୍ଷ୍ମୀଙ୍କ ଟିପ୍ସ

ଭୁବନେଶ୍ୱର, ୧୭।୫(କ୍ରୀଡ଼ା ପ୍ରତିନିଧି)

ୟୁନିଟ–୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିରରେ ଶୁକ୍ରବାର ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ସସ୍ମିତା ମଲିକ ଓ ଅନ୍ତର୍ଜାତୀୟ ଖେଳାଳି ବିଜୟଲକ୍ଷ୍ମୀ ସାହୁ ଉପସ୍ଥିତ ହୋଇ ପିଲାମାନଙ୍କୁ ଟିପ୍ସ ଦେଇଥିଲେ। ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରପ୍ରାପ୍ତ ସସ୍ମିତା ନିଜ ଅତୀତ ସମ୍ପର୍କରେ ପିଲାମାନଙ୍କୁ କହିଥିଲେ। ସେ କିପରି କେନ୍ଦ୍ରାପଡ଼ାର ଏକ ଅଖ୍ୟାତ ପଲ୍ଲୀରୁ ଆସି ଅନେକ ଘାତ ପ୍ରତିଘାତ ମଧ୍ୟରେ ଆଗକୁ ବଢ଼ି ଭାରତୀୟ ଦଳର ଅଧିନାୟିକା ହୋଇ ପାରିଥିଲେ ତା'ର ଉଦାହରଣ ଦେଇଥିଲେ। ଫଳାଫଳକୁ ନ ଦେଖି ନିଷ୍ଠାର ସହ ସାଧନା ଜାରି ରଖିଲେ ନିଶ୍ଚିତ ସଫଳତା ମିଳିବ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଜଣେ ପ୍ରତିଷ୍ଠିତ ଖେଳାଳି କିପରି ସମାଜରେ ସମ୍ମାନ ପାଇଥାଏ ତାହା ନିଜ ଅନୁଭୂତିରୁ ବର୍ଣ୍ଣନା କରିଥିଲେ ବିଜୟଲକ୍ଷ୍ମୀ। ନିରବଚ୍ଛିନ୍ନଭାବେ ଅଭ୍ୟାସ ଜାରି ରଖିବାକୁ ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଅମିୟ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଆସୋସିଏଶନ ସଭାପତି ତପନ ମହାନ୍ତି, ଉପସଭାପତି ପ୍ରଫୁଲ୍ଲ ମିଶ୍ର, ସମ୍ପାଦକ ଦିଲୀପ ଦାସ ପ୍ରମୁଖ ସସ୍ମିତା ଓ ବିଜୟଲକ୍ଷ୍ମୀଙ୍କୁ ଧନ୍ୟବାଦ ଜଣାଇଥିଲେ।



ସସ୍ମିତା ମଲିକ ଓ ବିଜୟଲକ୍ଷ୍ମୀ ସାହୁ ପ୍ରଶିକ୍ଷାର୍ଥୀଙ୍କୁ ଟିପ୍ସ ଦେଉଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. | ବ୍ରହ୍ମପୁର, ଶନିବାର, ମେ ୧୮/୨୦୧୯ | Berhampur, Saturday, May 18 / 2019

## ସଂକ୍ଷେପରେ

ଲକ୍ଷ୍ମୀଦତ ପ୍ରଧାନ ହତ୍ୟା ମାମଲା

### ଅଭିଯୁକ୍ତଙ୍କ ଜାମିନ୍ ଆବେଦନ ଖାରଜ

ଛତ୍ରପୁର,୧୭।୫(ଡି.ଏନ୍.ଏ.)- ବିଜେଡି କାଉନସିଲର ଲକ୍ଷ୍ମୀଦତ ପ୍ରଧାନ ହତ୍ୟା ମାମଲାରେ ସମ୍ପୃକ୍ତ ବନୋଜ ନାହାକଙ୍କ ଅନ୍ତରୀଣ ଜାମିନ ଆବେଦନକୁ ଶୁକ୍ରବାର ଛତ୍ରପୁର ଏଡିଜେ ଶିଖାରାଣୀ ରଥ ଖାରଜ କରିଦେଇଛନ୍ତି। ମା'ଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ବନୋଜ ଅନ୍ତରୀଣ ଜାମିନ ପାଇଁ ଓକିଲଙ୍କ ଜରିଆରେ ଏଡିଜେ କୋର୍ଟରେ ଆବେଦନ କରିଥିଲେ । ଏହାର ଶୁଣାଣି କରି ଏଡିଜେ ଉକ୍ତ ପିଟିଶନକୁ ଖାରଜ କରିଦେଇଛନ୍ତି। ୨୦୧୭ ସେପ୍ଟେମ୍ବର ୧୬ରେ ଲକ୍ଷ୍ମୀଦତଙ୍କୁ ଛତ୍ରପୁରସ୍ଥିତ ତାଙ୍କ ବାସଭବନ ଆଗରେ ଖଣ୍ଡାରେ ହାଣି ହତ୍ୟା କରାଯାଇଥିଲା। ଏହି ମାମଲାରେ ସମ୍ପୃକ୍ତ ୧୯ ଜଣଙ୍କୁ ଛତ୍ରପୁର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏଥିରୁ ୨ ଜଣଙ୍କ ଜାମିନ୍ ହୋଇସାରିଛି । ସରକାରଙ୍କ ପକ୍ଷରୁ ଏପିପି ଡମିନାଥ ସାହୁ ଓ ଅଭିଯୁକ୍ତଙ୍କ ପକ୍ଷରୁ ଦିଲୀପ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

### ନାବାଳକ ମୃତ୍ୟୁ ଘଟଣା,୨ ଅଭିଯୁକ୍ତ ଜେଲ୍ ଗଲେ

ପାତ୍ରପୁର,୧୭।୫(ଡି.ଏନ୍.ଏ.)- ଜରଡ଼ା ଥାନା ପାତ୍ରପୁର ବ୍ଲକ ଖଇର ଗ୍ରାମରେ ଗତ ମଙ୍ଗଳବାର ଗୋଷ୍ଠୀ ସଂଘର୍ଷରେ ନାବାଳକ ପବିତ୍ର ପ୍ରଧାନଙ୍କ ମୃତ୍ୟୁ ଘଟିଥିବା ବେଳେ ୮ଜଣ ଗୁରୁତର ହୋଇଥିଲେ। ଏହି ଘଟଣାରେ ଗୁରୁବାର ପୋଲିସ ୨ଜଣଙ୍କୁ ଅଟକ ରଖି ପଚରା ଉଚରା ଚଳାଇଥିଲା। ଶୁକ୍ରବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଗିରଫମାନେ ହେଲେ ରମେଶ ପ୍ରଧାନ, ବାପି ପ୍ରଧାନ। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ୍‌କୁ ପଠାଯାଇଛି। ପ୍ରକାଶ ଯେ, ଗତ ମଙ୍ଗଳବାର ରାତିରେ ଠାକୁରାଣୀ ଯାତ୍ରା ପାଇଁ ରାଧାକୃଷ୍ଣ ମନ୍ଦିରରେ ବୈଠକ ଚାଲିଥିବା ବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଏଥିରେ ଗଣେଶ ପ୍ରଧାନଙ୍କ ନାବାଳକ ପୁଅ ପବିତ୍ରଙ୍କ ମୃତ୍ୟୁ ହୋଇଥିଲା।

### ଗୁଳିମାଡରେ ଆହତ ଭିକାରୀଙ୍କ ମୃତ୍ୟୁ

ଖଲ୍ଲିକୋଟ,୧୭।୫(ଡି.ଏନ୍.ଏ.)- ଖଲ୍ଲିକୋଟ ଥାନା କେଶପୁର ବଜାର ହନୁମାନ ମନ୍ଦିର ନିକଟରେ ଗୁରୁବାର ରାତିରେ ଅଜଣା ଦୁର୍ବୃତ୍ତଙ୍କ ଗୁଳିମାଡରେ ରାମଚନ୍ଦ୍ରପୁର ଗ୍ରାମର ଭିକାରୀ ତରେଇ ଆହତ ହୋଇଥିଲେ। ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି।

ଭିକାରୀ କେଶପୁର ବଜାରରୁ ଘରକୁ ଫେରୁଥିବାବେଳେ ହନୁମାନ ମନ୍ଦିର ନିକଟରେ ୨ଟି ବାଇକରେ ଦୁର୍ବୃତ୍ତମାନେ ଆସି ତାଙ୍କ ପଛପଟୁ ଗୁଳିମାଡ କରିଥିଲେ। ଗୋଟିଏ ଗୁଳି ତାଙ୍କ ପିଟିରେ ବାଜିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଖଲ୍ଲିକୋଟ ମେଡିକାଲ ପରେ ବ୍ରହ୍ମପୁର ଓ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

ଉଦ୍ୟାନ ବିଭାଗ ଶାଖା କାର୍ଯ୍ୟାଳୟରେ ଅନିୟମିତତା ଅଭିଯୋଗ

# ଜିଲାପାଳଙ୍କୁ ଚାଷୀଙ୍କ ସ୍ମାରକପତ୍ର ପ୍ରଦାନ

ଦିଗପହଣ୍ଡି,୧୭।୫(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଉଦ୍ୟାନ ବିଭାଗ ଗୋକର୍ଣ୍ଣପୁର ଉପ କାର୍ଯ୍ୟାଳୟରେ ଚାଷୀଙ୍କୁ ସାର ଯୋଗାଣରେ ବ୍ୟାପକ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି । ସେହିପରି ଆମ୍ବ ଚାରା ରୋପଣରେ ଚାଷୀଙ୍କ ନାଁରେ ଆର୍ଥିକ ସହାୟତା ହଡ଼ପ କରାଯାଇଥିବା ବଜାପଲ୍ଲୀ, ବଡ଼ଡୁମୁଳା, ନରସିଂହପୁର, ଗୋକର୍ଣ୍ଣପୁର ଆଦି ଗ୍ରାମର ବହୁ ଚାଷୀ ଅଭିଯୋଗ କରିଛନ୍ତି । ଏହାର ଭିଜିଲାନ୍ସ ତଦନ୍ତ ପାଇଁ ଚାଷୀମାନେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ସାର ପିଡ଼ିଆ ବଣ୍ଟା ନ ଯାଇ ଗୋକର୍ଣ୍ଣପୁର ଗ୍ରାମ ନିକଟ ମାର୍କା ପଡ଼ିଆଠାରେ ଥିବା ଗୋଦାମରୁ ବହୁ ସାର ବସ୍ତା ଚୋରାଚାଲାଣ କରାଯାଇଥିବା ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ବଜାପଲ୍ଲୀ ଗ୍ରାମର ସାରଥି ନାୟକଙ୍କ ଜମିରେ ଆମ୍ବ, କାଜୁ ଆଦି ବିଭିନ୍ନ କିସମର ଚାରା ଉଦ୍ୟାନ ବିଭାଗ ପକ୍ଷରୁ ରୋପଣ କରାଯାଇଥିଲା। ମାତ୍ର ଜମି ମାଲିକଙ୍କୁ କୌଣସି ସୂଚନା ଦିଆନଯାଇ ତାଙ୍କ ନାଁରେ ମିଥ୍ୟା ବିଲ ପ୍ରସ୍ତୁତ କରି ପ୍ରାପ୍ୟ ଅର୍ଥରାଶି ହଡ଼ପ ପାଇଁ ମସୁଧା ଚାଲିଥିବା ଜିଲାପାଳଙ୍କୁ ଅବଗତ କରାଯାଇଛି। ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲାପାଳ ବ୍ରହ୍ମପୁର ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିବା ଚାଷୀ ଏସ. ରଞ୍ଜନ ରେଡ୍ଡୀ, ଡି. ସୁଧାଂଶୁ ଦୋରା, ଜଗନ୍ନାଥ ରେଡ୍ଡୀ, ଏଲ. ଦଣ୍ଡ ରେଡ୍ଡୀ, ସଞ୍ଜୀବ ଦୋରା, ମୋହନ ସ୍ୱାମୀ, ଏସ. ଅଭିମନ୍ୟୁ, ଶିବରାମ ରେଡ୍ଡୀ, କେ, ଖଲିଆ, ବାଙ୍କନିଧି ରେଡ୍ଡୀ, ଗଣେଶ ରେଡ୍ଡୀ, ହରିବନ୍ଧୁ ରେଡ୍ଡୀ, ସନିଆ ରେଡ୍ଡୀ, କର୍ଣ୍ଣ ରେଡ୍ଡୀ ପ୍ରମୁଖ ଜଣାଇଛନ୍ତି । ଏ ନେଇ ଦାୟିତ୍ୱରେ ଥିବା ଉଦ୍ୟାନ ବିଭାଗ କ୍ଷେତ୍ର କର୍ମଚାରୀ ଶାରଦା ପଟ୍ଟନାୟକ କହିଛନ୍ତି, ସମସ୍ତ ଅଭିଯୋଗ ଅମୂଳକ ଓ ଅସତ୍ୟ। ଚଳିତବର୍ଷ ସମୁଦାୟ ୧୩ ହେକ୍ଟର ଜମିରେ ଆମ୍ବ ଓ କାଜୁ ଚାଷ ନିମନ୍ତେ ପଞ୍ଜୀକୃତ ଚାଷୀଙ୍କୁ ୧୩ ଶହ ଚାରା ବଣ୍ଟନ କରାଯାଇଛି। ଯେଉଁ ଚାଷୀମାନେ ସେମାନଙ୍କ ଜମିରେ ଗାତ ଖୋଲି ଚାରାରୋପଣ କରିଛନ୍ତି ସେମାନଙ୍କୁ ଅନଲାଇନ ଜରିଆରେ ବ୍ୟାଙ୍କ ଜମାଖାତାରେ ସହାୟତା ଅର୍ଥରାଶି ପୈଠ କରାଯିବ । ଏମ୍‌ଜିଏନଆରଇଜିଏସ ଯୋଜନାରେ ଜବକାର୍ଡଧାରୀ ହିତାଧିକାରୀଙ୍କୁ ମଜୁରି ପ୍ରଦାନ ପାଇଁ ଗାଇଡ ଲାଇନରେ ବ୍ୟବସ୍ଥା ଥିବା ସେ ସୂଚନା ଦେଇଛନ୍ତି। ବଜାପଲ୍ଲୀ ଗାଁରେ ରାଜନୈତିକ କନ୍ଦଳରୁ ଦୁଇ ଗୋଷ୍ଠୀ ଚାଷୀଙ୍କ ମଧ୍ୟରେ ବିଭେଦ କାରଣରୁ ଏଭଳି ନିରାଧାର ଅଭିଯୋଗ କରାଯାଇଥିବା କ୍ଷେତ୍ର କର୍ମଚାରୀ ଉଲ୍ଲେଖ କରିଛନ୍ତି ।


ଗୋକର୍ଣ୍ଣପୁର ଉଦ୍ୟାନ ବିଭାଗ ଶାଖା କାର୍ଯ୍ୟାଳୟ ।

ବ୍ରହ୍ମପୁର,ଭଞ୍ଜନଗରରେ ରହିବେ ୧୬ ପ୍ଲାଟୁନ୍ ଫୋର୍ସ

# ଅସାମାଜିକ, ସମ୍ବେଦନଶୀଳ ସ୍ଥାନ ଉପରେ ନଜର

- ଭୋଟ ଗଣତି ପ୍ରସ୍ତୁତି
- ପୂର୍ବଭଳି ହେବ ଫ୍ଲାଗ୍ ମାର୍ଚ୍ଚ

ଛତ୍ରପୁର,୧୭।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ହୋଇଥିବା ସାଧାରଣ ନିର୍ବାଚନ ଭୋଟ ଗଣତି ଚଳିତ ମାସ ୨୩ରେ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବ୍ରହ୍ମପୁର, ଛତ୍ରପୁର ଓ ଭଞ୍ଜନଗରସ୍ଥିତ କେନ୍ଦ୍ରଠାରେ ଭୋଟ ଗଣତି କରାଯିବ। ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ପୋଲିସ ପକ୍ଷରୁ ୧୬ ପ୍ଲାଟୁନ୍ ଫୋର୍ସ ଭୋଟ ଗଣତି ବେଳେ ମୁତୟନ ରହିବେ ବୋଲି ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଛତ୍ରପୁର ଭୋଟ ଗଣତି କେନ୍ଦ୍ରରେ ୮ ପ୍ଲାଟୁନ୍, ଭଞ୍ଜନଗର ଭୋଟ ଗଣତି କେନ୍ଦ୍ରରେ ୫ ପ୍ଲାଟୁନ୍ ଏବଂ ୩ ପ୍ଲାଟୁନ୍ ଫୋର୍ସ ପୋଲିସ ହେଡ୍‌କ୍ୱାର୍ଟର ଛତ୍ରପୁରରେ ରହିବେ। ଅତିରିକ୍ତ ଏସ୍‌ପି ଏହାର ମନିଟରିଂ କରିବାକୁ ଥିବାବେଳେ ଡିଏସ୍‌ପି, ଏସ୍‌ଡିପିଓ ଓ ସ୍ଥାନୀୟ ଥାନା ଅଧିକାରୀ ଏବଂ ତାଙ୍କର ଟିମ୍ ମଧ୍ୟ ଏହି କାର୍ଯ୍ୟରେ ନିୟୋଜିତ ହେବେ ବୋଲି ଜଣାପଡିଛି। ଭୋଟ ଗଣତି ପରିପ୍ରେକ୍ଷୀରେ ଏହା ପୂର୍ବରୁ ଗାଁ ଓ ସହରରେ ଫ୍ଲାଗ୍ ମାର୍ଚ୍ଚ କରାଯିବ ବୋଲି ଏସ୍‌ପି କହିଛନ୍ତି। ଏଥିସହ ଅସାମାଜିକ ଓ ଗଣ୍ଡଗୋଳ ସୃଷ୍ଟିକାରୀ ଏବଂ ରାଜନୈତିକ ଦୃଷ୍ଟିକୋଣରୁ ସମ୍ବେଦନଶୀଳ ଗାଁ ଓ ଅଞ୍ଚଳ ପ୍ରତି ସ୍ୱତନ୍ତ୍ର ନଜର ରଖିବାକୁ ସ୍ଥାନୀୟ ଆଇଆଇସି ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ଦିଆଯାଇଛି। ଅପରପକ୍ଷରେ ରିଟର୍ନିଂ ଅଫିସର ଓ ମାଷ୍ଟର ଟ୍ରେନର୍‌ମାନଙ୍କୁ ଭୋଟ ଗଣତି ସମ୍ବନ୍ଧୀୟ ତାଲିମ ପ୍ରଦାନ କରାଯାଇସାରିଛି। ଗଣତି ଷ୍ଟାଫ୍ ମାନଙ୍କୁ ଦିଆଯାଉଥିବା ଭୋଟ ଗଣତି ସମ୍ବନ୍ଧୀୟ ତାଲିମ ଶନିବାର ସରିବ ବୋଲି ଜଣାପଡିଛି। ଏଥିପାଇଁ ୯୦୦ରୁ ଊର୍ଦ୍ଧ୍ୱ କାଉଣ୍ଟିଙ୍ଗ୍ ଷ୍ଟାଫ୍ ନିଯୁକ୍ତି ହୋଇଛନ୍ତି। ବ୍ରହ୍ମପୁର, ଭଞ୍ଜନଗର ଓ ଛତ୍ରପୁର ଭୋଟ ଗଣତି କେନ୍ଦ୍ରରେ ପ୍ରସ୍ତୁତି କାର୍ଯ୍ୟ ଚାଲିଥିବା ଦେଖିବାକୁ ମିଳିଛି। କୌଣସି ଗଣତି କେନ୍ଦ୍ରରେ କିଛି ବିଶୃଙ୍ଖଳା ହେଲେ ପୋଲିସ ସମ୍ପୃକ୍ତଙ୍କୁ ସେଠାରୁ ବାହାର କରିଦେବାକୁ କୁହାଯାଇଛି। ଛତ୍ରପୁରସ୍ଥିତ କେନ୍ଦ୍ରରେ ଛତ୍ରପୁର, ଖଲ୍ଲିକୋଟ, ପୋଲସରା, କବିସୂର୍ଯ୍ୟନଗର ଓ ହିଞ୍ଜିଳି ନିର୍ବାଚନ ମଣ୍ଡଳୀରେ ହୋଇଥିବା ଭୋଟର ଗଣତି ହେବ। ସେହିପରି ଭଞ୍ଜନଗର କେନ୍ଦ୍ରରେ ଭଞ୍ଜନଗର, ସୋରଡା ଓ ଆସିକା ନିର୍ବାଚନମଣ୍ଡଳୀରେ ହୋଇଥିବା ଭୋଟ ଏବଂ ବ୍ରହ୍ମପୁର କେନ୍ଦ୍ରରେ ବ୍ରହ୍ମପୁର, ଗୋପାଳପୁର, ଦିଗପହଣ୍ଡି, ଚିକିଟି ଓ ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ହୋଇଥିବା ଭୋଟର ଗଣତି ହେବ ବୋଲି ସୂଚନା ଦିଆଯାଇଛି। ଉକ୍ତ ୩ ସ୍ଥାନରେ ଥିବା ଷ୍ଟ୍ରଙ୍ଗରୁମ୍‌ରେ ଭୋଟିଂ ପରେ ଇଭିଏମ୍ ରଖାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ୩.୪୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ

ଛତ୍ରପୁର,୧୭।୫(ଡି.ଏନ.ଏ)

ଓଡିଶା ଜୀବୀକା ମିଶନ (ଓଏଲଏମ୍) ଅଧିନରେ କାର୍ଯ୍ୟ କରୁଥିବା ଗଞ୍ଜାମ ଜିଲାର ମହିଳା ସ୍ୱୟଂ ସହାୟିକା ଗ୍ରୁପ୍ ଫନୀରେ କ୍ଷତିଗ୍ରସ୍ତଙ୍କ ସହାୟତା ପାଇଁ ହାତ ବଢାଇଛନ୍ତି। ଛତ୍ରପୁରସ୍ଥିତ ଡିଆରଡିଏରେ ଥିବା ଓଏଲଏମ ସେଲ୍‌ର ଏକ ଟିମ୍ ଗୁରୁବାର ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିପନ୍ନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡକୁ ୩ ଲକ୍ଷ ୪୧ ହଜାର ୯୧୦ ଟଙ୍କାର ଏକ ଚେକ୍ ପ୍ରଦାନ କରିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଡିଆରଡିଏ ଅଧୀନ ଓଏଲଏମ ସେଲ୍‌କୁ ଏକ ପ୍ରଂଶସାପତ୍ର ପ୍ରଦାନ କରାଯାଇଛି। ପୂର୍ବରୁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ସରକାରୀ କର୍ମଚାରୀ ଓ ଅଧିକାରୀମାନେ ଦେଇଥିବା ୭୧ ଲକ୍ଷ ଟଙ୍କାର ସହାୟତା ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା ।



ମୁଖ୍ୟମନ୍ତ୍ରୀଙ୍କୁ ଚେକ୍ ପ୍ରଦାନ କରାଯାଉଛି ।

ଫନୀ ବିପନ୍ନଙ୍କୁ ସହାୟତା

### କୋର୍ଟରେ ଆତ୍ମସମର୍ପଣ ପରେ ମିଲି ପଣ୍ଡାଙ୍କୁ ଜାମିନ

ସୋରଡା,୧୭।୫(ଡି.ଏନ୍.ଏ.)

ମାଓବାଦୀନେତା ସବ୍ୟସାଚୀ ପଣ୍ଡାଙ୍କ ସ୍ତ୍ରୀ ମିଲି ପଣ୍ଡା ଶୁକ୍ରବାର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ସୋରଡା ପ୍ରଥମ ଶ୍ରେଣୀ ବିଚାରପତିଙ୍କ ଅଦାଲତରେ ଆତ୍ମ ସମର୍ପଣ କରିଥିଲେ। ଜିଆର କେଶ ନଂ.୬୨/୧୩ (ବି)ରେ ଆତ୍ମସମର୍ପଣ ପରେ ତାଙ୍କୁ ଜାମିନ ମିଳିଛି। ତଳକୋର୍ଟରେ ଜାମିନ ଖାରଜ ପରେ ଅତିରିକ୍ତ ଦୌରାଜଜ୍‌ଙ୍କ କୋର୍ଟରେ ଜାମିନ ଆବେଦନ କରିଥିଲେ। ସେଠାରେ ତାଙ୍କୁ ଜାମିନ ମିଳିଥିବା ଆଇନଜୀବୀ ଶିବପ୍ରସାଦ ବାହିନୀପତି ସୂଚନା ଦେଇଛନ୍ତି।

ଆସିକା ଲୋକ ସଭା ଆସନ

# ଭୋଟ ଗଣତି ପାଇଁ ପ୍ରାର୍ଥୀଙ୍କ ପ୍ରତିନିଧିଙ୍କୁ ନେଇ ବୈଠକ


ବୈଠକରେ ଜିଲାପାଳ ଏବଂ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଛତ୍ରପୁର,୧୭।୫(ଡି.ଏନ୍.ଏ.)

ଆସିକା ଲୋକସଭା ପାଇଁ ହୋଇଥିବା ଭୋଟର ଗଣତି ଚଳିତ ମାସ ୨୩ ତାରିଖରେ ଅନୁଷ୍ଠିତ ହେବ। ଏନେଇ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଆସିକା ଲୋକ ସଭା ଆସନ ପାଇଁ ରିଟର୍ନିଂ ଅଫିସର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଛନ୍ତି। ଏହି ଲୋକସଭା ଆସନ ଅଧୀନରେ ଖଲ୍ଲିକୋଟ, କବିସୂର୍ଯ୍ୟନଗର, ହିଞ୍ଜିଳି, ପୋଲସରା, ସାନଖେମୁଣ୍ଡି, ଆସିକା ଓ ସୋରଡା ନିର୍ବାଚନମଣ୍ଡଳୀ ରହିଛି। ଏନେଇ ଶୁକ୍ରବାର ସନ୍ଧ୍ୟାରେ ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଆସିକା ଲୋକସଭା ଆସନ ପାଇଁ ଥିବା ପ୍ରାର୍ଥୀ ଓ ତାଙ୍କ ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଭୋଟ ଗଣତି କିଭଳି ଶୃଙ୍ଖଳିତ ଭାବେ ହୋଇପାରିବ ଏବଂ ନିର୍ବାଚନ କମିଶନଙ୍କ ଗାଇଡଲାଇନ୍ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିବ ସେନେଇ ଜିଲାପାଳ ତଥା ରିଟର୍ନିଂ ଅଫିସର କୁଲାଙ୍ଗେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ୨୩ ତାରିଖ ପୂର୍ବାହ୍ନ ୮ଟା ବେଳେ ଛତ୍ରପୁରସ୍ଥିତ ଜିଲାପାଳଙ୍କ କୋର୍ଟ ହଲ୍‌ରେ ଆସିକା ଲୋକସଭା ଆସନ ପାଇଁ ହୋଇଥିବା ପୋଷ୍ଟାଲ ବାଲଟ୍‌ର ଗଣତି ହେବ। ଉକ୍ତଦିନ ପୂର୍ବାହ୍ନ ୮ଟା ୩୦ ରୁ ବ୍ରହ୍ମପୁର, ଛତ୍ରପୁର ଓ ଭଞ୍ଜନଗର କେନ୍ଦ୍ରରେ ଇଭିଏମ୍‌ର ଭୋଟ ଗଣତି ଆରମ୍ଭ କରାଯିବ ବୋଲି ସୂଚନା ଦିଆଯାଇଛି। ଆସିକା ଲୋକସଭା ଆସନ ଅଧିନ ପ୍ରତି ନିର୍ବାଚନ ମଣ୍ଡଳୀ ପାଇଁ ୭ ଟେବୁଲ୍‌ରେ ଇଭିଏମ୍‌ରେ ହୋଇଥିବା ଭୋଟର ଗଣତି ହେବ। ଆସିକା ଲୋକ ସଭା ଆସନ ପାଇଁ ଭୋଟ ଗଣତି ପାଇଁ ପ୍ରତି ପ୍ରାର୍ଥୀଙ୍କର ୬୭ ଜଣ ଏଜେଣ୍ଟ ରହିବେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ କବିନ୍ଦ୍ର କୁମାର ସାହୁ, ଜିଲା ନିର୍ବାଚନ ଅଧିକାରୀ ବିଜୟାନନ୍ଦ ସେଠୀ, ବିଜେଡି ପ୍ରାର୍ଥୀଙ୍କ ପ୍ରତିନିଧି ପ୍ରଶାନ୍ତ ପଣ୍ଡାଙ୍କ ସମେତ ବିଭିନ୍ନ ପ୍ରାର୍ଥୀଙ୍କ ପ୍ରତିନିଧିମାନେ ଯୋଗ ଦେଇଥିଲେ।

### 'ଫନୀ'ପରେ ଦାରିଙ୍ଗବାଡ଼ିରେ ପର୍ଯ୍ୟଟକଙ୍କ ଭିଡ଼


ଦାରିଙ୍ଗବାଡି ପଥପାର୍ଶ୍ୱ ସେବାକେନ୍ଦ୍ରରେ ପର୍ଯ୍ୟଟକଙ୍କ ଭିଡ଼।

ଦାରିଙ୍ଗବାଡି,୧୭।୫(ଡି.ଏନ.ଏ)

ଓଡିଶାର କଶ୍ମୀର କୁହାଯାଉଥିବା କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଏବେ ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମିଳୁଛି। ଫନୀ ପ୍ରଭାବରେ ପୁରୀ ସମେତ ଭୁବନେଶ୍ୱର, କଟକ ଭଳି ସହର ବିପର୍ଯ୍ୟସ୍ତ ହୋଇପଡିଛି। ଏଥିସହ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଏଥିରୁ ନିସ୍ତାର ପାଇଁ ପରିବାର ସହ ରାଜ୍ୟର ବିଭିନ୍ନ ସ୍ଥାନରୁ ଏବଂ ରାଜ୍ୟ ବାହାରୁ ବିଶେଷ କରି ପଶ୍ଚିମବଙ୍ଗର ପର୍ଯ୍ୟଟକ ଦାରିଙ୍ଗବାଡିକୁ ଆସୁଛନ୍ତି। ଦାରିଙ୍ଗବାଡିରେ ମଧ୍ୟ ଚଳିତ ବର୍ଷ ପୂର୍ବ ଅପେକ୍ଷା ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବା ସହ ତାପମାତ୍ରା ୩୭ ଡିଗ୍ରୀ ଛୁଇଁଛି। ତେବେ ସନ୍ଧ୍ୟାପରେ ଥଣ୍ଡାପବନ ବହିବା ଆରମ୍ଭ ହୋଇଯାଉଛି। ଫଳରେ ଗ୍ରୀଷ୍ମ ଦାଉରୁ ବର୍ତ୍ତିବା ପାଇଁ ଏଠାରେ ପର୍ଯ୍ୟଟକମାନେ ଭିଡ ଜମାଉଛନ୍ତି। ପାର୍କ ଗୁଡିକରେ ଶୀତଦିନ ଅପେକ୍ଷା କମ୍ ସଂଖ୍ୟକ ପର୍ଯ୍ୟଟକ ଆସୁଥିଲେ ମଧ୍ୟ ୧ ଶହରୁ ୩ଶହ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଦୈନିକ ଯାତାୟାତ ରହିଛି। ଦାରିଙ୍ଗବାଡିର ମୁଖ୍ୟ ଚାରିଛକ ଠାରେ ପୂର୍ତ୍ତବିଭାଗ ଦ୍ୱାରା ନିର୍ମାଣ କରାଯାଇଥିବା ପଥପାର୍ଶ୍ୱ ସେବାକେନ୍ଦ୍ରରେ ଅଞ୍ଚଳବାସୀଙ୍କ ସମେତ ପର୍ଯ୍ୟଟକଙ୍କ ବେଶି ଭିଡ ଦେଖିବାକୁ ମିଳୁଛି। ଏହି ଭିଡ ରାତି ୯ଟା ପର୍ଯ୍ୟନ୍ତ ପ୍ରାୟ ରହୁଛି। ପଥପାର୍ଶ୍ୱ ସେବାକେନ୍ଦ୍ରରେ ସରକାରଙ୍କ ପକ୍ଷରୁ ମାଗଣାରେ ସମସ୍ତ ପ୍ରକାର ଯାତ୍ରୀଙ୍କ ପାଇଁ ସୁବିଧା ଯୋଗୁ ପର୍ଯ୍ୟଟକଙ୍କ ଭିଡ ରହୁଛି। ସେହିପରି ପର୍ଯ୍ୟଟନକେନ୍ଦ୍ର କଫି ବଗିଚା ସମେତ ହିଲଭିୟୁ ପାର୍କ, ନେଚରପାର୍କରେ ମଧ୍ୟ ଭିଡ ଦେଖିବାକୁ ମିଳୁଛି। ଏବେ ବିଦ୍ୟାଳୟ ଗୁଡିକରେ ଖରାଛୁଟି ଚାଲିଥିବାରୁ ବିଦ୍ୟାର୍ଥୀମାନେ ମଧ୍ୟ ନିଜ ପରିବାର ସହ ଦାରିଙ୍ଗବାଡି ବୁଲିବାକୁ ଆସୁଛନ୍ତି।

# ପୁରୀ ଜିଲାରେ ବିପନ୍ନଙ୍କୁ ସହାୟତା


ବିପନ୍ନଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଛି ।

ଛତ୍ରପୁର,୧୭।୫(ଡି.ଏନ.ଏ.

ଫନୀ ବାତ୍ୟାରେ ପ୍ରଭାବିତ ପୁରୀ ଜିଲା ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକରେ ବିପନ୍ନଙ୍କୁ ବିଭିନ୍ନ ସହାୟତା ଯୋଗାଇବା ସହ ସେଠାରେ ପୁନରୁଦ୍ଧାର କାର୍ଯ୍ୟରେ ଛତ୍ରପୁରର କ୍ରାନ୍ତି ଯୁବ ଛାତ୍ର ସଂଘ ସାମିଲ ହୋଇଛି । ରିଲିଫ ସହାୟତା ପାଇଁ ସଂଗଠନର ଏକ ଟିମ୍ ପୁରୀ ଜିଲାର ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ଗାଁ ଓ ବସ୍ତିରେ ପହଞ୍ଚି କାର୍ଯ୍ୟ କରିଥିଲା। ବିଭିନ୍ନ ଗାଁ ରାସ୍ତାରେ ପଡ଼ି ରହିଥିବା ଗଛଗୁଡିକୁ ମେଶିନ୍ ଯୋଗେ କଟାଯାଇଥିଲା । ପୋଖରୀଗୁଡିକରେ ପୋଡି ଯାଇଥିବା ଗଛସବୁ କାଟି ବାହାର କରାଯାଇଛି । ରିଲିଫ୍ ସାମଗ୍ରୀ ବଣ୍ଟନ ସହ ବିପନ୍ନଙ୍କ ପାଇଁ ରନ୍ଧା ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା । ଏଥିରେ ସଂଗଠନର ସଭାପତି ଇଜୁ ଆମିନ୍ ଖାନ୍, ସମ୍ପାଦକ ଜଲାଲ ଖାନ୍, ମହେଶ ଗୌଡ, କୃଷ୍ଣ ନାହାକ, ଅଭିଷେକ ପଟ୍ଟନାୟକ, ରାଜୁ ରେଡ୍ଡୀ, କୃଷ୍ଣ ପ୍ରଧାନ, ସେକ୍ ହାମିଦ୍ , କେଦାର, ସୁଚିତ୍ରା ହତୀ ପ୍ରମୁଖ ଏହି କାର୍ଯ୍ୟରେ ସାମିଲ ହୋଇଥିଲେ।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ